# ଓଡ଼ିଆ-ସାଦ୍‌ରୀ ଶବ୍ଦକୋଷ

(ମାତୃଭାଷାଭିତ୍ତିକ ପ୍ରାଥମିକ ଶିକ୍ଷାଦାନ ନିମନ୍ତେ ଏକ ସହାୟକ ଶବ୍ଦକୋଷ)


**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

# ଓଡ଼ିଆ-ସାଦ୍‌ରୀ ଶବ୍ଦକୋଷ

(ମାତୃଭାଷାଭିତ୍ତିକ ପ୍ରାଥମିକ ଶିକ୍ଷାଦାନ ନିମନ୍ତେ ଏକ ସହାୟକ ଶବ୍ଦକୋଷ)


*ସଂକଳକ ଓ ସମ୍ପାଦନା*

ଡ଼. ପରମାନନ୍ଦ ପଟେଲ

*ମାର୍ଗଦର୍ଶକ :*

ପ୍ରଫେସର ଅଖିଳ ବିହାରୀ ଓତା



*ସହାୟତା :*

ୟୁନିସେଫ୍

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

# ଓଡିଆ-ସାଦ୍‌ରୀ ଶବ୍ଦକୋଷ

ସଂକଳକ ଓ
ସମ୍ପାଦନା : ଡ. ପରମାନନ୍ଦ ପଟେଲ

© ପ୍ରକାଶକ : ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପ୍ରାନ୍ତର
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

ପ୍ରଥମ ପ୍ରକାଶ : ଜାନୁୟାରୀ, ୨୦୧୬

ମୁଦ୍ରଣ : ଭୋଲାନାଥ ପ୍ରେସ୍
ବମିଖାଲ, ଭୁବନେଶ୍ୱର

ସହାୟତା : ୟୁନିସେଫ୍

# ODIA-SADRI SABDAKOSH

**Compilor &**
***Editor*** : **Dr. Paramananda Patel**

©***Publisher*** : Member Secretary
Academy of Tribal Languages & Culture
Adivasi Exhibition Ground
Unit - I, Bhubaneswar - 751 009

**First Edition** : January 2016

**Printed at** : Bholanath Press
Bomikhal, Bhubaneswar.

**Supported by** : UNICEF

# ଉପକ୍ରମ

ଭାରତ ବର୍ଷରେ ପ୍ରାୟ ପାଞ୍ଚଶହରୁ ଅଧିକ ଜନଜାତି ସମାଜ ବାସ କରୁଥିବା ବେଳେ ଓଡ଼ିଶାରେ ଏଥି ମଧ୍ୟରୁ ୬୨ଟି ଜନଜାତି ସମାଜ ଦେଖାଯାଆନ୍ତି । ୨୦୧୧ ଜନଗଣନା ଅନୁଯାୟୀ ଓଡ଼ିଶାର ସମୁଦାୟ ଜନଜାତି ସଂଖ୍ୟା ୯୫୯୦୭୫୬ ଅଟେ ଯାହାକି ରାଜ୍ୟର ମୋଟ ଜନସଂଖ୍ୟାର ୨୨.୮୫% ଶତାଂଶ ଏବଂ ଭାରତୀୟ ଜନଜାତି ସଂଖ୍ୟାର ୯% । ଏଣୁ ସର୍ବଭାରତୀୟ ସ୍ଥିତି ସାଙ୍ଗରେ ତୁଳନା କଲେ ଓଡ଼ିଶାରେ ଆଦିବାସୀ ସମାଜ ଓ ସଂସ୍କୃତିର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ମନେ ହୁଏ ।

ଭାରତର ଇତିହାସ ଗଭୀର ପ୍ରତ୍ନତାତ୍ତ୍ୱିକ ଗବେଷଣା ଉପରେ ପର୍ଯ୍ୟବେସିତ । ଅତୀତ ସମାଜର ପ୍ରତ୍ୟେକଟି ଦିଗ ଏ ଦିଗରେ ସଠିକ୍ ଉନ୍ମୋଚିତ ହୋଇ ପାରିନଥିଲେ ହେଁ ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କର ଚେଷ୍ଟା ଏ ଦିଗରେ ଅବ୍ୟାହତ ରହିଛି । ଭାରତର ପ୍ରାଗୈତିହାସ ସମ୍ପର୍କରେ ଏଯାବତ୍ କୌଣସି ଭିତ୍ତିଭୂମି ସଂପୂର୍ଣ୍ଣ ସଠିକ୍ ଭାବରେ ପ୍ରଦାନ କରିବା ସମ୍ଭବ ହୋଇ ନଥିଲେ ହେଁ, ସୁଲଭ ପ୍ରତ୍ନତାତ୍ତ୍ୱିକ ତଥ୍ୟ ଓ ଭାଷାଗତ ସାମଞ୍ଜସ୍ୟକୁ ଭିତ୍ତି କରି ଭାରତରେ ଆଦିବାସୀ ପରମ୍ପରାର ସୃଷ୍ଟି ସମ୍ପର୍କରେ ଏକ ଅସ୍ପଷ୍ଟ ତଥ୍ୟ ଦିଆଯାଇପାରେ । ଆର୍ଯ୍ୟମାନଙ୍କର ଏଦେଶକୁ ଆଗମନ ପୂର୍ବରୁ ଏଇମାଟିର ମୂଳ ବାସିନ୍ଦା ବା ଜନସମୂହ ବିଶେଷତଃ ବାସୋପଯୋଗୀ ସମତଳଭୂମି ତଥା ନଦୀ ଉପତ୍ୟକାମାନଙ୍କରେ ବାସ କରୁଥିଲେ । ପରିବେଶ ଓ ସାମାଜିକ ଜୀବନ ଧାରାର ଭିନ୍ନତା ଅନୁସାରେ ଭିନ୍ନ ଭିନ୍ନ ଗୋଷ୍ଠୀ ଭିନ୍ନ ଭିନ୍ନ ଜୀବନ ଧାରଣ ପ୍ରଣାଳୀ ଅବଲମ୍ବନ କରୁଥିଲେ । କେହି ଫଳମୂଳ ସଂଗ୍ରହ ଓ ଶୀକାରକୁ ଭିତ୍ତିକରି, କେହି ବା ପୋଡୁଚାଷ ଅବଲମ୍ବନ କରି ଜୀବିକା ନିର୍ବାହ କରୁଥିଲେ । କେତେକ ଗୋଷ୍ଠୀ ଧାତୁର ବ୍ୟବହାର କରି

ନିଜର କର୍ମ ପନ୍ଥାକୁ ସହଜ ଓ ସରଳ କରିବାକୁ ସକ୍ଷମ ଥିଲେ । କ୍ରମୋନ୍ନତି ପର୍ଯ୍ୟାୟରେ ବିଭିନ୍ନ ଗୋଷ୍ଠୀ ନିଜର ଜୀବିକା ନିର୍ବାହ ପ୍ରଣାଳୀକୁ ଉନ୍ନତ କରିବାକୁ ସକ୍ଷମ ହେଲେ । ଏହି କ୍ରମରେ କେତେକ ଗୋଷ୍ଠୀ ଖାଦ୍ୟ ସଂଗ୍ରହ ବ୍ୟବସ୍ଥାରୁ ଖାଦ୍ୟ ଉତ୍ପାଦନ ସହ ଜନପଦଠାରୁ ଦୂରରେ ରହୁଥିଲେ । ଐତିହାସିକ ତଥ୍ୟାନୁଯାୟୀ ଏହି ମୂଳ ବାସିନ୍ଦା ବା ଜନଜାତି ଗଣ ଏକ ସମୁଦାୟ ଅର୍ଥନୀତି ବା ସମାଜ ବିଶିଷ୍ଟ ଆର୍ଯ୍ୟଜାତିର ଆଗମନ ତଥା ଆକ୍ରମଣ ହେତୁ ଅଗମ୍ୟ ବଣ ଜଙ୍ଗଲରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଥିଲେ । ଏଭଳି ଅଞ୍ଚଳ ସେତେବେଳେ ଆଟବିକ ରାଜ୍ୟ, ମହାକାନ୍ତାର ଓ ପ୍ରତ୍ୟନ୍ତ ଦେଶ ନାମରେ ପରିଚିତ ଥିଲା । ତେବେ ଏତିକି ତଥ୍ୟ ଭାରତର ଅତୀତ ଇତିହାସ ଉନ୍ମୋଚନ କରିବାକୁ ଯଥେଷ୍ଟ ଓ ବିଶେଷ ସକ୍ଷମ ନୁହେଁ । ଏହା ଅଧିକ ପ୍ରନ୍ତତାତ୍ତ୍ୱିକ ଓ ଐତିହାସିକ ଗବେଷଣା ସାପେକ୍ଷ ।

ଭାଷାଗତ ତଥ୍ୟକୁ ନେଇ ଭାରତୀୟ ଇତିହାସରେ ଆଦିବାସୀ ସଂସ୍କୃତିର ବିଭିନ୍ନ ପର୍ଯ୍ୟାୟ ଆଲୋଚନା କରାଯାଇପାରେ । ଭାରତରେ ଜନଜାତି ସମୂହକୁ ଭାଷାଗତ ବର୍ଗୀକରଣ ଦୃଷ୍ଟିରୁ ୪ ଭାଗରେ ବିଭକ୍ତ କରାଯାଇଥାଏ । ଯଥା (୧) ଭାରତୀୟ - ଆର୍ଯ୍ୟ ଭାଷାଗୋଷ୍ଠୀ, (୨) ଦ୍ରାବିଡ଼ୀୟ ଭାଷାଗୋଷ୍ଠୀ, (୩) ତିବ୍‌ତୋ-ବର୍ମିଜ ଭାଷାଗୋଷ୍ଠୀ ଓ (୪) ଅଷ୍ଟ୍ରିକ୍ ଭାଷା ଗୋଷ୍ଠୀ । ଭାରତରେ ଅନ୍ୟୁନ ୪୦୦ ପ୍ରକାର ଆଦିବାସୀ ଭାଷାର ପ୍ରଚଳନ ଦେଖାଯାଏ । ଏଣୁ ପ୍ରାୟତଃ ଅଧିକାଂଶ ଆଦିବାସୀ ଗୋଷ୍ଠୀର ନିଜସ୍ୱ ଭାଷା ରହିଥିବାର ଜଣାଯାଏ । ତେବେ ଅଧିକାଂଶ ଭାଷା କେବଳ କଥିତ ଭାଷା । ଏ ସବୁର ଲିଖିତ ଲିପି ନାହିଁ । ଆମ ଓଡ଼ିଶାରେ ତିବତୋ-ବର୍ମିଜ ଭାଷା ଗୋଷ୍ଠୀର କୌଣସି ଆଦିବାସୀ ନଥିବାରୁ ଓଡ଼ିଶାର ଆଦିବାସୀମାନଙ୍କୁ ଅବଶିଷ୍ଟ ତିନି ପ୍ରକାର ଭାଷା ଗୋଷ୍ଠୀରେ ବିଭକ୍ତ କରାଯାଇଥାଏ ।

ଓଡ଼ିଶାର ଆଦିବାସୀମାନଙ୍କ ମଧ୍ୟରେ ଦକ୍ଷିଣୀ ଓଡ଼ିଆ କହୁଥିବା ଦେଶିଆ, ଭୂୟାଁ, ଭତ୍ରୀ, ଝରିଆ ଓ ମାଟିଆ, ପଶ୍ଚିମାଞ୍ଚଳୀୟ ଓଡ଼ିଆ ବା ସମ୍ବଲପୁରୀ କହୁଥିବା

କନ୍ଧନ୍, ଲରିଆ, ଅଘରିଆ ଓ ଭୂଲିଆ; ଉତ୍ତରାଞ୍ଚଳୀୟ-ଓଡ଼ିଆ ବା ବଙ୍ଗଳା ମିଶ୍ରିତ ଓଡ଼ିଆ କହୁଥିବା କୁର୍ମୀ ସାଦ୍ରି; ଛତିଶଗଡ଼ି ହିନ୍ଦୀ କହୁଥିବା ବିନ୍‌ଝିଆ, ଔପଭାଷିକ ହିନ୍ଦୀ କହୁଥିବା ବନ୍‌ଜାରା; ଛତିଶଗଡ଼ି କହୁଥିବା ବଇଗା, ମିଶ୍ରିତ ମରାଠୀ କହୁଥିବା ଭୂଞ୍ଜିଆ, ଓଡ଼ିଆ, ମରାଠୀ ଓ ଛିତିଶଗଡ଼ି ମିଶ୍ରିତ ଭାଷା କହୁଥିବା ହାଲ୍‌ବି ଇତ୍ୟାଦି ଭାରତୀୟ- ଆର୍ଯ୍ୟ ଭାଷା ଗୋଷ୍ଠୀର ଅନ୍ତର୍ଗତ । ପରଜି (ଧାରୁଆ), **କୋୟା,** କୁଇ (କୁଟିଆ) କୁଭି (ଡଙ୍ଗରିଆ), କନ୍ଦା/କୁବି (କନ୍ଧଡୋରା), ଓଲାରି (ଗଦବା), କୁରୁଖ (ଓରାଓଁ), ଗଣ୍ଡି (ଗଣ୍ଡ), ମାଡ଼ିଆ, କୁଭି (ଜାତାପୁ କନ୍ଧ, ପେଙ୍ଗକନ୍ଧ) ଓ କିସାନ ଇତ୍ୟାଦି ଭାଷା ଗୋଷ୍ଠୀ ଦ୍ରାବିଡ଼ୀୟ ଭାଷା ପରିବାରର ଅନ୍ତର୍ଗତ । ଶେଷରେ ଅଷ୍ଟ୍ରିକ ଭାଷା ଗୋଷ୍ଠୀରେ ଗତା (ଡିଡାୟୀ), ଗୁଟବ୍ (ଗଦ୍‌ବା), ଜୁଆଙ୍ଗ, କୋଡ଼ା, ବିରହର୍ (ମାଙ୍କିଡ଼ିଆ), ମୁଣ୍ଡାରୀ(ମୁଣ୍ଡା), ସାନ୍ତାଳୀ, ସୋରା (ସଉରା-ଲାଞ୍ଜିଆ, ଜୁରେ, ଆର୍‌ସି ଇତ୍ୟାଦି) ଗୋରୁମ୍ (ପାରେଙ୍ଗା), ରେମୋ (ବଣ୍ଡା), ଖରିଆ, କୋରୱା, ଭୂମିଜ, ହୋ (ହୋ ଏବଂ କୋହ୍ଲ) ଓ ମାହିଲି (ମାହାଲି) ଅନ୍ତର୍ଗତ ହୋଇଥିବାର ଦେଖାଯାଏ ।

ଅଧିକାଂଶ ଆଦିବାସୀ ଭାଷା କଥିତ ଭାଷା ହୋଇଥିଲେ ହେଁ ଲିପିଥିବା ଭାଷାଗୁଡ଼ିକଠାରୁ ଏସବୁ କୌଣସି ଗୁଣରେ ନ୍ୟୂନ୍ ନୁହେଁ । ଭାଷାତତ୍ତ୍ୱବିଦ୍‌ମାନଙ୍କ ମତରେ ଏସବୁ ଭାଷାରେ ଧ୍ୱନିତତ୍ତ୍ୱ ଓ ଶବ୍ଦ ଭେଦରେ ଦ୍ୱୈତ ସଂରଚନା ବା ଗଢ଼ଣ ସାଙ୍ଗକୁ ସୃଜନ ସାମର୍ଥ୍ୟ (ସୃଜନ ଓ ନୂତନତ୍ୱ) ରହିଛି । ତଥାପି ସାଧାରଣ ଦୃଷ୍ଟିରୁ ଏହା, ଲିଖିତ ସାହିତ୍ୟିକ ପରମ୍ପରା ଯେଭଳି ସୁରକ୍ଷିତ ପରମ୍ପରା ଅନୁବର୍ତ୍ତୀ ରହିଛି, ତାହା ଦେଖିଲେ, ଅତ୍ୟନ୍ତ ପ୍ରଶଂସନୀୟ ମନେ ହୁଏ । ଇତି ମଧ୍ୟରେ କେତେକ ଆଦିବାସୀ ଭାଷା ସ୍ଥାନୀୟ ମୁଖ୍ୟ ଭାଷା ଓଡ଼ିଆକୁ ବ୍ୟବହାର କରି ଏକ ଲିଖିତ ସାହିତ୍ୟିକ ପରମ୍ପରାରେ ମନୋନିବେଶ କଲେଣି । ଆଉ କେତେକ ଭାଷା ନିଜସ୍ୱ ଲିପି ବ୍ୟବହାର କରି ଏ ଦିଗରେ ଅନେକ ଆଗେଇ ଗଲେଣି । ସାଁନ୍ତାଳମାନଙ୍କ 'ଅଲଚିକି. ହୋ ମାନଙ୍କର ୱାରଙ୍ଗ୍‌ଚିତି ଓ ସଉରାମାନଙ୍କର 'ସୋରାଙ ସୋଂପେଙ' ଏହାର ପ୍ରକୃଷ୍ଟ ଉଦାହରଣ । ଏ ପ୍ରକାର ଲିପିର ବ୍ୟବହାର ଫଳରେ ସେମାନେ

ଉଚ୍ଚ ସାହିତ୍ୟିକ ପରମ୍ପରା ସୃଷ୍ଟି ଦିଗରେ ସମର୍ଥ ହୋଇପାରିଛନ୍ତି । ସଂପ୍ରତି ବାର୍ଷିକ କ୍ୟାଲେଣ୍ଡର ବା ପାଞ୍ଜି ଓ ସମ୍ବାଦ ପରିକ୍ରମା ପ୍ରକାଶନ ସାଙ୍ଗକୁ ପରମ୍ପରା ଗତ ସଂଗୀତ, ପ୍ରବାଦ, ପ୍ରହେଳିକା, ସାଙ୍କେତିକ ପ୍ରଶ୍ନ, ଢ଼ଗ ଢ଼ମାଳି, କାହାଣୀ ଇତ୍ୟାଦିକୁ ନେଇ ପାଠ୍ୟ ପୁସ୍ତକ ରଚନା କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରମାଣ କରିପାରିଛନ୍ତି ।

ଭାରତ କାହିଁକି ସାରା ବିଶ୍ୱରେ ଓଡ଼ିଶାର ପ୍ରସିଦ୍ଧି ଦୁଇଟି କ୍ଷେତ୍ର ପାଇଁ ବିଶେଷ ଭାବରେ ପରିଚିତ । ଗୋଟିଏ ହେଲା ଜଗନ୍ନାଥ କ୍ଷେତ୍ର ଓ ଦ୍ୱିତୀୟଟି ହେଲା ଜନଜାତି କ୍ଷେତ୍ର । ଜଗତର ନାଥ ଜଗନ୍ନାଥଙ୍କୁ ସମସ୍ତେ ଜାଣନ୍ତି । ସେ ହେତୁରୁ ଜଗନ୍ନାଥ ପୁରୀ ଓଡ଼ିଶାକୁ ଜାଣନ୍ତି । ଦ୍ୱିତୀୟରେ ଏଠାରେ ସମ୍ବିଧାନ ଦ୍ୱାରା ସ୍ୱୀକୃତି ଲାଭ କରିଥିବା ୬୨ ପ୍ରକାର ଜନଜାତି (ଆଦିବାସୀ) ଏଠାରେ ବସବାସ କରନ୍ତି । ଏମାନଙ୍କର ଭାଷା, ସଂସ୍କୃତି, ଚଳଣିରେ ପ୍ରତ୍ୟେକ ପ୍ରତ୍ୟେକଠାରୁ ଅଲଗା ଭାବରେ ବାରି ହୁଅନ୍ତି । ବହୁ ପୁରାତନ ଆଦିମ ଜନଜାତିଙ୍କଠାରୁ ଆରମ୍ଭ କରି ଆଧୁନିକ ସଭ୍ୟତା ସହ ସମାନ୍ତରାଳ ଭାବରେ ପାଦ ଥାପି ଅଗ୍ରସର ହେଉଥିବା ଗୋଷ୍ଠୀ ଭେଦରେ ଓଡ଼ିଶାରେ ବସବାସ କରୁଥିବା ଜନଜାତି ସମୂହ ବହୁଚର୍ଚ୍ଚିତ । ଏମାନଙ୍କ ବିଷୟରେ ପୁରାଣ ଇତିହାସରୁ ଅନେକ କଥା ଶୁଣିବାକୁ ମିଳେ । ରାମାୟଣ, ମହାଭାରତରେ ଏମାନଙ୍କ ସମୟରୁ ଏମାନେ ଆର୍ଯ୍ୟମାନଙ୍କ ସହ ମିତ୍ରତା ସୂତ୍ରରେ ଆବଦ୍ଧ ହୋଇ ନିଜକୁ ଶିକ୍ଷିତ କରି ଆସିଛନ୍ତି । ତଥାପି ନିଜ ଭାଷା ସଂସ୍କୃତି ସହ ଏକାତ୍ମ ଏମାନେ ମୂଳ ଭାବକୁ ଛାଡ଼ି ନାହାନ୍ତି । ନିଜ ସଂସ୍କୃତି, ଚଳଣି, ଭାଷା ପରମ୍ପରା ମଧ୍ୟରେ ବାନ୍ଧି ରହି ଏମାନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଫଳରେ ଯୁଗକୁ ଯୁଗ ଏମାନଙ୍କ ଉପରେ ଗବେଷକମାନେ ଅଧ୍ୟୟନ କରି ତାଙ୍କ ଅନ୍ତର୍ନିହିତ ଗୁଣ କୌଶଳକୁ ଲୋକ ଲୋଚନକୁ ଆଣି ତାଙ୍କ ମହନୀୟତା ବର୍ଣ୍ଣନା କରି ଆସୁଛନ୍ତି ।

ଓଡ଼ିଶାରେ ବସବାସ କରୁଥିବା ଜନଜାତିମାନେ ଭୌଗଳିକ ପରିସୀମା ଭିତରେ ଏକାଧିକ ସଂଖ୍ୟାରେ ବସବାସ କରୁଛନ୍ତି । ଏପରିକି ଗୋଟିଏ ଗୋଟିଏ

ଗାଁରେ ୫/୬ ଗୋଷ୍ଠୀର ଆଦିବାସୀ ବସବାସ କରି ନିଜର ମହାନତା ବଜାୟ ରଖିଛନ୍ତି । ନିଜ ଭିତରେ ଏମାନେ ସ୍ୱ ମାତୃଭାଷାରେ କଥାବାର୍ତ୍ତା କରୁଥିଲେ ସୁଦ୍ଧା ବାହାରେ ଅନ୍ୟ ସମ୍ପ୍ରଦାୟ ସହ ଏକ ତୃତୀୟ ଭାଷାକୁ ଭାବଗତ ଆଦାନପ୍ରଦାନର ମାଧ୍ୟମ କରିଥାନ୍ତି । ଏହି ଭାଷା ମଧ୍ୟରେ ଦକ୍ଷିଣାଞ୍ଚଳରେ ଦେଶିଆ ଓ ସୁନ୍ଦରଗଡରେ ସାଦ୍‌ରୀ ପ୍ରମୁଖ । ଏହି ଭାଷାରେ ଲୋକ ପରମ୍ପରା ଯେପରି ଉନ୍ନତ ଭାଷା ପ୍ରବାହ ମଧ୍ୟ ସେତେ ଗତିଶୀଳ । ସମୟସ୍ରୋତରେ ଏମାନେ ନିଜକୁ ସମୃଦ୍ଧ କରିବାରେ ସ୍ୱତଃ ଲାଗିଛନ୍ତି । ପୁନଶ୍ଚ ଓଡ଼ିଆ ସହ ଏମାନଙ୍କ ନିବିଡ଼ତା ଶିକ୍ଷା କ୍ଷେତ୍ରରେ ଏହି ଭାଷାକୁ ଆଦୃତ କରାଇବାରେ ଜନଜାତିମାନେ ଆଗ୍ରହୀ ଅଛନ୍ତି । ଏହାକୁ ଆଖି ଆଗରେ ରଖି ବହୁଭାଷା ଶିକ୍ଷାରେ ଏହି ଭାଷାର ଉପାଦେୟତା ସ୍ୱୀକାର କରାଯାଇଛି । ସାଦ୍‌ରୀ ଭାଷା ସେହିପରି ସମ୍ପର୍କର ଭାଷା ଭାବରେ ସୁନ୍ଦରଗଡ ଅଞ୍ଚଳର ସମସ୍ତ ଜନଜାତିଙ୍କ ମଧ୍ୟରେ ଆଦୃତ ହୋଇପାରିଛି ।



ଏହାକୁ ଆଖି ଆଗରେ ରଖି ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ମାତୃଭାଷା କେନ୍ଦ୍ରିକ ବହୁଭାଷିକ ଶିକ୍ଷାଦାନର ପରିକଳ୍ପନା କରାଯାଇଛି । ପରିକଳ୍ପିତ ଓଡ଼ିଆ - ସାଦ୍‌ରୀ ଶବ୍ଦକୋଷ ସେହି ପିଲା ଓ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ସମର୍ପିତ । ଏଥିରେ ନିତିଦିନିଆ ବ୍ୟବହାରରେ ଆସୁଥିବା ଶବ୍ଦ ଓ ବାକ୍ୟ ସହ କଥୋପକଥନ ଏବଂ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ପାଠ୍ୟ ବହିର ସରଳ ଅର୍ଥବୋଧ ସମ୍ବଳିତ ଏକ ପୁସ୍ତିକା ସଂକଳିତ ହୋଇଛି । ଏହି ପୁସ୍ତିକା ଶିକ୍ଷକମାନଙ୍କ ବ୍ୟବହାରରେ ଆସିବା ସହ ଅଭିଭାବକ ଛାତ୍ରଛାତ୍ରୀ ତଥା ଶିକ୍ଷା ସହିତ ସଂପୃକ୍ତ ସମସ୍ତ କର୍ମକର୍ତ୍ତାଙ୍କ ସତ୍‌ବ୍ୟବହାରରେ ଆସିବ ବୋଲି ଆଶା ଓ ବିଶ୍ୱାସ । ପୁସ୍ତକ ପରିକଳ୍ପନାରେ ଏକାଡେମୀର ଡ. ପଟେଲଙ୍କ ଉଦ୍ୟମ ପ୍ରଶଂସନୀୟ । ପୁସ୍ତକ ପ୍ରଣୟନରେ ୟୁନିସେଫ୍‌ର ସହାୟତା ଅନସ୍ୱୀକାର୍ଯ୍ୟ ।

ଅଖିଳ ବିହାରୀ ଓତା

ଓ - ଅତିଥି - ଆମ ଘରକୁ ଅତିଥି ଆସିଛନ୍ତି ।

ସା- ଗୋଟିଆ - ହାମାର୍ ଘାରେ ଗୋଟିଆ ଆଏହାଁଏ ।

ଓ- ଅଙ୍କନ - ଗୋଟିଏ କାଉର ଚିତ୍ର ଅଙ୍କନ କର ।

ସା- ବାନାଓ୍ୱା - ଗୋଟେକ୍ କାଉଓ୍ୱାକେର୍ ଫୋଟୋ ବାନାଓ୍ୱା ।

ଓ- ଅଭିଭାବକ - ଅଭିଭାବକ ମାନେ ତୁମର ଯତ୍ନ ନିଅନ୍ତି ।

ସା- ଅଇଓଆବା - ଆୟୋ ଆବାମାନ ତୋହାର୍ ଯାତନ୍ ଲେଗେନ୍ ।

ଓ- ଅଭ୍ୟାସ - ଗୀତ ଗାଇବା ଅଭ୍ୟାସ କର ।

ସା- ଆବାଓ୍ - ଗୀତ୍ ଗାଓ୍ୱେକ୍ ସିଖା ।

ଓ- ଅଭିନୟ - ରବି ଭଲ ଅଭିନୟ କରି ଜାଣେ ।

ସା- ନାଟାକ୍ - ରବି ଆଛା ନାଟାକ୍ କାରେକ୍ ଜାନେଲ୍ ।

ଓ- ଅଜା - ଆମ ଅଜାଙ୍କ ନାମ ମଙ୍ଗଲୁ ମାଝି ।

ସା- ନାନା - ହାମାର୍ ନାନାକେର୍ ନାମ୍ ମଙ୍ଗଲୁ ମାଝି ।

ଓ- ଅଧିକ - ମୁଁ ଅଧିକ ପାଠ ଜାଣେ ।

ସା- ବରଗ୍ରାର - ମୋଏଁ ବାଗ୍ରା ପାଠ୍ ଜାନନ୍ ।

ଓ- ଅମୃତ - ଅମୃତ ଖାଇଲେ କେହି ମରନ୍ତି ନାହିଁ ।

ସା- ଆମୃତ୍ - ଆମୃତ୍ ଖାଲେ କେହୋ ନି ମୋରେନା ।

ଓ- ଅଣ ଓସାରିଆ - ଆମ ଗ୍ରାମକୁ ଅଣ ଓସାରିଆ ରାସ୍ତାଟିଏ ଅଛି ।

ସା- ସାଁପୁର୍ - ହାମାର୍ ଗାଓଁଲେ ଗୋଟେକ୍ ସାକୁର ଡାହାର୍ ଆହେ ।

ଓ- ଅକ୍ଷର - ତୁମର ଅକ୍ଷର ବହୁତ ସୁନ୍ଦର ଅଟେ ।

ସା- ଆକ୍ଷାର୍ - ତୋହାର ଆଖ୍ଛାର ବହୁତ୍ ସୁନ୍ଦର୍ ହେକେ ।

ଓ- ଅଠା - ଅଠାରେ କାଗଜ ଲଗାଯାଏ ।

ସା- ଆଠା - ଲାସାସେ କାଗାଜ୍ ଚିପ୍‌କାଲ୍ ଜାଏଲ ।

ଓ- ଅପେକ୍ଷା - ମୁଁ ତୁମକୁ ଅପେକ୍ଷା କରି ଆସିବି ।

ସା- ପାଠ୍‌ରାଓ - ମୋଏଁ ତୋକେ ପାଠ୍‌ରାଏକେ ଆବୋଁ ।

ଓ- ଅକଲ ଗୁଡୁମ - ମୃତ୍ୟୁ ଖବର ପାଇ ମୋ ଅକଲ ଗୁଡୁମ୍ ହେଲା ।

ସା- ବୁଧିବେଣାଏଗେଲାକ୍- ମୋରାଲ୍ ଖାବାର ସୁଇନ୍ କେ ମୋର୍ ବୁଧିବେଣାଏ ଗେଲାକ୍ ।

ଓ- ଅଧଃକ୍ରମ - ମୁଁ ଅଧଃ କ୍ରମରେ ନାମ ଗୁଡିକ ପଢ଼ିଲି ।

ସା- - ମୋଏଁ ଉପରେ ସେ ନିଚେଃ ନାମମାନକେ ପାଢଲୋଁ ।

ଓ- ଅମ୍ଳ - ଅମ୍ଳ ରସ ପିଇ ହୁଏ ନାହିଁ ।

ସା- - ଆମାତ୍ ରାସ ନି ପିଆଏଲ ।

ଓ- ଅନ୍ନ - ଅନ୍ନ ବିନା ଆମେ ବଞ୍ଚିପାରିବା ନାହିଁ ।

ସା- ଭାତତିୟାନ୍ - ବେଗାର୍ ଭାତ୍‌ତିୟାନକେର୍ ହାମରେମାନ୍ ଜୀଏକ୍ ନି ପାରାବ ।

ଓ- ଅଣ୍ଟା - ବୁଢ଼ାବୁଢ଼ୀ ମାନେ ଅଣ୍ଟା ସଳଖି ପାରନ୍ତି ନାହିଁ ।

ସା- ଡାଁଣା - ବୁଡ୍‌ହା ବୁଡ୍‌ହୀ ମାନ୍ ଡ଼ାଁଣା ସିଧା କଲେଲ ନି ପାରେନ୍ ।

ଓ- ଅଳାଁ - ଅଁଳା ତେଲ କେଶକୁ ଭଲ ।

ସା- ଆଓଁରା - ଆଓଁରା ତେଲ୍ କେଁଶ୍ ଲାଗିନ୍ ବେଶ୍ ।

ଓ- ଅଞ୍ଚଳ - ଆମ ଅଞ୍ଚଳ ଜଙ୍ଗଲରେ ପୂର୍ଣ୍ଣ ।

ସା- ଏରିଆ - ହାମାର୍ ଏରିଆ ଜାଙ୍ଗାଲ୍ ସେ ଭାଇର୍ ହେ ।

ଓ- ଅଧ୍ୟୟନ - ଧର୍ମ ପୁସ୍ତକ ଅଧ୍ୟୟନ ଜୀବନ ପାଇଁ ଭଲ ।

ସା- ପାଢେକ୍ - ଧାରାମ୍ ପୁଥି ପାଢେକ୍ ଜୀଓ୍ବାନ ଲାଗିନ୍ ଠିକ୍ ।

ଓ- ଅଗମା - ଆମେ ଆମ ବାଡିର ଅଗମା ସଫା କରୁ ।

ସା- କାଚରା - ହାମରେ ହାମାର ବାଡିକେର କାଚରା ସାଫାକରିଲ୍ ।

ଓ- ଅନୁଚ୍ଛେଦ - ତୁମେ ପ୍ରତିଦିନ ପାଞ୍ଚୋଟି ଅନୁଚ୍ଛେଦ ସାହିତ୍ୟ ପଢ଼ ।

ସା- ଅଧ୍ୟାୟ - ତୋହ୍‌ରେ ରୋଜ୍‌ଦିନ୍ ପାଞ୍ଚଠୁ ଅଧ୍ୟାୟ ସାହିତ୍ୟ ପାଲ୍‌ହା ।

| | | | |
|---|---|---|---|
| ଓ- | ଅସନା | - | ପିଲାଟି ବହୁତ ଅସନା ହୋଇଛି । |
| ସା- | ମାଇଲା | - | ଛୋଡା ଗୋ ବାଗ୍ରା ମାଇଲା ହୋଇହେ । |
| ଓ- | ଅକଲ | - | ବଣରେ ବାଘ ଦେଖି ମୋର ଅକଲ ହଜିଗଲା । |
| ସା- | ଆକାଲ୍ | - | ଜାଙ୍ଗାଲ୍ ମେ ବାଘ୍ ଦେଇଖ୍କେ ମୋର ଆକାଲ୍ ବେଣାଏଁ ଗେଲାକ୍ । |
| ଓ- | ଅଟ୍ଟାଳିକା | - | ଧନୀକ ମାନେ ଅଟ୍ଟାଳିକାରେ ରହନ୍ତି । |
| ସା- | ପାକ୍କାଘାର୍ | - | ଧାନୀମାନେ ପକ୍କାଘାରେ ରାହେନା । |
| ଓ- | ଅଳନ୍ଧୁ | - | ରୋଷେଇ ଘରେ ଅଳନ୍ଧୁ ଲାଗେ । |
| ସା- | | - | ରିନ୍ଦେକ ଘାରେ ଆନ୍ଧୁ ଲାଗେଲ । |
| ଓ- | ଅଳପ | - | ମଦ ଖାଇଲେ ଅଳପ ଆୟୁ ହୁଏ । |
| ସା- | କାମ୍ | - | ହାଡ଼ିଆଦାରୁ ପିଇଲେ ଉମାର ଘାଟେଲ୍ । |
| ଓ- | ଅଳିଆ | - | ଅଳିଆ ଖାତରେ ଗଦା କରି ପୋତି ପକାଅ । |
| ସା- | କାଚ୍ରା | - | କାଚ୍ରା ଗାଡାମେ କୁଧାଏକେ ତୋଇପ୍ଦେଓ୍ୱା । |
| ଓ- | ଅନ୍ଧ | - | ଅନ୍ଧକୁ ବାଟ ଦେଖାଇ ଦିଅ । |
| ସା- | ଆନ୍ଧା | - | କାଣାକେକେ ଡ଼ାହାର ଦେଖାଏ ଦେଓ୍ୱା । |
| ଓ- | ଅସୁମାରି | - | ରାତିରେ ଅସୁମାରି ତାରା ଦେଖାଯାଆନ୍ତି । |
| ସା- | ବାହୁତ | - | ରାଇତେ ବାଗ୍ରା ବିନ୍କୋ ଦିଶେନ୍ । |
| ଓ- | ଅସମ୍ଭବ | - | ଅସମ୍ଭବ ବୋଲି କେବେ କହ ନାହିଁ । |
| ସା- | ଆସୀମ୍ଭାବ୍ | - | ଆସାମ୍ଭାଓ କାହିକେ କାହିଓ ନି କାହବା । |
| ଓ- | ଅମ୍ବର | - | ନୀଳ ଅମ୍ବର ଭାରି ସୁନ୍ଦର । |
| ସା- | ଆସ୍ମାନ୍ | - | ନିଲା ଆକାଶ ବହୁତ୍ ସୁନ୍ଦାର୍ । |
| ଓ- | ଅସ୍ତ | - | ଅସ୍ତ ବେଳେ ସୂର୍ଯ୍ୟ ଲାଲ ଦେଖାଯାଏ । |
| ସା- | ବେରଡୁବା | - | ବେରଡୁବା ବେର୍ ଲାଲ୍ ଦିସେଲ । |

ଓ- ଅମର - ଦେଶ ପାଇଁ ପ୍ରାଣ ଦେବା ବ୍ୟକ୍ତି ଅମର ହୁଅନ୍ତି ।

ସା- କାହିଓ ନି ମୋରେନ୍- ଦେଶ ଲାଗିନ୍ ଜାନ୍ ଦେଏକ ଆଦ୍‌ମି କାହିଓ ନି ମୋରେନ୍ ।

ଓ- ଅପରିଷ୍କାର - ଅପରିଷ୍କାର ହୋଇ ରହିଲେ ରୋଗ ହୁଏ ।

ସା- ସାଫାସୁତ୍ରା ନି ରାହାଲେ- ସାଫାସୁତ୍ରା ହୋଇକେ ନି ରାହାଲେ ବେମାର୍ ହୋଏଲା ।

ଓ- ଅମଳ - ଫସଲ ଅମଳ ସମିୟାଁନେ ଚାଷି ଖୁସ୍ ହେଥେ ।

ସା- -

ଓ- ଅପାର - ଅପାର ଧନ ଅପେକ୍ଷା ପ୍ରେମ ଉତ୍ତମ ।

ସା- - ବାହୁତେଧାନ ସେ ଦୁଲାର ବେଶ୍ ।

ଓ- ଅବଶିଷ୍ଟ - ଅବଶିଷ୍ଟ ସମୟ ମୁଁ ବଗିଚା କାମ କରେ ।

ସା- ବାଚଲ୍ - ବାଚଲ୍ ସାମାୟମେ ମୋଏଁ ବାରିମେ କାମାଓନ୍ ।

ଓ- ଅନ୍ତର - ମନ୍ଦ ଅଭ୍ୟାସକୁ ନିଜଠାରୁ ଅନ୍ତର କର ।

ସା- ଆଲାଗ୍ - ଖାରାପ୍ ଚାଇଲକେ ଆପାନ ସେ ଦୂର କାରା ।

ଓ- ଅଭ୍ର - ମୁଁ ଅଭ୍ର କହେଁ ବେଶୀ କରେ ।

ସା- କାମ୍ / କାଟିକ - ମୋଏଁ ଥରେକ୍ କାହୋନ୍ ବାଗ୍‌ରା କାରନ୍ ।

ଓ- ଅଳ୍ପାୟୁ - ନିଶା ସେବନ କଲେ ଅଳ୍ପାୟୁ ହୁଏଁ ।

ସା- ଉମାର ଘାଟେଲ- ନାଶା ପିଇଲେ ଉମାର ଘାଟେଲ ।

ଓ- ଅମଙ୍ଗ - ମଲି ବଣକୁ ଯିବାକୁ ଅମଙ୍ଗ ହେଲା ।

ସା- ନିମାନେକ - ମିଲି ଜାଙ୍ଗାଲ ଯାଏକ୍ ନି ଖୋଜ୍‌ଲାକ୍ ।

ଓ- ଅସ୍ତ୍ର - ଯେ ଅସ୍ତ୍ର ଧାଇତା କରେ ସେ ଅସ୍ତ୍ରରେ ମରେ

ସା- ହାଥିୟାର୍ - ଯେହାର୍ ହଥିୟାର୍ ଧାରେଲ୍ ଉ ହାଥିୟାର୍ ସେ ମରେଲ୍ ।

ଓ- ଅଳି - ମିନି ସ୍କୁଲକୁ ଯିବା ନିମନ୍ତେ ଅଳି କରୁଛି ।

ସା- ଝାଗ୍‌ଡ଼ା - ମିନି ସ୍କୁଲ୍ ଜାଏକ୍ ଲାଗିନ୍ ଜିଦ୍ କାରାଥେ ।

| | | | |
|---|---|---|---|
| ଓ- | ଅର୍ଦ୍ଧରାତ୍ର | - | ଚୋର ଅର୍ଦ୍ଧରାତ୍ରରେ ବାହାରେ । |
| ସା- | ଆଧାରାତି | - | ଚ୍ୟୋର୍ ଆଧାରାତି ନିକ୍‌ଲେଲା । |
| ଓ- | ଅଦ୍ଭୁତ | - | ଆକାଶରେ ବେଳେବେଳେ ଅଦ୍ଭୁତ ଦୃଶ୍ୟ ଦେଖାଯାଏ । |
| ସା- | | - | କାହିୟୋୟ ଆକାଶମେ ଆଦିବ୍ ଦ୍ରିଶ୍ୟା ଦିସେଲା । |
| ଓ- | ଅଧା | - | ବଗିଚାର ଅଧା କାମ ଆମେ କରିବୁ । |
| ସା- | ଆଧା | - | ବାଗାନ କେର୍ ଆଧା କାମ୍ ହାମରେ କାରବ୍ । |
| ଓ- | ଅଧିର | - | ଦୁଃଖବେଳେ ଆମେ ଅଧିର ହେଉ । |
| ସା- | ଘାବ୍‌ରାଏକ୍ | - | ଦୁଃଖବେରା ହାମରେ ଘାବ୍‌ରାଏ ଜାଇଲ୍ । |
| ଓ- | ଅଦାଲତ | - | ଆମ ରାଜ୍ୟରେ ସର୍ବୋଚ୍ଚ ଅଦାଲତ ରହିଛି । |
| ସା- | କାଛରି | - | ହାମାର୍ ରାଇଜ ମେ ସବ୍‌ସେ ବାଡ଼୍‌କା କାଛ୍‌ରି ଆହେ । |
| ଓ- | ଅବିବେକି | - | ଅବିବେକି ବିନଷ୍ଟ ହେବ । |
| ସା- | ନିରବୁଧିଆ | - | ନିରବୁଧିଆ ନାଷ୍ଟ ହୋଇ । |
| ଓ- | ଅବଜ୍ଞା | - | ବାପା ମାଆଙ୍କ ଆଦେଶ ଅବଜ୍ଞା କରନାହିଁ । |
| ସା- | ମାନାନିକାରା | - | ଆବା ଆୟା କେର ହୁକୁମ୍ କେ ବେଖାତିର ନାକାରା । |
| ଓ- | ଅଫିସର | - | ଆମ ସାହିକୁ ଜଣେ ଅଫିସର ଆସିଥିଲେ । |
| ସା- | ସାହେବ୍ | - | ହାମାର୍ ଟୋଲି ମେ ଏକଝାନ୍ ସାହେବ୍ ଆଏରାହାଏଁ । |
| ଓ- | ଅଶେଷ | - | ପ୍ରେମ ଅଶେଷ ଅଟେ । |
| ସା- | ନିସିରାଏକ୍ | - | ଦୁଲାର୍ ନିସିରାଏକ୍ ହେକେ । |
| ଓ- | ଅବଶ୍ୟ | - | ଆମେ ଅବଶ୍ୟ ଦେଶ ସେବା କରିବାକୁ ହେବ । |
| ସା- | ଜାରୁର୍ | - | ହାମରେକେ ଜାରୁର୍ ଦେଶ୍ ସେୱା କାରେକ୍ ହୋଇ । |
| ଓ- | ଅଳ୍ପକ୍ଷଣ | - | ଇନ୍ଦ୍ରଧନୁ ଅଳ୍ପକ୍ଷଣ ଦେଖାଯାଏ । |
| ସା- | କାଟିକସାମାୟ | - | ରାମ୍‌ଧାନୁ ଥରେକ୍ ସାମାୟ ଡିସେଲ୍ । |

ଓ- ଅସ୍ଥି - ଆମ ଦେହରେ ୨୦୬ ଖଣ୍ଡ ଅସ୍ଥି ଅଛି ।

ସା- ହାଡ଼ା - ହାମାର୍ ଗାତାର୍‌ମେ ୨୦୬ ଖାଁଣି ହାଲ୍ ଆହେ ।

ଓ- ଅସହଯୋଗ - ଅସହଯୋଗରେ ବିକାଶ ନାହିଁ ।

ସା- ବିନାସାହେତା - ବେଗାରସାହେଃଏତା ସେ ଉହ୍ନାତି ନାଖେ ।

ଓ- ଅଝଟ - ଅଝଟ କରିବା ମନ୍ଦ ଅଟେ ।

ସା- ହାଇରାନ୍ - ହାଇରାନ୍ କାରେକ୍ ଖାରାପ୍ ହେକେ ।

ଓ- ଅର୍ଥ - ପରିଶ୍ରମ କରି ଅର୍ଥ ଉପାର୍ଜନ କର ।

ସା- ସାମ୍ପାତି - ଖାଇଟ୍ କେ ଧାନ କାମାଓ୍ଵା ।

ଓ- ଅବସ୍ଥିତି - ନଈର ଅବସ୍ଥିତି ଆମ ପାଇଁ ମଙ୍ଗଳ ଜନକ ।

ସା- ରାହେକ୍ - ନାଦି ରାହେକ୍ ହାମାର୍ ଲାଗିନ ବେଶ୍ ହେକେ ।

ଓ- ଅନୁମାନ - ଅନୁମାନ ଦ୍ୱାରା କାର୍ଯ୍ୟ ସଫଳ ହୁଏନାହିଁ ।

ସା- ଆନୁମାନିକ୍ - ସୋଚ୍‌ତେ ରାହ୍‌ଲେ କାମ୍ ସାଫାଲ୍ ନି ହୋଏଲ ।

ଓ- ଅନେକ - ଆମ ଦେଶରେ ବାହୁତେ ତାଖ୍‌ଲିଫ୍ ଅଛି ।

ସା- ଆନେକ୍ - ହାମାର୍ ଦେଶ୍ ମେ ଆନେକ୍ ସାମାସ୍ୟା ଆହେ ।

ଓ- ଅଦଳବଦଳ - ପୂର୍ବ କାଳରେ ଅଦଳବଦଳ ଦ୍ୱାରା କିଣା ବିକା ହେଉଥିଲା ।

ସା- ଆଦଲାବାଦ୍‌ଲା- ଆଗେ ଜାବାନା ମେ ଆଦ୍‌ଲା ବାଦ୍‌ଲା ସେ କିନେକ୍ ବେଚ୍‌ଡ଼କ୍ ହୋଓ୍ଵାତ୍ ରାହେ ।

ଓ- ଅଣ୍ଡା - ଅଣ୍ଡାର କେଶର ଦେହ ପାଇଁ ହିତକାରକ ।

ସା- ଆଣ୍ଡା - ଆଣ୍ଡା କେର୍ ବେଲ୍ ଗାତାର୍ ଲାଗିନ୍ ବେଶ୍‌ହେକେ ।

ଓ- ଅଷ୍ଟମ - ମୋ ବଡ ଭଉଣୀ ଅଷ୍ଟମ ଶ୍ରେଣୀରେ ପଢେ ।

ସା- ଆଠ୍ - ମୋର୍ ଦେଦି ଆଠଓ୍ଵାଁ କ୍ଲାସ୍‌ମେ ପାଢ଼େଲ୍ ।

ଓ- ଅନୁସାରେ - ଉଚ୍ଚତା ଅନୁସାରେ ଠିଆ ହୁଅ ।

ସା- ହିସାବ୍‌ସେ - ଉଁଚା ହିସାବ୍‌ସେ ଠାଢ଼ାଓ୍ଵା ।

| | | | |
|---|---|---|---|
| ଓ- | ଅନ୍ତନଳୀ | - | ଅନ୍ତନଳୀ ସଫା ରଖିବାକୁ ଯଥେଷ୍ଟ ପାଣି ଆବଶ୍ୟକ । |
| ସା- | | - | ପେଟପଟା ସାଫା ରାଖେବାକ୍‌ଲେ ବାହୁତ୍ ପାନି ଦାର୍‌କାର୍ । |
| ଓ- | ଅନାଇବା | - | ଭିକାରୀଟି କରୁଣ ଦୃଷ୍ଟିରେ ଅନାଇଲା । |
| ସା- | ଦେଖେକ୍ | - | ଭିଖାରୀ ଗୋର୍‌ଗରା ସେ ଦେଇଖ୍‌ହେ । |
| ଓ- | ଅଣ୍ଡାକୃତି | - | ପୃଥିବୀର କକ୍ଷପଥ ଅଣ୍ଡାକୃତି ଅଟେ । |
| ସା- | | - | ଧାରତୀ କେର ଘୁର୍‌ନି ଡାହାର ଆଣ୍ଡା ଯାଇସାନ୍ ହିକେ । |
| ଓ- | ଅନ୍ଧାର | - | ଅନ୍ଧାର ରାତିନେ ଚୋର୍ କେ ଡର୍ ରେଥେ । |
| ସା- | ଆନ୍ଧାର୍ | - | ଆନ୍ଧାର୍ ରାତି ଚୋର୍ ମେକେର୍ ଡ଼ାର୍ ରାହେଲ୍ । |
| ଓ- | ଅର୍ଦ୍ଧକ ଅଂଶ | - | ମୋ ମିଠେଇ କେ ଆରାରାଗ ଛୋଟେ ରାଇକେ ଦେହେ । |
| ସା- | ଆଧା ଭାଗ୍ | - | ମୋର୍ ମିଠାଇ ସେ ଆଧାଭାଗ୍ ଛୋଟ ଭାଇକେ ଦେଲୋଁ । |
| ଓ- | ଅଭାବୀ | - | ଆମ ଗ୍ରାମରେ ଅନେକ ଅଭାବୀ ଲୋକ ଅଛନ୍ତି । |
| ସା- | ଅଭାବୀ | - | ହାମାର୍ ଗାଓଁ ମେ ବାହୁତେ ଗାରିବ୍ ଆଦ୍‌ମି ଆହାଏଁ । |
| ଓ- | ଅପକାରିତା | - | ଧୂମ୍ର ପାନର ଅପକାରିତା ଅତି ଖାରାପ୍ । |
| ସା- | | - | ଧୁଙ୍ଗିଆ ପିଏ୍ କେର ଆପଗୁନ ବାହୁତେ ଭାୟାଙ୍କର । |
| ଓ- | ଅଭାବ | - | ପରିଶ୍ରମୀର ଅଭାବ ନ ଥାଏ । |
| ସା- | ଅଭାବ୍ | - | କାମ୍‌ହିୟାଁ କେର୍ ଘାଟି ନି ରାହେଲ୍ । |
| ଓ- | ଅନୁସରଣ | - | ଆମେ ଧାର୍ମିକର ଅନୁସରଣ କରିବା ଉଚିତ୍ । |
| ସା- | ଆନୁସାରାଣ୍ | - | ହାମରେମାନ୍‌କେ ଧାର୍ମିକେ ଗୁଡିଆଏକ୍ ଚହି । |
| ଓ- | ଅକାଳ | - | ମଦ୍ୟାପନ ହେତୁ ତାଙ୍କର ମାରାନ ହେଲାକ୍ । |
| ସା- | ଆଗ୍‌ନାକ୍ | - | ଦାରୁପିଏକ୍ ସେ ଉକାର୍ ଆଗ୍‌ନାକ୍ ମାଉତ୍ ହୋଇଗେଲାକ୍ । |
| ଓ- | ଅଶ୍ୱତଥ | - | ଅଶ୍ୱତଥ ଗଛର ଛାଇ ଭାରି ଥଣ୍ଡା ଲାଗେ । |
| ସା- | ପିପେଲ୍ | - | ପିପେର୍ ଗାଛକେର୍ ଛାଇଁ ପୁରହେ ଠାହ୍‌ଣା ଲାଗେଲ୍ । |

ଓ- ଆଲୋଚନା - ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୁଏ ।

ସା- ବିଚାରବିମାର୍ଶ - ଗୋଇଠ୍‌ବାତ୍ ସେ ଝାଞ୍ଜଝାଟ୍ କେର୍ ଖାତମ୍ ହୋଏଲ୍ ।

ଓ- ଆଦାୟ - ଚାଷୀମାନେ ଜମିରୁ ଫସଲ ଆଦାୟ କରନ୍ତି ।

ସା- ଆଦାୟ - ଖେତିୟାରି ମାନ ସେ ଖେତ୍ ଖେତି ଠୁରାଏନ୍ ।

ଓ- ଆଖିରେ ରଖିବା- ପିତା ମାତା ନିଜ ପିଲାକୁ ଆଖିରେ ରଖିବା ଉଚିତ୍ ।

ସା- ଆଇଁଖ୍ ମେ ରାଖେକ୍- ଆବା ଆୟା ଆପାନ୍ ଛାଓ୍ୱକେ ନାଜାଇର୍ ଚାହି ରାଖେକ୍ ମେ ।

ଓ- ଆଖିରେ ପଡିବା- ଯାଉ ଯାଉ ସାପ ଉପରେ ମୋର ଆଖି ପଡିଲା ।

ସା- ନାଜାର୍‌ମେ ପାଡ଼ଲାକ୍- ଯାତେ ଯାତେ ସାଁପ୍ କେ ଦେଖିଲୋଁ ।

ଓ- ଆଗ୍ରହ - ପାଠ ପଢ଼ା ସହିତ କ୍ରିଡାରେ ଆଗ୍ରହ ରଖିଥାଅ ।

ସା- ଇଚ୍ଛା - ପାଠ୍ ପାଢ଼େକକେର୍ ସାଥ୍‌ସାଥ୍ ଖେଲକୁଦ୍ ମେଭି ଇଚ୍ଛା ରାଇଖ୍ ରାହା ।

ଓ- ଆଖି - ଆମେ ଆଖିର ଯତ୍ନ ନେବା ଉଚିତ୍ ।

ସା- ଆଇଁଖ୍ - ହାମରେ ମାନକେ ଆଇଁଖ୍‌କେର୍ ଯାତାନ୍ ଲେଗେକ୍ ଚାହି ।

ଓ- ଆବିଷ୍କାର - କଲମ୍ବସ୍ ଆମେରିକା ଢୁଣକେ ଖୁଜେ ରେହେସ୍ ।

ସା- ଖୋଜ୍ - କଲମ୍ବସ ଆମେରିକା ଖୋଜ୍ କାଇର୍ ରାହେ ।

ଓ- ଆବୃତ୍ତି - ରବି ଶ୍ରେଣୀରେ କବିତା ଆବୃତ୍ତି କଲା ନାହିଁ ।

ସା- ଗାଏକ୍ - ରବି କ୍ଲାସ୍ ମେ ଗୀତ୍ ନି ଗାଲାକ୍ ।

ଓ- ଆକାଶ - ନୀଳ ଆକାଶ ସୁନ୍ଦର ଦେଖାଯାଏ ।

ସା- ଆସମାନ୍ - ନୀଲା ଆସମାନ୍ ସୁନ୍ଦାର୍ ଦିସେଲ ।

ଓ- ଆମ୍ବ - ଗ୍ରୀଷ୍ମ ଋତୁରେ ଆମ୍ବ ପାଚେ ।

ସା- ଆମ୍ବା - ରାଉଦ୍ ମାହିନା ଆମ୍ବା ପାକେଲା ।

| | | |
|---|---|---|
| ଓ- | ଆହା | - ଆହା, ବୁଢ଼ୀଟି କେତେ ଦୁଃଖ ପାଉଛି । |
| ସା- | ଅହ୍‌ରେ | - ଓଃହ୍‌ରେ, ବୁଡ୍‌ହିଆ ଗୋ କେତ୍‌ନା ଦୁଃଖ୍ ପାଓ୍ୱାଥେ । |
| ଓ- | ଆହ୍ଲାଦ | - ନୂଆ ବହି ଦେଖି କୁନି ଆହ୍ଲାଦ ପାଉଛି । |
| ସା- | ଖୁସ୍ | - ନାଓ୍ୱା ପୁଥି ଦେଇଖ୍ କେ କୁନି ଖୁସ୍ ପାଓ୍ୱାଥେ । |
| ଓ- | ଆଶ୍ୱାସନା | - ବାପା ମୋତେ ଆଶ୍ୱାସନା ଦେଲେ । |
| ସା- | ଆଶ୍ୱାସ୍‌ନା | - ଆବା ମୋକେ ସାନ୍ତ୍ୱନା ଦେଲାଏଁ । |
| ଓ- | ଆୟୋଜନ | - ବିଦ୍ୟାଳୟରେ କ୍ରୀଡା ଆୟୋଜନ କରାଗଲା । |
| ସା- | ଆୟୋଜାନ୍ | - ସ୍କୁଲ୍ ମେ ଖେଲକୁଦ୍ ଆୟୋଜାନ୍ କାରାଲ୍‌ଗେଲାକ୍ । |
| ଓ- | ଆବାସ | - ଜଙ୍ଗଲ ହାତୀ ମାନଙ୍କ ଆବାସ ସ୍ଥଳ ଅଟେ । |
| ସା- | ଘାର୍ | - ଜାଙ୍ଗାଲ୍ ହାତୀମାନାକ୍ ଘାର ହେକେ । |
| ଓ- | ଆବଶ୍ୟକ | - ପିତା ମାତାଙ୍କର ଆଦେଶ ମାନିବା ଆବଶ୍ୟକ |
| ସା- | | - ଆବା ଆୟା କେର ହୁକୁମ୍ ମାନେକ୍ ଚାହି । |
| ଓ- | ଆଲୋକ | - ସୂର୍ଯ୍ୟ ଠାରୁ ପୃଥିବୀକୁ ଆଲୋକ ଆସେ । |
| ସା- | ଉଜାଲା | - ବେଏର୍ ସେ ଧାରତୀ କେ ଇଞ୍ଜତ୍ ଆଓ୍ୱେଲ୍ । |
| ଓ- | ପର ଅଗଣା | - ପର ଅଗଣା ଭାବିବା ପାପ ଅଟେ । |
| ସା- | ଦଶରାମାନାକଖାରାପ | - ଦଶ୍‌ରାମାନାକ୍ ଖାରାପ୍ ସୋଚେକ୍ ପାପ୍ ହେକେ । |
| ଓ- | ଆରୋଗ୍ୟ | - ମୁଁ ତୁମର ଆରୋଗ୍ୟ କାମନା କରେ । |
| ସା- | ଠିକ୍‌ହୋଏକ୍ | - ମୋଏ ତୋହାର୍ ବେଶ୍ ହୋଓ୍ୱେକ୍ ଲାଗି ବିନ୍‌ତି କାରୋନ୍ । |
| ଓ- | ଆଚରଣ | - ଆମ ଆଚରଣ ମାର୍ଜିତ ହେବା ଉଚିତ୍ । |
| ସା- | | - ହାମାର ଚାଇଲ ଚାଲାନ ଆଚ୍ଛା ହୋଏକ ଚାହି । |
| ଓ- | ଆମ୍ବଗଛ | - ଆମ ବାରିରେ ଗୋଟିଏ ଆମ୍ବ ଗଛ ଅଛି । |
| ସା- | ଆମ୍ବାଗାଛ | - ହାମାର୍ ବାଗାନ୍ ମେ ଗୋଟେକ୍ ଆମ୍ବାଗାଛ୍ ଆହେ । |

ଓ- ଆଡମ୍ବର - ଲୋକେ ନୂଆ ବର୍ଷ ଆଡମ୍ବର ସହିତ ପାଳନ୍ତି ।

ସା- ଖୁସି - ଆଦ୍‌ମି ମାନେ ନାଆଁବାରାସ୍ ଖୁସି ରିତେ୍ ମାନାଏନ୍ ।

ଓ- ଆଙ୍କିବା - ଚିତ୍ର ଆଙ୍କିବା ଅଭ୍ୟାସ କର ।

ସା- ବାନାଏକ୍ - ଫୋଟୋ ବାନାଏକ୍ ସିଖ୍‌ତେ ରାହା ।

ଓ- ଆଦିମ ମଣିଷ - ଆଦିମ ମଣିଷ ଶିକ୍ଷିତ ନଥିଲେ ।

ସା- ଆଦିମ୍ ଆଦ୍‌ମି - ଆଦ୍‌ମି ଅଦ୍‌ମି ଶିକ୍ଷିତ୍ ନି ରାହାଏଁ ।

ଓ- ଆମ୍ଲେଟ - ଅଣ୍ଡା ଆମ୍ଲେଟ୍ ଖାଇବାକୁ ରୁଚିକର ଲାଗେ ।

ସା- ଆମ୍ଲେଟ - ଆଣ୍ଡା ଆମ୍ଲେଟ୍ ଖାଏକ୍ ଆଚ୍ଛା ଲାଗେଲ ।

ଓ- ଆବଶ୍ୟକ - ବ୍ୟାୟାମ ଆମ ଶରୀର ପାଇଁ ଆବଶ୍ୟକ ଅଟେ ।

ସା- ଜାରୁରି - କାସ୍‌ରାତ୍ ହାମାର ଗାତାର୍ ଲାଗିନ୍ ଜାରୁରି ହେକେ ।

ଓ- ଆମ ଗାଁ - ଆମ ଗାଁ ଉପର ମୁଣ୍ଡରେ ପାହାଡଟିଏ ଅଛି ।

ସା- ହାମାର୍ ଗାଅଁ - ହାମାର୍ ଗାଁ କେର୍ ଆଗେ ଗୋଟେକ ପାହାଡ଼ ଆହେ ।

ଓ- ଆମ୍ବ ଟାକୁଆ - ଆଦିବାସୀ ମାନେ ଆମ୍ବ ଟାକୁଆର କୁଇଲି ଖାଆନ୍ତି ।

ସା- ଆମ୍ବା ଆଁଠୁ /ଟାକୁ- ଆଦିବାସୀ ମାନ୍ ଆମ୍ବା ଆଁଠୁ / ଟାକୁଁ କେର୍ କୁଇଲି ଖାଏନ୍ ।

ଓ- ଆତୁର - ପରୀକ୍ଷା ଫଳ ଜାଣିବା ପାଇଁ ପିଲେ ଆତୁର ହୋଇଥାନ୍ତି ।

ସା- ହାରବାରାଏ - ପାରିଖ୍ଛା ଫାଲ୍‌ଜାନେକ୍ ଲାଗିନ୍ ଛଣାଁମାନ ଛାଓ୍ୱାମାନା ହାର୍‌ବାତାଏ ହୋଓ୍ୱାତ୍‌ରାହେଁନ୍ ।

ଓ- ଆସ୍ଫାଳନ - ମନୁଷ୍ୟର ଆସ୍ଫାଳନ ବୃଥା ହୋଇଯାଏ ।

ସା- ହାମବାଡାଇ - ମାନଓ୍ୱାକେର ହାମବାଡାଇ ବେକାର ହୋଇଜାଏଲ ।

ଓ- ଆସ୍ପର୍ଦ୍ଧା - ଗର୍ବୀର ଆସ୍ପର୍ଦ୍ଧା ବିନାଶର କାରଣ ଅଟେ ।

ସା- ଘାମଣ୍ଡିକେର - ଘାମଣ୍ଡିକେର ହାମୁବାଡାଇ ଆପାନ୍ ବିନାଶକେର କାରଣ ହିନେ ।

| | | | |
|---|---|---|---|
| ଓ- | ଆଙ୍ଗୁଠି | - | ଆଙ୍ଗୁଠି ଧରିବାରେ ସାହାଯ୍ୟ କରେ । |
| ସା- | ଆଙ୍ଗ୍‌ଠି | - | ଆଙ୍ଗୁର୍ ଧାରେକ୍ ମେ ମାଦାଲତ୍ କାରେଲ୍ । |
| ଓ- | ଆଖଡାଘର | - | ପୂର୍ବ କାଳର ଆଖଡା ଘର ବର୍ତ୍ତମାନ ଆଉ ନାହିଁ । |
| ସା- | ଆଖଡ଼ାଘାର୍ | - | ପୂର୍ବାୟୁଗ୍‌କେର ଆଖନା ଘାର୍ ଏଖାନ୍ ଆଉର ନାଖେ । |
| ଓ- | ଆଶ୍ୱସ୍ତ | - | ଭଲ ଫସଲ ଦେଖି ଚାଷୀ ଆଶ୍ୱସ୍ତ ହୁଅନ୍ତି । |
| ସା- | ଖୁସ୍ | - | ବେସ୍ ଖେତି ଦେଇଖ୍‌କେ ଖେତିୟାହୀ ଖୁସ୍ ହୋଇଜାଏନ୍ । |
| ଓ- | ଆଗ୍ରହୀ | - | ପିଲାମାନେ ପାଠ ପଢାରେ ଅଧିକ ଆଗ୍ରହୀ ହେବା ଉଚିତ୍ । |
| ସା- | ଇଛା | - | ଛୋଡ଼ାମାନ ପାଠ୍ ପାଡେଗ୍ ମେ ବାଗ୍‌ରା ଇଛା ହୋଏକ୍ ଚାହି । |
| ଓ- | ଆନନ୍ଦ | - | ଈଶ୍ୱର ଭୟ ପ୍ରକୃତ ଆନନ୍ଦ ଦିଏ । |
| ସା- | ଖୁସି | - | ଭାଗ୍‌ୱାନକେର ଡ଼ାର୍ ସାଛି ମେ ଖୁସି ଦେଲ୍ । |
| ଓ- | ଆସ | - | ଆସ ସ୍କୁଲକୁ ଯିବା । |
| ସା- | ଆଓ୍ୱା | - | ଆଓ୍ୱା ସ୍କୁଲ୍ ଯାବ୍ । |
| ଓ- | ଆଗ | - | ଆଗ ଧାଡିରେ ବସିଲେ ଶିକ୍ଷା ଦାନ ଭଲ ଶୁଭେ । |
| ସା- | ଆଗେ | - | ଆଗେ ଲାଇନ ମେ ବାଇଠ୍‌ଲେ ପାଡ଼ଓ୍ୱାଏକ୍ ଗୋ ବେଶ୍ ଶୁନାଏଲ୍ । |
| ଓ- | ଆରମ୍ଭ | - | ପ୍ରାର୍ଥନା କରି କାର୍ଯ୍ୟ ଆରମ୍ଭ କରିବା ଭଲ । |
| ସା- | ଶୁରୁ | - | ପ୍ରାର୍ଥନା କାଇର୍‌କେ କାମ୍ ଶୁରୁକାରେକ ବେଶ୍ । |
| ଓ- | ଆତ | - | ଆତ ଫଳ ଭାରି ସୁଆଦିଆ ଲାଗେ । |
| ସା- | ନେଓ୍ୱା/ବଡ଼େଲ୍ | - | ନେଓ୍ୱା / ବଡ଼ୋଲ୍ ଫାପ୍ ବେଶ୍ ସାଓ୍ୱାଦ୍ ଲାଗେଲ୍ । |
| ଓ- | ଆଶା | - | ପରିଶ୍ରମ ବିହୀନ ଆଶା ବୃଥାରେ ଯାଏ । |
| ସା- | ଆଶା | - | ବେନାର କମାଏକ / ମେହେନାତ୍ କେର୍ ଆଶ୍ରା ବେକାର୍ ଯାଏଲ୍ । |

ଓ- ଆଲମିରା - ଆଲମିରାରେ ବହିପତ୍ର ସୁରକ୍ଷିତ ରହେ ।

ସା- ଆଲ୍‌ମିରା - ଆଲ୍‌ମାରି ମେ ଖାତାପାତାର୍ ବେଶ୍‌ଲେ ରାହେଲ୍ ।

ଓ- ଆଙ୍କୁଡ଼ି - ଆଙ୍କୁଡ଼ି ସାହାଯ୍ୟରେ ଆମ୍ବ ତୋଳାଯାଏ ।

ସା- ଡ଼ାଙ୍ଗ୍ - ଡ଼ାଙ୍ଗ୍ ସେ ଆମ୍ବା ତୋରାଲଯାଏଲା ।

ଓ- ଆହ୍ଲାଦ - ନୂଆ ବହି ଦେଖି କୁନି ଆହ୍ଲାଦ ପାଉଛି ।

ସା- - ନାଓ୍ବାଁ ପୁଥି ଦେଇଖ୍‌କେ କୁନି ଖୁସ୍ ହୋଓ୍ବାଥେ ।

ଓ- ଆୟୋଜନ - ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଆୟୋଜନ କରାଯାଏଁ ।

ସା- ଆୟୋଜନ - ସ୍କୁଲ୍ ମେ ସାଲାନା ପାରାବ୍ ମାନାଲ୍ ଯାଏଲ୍ ।

ଓ- ଆହୁରି - ଭଲ ଫଳ ପାଇବାକୁ ହେଲେ ଆହୁରି ପରିଶ୍ରମ କର ।

ସା- ଆଉର୍ - ବେଶ୍ ଫାଲ୍ ପାଏକ୍ ଲାଗିନ୍ ହୋଲେ ଆଉର୍ ଜୋର ହୁଲୁମ୍ କାର୍ ।

(ଇ)

ଓ- ଇଶ୍ୱର - ଇଶ୍ୱର ଆମ ସୃଷ୍ଟି କର୍ତ୍ତା ଅଟନ୍ତି ।

ସା- - ଭାଗଓ୍ବାନ ହାମାର ସିରଜାନହାର ହେକାଏଁ ।

ଓ- ଇଟା - ଇଟା ଗଢ଼ି ପୋଡାଯାଏ ।

ସା- - ଇଟା ବାନାଏକେ ପୋଡାଲଯାଏଲ ।

ଓ- ଇସ୍ତ୍ରୀ - ଇସ୍ତ୍ରୀ କରିବା ପରେ ପୋଷାକ ପିନ୍ଧିବା ଭଲ ।

ସା- - ଇସ୍ତ୍ରୀ କାଇରକେ ଲୁଗା ପିନ୍ଧେକ ବେଶ ।

(ଉ)

ଓ- ଉତ୍ତର - ପ୍ରଶ୍ନର ସଠିକ୍ ଉତ୍ତର ଦିଅ ।

ସା- ଉତ୍ତର୍ - ସାଓ୍ବାଲ୍ କେର୍ ବେଶ୍ ଦୱାବ୍ ଦେଓ୍ବା ।

ଓ- ଉଚିତ୍ - ପିଲାମାନଙ୍କୁ ଉଚିତ୍ ଶିକ୍ଷା ଦିଅନ୍ତୁ ।

ସା- ଠିକ୍ - ଛାଓ୍ବାମାନ୍‌କେ ଠିକ୍ ପାଠ୍ ପାଢ଼ୁଆଓ୍ବା ।

| | | | |
|---|---|---|---|
| ଓ- | ଉଦୟ | - | ପ୍ରତିଦିନ ଠିକ୍ ସମୟରେ ସୂର୍ଯ୍ୟ ଉଦୟ ହୁଏ । |
| ସା- | ଉଗେଲ | - | ରୋଜଦିନ ଆପାନ ସାମାୟମେ ବେସର୍ ଉଗେଲ୍ । |
| ଓ- | ଉପାଧି | - | ବିଜ୍ଞ ଲୋକମାନଙ୍କୁ ଯୋଗ୍ୟ ଉପାଧି ଦିଆଯାଏ । |
| ସା- | | - | ଜ୍ଞାନୀ ଆଦିମମାନ୍‌କେ ବେଶ୍ ଉପାଧି ଦେଓ୍ୱାଲ ଯାଏଲ । |
| ଓ- | ଉପଯୁକ୍ତ | - | ରୋଗୀକୁ ଉପଯୁକ୍ତ ଚିକିତ୍ସା ଆବଶ୍ୟକ । |
| ସା- | ଠିକ୍ | - | ବେମାରିଆକେ ବାଣିଆଁ ସେଓ୍ୱା ହୋଶକ୍‌ର ହିଁ । |
| ଓ- | ଉଦ୍ଭାବନ | - | ମାର୍କୋନୀ ରେଡିଓ ଉଦ୍ଭାବନ କରିଥିଲେ । |
| ସା- | ବାନାଏକ୍ | - | ମାର୍କୋନି ରେଡ଼ିଓ ବାନାଏ ରାହାଏଁ । |
| ଓ- | ଉହାଡ | - | ପାହାଡ ଉହାଡରେ ସୂର୍ଯ୍ୟ ଲୁଚିଗଲେ । |
| ସା- | ଉପାଖା | - | ପାହାଡ଼ ଉପାଖି ବେସର୍ ଲୁଇକ୍ ଗେଲାକ୍ । |
| ଓ- | ଉପାୟ | - | ମନ ଥିଲେ ଉପାୟ ଆସେ । |
| ସା- | ଉପାୟ | - | ମାନ୍ ରାହଲେ ଡାହାର ଦିଶେଲ୍ । |
| ଓ- | ଉଚ୍ଚତା | - | ରବି ଉଚ୍ଚତାରେ ସବୁଠୁ ଡେଙ୍ଗା ପିଲା ଅଟେ । |
| ସା- | ଉଚ୍ଚା | - | ରବି ଉଁଚା ମେ ସବ୍ କାର ସେ ଅଗ୍ୱା ଛୋଣାଁ ହେବେ । |
| ଓ- | ଉନ୍ନତି | - | ପିତାମାତା ପିଲାମାନଙ୍କର ଉନ୍ନତି କାମନା କରନ୍ତି । |
| ସା- | ଉନ୍ନତି | - | ଆବା ଆୟ୍ୟା ଛାଓ୍ୱାମାନାକ୍ ଉହ୍ନାତି ଗ୍ରହେଁନ୍ । |
| ଓ- | ଉର୍ଦ୍ଧକ୍ରମ | - | ଉର୍ଦ୍ଧକ୍ରମରେ ସଜାଇ ରଖ । |
| ସା- | ଛୋଟସେ ବାଡ଼ | - | ଛୋଟ ସେ ବାଡ଼ ହିସାବ୍ ମେ ସାଜାଏ ରାଖା । |
| ଓ- | ଉତ୍ସାହିତ | - | ପ୍ରଂସଶା ମିଳିଲେ ସମସ୍ତେ ଉତ୍ସାହିତ୍ ହୁଅନ୍ତି । |
| ସା- | ଉତ୍ସାହିତ | - | ସାବାସି ମିଲ୍‌ଲେ ସୋଭେ ଖସ୍ ହେଓ୍ୱେନ୍ । |
| ଓ- | ଉପରେ | - | ଗଛ ଉପରେ କାଉଟିଏ ବସିଛି । |
| ସା- | ଉପ୍‌ରେ | - | ଛାଇନ୍ ଉପ୍‌ରେ ଗୋଟେକ୍ କାଉଓ୍ୱା ବାଇଠହେ । |

ଓ- ଉତ୍ତମ - ମୀନା ଜଣେ ଉତ୍ତମ ବାଳିକା ଅଟେ ।

ସା- ଆଛା - ମୀନା ଗୋଟେକ୍ ବେଶ ରେପଁଣି ହେକେ ।

ଓ- ଉଦୁଉଦିଆ - ଉଦୁଉଦିଆ ଖରାରେ ପଦାକୁ ବାହାରନ୍ତୁ ନାହିଁ ।

ସା- ବାଗ୍ରାରାଉଦ୍‌ମେ- ବାଗ୍ରା ରାଉଦ୍ ମେ ବାହାରେ ନା ନିକ୍‌ଲା ।

ଓ- ଉଡିବା - ଛୁଆ ପକ୍ଷୀ ମାଆ ଠାରୁ ଉଡିବା ଶିଖେ ।

ସା- ଉଡ଼େକ୍ - ଛାଓ୍ୱା ଚରାଇ ଆୟହାରଠାନ୍‌ଲେ ଉଡ଼େକ୍ ଶିଖେଲ୍ ।

ଓ- ଉପଦେଶ - ଗୁରୁଜନ ମାନଙ୍କର ଉପଦେଶ ମାନି ଚଳ ।

ସା- ଉପ୍‌ଦେଶ୍ - ସେୟାନ ସାଜାନ ମାନାକ୍ ସାଲ୍‌ହା ମାଇନ୍‌କେ ଚଲା ।

ଓ- ଉଭା - ଘନ ମେଘ ଆସ୍ତରଣ ମଧ୍ୟରେ ସୂର୍ଯ୍ୟ ଉଭା ହେଲେ ।

ସା- ଉଇଭ୍‌ଗେଲାକ୍- ଧୁନ୍ଦଲା ବାଦ୍‌ଗି ସେ ବେଇର ଉଇଗ ଗେଲାକ

ଓ- ଉଚ୍ଚସ୍ୱର - ରମ୍ୟ ମୋତେ ଉଚ୍ଚ ସ୍ୱରରେ ଡାକିଲା ।

ସା- ଜୋରସେ କିର୍‌ଲାଲାକ୍- ରମା ମୋକେ ଜୋରସେ ଗୁଲକାର୍‌ଲାକ୍ ।

ଓ- ଉପକାର - ଅସହାୟ ଲୋକର ଉପକାର କର ।

ସା- ଉପକାର୍ - ନିପାରେକ୍ ଆଦ୍‌ମିମାନାକ୍ ମାଦାଇତ୍ କାରା ।

ଓ- ଉଦ୍‌ଯୋଗ - ଦେଶ ସେବାରେ ଉଦ୍‌ଯୋଗ ଥିବା ଆବଶ୍ୟକ ।

ସା- ଭାଗିଦାରି - ଦେଶ୍ ସେଓ୍ୱାମେ ଭାଗିଦାରି ରାହେକ୍ ଜାରୁରି ହେକେ ।

ଓ- ଉଇ - ଉଇ ବହି ପତ୍ର ଖାଇଯାଏ ।

ସା- ଦିଆଁ - ଦିଆଁ ପୁଥି ପାତର ଖାଏ ଯାଏଲ୍ ।

ଓ- ଉତ୍ତାପ - ଜ୍ୱର ହେଲେ ଦେହର ଉତ୍ତାପ ବଢ଼େ ।

ସା- ସପେକ୍ / ଗାରାମ୍- ଜାର୍ ହଲେ ପାଣର୍ ଧିପେଲ୍ / ଗାରାମ୍ ବାଇଡ଼୍ ଯାଏଲ୍ ।

ଓ- ଉତ୍ପାଦନ - କୃଷି ଉତ୍ପାଦନ ବଢ଼ାଇବା ଆବଶ୍ୟକ

ସା- ଉତ୍ପାଦାନ୍ - ଖେତି ଆନାଜ୍ ବାଢ଼ାଏକ୍ ଜାରୁରିହେକେ ।

ଓ- ଉଷୁମ - ଶୀତ ଦିନେ ଉଷୁମ ପାଣିରେ ଗାଧୋଇବା ଭଲ ।

ସା- ଉଷୁମ୍ - ଥାଣ୍ଡଃା ଦିନ୍‌ମେ ଉଷୁମ୍ ପାନି ମେ ନାହାଁଏକ୍ ବେଶ୍ ।

ଓ- ଉଚିତ - ପିଲାମାନେ ପିତାମାତାଙ୍କର ଆଜ୍ଞାବହ ହେବା ଉଚିତ୍ ।

ସା- ଉଚିତ୍ - ଚାଓ୍ୱାମାନ ଆବା ଆୟା କେର୍ କାହାଲ୍ ମାନେକ୍ ରହି ।

ଓ- ଉପକରଣ - ପାଠ ଉପକରଣ ସାଇତି ରଖ ।

ସା- ଜିନିଷ୍ - ପାଠପାଢ଼େକ୍ ଶଜ୍ ସାରିୟାକେ ରାଖା ।

ଓ- ଉପସ୍ଥିତ - ଶିକ୍ଷକ ଡାକିବା ମାତ୍ରେ ମୁଁ ଉପସ୍ଥିତ ରହେ ।

ସା- ଉପସ୍ଥିତ୍ - ଶିଖ୍‌ଛାକ୍ ବୋଲାତେ ସାଙ୍ଗେସାଙ୍ଗେ ମୋଏଁ ପୋହିଁଚ୍ ଗାହୋନ୍ ।

ଓ- ଉକୁଣୀ - ଅପରିଷ୍କାର ମୁଣ୍ଡରେ ଉକୁଣୀ ଜାତ ହୁଅନ୍ତି ।

ସା- ଢିଲା - ମାଇଲା ମୁଣ୍ଡ୍‌ମେ ଢିଲା ଜାନାମ୍ ହୋଓ୍ୱେନା ।

ଓ- ଉତ୍ତର ଦିଗ - ଉତ୍ତର ଦିଗରୁ ଥଣ୍ଡା ପବନ ବହେ ।

ସା- ଉତ୍ତାରଦିସା - ଉତ୍ତାର ଦିସାସେ ଠାଣ୍ଡାଃ ହାଓ୍ୱା ଧୁକା ଆଓ୍ୱେଲ୍ ।

ଓ- ଉତ୍କୃଷ୍ଟ - କନ୍ଧମାଳରେ ଉତ୍କୃଷ୍ଟ ହଳଦୀ ଉତ୍ପାଦନ କରାଯାଏ ।

ସା- ବାହୁତବେଶ୍ - କନ୍ଧମାଲ୍‌ମେ ବାହୁତ୍‌ବେଶ୍ ହାରଦୀ ଖେତି କରାଲ୍‌ଯାଏଲ୍ ।

ଓ- ଉତ୍ପାଦିକା - ଜମିର ଉତ୍ପାଦିକା ଶକ୍ତି କମି ଗଲାଣି ।

ସା- ଉତ୍ପାଦିକା - ଖେତ୍‌କେୟ ଉପଜଉ କ୍ଷମ୍‌ତା ଘାଇଟ୍ ଗେଲାକ୍‌ନେ ।

ଓ- ଉଚ୍ଚ - ଶାଗୁଣା ଖୁବ୍ ଉଚ୍ଚରେ ଉଡିପାରେ ।

ସା- ଉଚ୍ଚା - ଗିଜି ବହୁତ୍ ଉପ୍‌ରେ ଉଡ଼େକ୍ ପାରେଲା ।

ଓ- ଉଚ୍ଚାସନ - ସମ୍ମାନୀୟ ଅତିଥିଙ୍କୁ ଉଚ୍ଚ ଆସନରେ ବସାଯାଏ ।

ସା- ଉଚ୍ଚାସ୍ଥାନ - ନେଓତାଲ୍ ଗୋତିଆ ମାନ୍‌କେ ଚୁନାଲ୍ ଠାଓଁମେ ବାଇଠାଲ୍ ଯାଏଲ୍ ।

ଓ- ଉତ୍ସନ୍ନ - ଦୁର୍ଘଟଣାରେ ତାର ସବୁ ଉତ୍ସନ୍ନ ହୋଇଗଲା ।

ସା- ସିରାଏଗେଲାକ୍- ଦୁର୍ଘାଟ୍‌ନାମେ ତାଃର ଛିତିରାନ ହୋଇ ଗେଲାକ୍ ।

ଓ- ଉତ୍‌ପାତ - ଦୁଷ୍ଟ ମାନଙ୍କର ଉତ୍ପାତ୍ ବଢିବାରେ ଲାଗିଛି ।

ସା- ଉତ୍‌ପାତ - ବାଦ୍‌ମାସ୍ ମାନ୍‌କେର ଥେତ୍‌ରା ବାଢ଼େକ୍ ଲାଇଗ୍‌ହେ ।

ଓ- ଉତ୍କଟ - କିଛି ବର୍ଷ ପରେ ଖଣିଜ ତୈଳର ଉତ୍କଟ ଅଭାବ ହେବ ।

ସା- ବାହୁତ୍ - କୁଛ ସାଲ୍ ବାତ୍ ଖାଣିଜ୍ ତେଲ୍‌କେର ବାହୁତେ ଅଭାଓ ହୋଇ ।

ଓ- ଉତ୍ପତି - ଜମି ରହୁଥିବା ପାଣି ମଶାର ଉତ୍ପତି ସ୍ଥଳ ଅଟେ ।

ସା- ଉତ୍ପାତି - ଜାମାଲ୍ ପାନିମେ ମାଛାଡ଼ ମାନାକ୍ ଜାନାମ୍ ଜାଗାହେକେ ।

ଓ- ଉତ୍ସ - ଗ୍ରୀଷ୍ମ ଋତୁରେ ଜଳସ୍ରୋତ ଉତ୍ସ ଶୁଖିଯାଏ ।

ସା- - ଜେଠ୍ ମାହିନା ପାନିସୋର ଶୁଇଖଯାଏଲ୍ ।

ଓ- ଉତ୍ସାହୀ - ଉତ୍ସାହୀ ବ୍ୟକ୍ତି ସବୁ କାମରେ ସଫଳ ହୁଏ ।

ସା- ଉତ୍ସାହୀ - କାମାଉ ଆଦ୍‌ମି ସୋବ୍ କାମ ମେ କାମୟାବ୍ ହୋଏଲ୍ ।

ଓ- ଉତ୍ତୋ..ଳନ - ଖଣିରୁ ଖଣିଜ ପଥର ଉତ୍ତୋଳନ କରାଯାଏ ।

ସା- ଖୋଲାଲ୍‌ଯାଏଲ୍- ଖାଧାନ୍ ସେ ଖାଣିଜପାଖ୍‌ନା କୋଲାଲ୍‌ଯାଏଲ୍ ।

ଓ- ଉପବାସ - ଉପବାସ ଦ୍ୱାରା ପାକସ୍ଥଳୀ ବିଶ୍ରାମ ପାଇଥାଏ ।

ସା- ଉପାସ୍ - ଉପ୍‌ୱାସ ସେ ପେଟ୍ ଆରାମ୍ ପାଏଲ୍ ।

ଓ- ଉଠାଇ - ବେଳେବେଳେ ପବନ ଚାଳକୁ ଉଠାଇ ନେଇଥାଏ ।

ସା- ଉଠାଏଲ୍ - ଏକେକ୍ ବେର୍ ଧୁକା ଛାଇନ୍ କେ ଲେଇଗ୍‌ରାହେଲ୍ ।

ଓ- ଉଭୟ - ବିଦ୍ୟାଳୟ ସଫା ରଖିବା ଛାତ୍ରଛାତ୍ରୀ ଉଭୟଙ୍କ କର୍ତ୍ତବ୍ୟ ଅଟେ ।

ସା- ସୋବ୍ - ସ୍କୁଲ୍ ସାଫାରାଖେକ୍ ସୋବ୍ ଛୋଣାଁ ଛୌଁଣିମାନକେର କାମ୍ ହେକେ ।

ଓ- ଉଇକେଟ୍ - କ୍ରିକେଟ୍‌ରେ ଗୋଟିଏ ଦଳରେ ଏଗାରଟା ଉଇକେଟ୍ ଥାଏ ।

ସା- ଉଇକେଟ୍ - କ୍ରିକେଟକାର୍ ଗୋଟେକ୍ ଦାଲ୍‌ମେ ଏଗାରୋଠୁ ଉଇକେଟ୍ ରାହେଲ୍ ।

ଓ- ଉପହାର - ବାପା ମୋ ପାଇଁ ଉପହାର ଆଣିଛନ୍ତି ।

ସା- ଉପ୍‌ହାର୍ - ଆବା ମୋର ଲାଗିନ ତୋଃପଠା ଅଇନ୍ ଦେଇହାଏଁ ।

ଓ- ଉପର - ବାୟୁମଣ୍ଡଳର ଉପରଭାଗରେ ମହାଶୂନ୍ୟ ରହିଛି ।

ସା- ଉପ୍‌ରେ - ହାଓ୍ୱା ମାଣ୍ଡାଲ୍‌କେର ଉପ୍‌ରେ ଭାଗ୍‌ମେ ପୁର୍‌ହେ ଶୂନାଶୁନା ଆହେ ।

ଓ- ଉର୍ବର - ପ୍ରଚୁର ଫସଲ ନିମନ୍ତେ ଉର୍ବର ମାଟି ଆବଶ୍ୟକ ।

ସା- ହାଲ୍‌କା - ବାରାହା ଖେତି ଲାଗିନ ଉପ୍‌ଜାହ ମାଟି ଜରୁରୀ ହେକେ ।

-ଉଣା-

ଓ- ଉଣା - ପାଠ ପଢ଼ା ଉଣା କର ନାହିଁ ।

ସା- ନାଗା - ପାଠ୍ ପାଢ଼େକ୍ ମେ କାମ୍ ନା କାରା ।

ଓ- ଉଳି - ଗ୍ରୀଷ୍ମ ଋତୁରେ ଏକ ଉଳି କାମ କରିବା ଭଲ ।

ସା- ଏକ୍‌ବେଲା - ରାଉଦ୍ ମାହିନା ମେ ଏକ୍‌ବେଲା କାମ୍‌କାରେକ୍ ବେଶ୍ ।

ଓ- ଋତୁ - ଗ୍ରୀଷ୍ମ ଋତୁରେ ଆମ୍ବ ପାଚେ ।

ସା- ଦିନ୍ - ଜେଠ୍ ମାହିନ୍ ମେ ଆମ୍ବା ପାକେଲ୍ ।

-ଏ-

ଓ- ଏଣେତେଣେ - ଆବର୍ଜନା ଏଣେତେଣେ ପକାନ୍ତୁ ନାହିଁ ।

ସା- ହିନ୍ଦେହୁନ୍ଦେ - କାଚ୍‌ଡା ହିନ୍ଦେହୁନ୍ଦେ ନା ଫେକା ।

ଓ- ଏଣ୍ଡୁଅ - ଏଣ୍ଡୁଅ କଙ୍କି ମାରି ଖାଏ ।

ସା- ଟେଟ୍‌ଙ୍ଗା - ଟେଟ୍‌ଙ୍ଗା ଟେଟେପାନିଆ ମାଇର୍ ଖାଏଲ୍ ।

ଓ- ଏକ - କୁକୁର ଏକ ବିଶ୍ୱସ୍ତ ପ୍ରାଣୀ ଅଟେ ।

ସା- ଗୋଟେକ୍ - କୁକୁର୍ ଗୋଟେକ୍ ବିଶ୍ୱାସି ପାଶୁ ହେକେ ।

ଓ- ଏକବାରଛୁ - କୁକୁରକୁ ଦେଖି ମାଙ୍କଡ ଏକବାର ଛୁ ।

ସା- - କୁକୁରକେ ଦେଖ୍‌ତେ ବାନ୍ଦରା କୁଇଦ୍ ଭାଗଲାକ୍ ।

ଓ- ଏକଜୁଟ - ଗାଁ ଲୋକ ଏକଜୁଟ ହୋଇ ରାସ୍ତା ମରାମତି କଲେ ।
ସା- ଏକ୍‌ଜୁଟ୍ - ଗାଅଁକେର୍ ଆଦ୍‌ମିମାନ୍ ଏକତା ହୋଇକେ ଡାହାର ମାରାମାଇତି କାର୍‌ଲାଏଁ ।
ଓ- ଏକକ - ମିଟର ଦୂରତା ମାପିବାର ଏକକ ଅଟେ ।
ସା- - ମିଟର ଲମ୍ବାଇ ନାପେକ୍‌କେର ଆଧାର ହେକେ ।
ଓ- ଏଇଠି - ଏଇଠି ବସି ମୁଁ ନିତି ବହି ପଢ଼େ ।
ସା- ଏଠାନ୍ - ଏହେଠାନ୍ ବାଇଠ୍ କେ ମୋଏଁ ରୋଜ କିତାବ୍ ପାଢୋନ୍ ।
ଓ- ଏକତା - ଏକତା ହିଁ ବଳ ଅଟେ ।
ସା- - ଏକ୍ ଜୁଟ୍ ହେଁ ବାଲ୍ ହେକେ । ।
ଓ- ଏକଲା - ଆମ ଗ୍ରାମରୁ ମୁଁ ଏକଲା କଲେଜ ଯାଏ ।
ସା- ଏକ୍‌ଲା - ହାମାର୍ ଗାଁଅସେ ମୋଏଁ ଏକ୍‌ଲେ କାଲେଜ୍‌ଯାଓନ୍ ।
ଓ- ଏମନ୍ତ - ଏମନ୍ତ କରି ଦେଖାଅ, ଯାହା ଦେଖି ଲୋକ ଖୁସି ହେବେ ।
ସା- ଇସାନ୍ - ଇସାନ୍ କାଇର୍‌କେ ଦେଖାଓ, ଯେକେଁଦେଇଖ୍‌କେ ଆଦମିମାନେ ଖୁସି ହୋବାଏଁ ।
ଓ- ଏବେ - ଏବେ ପାଠ ପଢ଼ାର ସମୟ ଅଟେ ।
ସା- ଏଖାନ୍ - ଏଖାନ୍ ପାଠ୍ ପାଢ଼େକ୍ କେର୍ ବେର ହେକେ ।
ଓ- ଏଟିଏମ୍ - ଏଟିଏମ୍‌ରୁ ଯେ କୌଣସି ସମୟରେ ଟଙ୍କା ଉଠାଯାଏ ।
ସା- ଏଟିଏମ୍ - ଏଟିଏମ୍ ସେ ଯୋନ୍ ବେରା ଭି ରୁପିଆ ନିକ୍‌ଲାଲ୍ ଜାଏଲ୍ ।

'ଐ'

ଓ- ଐତୁଳିଶାଳ - ଐତୁଳିଶାଳ ଆମ ଜନ୍ମ ସ୍ଥାନ ଅଟେ ।
ସା- ଐତୁଡିଶାଲ୍ - ଐତୁଡିଶାଲ୍ ହାମାର୍ ଜାନାମ୍‌ଭୂଇଁ ହେକେ ।

| | | | |
|---|---|---|---|
| ଓ- | ଏକ ଟଙ୍କିଆ | - | ଆଜିକାଲି ଏକ ଟଙ୍କିଆ ନୋଟ ଦେଖାଯାଏ ନାହିଁ । |
| ସା- | ଏକ୍‌ରୂପିଆ | - | ଆଜ୍‌କାଇଲ ଏକରୂପିଆହି ନୋଟ୍ ନି ଦିସେଲ । |
| ଓ- | ଏକାଦଶ | - | ମୁଁ ଏକଦଶ ବାର ଚିଲିକା ଦେଖିଛି । |
| ସା- | ଏଗାର୍ | - | ମୋଏ ଏଗାରା ବେର ଚିଲିକା ଦେଇଖୋଁ । |
| ଓ- | ଏକାଠି | - | ପରିବାରର ସମସ୍ତେ ଏକାଠି ରହନ୍ତି । |
| ସା- | ଏକ୍‌ଠାନ୍ | - | ପାରିୱାର୍‌କେର୍ ସୋଭେ ଏକଠାନ୍ ରାହେନ୍ । |
| ଓ- | ଏକାଧିକ | - | ମୋ ପାଖରେ ଏକାଧିକ ଗଣିତ ବହି ଅଛି । |
| ସା- | ବହୁତ୍‌ସାରା | - | ମୋର୍ ପାସେ ଢେଇର୍‌ସାରା ଗାଣିତ୍ ବହି / କିତାବ୍ ଆହେ । |
| ଓ- | ଏକାଡିଆଁ | - | ମାଙ୍କଡଟି ଏକା ଡିଆଁରେ ପଳାଇଲା । |
| ସା- | ଏକଡ଼େଗାନ୍ | - | ବାନ୍ଦ୍‌ରା ଏକଡ଼େଗାନ୍‌ମେ ଭାଗ୍‌ଲାକ୍ । |
| ଓ- | ଏକାପ୍ରକାର | - | ସଇନିକ ମାନେ ଏକପ୍ରକାରର ପୋଷାକ ପିନ୍ଧନ୍ତି । |
| ସା- | ଏକେପ୍ରାକାର୍ | - | ସାଇନିକ୍ ମାନେ ଏକେରାକାମ୍ ବାର୍ଦ୍ଧି ପିନ୍ଧେନ୍ । |
| ଓ- | ଏହି | - | ଏହି ଦେଶ ଆମ ଜନ୍ମଭୂମି ଅଟେ । |
| ସା- | ଏହେ | - | ଇ ଦେଶ୍ ହାମାର୍ ଜାନାମ୍ ମାଟି ହେକେ । |

-ଓ-

| | | | |
|---|---|---|---|
| ଓ- | ଐରାବତ | - | ଐରାବତ ହାତୀ ମାନଙ୍କ ଦଳପତି ଅଟେ । |
| ସା- | | - | ଐରାବତ ହାତୀ ମାନ୍‌କେର ଆଗୁଆ ହେକେ । |
| ଓ- | ଓ | - | ମାଛ ଓ ମାଂସ ଶରୀରର ବୃଦ୍ଧି କରନ୍ତି । |
| ସା- | ଆଉର୍ | - | ମାଛ୍‌ରୀ ଆଉର୍ ଗୋସ୍ ଶରୀର୍‌କେ ବାଢ଼ାଏଲ୍ । |
| ଓ- | ଓଳି | - | ଗୋଟିଏ ଓଳି କାମ କଲେ ଅଧା ମଜୁରି ପାଇବ । |
| ସା- | ବେଳା | - | ଏକ ବେଳା କାମ୍‌କାରଲେ ଆଧା ମାଜୁରିପାବେ । |

ଓ- ଓଠ - ଶୀତ ଦିନେ ଓଠ ଫାଟେ ।

ସା- ଥୁଥୁ - ଜାଡ୍ / ଠଁଣା ଦିନେ ଥୁଁଥୁ ଫାଟେଲ୍ ।

ଓ- ଓସାର - ଓସାର ଲମ୍ବା ଅପେକ୍ଷା ସାନ ଅଟେ ।

ସା- ଓସାର୍ - ଓସାର୍ / ଗଅଡ଼ା ଲମ୍ବା ସେ ଛୋଟ୍ ହେକେ ।

ଓ- ଓଜନ - ଚାଷୀମାନେ ଓଜନ କରି ପନିପରିବା ବିକିବା ଉଚିତ୍ ।

ସା- ଓଜାନ୍ - ଖେତିୟାରିମାନ ତୌଲାଏକେ ଚାହିଁ ସାବ୍‌ଜୀ ବେଚେଜ ଉଚିତ୍ ।

ଓ- ଓଧ - ଓଧ ପାଣିରେ ଯା ଆସ କରିପାରେ ।

ସା- ଓଦ୍ - ଉଦ୍‌ମୂଷା ପାନିମେ ଯାଏକ୍ ଆଏକ୍ ପାରେଲା ।

ଓ- ଓହ୍ଲାଇବା - ସାବଧାନରେ ସାଇକେଲରୁ ଓହ୍ଲାଇବା ଉଚିତ୍ ।

ସା- ଉତ୍‌ରେକ୍ - ସାଓଧାନି ସେ ସାଇକେଲ୍ ସେ ଉତ୍‌ରେକ୍ ଚହି ।

ଓ- ଓଟ - ଓଟ ମରୁଭୂମିର ଜାହାଜ ଅଟେ ।

ସା- ଓଁଟ୍ - ଓଁଟ ମାରୁଭୂମି କେର୍ ଜାହାଜ ହେକେ ।

ଓ- ଓସାରିଆ - ଗାଁ ଗହଳିରେ ଓସାରିଆ ରାସ୍ତା ନ ଥାଏ ।

ସା- ଓସାର୍ - ଗାଁଓଁମେ ଚାକାର ତାହାର ନି ରାହେଲ ।

ଓ- ଓଷ୍ଠ - କଥା କହିବାରେ ଓଷ୍ଠ ସାହାଯ୍ୟ କରେ ।

ସା- ଥୁଥୁ - ଗୋଠିୟା ଏକ୍‌ମେଁ ଥୁ ଥୁ ସାଙ୍ଗ୍‌ରା କରେଲ ।

ଓ- ଓଲଟାଇ - ଘୂର୍ଣ୍ଣିବାୟୁ ଘରର ଚାଳ ଓଲଟାଇ ଫିଙ୍ଗେ ।

ସା- ଓଲ୍‌ଟାଏ - ଆନ୍ଧିତୁଫାନ୍ ଘାରକେର୍ ଚମଇନ୍ ଉଲ୍‌ଟାଏ ଫେକେଲ୍ ।

ଓ- ଓଡ଼ିଶୀ - ଓଡ଼ିଶୀ ନୃତ୍ୟ ବିଶ୍ୱ ଦରବାରରେ ଆଦର ପାଇଛି ।

ସା- ଓଡିଶୀ - ଓଡିଶୀ ନାଚ ଦୁନିଆମେ ଆଦାର ପାଏହେ ।

ଓ- ଓହଳି - ଯାନବାହନରେ ଓହଳି ଯାତ୍ରା କରିବା ବିପଦପୂର୍ଣ୍ଣ ଅଟେ ।

ସା- ଗାଡିମୋଟାରମେ - ଗାଡିମୋଟାରମେ ଝୁଲଲକେ ଯାଏକ୍ ବିପେଇତ୍ ହେକେ ।

## 'ଔ'

ଓ- ଔଷଧ - ଡାକ୍ତର ପରାମର୍ଶରେ ଔଷଧ ସେବନ ନିରାପଦ ଅଟେ ।

ସା- ଦାୱାଇ - ଡ଼ାକ୍ତାର୍‌କେର୍ କାହାଲ୍ ହିସାବ ସେ ଦାୱାଇ ଖାଏକ୍ ବେସ ହେକେ ।

ଓ- ଔଷଧ - ଔଷଧ କିଣିବା ପାଇଁ ଗରିବ ଲୋକଙ୍କ ପାଖରେ ପଇସା ନଥାଏ ।

ସା- ଦାୱାଇ - ଦାୱାଇ କିନେକ୍‌ଲେ ଗାରିବ ଆଦିମଠିନା ପାଇସା ନିରାହେଲ ।

ଓ- କଳିଆ - ଶ୍ରେଣୀରେ କଳିଆ କର ନାହିଁ ।

ସା- - କ୍ଲାସମେ ଝାଗଡ଼ା ନା କାରା ।

## 'କ'

ଓ- କଳି - କଳିରୁ ଶାନ୍ତି ହଜିଯାଏ ।

ସା- ଝାଗଡ଼ା - ଝାଗଡ଼ା ସେ ଶାନ୍ତି ହେରାଏଜାଏଲ୍ ।

ଓ- କଥାଭାଷା - ଆମ କଥା ଭାଷା ସ୍ୱାଦ ଯୁକ୍ତ ହେବା ଉଚିତ୍ ।

ସା-ଗୋଇଠ୍‌ବାତ୍ - ହାମାର ଗୋଇଠ୍‌ବାତ ମିଠାସ୍ ହୋଏକ ଚାହି ।

ଓ- କରୁଣ - ଦୁଃଖି ଲୋକର କରୁଣ କନ୍ଦନ ଈଶ୍ୱର ଶୁଣନ୍ତି ।

ସା- - ଦୁଃଖି ଆଦମିକେର ଦୁଃଖ୍‌ଭାରାଲ କାନ୍ଦେଖ୍ ଇଶ୍ୱାର ଶୁନେନ୍ ।

ଓ- କମ୍ପାଉଣ୍ଡର - ଡାକ୍ତରଖାନାରେ କମ୍ପାଉଣ୍ଡର ଔଷଧ ଦିଅନ୍ତି ।

ସା- କମ୍ପାଉଣ୍ଡର - ଡ଼ାକ୍ତାର୍‌ଖାନା ମେ କମ୍ପାଉଣ୍ଡର୍ ଦାୱାଇ ଦେୱେନ୍ ।

ଓ- କର୍ମଚାରୀ - କର୍ମଚାରୀ ନିଜ କର୍ତ୍ତବ୍ୟରେ ବିଶ୍ୱସ୍ତ ହେବା ଉଚିତ୍ ।

ସା- କାମାଇୟାଁ - ଆପାନ୍ କାମ୍‌ମେଁ ବିଶ୍ୱାସି ହୋଏକ୍ ଚାହି ।

ଓ- କରଇ - ମୁଁ ନିତି ସକାଳେ ପ୍ରାର୍ଥନା କରଇ ।

ସା- କାରନ୍ - ମୋଏଁ ସୋବ୍ ଦିନ୍ ବିହାନେ ପ୍ରାର୍ଥନା କାରନ୍ ।

ଓ- କଷଣ - କଷଣ ସହିବା ବୁଦ୍ଧିମାନର କାମ ଅଟେ ।

ସା- - ତାଫଲିକ ସାହେକ ବୁଦ୍ଧିମାନକେର କାମ ହେକେ ।

ଓ- କର୍ଣ୍ଣ - କର୍ଣ୍ଣ ଦ୍ୱାରା ଶ୍ରବଣ ହୁଅଇ ।

ସା- କାନ୍ - କାନ୍ କେର୍ ସାହେତାସେ ସୁନେକ୍ ପାରିଲ୍ ।

ଓ- କଇଁଚି - କଇଁଚିରେ ବାଳ କଟା ଯାଏ ।

ସା- କାଇଁଚି - କାଇଁଚି ସେ କେଁଶ୍ କାଟାଲ୍ ଯାଏଲ୍ ।

ଓ- କଇଁଛ - ଗହୀରମଥା କଇଁଛଙ୍କ ପ୍ରଜନନ କେନ୍ଦ୍ର ଅଟେ ।

ସା- - ଗାହିରମଥା କାଛୁଆମାନକେର ଜନ୍ମାଏକ୍ ଠାଅଁ ହେକେ ।

ଓ- କଂଟା - ଗୋଲାପ ଗଛରେ କଂଟା ଥାଏ ।

ସା- କାଁଟା - ଗୋଲାପ୍ ଗାଛମେ କାଁଟା ରାହେଲ୍ ।

ଓ- କଦଳୀ - କଦଳୀ ଏକ ସୁଆଦିଆ ଫଳ ଅଟେ ।

ସା- କଦେଲ୍ - କେରା ଗୋଟେକ୍ ମୁରୁଆ ଫାଲ୍ ହେକେ ।

ଓ- କମଳା - କମଳାରୁ ଫଳ ରସ ପ୍ରସ୍ତୁତ କରାଯାଏ ।

ସା- - ସାନ୍ତାରାସେ ଫାଲରାସ ବାନାଲ୍ ଯାଏଲ୍ ।

ଓ- କଂଚା - କଂଚା କାଠ ସହଜରେ ଜଳେ ନାହିଁ ।

ସା- କାଁଚା - କାଁଚ୍ କାଠି ଦାଓଲେ ନି ବାରେଲ୍ ।

ଓ- କଲବଲ - ଭିକାରୀଟି କଲବଲ ହୋଇ ଅନାଇଛି ।

ସା- - ଭିଖ୍ମାଙ୍ଗା ଗୋ ଗୋରପରାଲେ ଦେଖାଥେ ।

ଓ- କପୋତି - କପୋତି ଚିତ୍ର ବିଚିତ୍ର ଅଣ୍ଡା ଦିଏ ।

ସା- କାପୁ - ପାଁଡ୍କି ରାଙ୍ଗ୍ବିରାଙ୍ଗ୍ ଆଁଡା ଦେଓ୍ୱେଲ୍ ।

ଓ- କପୋତ - କପୋତ ଶାନ୍ତିର ପ୍ରତୀକ ଅଟେ ।

ସା- କାବୁତାର୍ / ପାରା- ପେରୱାଁ ଶାନ୍ତି କେର୍ ନାମୁନା ହେକେ ।

ଓ- କମ୍ପନ - ଘଂଟିକୁ ଆଘାତ କଲେ କମ୍ପନ ସୃଷ୍ଟି ହୁଏ ।

ସା- - ଘାଣ୍ଟିକେ ଠିକ୍ଲେ ବାଜେଲା ।

| | | | |
|---|---|---|---|
| ଓ- | କମ୍ | - | କମ ବୃଷ୍ଟିପାତରେ ଭଲ ଫସଲ ହୁଏନାହିଁ । |
| ସା- | କାମ୍ | - | କାମ୍ ବାରିଷ୍‌ମେ ଖେତି ବେଶ ନି ହୋଓ୍ୱେଲ୍ । |
| ଓ- | କମ୍ବଳ | - | କମ୍ବଳ ଘୋଡାଇ ହେଲେ ଶୀତରୁ ରକ୍ଷା ମିଳେ । |
| ସା- | | - | କାମ୍ବାଲ ଓଡ୍‌ଲେ ଠାଁହଣାସେ ଆରାମ ମିଲେଲା । |
| ଓ- | କଣେଇ | - | ପ୍ଲାଷ୍ଟିକ୍ କଣେଇ ଭଙ୍ଗୁର ନୁହେଁ । |
| ସା- | | - | ପ୍ଲାଷ୍ଟିକ ଖେଲୋନା ନିଟୁଟେଲା । |
| ଓ- | କର | - | ଛୋଟ ବେଳୁ ଚରିତ୍ର ଗଠନ କର । |
| ସା- | | - | ଛୋଟେ ସେ ବେଶ୍ ଚାଲଲ୍ ଚାଲାନ୍ ବାନାଓ୍ୱା |
| ଓ- | କଢ | - | କଢ ଫୁଟି ଫୁଲ ହୁଏ । |
| ସା- | | - | କୋଢ ଫୁଟଲେ ଫୁଲ ହଏଲ । |
| ଓ- | କଟିବା | - | ବହୁଦିନ ଅନୁପସ୍ଥିତ ରହିଲେ ନାମ କଟିବା ସମ୍ଭାବନା ଥାଏ । |
| ସା- | | - | ବାଗରା ଦିନ ଗାଏରହାଜିରି ରାହଲେ ନାଅଁ କାଇଟ ଯାଏକ୍ ସମ୍ଭାବନାରାହେଲ । |
| ଓ- | କଳା | - | ଆମର ଗୋଟିଏ କଳା ଗାଈ ଅଛି । |
| ସା- | କାଲା | - | ହାମାର୍ ଗୋଟେକ୍ କାରିଆ ଗାଏ ଆହେ । |
| ଓ- | କବାଟ | - | ଲୋକେ ରାତିରେ କବାଟ ବନ୍ଦ କରି ଘରେ ଶୁଅନ୍ତି । |
| ସା- | ଦୁରା | - | ଆଦମି ମାନ୍ ରାଇତେ ଦୁରା ବାନ୍ଦ୍ କାଇର୍‌କେ ସୁତେନା । |
| ଓ- | କଟୁରୀ | - | କଟୁରୀରେ ଘାସ ବୁଦା ଇତ୍ୟାଦି ସଫା କରାଯାଏ । |
| ସା- | ଆଉଲି | - | ଦାଉଲି ସେ ଘାଁସ୍ ବୁଦା ମାନକେ ସାଫା କାରାଲ୍‌ଯାଏଲ୍ । |
| ଓ- | କଲମ | - | କଲମ ଲେଖା ଗୁଡିକ ଦୀର୍ଘ ସ୍ଥାୟୀ ହୁଏ । |
| ସା- | | - | କାଲମାକେର ଲିଖାଲ ବାଗରାଦିନ ରାହେଲ । |

| | | |
|---|---|---|
| ଓ- | କର | - ପିତା ମାତାଙ୍କର ସମାଦର କର । |
| ସା- | କାରା | - ଆବା ଆୟାକେ ପୁରହେ ଦୁଲାର୍ କାରା । |
| ଓ- | କହି | - ଜେଜେମା ଗପ କହି ଆମକୁ ଶୁଆନ୍ତି । |
| ସା- | କାହିକେ | - ନାନି ଆୟୋ କାଥାନୀ କାହିକେ ହାମ୍‌କେ ସୁତାଏଦେଲ୍ । |
| ଓ- | କଢ଼ି | - କଢ଼ିରୁ ଫୁଲ ଫୁଟେ । |
| ସା- | କୋଢ଼ | - କୋଢ଼ ସେ ଫୁଲ୍ ଫୁଟେଲ୍ । |
| ଓ- | କଥନ | - କଥନ ଦ୍ୱାରା ଭାବ ପ୍ରକାଶ କରାଯାଏ । |
| ସା- | | - ବାତ୍‌ଚିତ୍ ସେ ଆଦାନପ୍ରାଦାନ କାରାଲଯାଏଲ । |
| ଓ- | କମ୍ପ | - ଘଡଘଡି ଶବ୍ଦରେ ମେଦିନୀ କମ୍ପ ଉଠେ । |
| ସା- | | - ବାଦ୍‌ରି ଘିଡ୍‌କା ସେ ଧାରତୀ ଥାର୍ ଥାରାଏଲ୍ । |
| ଓ- | କଣ୍ଠ | - ମଧୁର କଣ୍ଠରେ ସଙ୍ଗିତ ଗାନ କର । |
| ସା- | | - ମିଠା ସୋର ଗିତ୍ ଗାଓ୍ୱା |
| ଓ- | କଡରେ | - ରାସ୍ତା କଡରେ ମଳ ତ୍ୟାଗ ଅନୁଚିତ୍ । |
| ସା- | | - ଡାହାର କିନାରେ ଝାଡାକାରେକ ବେଶ୍‌ଚିତ ଗଲାନେ |
| ଓ- | କଳିକଜିଆ | - ମୁର୍ଖ ଲୋକେ କଳିକଜିଆ କରିଥାନ୍ତି । |
| ସା- | | - ନିର୍ବୁଦ୍ଧିଆମାନ ଝାଗଡା କରେନା । |
| ଓ- | କଲରା | - କଲରା ଏକ ହିତକାରୀ ଖାଦ୍ୟ ଅଟେ । |
| ସା- | କାରେଲା - | କାରେଲା / କାରଲା ଗୋଟେକ୍ ବେଶ୍ ଖାଏକ୍ ହେକେ । |
| ଓ- | କପଡା | - ଶୀତ ଦିନେ ଗରମ କପଡା ଆବଶ୍ୟକ । |
| ସା- | | - ଠାହଣାଁ ଦିନ୍‌ମେ ଗାରାମ ଲୁଗା ଜରୁରୀ ଆହେ । |
| ଓ- | କମିବା | - ଶରୀରରେ ଜଳ ଅଂଶ କମିବା ଅନୁଚିତ୍ । |
| ସା- | | - ଗାତ୍‌ରାମେ ପାନି ଅଂଶ ନିକାମେକ ଚାହି । |

| | | | |
|---|---|---|---|
| ଓ- | କାବା | - | ସର୍କସରେ ହାତୀ ଦେଖି ପିଲାଟି କାବା ହୋଇଗଲା । |
| ସା- | | - | ସାରକାସ୍‌ମେ ହାତୀ ଦେଇଖିକେ ଛାଓ୍ଵାଠୁ ଭାକୁଓ୍ଵାଏ ଗେଲାକ । |
| ଓ- | କାଳକାଳ | - | ଦେଶ ପାଇଁ ପ୍ରାଣବଳି କାଳ କାଳ ସ୍ମରଣୀୟ ହୋଇ ରହେ । |
| ସା- | | - | ଦେଶଲାଗିନ ଜୀଓ୍ଵାନଦାନ୍ ହାରଦିନଲେ ୟାଇଦ ରାହଲେ । |
| ଓ- | କାଉ | - | କାଉ କାକା ବୋଲି ରଡି ଛାଡେ । |
| ସା- | | - | କାଓ୍ଵା କାକା କାଇରକେ ଚିର୍‌ଲାଏଲା । |
| ଓ- | କାଳ | - | ଆଜିକାଲିର କାଳ ଅତ୍ୟନ୍ତ ମନ୍ଦ ଅଟେ । |
| ସା- | | - | ଆଇଜ କାଇଲକେର ସମୟ ବହୁତେ ଖାରାପ ହେକେ । |
| ଓ- | ଖରା | - | ଗ୍ରୀଷ୍ମ ଋତୁରେ ଟାଣ ଖରା ହୁଏ । |
| ସା- | ରାଉଦ୍ | - | ଜେଠ୍ ମାହିନା ଜୋର୍ ରାଉଦ୍ ହୋଏଲ । |
| ଓ- | କାରଣ | - | ରବି ଏ ବର୍ଷ ଫେଲ୍ ହେଲା କାରଣ ସେ ମନଦେଇ ପଢ଼ିନଥିଲା । |
| ସା- | | - | ରୁବି ଇସ୍ସାଲ୍ ଫେଲ ହୋଲାକ କାରନ୍ ଉ ମାନଧେୟାନ ସେ ନି ପାଇଡାରାହେ । |
| ଓ- | କଳାହାଣ୍ଡିଆ | - | କଳାହାଣ୍ଡିଆ ମେଘ ଦେଖି ମୟୂର ଖୁସି ହୁଏ । |
| ସା- | | - | କାରିୟାବାଦରି ଦେଇଖିକେ ମିଞ୍ଜୁର ଖୁସ୍ ହୋଏଲ । |
| ଓ- | କାଠହଣା | - | କାଠ ହଣା ଚଢ଼େଇ କାଠ ଭିତର ପୋକ ଖୋଳି ଖାଏ । |
| ସା- | | - | କାଠି କାଟା ଚାରେଇ କାଠି ଭିତରେ କେର ପିଲୁଆକେ ନିକ୍‌ଲାଏକେ ଖାଏଲ |
| ଓ- | କାମନା | - | ପିତାମାତା ପୁତ୍ର କନ୍ୟା ମାନଙ୍କ ମଙ୍ଗଳକାମନା କରନ୍ତି । |
| ସା- | | - | ଆବା ଆୟା ବେଟାବେଟୀ ମାନକେର ସାଫଲ୍ତା ସୋଚେନ । |
| ଓ- | କାର୍ଯ୍ୟ | - | କୃଷି କାର୍ଯ୍ୟକରି ରମା ପରିବାର ଚଳାଏ । |
| ସା- | କାମ୍ | - | କ୍ଷେତି କାମ୍ କାଇର୍‌କେ ରମା ପାରିବାର୍ ଚଲାଏ୍‌ଲ । |

| | | | |
|---|---|---|---|
| ଓ- | କାନ୍ଧ | - | କାଠୁରିଆ କାନ୍ଧରେ କାଠ ବୋହି ନିଏ । |
| ସା- | ଖାନ୍ଧ୍ | - | କାଠୁରିଆ ଖାନ୍ଧ୍‌ମେ ବୁହିକେ କାଠି ଲେଗେଲ୍ । |
| ଓ- | କାଠ | - | ସାଗୁଆନ ଏକ ଶକ୍ତ ଅଥଚ ହାଲୁକା କାଠ । |
| ସା- | | - | ସାଗୁଆନ ଏକ ମଜଭୂତ ଲେକିନ ହାଲକା କାଠି । |
| ଓ- | କାହିଁକି | - | ଭୂମିକମ୍ପ କାହିଁକି ହୁଏ ତାର କାରଣ ଜାଣକି ? |
| ସା- | | - | ଭୂକାମ୍ପ କାଲେ ହଏଲ ଉକାର କାରଣ ଜାଇନହା କି ? |
| ଓ- | କାମୁଡିବା | - | କୁକୁର କାମୁଡିବା ବିପଦ ପୂର୍ଣ୍ଣ ଅଟେ । |
| ସା- | ଘବେକ୍ | - | କୁକୁର୍ ଘବେକ୍ ବିପାତିସେ ଭାରାଲ୍ ହେକେ । |
| ଓ- | କାଣ୍ଡ | - | ଗଛର କାଣ୍ଡରୁ ଶାଖା ବାହାରେ । |
| ସା- | ପେଡ୍ | - | ଗାଛକେର୍ ଡ଼ାଇର୍‌ସେ ଡ଼ାଇର୍ ନିକ୍‌ଲେଲ୍ । |
| ଓ- | କାଇଁଚ | - | କାଇଁଚ ମାଳି ଭାରି ସୁନ୍ଦର ଦିଶେ । |
| ସା- | ଠୁଡୁଫୁଲ୍ | - | ଗୁଞ୍ଜ ମାଲା ବେଶ୍ ସୁନ୍ଦାର୍ ଦିଶେଲ୍ । |
| ଓ- | କାନ | - | କାନରେ ଆମେ ଶୁଣିପାରୁ । |
| ସା- | | - | କାନସେ ହାମରେ ଶୁନିଲ । |
| ଓ- | କାଛୁକୁଣ୍ଡିଆ | - | ଅପରିଷ୍କାର ରହିଲେ କାଛୁକୁଣ୍ଡିଆ ରୋଗ ହୁଏ । |
| ସା- | | - | ମାଇଲା ରାହଲେ ଖାସୁ ଖୁଜରୀ ବେମାରି ହଏଲ । |
| ଓ- | କାଳ୍ପନିକ | - | କାରଗିଲ ଯୁଦ୍ଧ ଏକ କାଳ୍ପନିକ କାହାଣୀ ନୁହେଁ । |
| ସା- | | - | କାରଗିଲ ଲାଡାଇ ଏକ ସଚାଲ କାହାନୀ ନାଲାୟ । |
| ଓ- | କାରିଗର | - | କାରିଗର ମାନେ ସୂକ୍ଷ୍ମ କାରୁକାର୍ଯ୍ୟ କରନ୍ତି । |
| ସା- | ରାଜମିସ୍ତ୍ରୀ | - | ରାଜମିସ୍ତ୍ରୀମାନେ ଛୋଟଛୋଟ ସୁନ୍ଦାର କାମ କାରେନ । |
| ଓ- | କାଙ୍କଡ଼ା | - | ମାଙ୍କଡ଼ କାଙ୍କଡ଼ ଖାଏ । |
| ସା- | କୋକୋର୍‌ଲୋ | - | ବାନ୍ଦ୍ରା କୋକୋର୍‌ଲେ ଖାଏଲ୍ । |

ଓ- କାଠଗୋଲି - କାଠଗୋଲି ହାଲୁକା ଲାଗେ ।

ସା- - କାଠିଗୋଲି ହାଲ୍‌କା ଲାଗେଲା ।

ଓ- କାକୁଡ଼ି - ଖରାଦିନେ କାକୁଡ଼ି ଖାଇବା ଭଲ ।

ସା- ଖିରା - ରାଉଦ୍ ଦିନେ ଖିରା ଖାଇକ୍ ବେଶ୍ ହେଇକେ ।

ଓ- କାମ - ରୋଗୀ ସେବା କରିବା ଏକ ମହତ କାମ ।

ସା- - ବେମାରୀ ସେବା କାରକ୍ ଏକ ଅଛା କାମ ହେକେ ।

ଓ- କାଠିକୁଟା - ବର୍ଷା ଜଳରେ କାଠିକୁଟା ଭାସିଯାଏ ।

ସା- - ବାରିଷପାନିମେ କାଠି ଝାଟି ବହାଏ ଜାଏଲା ।

ଓ- କାତି - ପରିବା କାଟିବା ପାଇଁ କାତିଟିଏ ଆବଶ୍ୟକ ।

ସା- ଚୁରି / ବାଇଠ - ସାଗ କାଟେକ୍ ଲାଗିନ୍ ଛୁରି / ବାଇଁଠି ଦାରକାର ।

ଓ- କାଖ - ବୁଢ଼ାଟି ଛତା କାଖରେ ଜାକି ଯାଉଛି ।

ସା- - ବୁଢ଼ାଠୁ ଖାଁଖମେ ଛାତାଜାଇତ୍ କେ ଯାଆଥେ ।

ଓ- କାନଫୁଲ - ଝିଅମାନେ ସୁନାର କାନଫୁଲ ପିନ୍ଧନ୍ତି ।

ସା- - ଛୌଁଡ଼ିମାନ ସୋନାକେର ଲୋଲା ପିନ୍ଧେନା ।

ଓ- କାହାଣୀ - ଜେଜେମା ମୋତେ କାହାଣୀ କହି ସୁଆଇ ଦିଅନ୍ତି ।

ସା- - ନାନୀମୋକେ କାଥନୀ କାହିକେ ସୁତାଏ ଦେଓ୍ୱଲ ।

ଓ- କାଗଜ - କାଗଜରେ ବହି ତିଆରି ହୁଏ ।

ସା- - କାଗଜ୍‌ସେ ପୁଥି ବାନେଲା ।

ଓ- କାର୍ଡ - କାର୍ଡରେ ଚିଠି ଲେଖି ପଠାଯାଏ ।

ସା- - କାର୍ଡମେ ଚିଠି ଲିଖାଲା ଜାଏଲା ।

ଓ- କାନକୁ - ମନ୍ଦ ଭାଷା କାନକୁ ଭଲ ଶୁଭେ ନାହିଁ ।

ସା- - ଖାରାପ ଭାଷା କାନଲେ ବେଶ୍ ନି ଶୁନାଏଲା ।

| | | | |
|---|---|---|---|
| ଓ- | କାମୁଡି | - | କୁକୁର ହାତଟିଏ କାମୁଡି ଧାଇଁଗଲା । |
| ସା- | | - | କୁକୁର ଗୋଟେକ ହାତ ଚାଇବକେ ଭାଗଲାକ୍ । |
| ଓ- | କାଦୁଅ | - | ରାସ୍ତାଟି କାଦୁଅ ହୋଇଛି । |
| ସା- | କାଦୋ | - | ଡ଼ାହାର୍ ଗୋ କାଦୋ ହୋଇଯାହେ । |
| ଓ- | କାନ୍ଦୁଲ | - | ଆଦିବାସୀ ମାନେ ଜଙ୍ଗଲ କାଟି କାନ୍ଦୁଲ ଚାଷ କରନ୍ତି । |
| ସା- | | - | ଆଦିବାସୀ ମାନ ଜାଙ୍ଗାଲ କାଇଟକେ ରାହାଳି ଖେତି କାରେନ୍ । |
| ଓ- | କାଡିବା | - | କୂଅରୁ ପାଣି କାଡିବା ପାଇଁ ଅରଟ ଲାଗିଥାଏ । |
| ସା- | | - | କୁଆଁସେ ପାନି ନିକ୍‌ଲାଏକ୍‌ଲେ ପୂଲୀ ଲାଇଗ୍‌ରାହେଲ । |
| ଓ- | କାମରେ | - | ଚିରା କନା ବେଳେ ବେଳେ କାମରେ ଲାଗେ । |
| ସା- | | - | ଫାଟାଲ ଲୁଗା ଏକେକ୍ ବେର କାମ ମେ ଲାଗେଲ । |
| ଓ- | କିକି | - | ନନ୍ଦନ କାନନରେ କି କି ପ୍ରାଣୀ ରହିଛନ୍ତି । |
| ସା- | କାକା | - | ନନ୍ଦନ୍ କାନନ୍‌ମେ କାକା ଜାନ୍ତୁ ଆହାଏଁ । |
| ଓ- | କିଚିରିମିଚିରି | - | ନୀଡ ଭିତରେ ପକ୍ଷୀ ଛୁଆ କିଚିରିମିଚିରି ହୁଅନ୍ତି । |
| ସା- | | - | ଖୋତାମେ ଚାରୋଇ ଛାଓ୍ବା କିଚିର ମିଚିର ହଏଲ । |
| ଓ- | କିଆରି | - | ଧାନ ତଳି ଓପାଡି କିଆରିଲେ ଲଗାଯାଏ । |
| ସା- | | - | ଧାନବିଡା ଉଖ୍‌ରା ଏକେ ଖେତ୍‌ମେ ରପାଲ୍ ଯାଏଲ । |
| ଓ- | କିପରି | - | ଜଳ କିପରି ବାଷ୍ପ ହୁଏ ପରୀକ୍ଷା କରି ଦେଖ । |
| ସା- | କାଇସାନ୍ | - | ପାନି କାଇସାନ୍ ଭାଁପ୍ ହୋଏଲ୍ ପାରିଖ୍ଛା କାଇର୍‌କେ ଦେଖା । |
| ଓ- | କିଏ | - | କିଏ ପରିବାର ଚଳାନ୍ତି । |
| ସା- | କେହାର୍ | - | କେହାର୍ ପାରଓ୍ବାର୍ ଚ୍ଲାଏଲ ? |

| | | | |
|---|---|---|---|
| ଓ- | କୀର୍ତି | - | ଐତିହାସିକ କୀର୍ତି ବହୁମୂଲ୍ୟ ସମ୍ପଦ ଅଟେ । |
| ସା- | | - | ପୁରାନାଃ ନମୁନା ଆନକୋଲ ସମ୍ପତ୍ତି ହେକେ । |
| ଓ- | କ୍ରିୟା | - | ମହାତ୍ମାଗାନ୍ଧିଙ୍କ କ୍ରିୟା ଅବିସ୍ମରଣୀୟ ଅଟେ । |
| ସା- | | - | ମାହାତ୍ମାଗାନ୍ଧି କେର କାମ ନିବ୍‌ସ୍‌ରା ଏକଓ୍ୱାଲାଅ ହେକେ । |
| ଓ- | କୁକୁଡ଼ା | - | କୁକୁଡ଼ା ଚାଷରେ ବହୁତ ଲାଭ ମିଳିଥାଏ । |
| ସା- | ମୁର୍ଗି | - | ମୁର୍ଗି ପୋଶେକ୍ ମେ ବାଗ୍‌ରା ଲାଭ୍ ମିଲେଲା । |
| ଓ- | କୁକୁର | - | କୁକୁର ଘର ଜଗେ । |
| ସା- | କୁକୁର୍ | - | କୁକୁର୍ ଘାର୍ ଅଗ୍‌ରେଲା । |
| ଓ- | କୁରୁଳି | - | ମାମୁଁ ଘରକୁ ଯିବାକୁ ପିଲେ କୁରୁଳି ଉଠନ୍ତି । |
| ସା- | | - | ମାମୁଁ ଘାର୍ ଜାଏକଲେ ଛାଓ୍ୱାମାନ ଝାଟସେ ଢେଆଟ ହୋଓ୍ୱେନ୍ । |
| ଓ- | କୁଲା | - | କୁଲା ସାହାଯ୍ୟରେ ଧାନ ପାଛୁଆ ଯାଏ । |
| ସା- | ସୁପ୍ | - | ସୁପ୍‌କେର୍ ସାହେତା ସେ ଧାନ୍ ପାଛ୍‌ରାଲ୍ ଜାଏଲ୍ । |
| ଓ- | କୁଠାର | - | କୁଠାରରେ ଛୋଟ ଡାଳ କଟାଯାଏ । |
| ସା- | | - | ଟାଙ୍ଗିଆମେ ଛୋଟେ ଡାଇର କାଟାଲଯାଏଲ । |
| ଓ- | କୁମ୍ଭୀର | - | କୁମ୍ଭୀର ଏକ ଭୟଙ୍କର ପ୍ରାଣୀ ଅଟେ । |
| ସା- | | - | ଟାଟାସ୍ ଏକ ଭୟାନାକ ଜାଉଁତ୍ ହେକେ । |
| ଓ- | କୁସୁମ | - | ଗୋଲାପ କୁସୁମର ସୁଗନ୍ଧ ଖୁବ୍ ଭଲ ଲାଗେ । |
| ସା- | | - | ଗୋଲାପ ଫୁଲକେର ମାହାକ୍ ବାହୁତ ବେଶ୍ ଲାଗେଲ । |
| ଓ- | କୁଦା | - | ହରିଣଟି ଏକା କୁଦାରେ ନାଳ ଡେଇଁଲା । |
| ସା- | | - | ହାରିନଠୁ ଏକେ କୁଦେକ୍ ମେ ନାଲା ଡେଗଲାକ । |
| ଓ- | କୁମ୍ଭ କଳସ | - | କୁମ୍ଭ କଳସରେ ଜଳ ଭରି ପୂଜାକୁ ନିଆଯାଏ । |
| ସା- | | - | ମାଟି ଚୁକାଃ ପାନି ଭାଇରକେ ପୂଜାଲେ ଲେଗାଲଯାଏଲ୍ |

| | | | |
|---|---|---|---|
| ଓ- | କୂଳ | - | ବନ୍ୟା ବେଳେ ନଈ କୂଳ ଭାଙ୍ଗି ଯାଏ । |
| ସା- | କିନାରା | - | ବାଇଢ ସାମାଯ୍ ମେ ନାଦୀ କିନାର୍ ଧୋଓ୍ୱାଏ ଯାଏଲ୍ । |
| ଓ- | କୁଳୁକୁଳୁ | - | ଝରଣାର କୁଳୁକୁଳୁ ଶବ୍ଦ ମନ ମୋହି ନିଏ । |
| ସା- | | - | ଝାରନାକେର ଖୁଳଖୁଳ ଶବ୍ଦ ମାନ ମୋହାଏଲା । |
| ଓ- | କୁଟୁମ୍ବ | - | ମନୁଷ୍ୟ କୁଟୁମ୍ବ ନେଇ ବଚେଂଞ୍ଚ । |
| ସା- | ପାରିବାର୍ | - | ମାନୁଷ ପାରିଓ୍ୱାର୍ ଲେଇକେ ଜୀୟେଲ୍ । |
| ଓ- | କୁଣ୍ଡା | - | କୁଣ୍ଡାରୁ ଏକ ପ୍ରକାର ତେଲ ବାହାରେ । |
| ସା- | | - | ଭୂଷାସେ ଏକ ରାକମ୍ କେର ତେଲ୍ ନିକ୍‌ଲେଲା । |
| ଓ- | କୁଣ୍ଡାଇବା | - | ଘା କୁଣ୍ଡାଇବା ଅନୁଚିତ୍ । |
| ସା- | ଖାଜୁଆଏକ୍ | - | ଘାଓକେ ଖାଜୁଆଏକ୍ ନି ଚହି । |
| ଓ- | କୁତୁକୁତୁ | - | କାଖ ତଳ ଛୁଁଇଁଲେ କୁତୁକୁତୁ ଲାଗେ । |
| ସା- | ଗୁତୁଗୁତୁ | - | ଗୋଡି ନିଚେ ଛୁଇଁଲେ ଗୁତୁଗୁତୁ ଲାଗେଲ୍ । |
| ଓ- | କୁଣିଆ | - | ଆମେ କୁଣିଆ ବ୍ୟକ୍ତିକୁ ଶ୍ରଦ୍ଧା କରୁ । |
| ସା- | ଗୁଡିଆ | - | ହାମେ ଗୁଡିଆ ଆଓ୍ୱାଲ୍ ଆଦ୍‌ମିକେ ମାଇନ୍ କାରିଲ୍ । |
| ଓ- | କୁହୁଡି | - | ଶୀତ ଋତୁରେ ସକାଳେ କୁହୁଡି ଦେଖାଯାଏ । |
| ସା- | କୁଆସ୍/ କୁହୁଡ଼ି | - | ଜାଡ ମାହିନା ବିହାନେ କୁଆସ୍ / କୁହୁଡ଼ି ଦିଶେଲ୍ । |
| ଓ- | କୃଷି | - | ଆମ ବାପା କୃଷି କର୍ମ କରନ୍ତି । |
| ସା- | | - | ହାମାର ଆବା କ୍ଷେତି କାରେନ୍. |
| ଓ- | କୃଷକ | - | କୃଷକ ଦେଶବାସୀଙ୍କୁ ଖାଦ୍ୟ ଯୋଗାନ୍ତି । |
| ସା- | | - | କ୍ଷେତିଆର ଦେଶବାସୀକେ ଆନାଜ ଯୋଗାଏନ୍ । |

ଓ- କେଉଁ - ସୂର୍ଯ୍ୟ କେଉଁ ଦିଗରୁ ଉଦୟ ହୁଏ ?

ସା- କୋନ୍ - କେଇର୍ କୋନ୍ ଦିଶାମେ ଉଗେଲ୍ ?

ଓ- କେଁ କଟର - ସଂନ୍ଧ୍ୟାବେଳେ ପକ୍ଷୀମାନେ କେଁକଟର ହୁଅନ୍ତି ।

ସା- - ସାଞ୍ଜବେରା କେସରତୁବା ଟେରେଟେରେ ହୋଓ୍ୱେନ ।

ଓ- କେଉଁଥିରେ - ଆଲକାତରା କେଉଁଥିରେ ତିଆରି ହୁଏ ?

ସା- - ଆଲକାତରା କାମେ ବାନେଲା ?

ଓ- କେଉଁଠାରୁ - ମହାନଦୀ କେଉଁଠାରୁ ବାହାରିଛି ?

ସା- କୋନ୍ ଠାନ୍‌ଲେକ୍- ମହାନାଦୀ କୋନ ଠିନାସେ ନକେଲ୍ ?

ଓ- କେଉଁଠି - ଆମ ରାଜ୍ୟରେ କେଉଁଠି କୋଇଲା ମିଳେ ?

ସା- କୋନ୍‌ଠାନ୍ - ହାମାର୍ ରାଇଜ୍ ମେ କୋନଠାନେ କୁଇଲା ମିଲେଲ୍ ?

ଓ- କେମିତି - ମଂଜିରୁ ଗଜା ବାହାରେ କେମିତି ?

ସା- କାଇସାନ୍ - ମାଞ୍ଜିସେ ସିରଜାନ କାଇସାନ୍ ବାହାନିକ୍‌ଲେଲା ?

ଓ- କେତେବେଳେ- ତୁମ ବିଦ୍ୟାଳୟ କେତେବେଳେ ଖୋଲେ ?

ସା- କାତେଖାନ୍ - ତୋହାର୍ ସ୍କୁଲ୍ କେତ୍‌ନାବେରା ଖୋଲେଲ୍ ?

ଓ- କେତୋଟି - ଆମ ରାଜ୍ୟରେ କେତୋଟି ଜିଲ୍ଲା ରହିଛି ?

ସା- କାଏଠୁ - ହାମାର୍ ରାଇଜ୍‌ମେ କାଏଠୁ ଜିଲ୍ଲା ଆହେ ?

ଓ- କେଉଁମାନେ - କେଉଁମାନେ ଭୋଟ ଦେବାକୁ ଯୋଗ୍ୟ ଅଟନ୍ତି ?

ସା- କୋନ୍‌ମାନେ - କୋନମାନ ଭୋଟ୍ ଦେକ୍‌ଲାଗିନ୍ ଲାଏକ୍ ହେକାଏଁ ?

ଓ- କେତେ - ପୃଥିବୀ ଠାରୁ ସୂର୍ଯ୍ୟର ଦୂରତା କେତେ ?

ସା- କିତ୍‌ନା - ଧାରତି ସେ ସୁରାଜ୍ କେଇର୍ କେର୍ ଦୂରତା କିତ୍‌ନା ?

ଓ- କେବେ - ବସନ୍ତ ଋତୁ କେବେ ଆସେ ।

ସା- କାହିଆ - ବାସାନ୍ତ ମାହିନା କାହିଆ ଆଓ୍ୱେଲ୍ ?

| | | | |
|---|---|---|---|
| ଓ- | କେଉଁଠିକି | - | ଆମ ଶାଲୁଙ୍କି ନଦୀ କେଉଁଠିକି ବହିଯାଏ । |
| ସା- | | - | ହାମାର ଶାଲୁଙ୍କିନାଦୀ କାହାଁ ବୋହାଏଲ୍ । |
| ଓ- | କେଶର | - | ଅଣ୍ଡା କେଶରର ରଙ୍ଗ ହଳଦିଆ ଅଟେ । |
| ସା- | | - | ଆଣାଁ କେଶର କେ ରାଙ୍ଗ୍ ହାର୍‌ଦିଆର ହେକେ । |
| ଓ- | କୋଟି | .- | ଶହେ ଲକ୍ଷରେ ଏକ କୋଟି ହୁଏ । |
| ସା- | | - | ଏକଶାଓ ଲାକ୍ଷ୍ ମେ ଏକ କାରୋଟି ହୋଓ୍ୱେଲ । |
| ଓ- | କୋଣ | - | ପିଲାଟି ଘର କୋଣରେ ଲୁଚିଛି । |
| ସା- | କୋନା | - | ଛୋଣାଁଗୋ ଘାର୍ କୋନା ମେ ଲୁଇକ୍ ହେ । |
| ଓ- | କୋଇଲି | - | ବସନ୍ତ ଋତୁରେ କୋଇଲି ଗୀତ ଗାଏ । |
| ସା- | | - | ବାସନ୍ତ ମହିନାମେ କୋଇଲି ଗୀତ ଗାଏଲ । |
| ଓ- | କୋରଡ | - | ପକ୍ଷୀମାନେ ଗଛ କୋରଡରେ ଆଶ୍ରୟ ନିଅନ୍ତି । |
| ସା- | ଓଢ଼ରି | - | ଚ୍ୟରେଇ ମାନ ଗାଛକେର୍ ଢୋଢ଼୍‌ରି ମେ ଆରାମ୍ କାରେନ୍ । |
| ଓ- | କୋକିଶିଆଳି | - | କୋକିଶିଆଳି ଭାରି ଚତୁର । |
| ସା- | କୁଲିହା /ଲୋମଡ଼ି | - | ସିହାର୍ ବାହୁତ୍ ଚ୍ୟଲାକ୍ । |
| ଓ- | କୋଳି | - | ଖଜୁରୀ କୋଳି ମିଠା ଲାଗେ । |
| ସା- | | - | ଖିଜୁରା ଫାର ମିଠା ଲାଗେଲ । |
| ଓ- | କୋଳରେ | - | ଧରଣୀ ନିଜ କୋଳରେ ଆମକୁ ଧରିଛି । |
| ସା- | | - | ଧାରତୀ ଆପନେ କେର ମେ ହାମ ରେକେ ଧାଇରହେ । |
| ଓ- | କୋଳାହଳ | - | ହାଟର କୋଳାହଳ ବହୁ ଦୂରକୁ ଶୁଭାଯାଏ । |
| ସା- | | - | ବାଜାର କେର ହୋ ହୋଲ୍ଲା ବାଗରା ଦୂରତାକ ସୁନାଏଲା । |
| ଓ- | କୋହଲା | - | ଶୀତ ଋତୁରେ ବେଳେବେଳେ କୋହଲା ପାଗ ହୁଏ । |
| ସା- | | - | ଜାଳ ମାହିନା କାହିଓ କାହିଓ ଢୁଣ୍ଡରା ପାଗ ହୋଏଲା । |

ଓ- କୋଡି - ଆମେ କୋଡି ସାହାଯ୍ୟରେ ଘାସ ସଫା କରୁ ।

ସା- - ହାମରେ କୁଳିକେର ସାହେତାସେ ଘାସ ସାଫା କାରିଲ ।

ଓ- କୌତୂହଳ - ନୂଆ ଜିନିଷ ଦେଖିବାକୁ କୌତୂହଳ ଜାତ ହୁଏ ।

ସା- - ନାୱାଁ ଜିନିଷ ଦେଖେକ୍‌ଲେ ଆକ୍‌ବାକିସାନ ଲାଗେଲ ।

ଓ- କୌଶଳ - ହାଣ୍ଡି ଗଢ଼ିବାର କୌଶଳ କୁମ୍ଭାରମାନେ ଜାଣନ୍ତି ।

ସା- - କୋଇହା ବାନାଏକ କୁମ୍ଭାରମାନେ ଜାନେନା ।

ଓ- କୌଣସି - ପର୍ଯ୍ୟାବରଣ ସୁରକ୍ଷା ପାଇଁ କୌଣସି ଉପାୟ ବାହାର କର ।

ସା- - ପାରିଓ୍ୱେଶ ବାଚାଏକଲେ କୋନ୍‌ଓ୍ୱେ ଉପାୟ ନିକ୍‌ଲାଓ ।

ଓ- କ୍ୟାପ - କ୍ରିକେଟ୍ ଖେଳାଳି କ୍ୟାପ୍ ପିନ୍ଧିଥାନ୍ତି ।

ସା- - କ୍ରିକେଟ ଖେଲେଇୟା ଟୋଟି ପିନ୍ଧ୍‌ରାହେନ ।

ଓ- କ୍ୟାପଟେନ୍ - ଦକ୍ଷ କ୍ୟାପଟେନ୍ ହେତୁ ଦଳ ସଫଳତା ପାଏ ।

ସା- - ଆଛା କ୍ୟାପଟେନ ଚାଲତେ ଟିମ ଜିତ ପାଓ୍ୱେଲ୍ ।

ଓ- କ୍ରମ - କ୍ରମ ଅନୁସାରେ ନାମ ଲେଖ ।

ସା- - ସାରିୟାକେ ନାମ ଲିଖା ।

ଓ- କ୍ରମାନ୍ୱୟରେ - କ୍ରମାନ୍ୱୟରେ ଉପସ୍ଥାନ ଦିଅ ।

ସା- - କ୍ରମଆନୁସାର ହାଜରି ଦେଓ୍ୱା ।

ଓ- କ୍ରିକେଟ - ଆଜିକାଲି କ୍ରିକେଟ୍ ଲୋକପ୍ରିୟ ଖେଳ ପାଲଟିଛି ।

ସା- - ଆଇଜ୍ କାଇଲ୍ କ୍ରିକେଟ ଏକ ଆଦ୍‌ମିକେର୍ ଦିଲ୍‌ଚାସ୍ପି ଖୋଲ ହୋଇଯାଏହେ ।

ଓ- କୃଷକ - ମୋ ବାପା ଜଣେ କୃଷକ ଥିଲେ ।

ସା- - ମୋର ଆବା ଏକ କ୍ଷେତିହାର ରାହାଏଁ ।

ଓ- କ୍ଲାନ୍ତ - ଶ୍ରମିକଟିଏ କ୍ଲାନ୍ତ ହୋଇ ଘରକୁ ଫେରେ ।

ସା- ଥାଇକ୍‌କେ - ମଜୁରିୟା ଥାଇକ୍‌କେ ଘାର୍ ଘୁରେଲ୍ ।

ଓ- କ୍ଲେଶ - ବିଭିନ୍ନ କ୍ଲେଶରେ ଆଜିର ମଣିଷ ଜର୍ଜରିତ ।

ସା- - ନାନେ ରାକାମ୍ ଦୁଃଖମେ ଆଇଜକେର ମାନୱା ଡୁବାଲ ।

‘ଖ’

ଓ- ଖବର - ଖବର କାଗଜ ସମାଜରେ ଦର୍ପଣ ଅଟେ ।

ସା- - ଖାବାର କାଗାଜ ସମାଜକେର ଆଇନା ହେକେ ।

ଓ- ଖସଡା - ବିଦ୍ୟାଳୟ ମାନଙ୍କର ଖସଡା ନିର୍ମିତ ହୋଇଛି ।

ସା- - ସ୍କୁଲ ମାନକେର ୟୋଜନ୍ ବାନାଲ ହୋଇଲୟେ ।

ଓ- ଖରାପ - ହାଣ୍ଡି ଭାଙ୍ଗିଲେ ଖପରା ହୋଇଯାଏ ।

ସା- - କୋଇହା ଟୁଟଲେ ଖାପରା ହୋଇଜାଏଲ ।

ଓ- ଖଜୁରି - ଆମ ଗାଁରେ ଡେଙ୍ଗା ଡେଙ୍ଗା ଖଜୁରୀ ଗଛ ଅଛି ।

ସା- ଖାଜୁର୍ - ହାମାର୍ ଗାଅଁମେ୍ ଉଁଚା ଉଁଚା ଖାଜୁର୍ ଗାଛ ଆହେ ।

ଓ- ଖଡିକା - ଖଡିକାରେ ଗୁହାଳ ସଫା କରାଯାଏ ।

ସା- - ବାଡ୍‌ନୀମେ ଗୋହାର ସାଫା କାରାଲ୍‌ଜାଏଲ ।

ଓ- ଖରାପ - ଖରାପ ପାଗ ଶରୀର ପାଇଁ ଅନିଷ୍ଟକର ।

ସା- - ଖାରାପ ମୌସମ ଶାରୀର ଲାଗିନ୍ ହାନୀକାରକ ।

ଓ- ଖରାଦିନ - ଖରାଦିନରେ ଜଳ ସଙ୍କଟ ଦେଖାଦିଏ ।

ସା- - ଗାଉଦ୍ ଦିନ୍‌ମେ ପାନିକେର ଆଭାଓ ହୋୱେଲ୍ ।

ଓ- ଖରା - ଖରାରେ ଜଳରୁ ବାଷ୍ପ ଉପରକୁ ଉଠେ ।

ସା- - ଗାଉଦ୍‌ମେ ପାନି ସେ ଭାଅାଁପ୍ ଉଠେଲା ।

ଓ- ଖଦଡ଼ା - ଗହମ ପେଶିବା ପରେ କିଛି ଖଦଡ଼ା ଅଂଶ ଥାଏ ।

ସା- - ଗୋହମ ପିସାଲ ପାଛେ ତାନିକ ଦାର୍‌ଗାଲା ରହେଲା ।

ଓ- ଖରଚ - ପିଲାଙ୍କ ପାଠୋପକରଣ ନିମନ୍ତେ କିଛି ଖର୍ଚ୍ଚ ହୁଏ ।

ସା- - ଛାଓ୍ୱା ମାନକେର୍ ପୁଥିରଲେ ଥରେକ୍ ଖାର୍ଚ୍ଚ ହୋଓ୍ୱେକ୍ ।

ଓ- ଖସକାସ୍ - ରାତିରେ ଖସ୍‌ଖସ୍ ଶବ୍ଦ ଶୁଣି ମୁଁ ଡରିଗଲି ।

ସା- - ରାଇତ ମେଁ ରାଟାପାଟା ଆଓ୍ୱାଜ ଶୁଇନ କେ ଡାରାଏଗେଲୋଁ ।

ଓ- ଖଞ୍ଜଣି - ଆଜିକାଲି ଖଞ୍ଜଣି ଗୀତ ଆଉ ଶୁଣିବାକୁ ମିଳୁନି ।

ସା- - ଆଇଜ କାଇଲ୍ ଖାଞ୍ଜନୀ ଗୀତ ଶୁନେକ୍ ନି ଭେଟାଲ୍ ।

ଓ- ଖଣ୍ଡଖଣ୍ଡ - ତେଲ ବୋତଲ ତଳେ ପଡି ଖଣ୍ଡଖଣ୍ଡ ହେଇଗଲା ।

ସା- ଟୁକ୍‌ଡ଼ା ଟୁକ୍‌ଡ଼ା/ଖାଁଡ଼୍‌ଖାଁଡ଼୍- ତେଲ୍ ବୋତଲ୍ ହେଁଠେ ଗିରକେ ଟୁକ୍‌ରା ଟୁକ୍‌ରା ହୋଇଗେଲାକ୍ ।

ଓ- ଖନ୍ଦା - ଭୋଜି ବେଳେ ଖନ୍ଦାରେ ରୋଷେଇ କରାଯାଏ ।

ସା- - ଭୋଜ୍ ବେରା ଖାନ୍ଦାସାର୍‌ମେ ରିନ୍ଧାଲ ଯାଏଲ୍ ।

ଓ- ଖମ୍ବଆଳୁ - ଖମ୍ବ ଆଳୁ ଏକ ଭଲ ପରିବା ଅଟେ ।

ସା- ଗାଡ଼ାକାନ୍ଧା - ଗାଡ଼ାକାନ୍ଧା ଗୋଟେକ୍ ବେଶ୍ ସାବ୍‌ଜି ହେକେ ।

ଓ- ଖଂଜିବା - ଖଡିରେ ଯନ୍ତ୍ରାଂଶ ଖଜିବା ଜଟିଳ କାର୍ଯ୍ୟ ଅଟେ ।

ସା- -

ଓ- ଖାଇ - ଆମ ଜେଜେ ରାତିରେ ରୋଟି ଖାଇ ଶୋଇଯାଆନ୍ତି ।

ସା- ଖାଏକେ - ହାମାର୍ ନାନା ରାତି ରୁଟି ଖାଏକେ ସୁଇତ୍‌ଯାଏଲ୍ ।

ଓ- ଖାଇବା - ଭାତ ଖାଇବା ଦ୍ୱାରା ଶକ୍ତି ମିଳେ ।

ସା- ଖାଏକ୍ - ଆନାଜ୍ ଖାଓ୍ୱାଲ୍‌ସେ ତାକତ୍ ମିଳେଲ୍ ।

| | | | |
|---|---|---|---|
| ଓ- | ଖାତର | - | କୃଷକ ବର୍ଷାକୁ ଖାତିର କରେନାହିଁ । |
| ସା- | ଖାତିର୍ | - | କ୍ଷେତିହାର ବାରିଷକେ ନିତାରାଏଲ୍ । |
| ଓ- | ଖାଦ୍ୟ | - | ଖାଦ୍ୟ ଅଭାବରେ ଶରୀର କ୍ଷୀଣ ହୋଇଯାଏ । |
| ସା- | ଖାଏକ୍ | - | ଖାଏକ୍ କାମି ସେ ଶାରୀର୍ ପାତ୍ଲା ହୋଇଯାଏଲ୍ । |
| ଓ- | ଖାଦ୍ୟପେୟ | - | ଖାଦ୍ୟପେୟ ଅଭାବ ଚିନ୍ତାର ବିଷୟ ଅଟେ । |
| ସା- | ଖାଏକ୍ପିଏକ୍ | - | ଖାଏକ୍ପିଏକ୍ ଅଭାଓ ଶୋଚେକ୍କେର୍ ବିଷୟ ହେକେ । |
| ଓ- | ଖାପ ଖାଇବା | - | ଜଳବାୟୁ ସହିତ ଖାପ୍ ଖାଇବା ଆବଶ୍ୟକ । |
| ସା- | | - | ହାୱାପାନି ସାଙ୍ଗେ ଖାପ ଖୁଆଏକ୍ ଚାହି । |
| ଓ- | ଖାଲଯାଗା | - | ଖାଲ ଯାଗାରେ ପାଣି ଜମି ରହେ । |
| ସା- | ତୋତାଯାଗା | - | ତୋତ୍ହା ଯାଗା ମେ ପାନି ଜାଇମ୍କେ ରାହେଲେ୍ । |
| ଓ- | ଖାଲି ଯାଗା | - | ଆମ ବାରିରେ ଛୋଟ ଏକ ଖାଲି ଯାଗା ଅଛି । |
| ସା- | | - | ହାମାର ବାରୀମେ ଛୋଟେକାନ୍ ଖାଲିଯାଗା ଆହେ । |
| ଓ- | ଖାଲିଘରେ | - | ଖାଲିଘରେ ବିଭିନ୍ନ କୀଟପତଙ୍ଗ ବସା ବାନ୍ଧନ୍ତି । |
| ସା- | | - | ଖୁଲାଘାରମେ ନାନେ ରାକାମ୍କେର କୀଡାମାକଡା ଡେରା କାରେନା । |
| ଓ- | ଖାଂଟି | - | ଖାଂଟି ସୁନାର ଦାମ ଅଧିକ ଅଟେ । |
| ସା- | ଖାଂଟି | - | ଖାଂଟି ସୋନାକେର୍ ଦାମ୍ ଆଇଦ୍କା ହେକେ । |
| ଓ- | ଖୁଆଇ | - | ମାଁ ଛୁଆକୁ କ୍ଷୀର ଖୁଆଇ କାମରେ ଲାଗିଯାଏ । |
| ସା- | | - | ଆୟୋ ଛାୱାକେ ଦୁଧ ଖୁୟାଏକେ କାମ ମେ ଲାଇଗଯାଏଲ । |
| ଓ- | ଖୁସିରେ | - | ଚଢ଼େଇମାନେ ଖୁସିରେ ଉଡି ବୁଲନ୍ତି । |
| ସା- | | - | ଚାରଇମାନ୍ ଖୁସ୍ସେ ଉଇଡ୍ ବୁଲେନ୍ । |
| ଓ- | ଖୁବ୍ | - | ଘରେ ନିଆଁ ଲାଗିଲେ ଖୁବ୍ ଜୋରରେ ପାଟି କର । |
| ସା- | | - | ଘାର୍ମେ ଆଇଗ ଲାଗ୍ଲେ ଖୁବ୍ ଜୋର୍ସେ ଗୁଲ୍ କାରା । |

| | | | |
|---|---|---|---|
| ଓ- | ଖୁଂଟି | - | ପକ୍ଷୀମାନେ ଖୁଂଟି ଖାଆନ୍ତି । |
| ସା- | | - | ଚାରାଇମାନ ଖୋଇଟକେ ଖାଏନା । |
| ଓ- | ଖେଳ | - | ଖେଳ ଦ୍ୱାରା ଆମକୁ ଆନନ୍ଦ ମିଳେ । |
| ସା- | | - | ଖେଲେକ୍ ସେ ହାମରେକେ ଖୁସୀ ମିଲେଲା । |
| ଓ- | ଖେଳିବା | - | ଆସ ଆମେ ଲୁଡୁ ଖେଳିବା । |
| ସା- | | - | ଆଓ୍ୱା ହାମରେ ଲୁଡୁ ଖେଲାବ । |
| ଓ- | ଖେଳିଖେଳି | - | ପିଲାଏ ଖେଳିଖେଳି ସ୍କୁଲକୁ ଯାଆନ୍ତି । |
| ସା- | ଖିଲ୍‌ଖିଲ୍‌କେ | - | ଛୋଓ୍ୱାମାନେ ଖିଲ୍‌ଖିଲ୍‌କେ ସ୍କୁଲ୍ ଯାଏନ୍ । |
| ଓ- | ଖେଳୁଖେଳୁ | - | ମୀନା ଖେଳୁଖେଳୁ ଝୁଂଟି ପଡିଲା । |
| ସା- | | - | ମୀନା ଖେଲ୍‌ତେ ଖେଲ୍‌ତେ ଠେସାଏଁ ପିର ଗେଲାକ । |
| ଓ- | ଖୋଲ | - | ପାଇଖାନାର ଗାତ ଖୋଲ ନାହିଁ । |
| ସା- | | - | ପାଇାନାକେର ତୋଲ୍‌ହା ନାଖୋଲା । |
| ଓ- | ଖୋଳ | - | କଲମର ଖୋଳ ହଜିଗଲା । |
| ସା- | | - | କାଲାମ କେର ଢାକନୀ ହେଇଜ୍ ଗେଲାକ୍ । |
| ଓ- | ଖୋଲିବା | - | ଆସ ବ୍ୟାଙ୍କରେ ଏକ ଜମାଖାତା ଖୋଲିବା । |
| ସା- | | - | ଆଓ୍ୱା ବ୍ୟାଙ୍କ୍ ମେ ଗୋଟେକ୍ ରାଖେକ୍ ଖାତା ଖୋଲାବ । |
| ଓ- | ଖୋଜିବା | - | ଯଦି ଖୋଜିବା ତେବେ ନିଶ୍ଚୟ ପାଇବା । |
| ସା- | | - | ଆଗାର ଖୋଜାବ୍ ତୋ ଜରୁର ପାଓ୍ୱାବ୍ । |

## 'ଗ'

| | | | |
|---|---|---|---|
| ଓ- | ଗଣନା | - | ପ୍ରତି ଦଶ ବର୍ଷକୁ ଥରେ ଜନଗଣନା କରାଯାଏ । |
| ସା- | | - | ହାର୍ ଦାଶ୍ ସାଲମେ୍ ଏକେବେର୍ ଜନଗଣନା ହୋଏଲ । |
| ଓ- | ଗରମ | - | ଜ୍ୱରବେଳେ ଦେହ ଗରମ ହୋଇଯାଏ । |
| ସା- | ଗାରାମ୍ | - | ଜାର୍ ହୋଓ୍ୱେକ୍ ବେରାଶରୀର୍ ଗାରାମ୍ ହୋଇଯାଏର୍ । |

| | | |
|---|---|---|
| ଓ- ଗଣ୍ଠି | - | ଡାଳର ଗଣ୍ଠିରେ ଶାଖା ବାହାରେ । |
| ସା- ଖାମ୍ପା | - | ଡାଇର୍ କେର୍ ଗାଁଇଠ୍ ସେ ଡାହର ନିକ୍‌ଲେଲା । |
| ଓ- ଗତି | - | କାର ଦ୍ରୁତ ଗତିରେ ଯାଇପାରେ । |
| ସା- | - | କାର୍ ବାହୁତେ ତେଜମେ ସେ ଯାଏକ୍ ପାରେହ । |
| ଓ- ଗତିବିଧି | - | ପୋଲିସ ଚୋରର ଗତିବିଧି ଲକ୍ଷ୍ୟ କରନ୍ତି । |
| ସା- | - | ପୋଲିସ ଚୋରକେର ବୁଲାଚାଲା ନିଗ୍ରାନୀ କାରେନ୍ । |
| ଓ- ଗପ | - | ମୋତେ ଗପ ଶୁଣିବାକୁ ଭଲ ଲାଗେ । |
| ସା- କାଥନି | - | ମୋକେ କାଥନି ଶୁନେକ୍ ବେଶ୍ ଲାଗେଲ୍ । |
| ଓ- ଗପବହି | - | ବାପା ମୋ ପାଇଁ ଗୋଟିଏ ଗପ ବହି ଆଣିଦେଲେ । |
| ସା- | - | ଆବା ମୋରଲେ ଏକଠୁ କାଥନି କିତାବ୍ ଆଇନ ଦେଲାଏଁ । |
| ଓ- ଗର୍ବ | - | ଗର୍ବ କଲେ ଖର୍ବ ହୁଏ । |
| ସା- | - | ଘାମାଣ୍ଡ କରଲେ ବିନାଶ ହୋଏଲ୍ । |
| ଓ- ଗର୍ଜନ | - | ସିଂହ ଗର୍ଜନ ଶୁଣି ବନ୍ୟପ୍ରାଣୀ ଚୁପ୍ ହୋଇଯାଆନ୍ତି । |
| ସା- ଗାରର୍ଜାନ୍ | - | ବାଘ୍‌କେର୍ ଗୁଲ୍ ଶୁଇନ୍ କେ ଜାଙ୍ଗାର୍‌କେର୍ ପାଶୁପାକ୍ଷି ଚୁପ୍ ହୋଇଯାଏନ୍ । |
| ଓ- ଗଛ | - | ଗଛ ଲଗାଅ ଜୀବନ ବଂଚାଅ । |
| ସା- ଗାଛ | - | ଗାଛ ରୋପା ଜୀଓ୍ୱାନ ବାଚାଓ୍ୱା । |
| ଓ- ଗଛଲତା | - | ଜଙ୍ଗଲରେ ବିଭିନ୍ନ ଗଛଲତା ଥାଏ । |
| ସା- | - | ଜାଙ୍ଗାଲ ମେ ନାନେ ଗକାମ୍‌କେର୍ ଗାଛ ଲରାଙ୍ଗ୍ ଗହେଲ । |
| ଓ- ପଚାରି | - | ଅବୁଝା ବିଷୟ ଶିକ୍ଷକଙ୍କୁ ପଚାରି ବୁଝ । |
| ସା- ପୁଇଛ୍‌କେ | - | ନିବୁଝାଲ୍ ବିଷୟକେ ମାଷ୍ଟାର୍‌କେ ପୁଇଛ୍ କେ ବୁଝା । |

ଓ- ଗରୀବ - ଆମ ରାଜ୍ୟରେ ଗରୀବଙ୍କ ସଂଖ୍ୟା ବେଶୀ ।

ସା- ଗାରୀବ୍ - ହାମାର୍ ରାଇଜ୍‌ମେ ଗାରୀବ୍ ମାନ୍‌କେର୍ ଗିନତି ବାଗରା ।

ଓ- ଗଠିତ - ବିଧାୟକ ମାନଙ୍କୁ ନେଇ ବିଧାନସଭା ଗଠିତ ହୋଇଛି ।

ସା- ଗାଠାନ - ବିଧାୟକମାନ୍‌କେ ଲେଇକେ ବିଧାନସଭା ବାନାଲ୍ ଯାଏହେ ।

ଓ- ଗହନବନ - ରାଜା ଗହନବନକୁ ଶୀକାର ପାଇଁ ଗଲେ ।

ସା- - ରାଜା ଆଖାଡ୍ ଜାଙ୍ଗାଲମେ ସେନ୍ଦରା ଗେଲାଏଁ ।

ଓ- ଗହଳ - ଗହଳ ଜଙ୍ଗଲରେ ବନ୍ୟପଶୁ ରହନ୍ତି ।

ସା- ଘାନା / ଝୁଣ୍ଡ୍ - ଝୁଣ୍ଡ୍ ଜାଙ୍ଗାଲ୍ ମେ ଜାଙ୍ଗ୍‌ଲି ଜାନୱାର୍ ରାହେନ୍ ।

ଓ- ଗମ୍ଭୀର - ସେ ସବୁବେଳେ ଗମ୍ଭୀର ହୋଇ ରହୁଛନ୍ତି ।

ସା- - ଊ ସବେବେରା ଗୁମ୍‌ସୁମ୍‌ହୋଇକେ ରାହେଲ ।

ଓ- ଗଧିଆ - ଗଧିଆ ରାତିରେ ଚରିବାକୁ ବାହାରେ ।

ସା- ଡୁରୁ - ଡୁରୁ ରାତି ଘରେକ୍ ନିକ୍‌ଲେଲା ।

ଓ- ଗଞ୍ଜା - ଗଞ୍ଜା କୁକୁଡା ରାତିରେ ଡାକେ ।

ସା- ସାଁଢ଼ା - ସାଁଢ଼ା ମୁର୍ଗି ରାତି ବୋଲେଲ୍ ।

ଓ- ଗଢ଼ିବା - ମୂର୍ତ୍ତୀ ଗଢ଼ିବା ଶୀଳ୍ପିର କାମ ଅଟେ ।

ସା- - ମୂର୍ତ୍ତୀ ବାନାଏକ ମିସ୍ତ୍ରୀକେର କାମ ହେକେ ।

ଓ- ଗଣିବା - ଅସାବଧାନ ହେଲେ ଟଙ୍କା ଗଣିବା ଭୁଲ ହେବ ।

ସା- - ସାଓଧାନ୍‌ସେ ରୂପିଆ ନି ଗିନ୍‌ଲେ ଭୂଲ ହୋଇ ।

ଓ- ଗରଗର - ଦୁଷ୍ଟଲୋକ ସବୁବେଳେ ଗରଗର ହୁଏ ।

ସା- - ବାଦ୍‌ମାସ ଆରମୀ ସୋବ୍‌ବେରା କୁରବୁରାଏଲ୍ ।

ଓ- ଗଡିଲା - ବଲଟି କାଦୁଅରେ ଗଡିଲା ।

ସା- - ବୋଲ ଠୁ କାଦମେ ଗୁଡେଏକ୍ ଗେଲାକ୍

ଓ- ଗଣ - ତୁମର କେତୋଟି ଆଙ୍ଗୁଠି ଗଣ ।

ସା- ଗାନ୍ - ତୋହାର୍ କାଏଠୁ ଆଙ୍ଗୁର ଗାନ୍ ।

ଓ- ଗଡାଇବା - ପଥର ଗଡାଇବା ବେଳେ ସାବଧାନ ।

ସା- ଢୁଲାଏକ୍ - ପାଖନା ଗୁଲକାଏକ ବେରା ହୁସିଆର ।

ଓ- ଗମନାଗମନ - ଆଜିକାଲି ଗମନାଗମନ ସୁଗମ ହୋଇଛି ।

ସା- ଯାଏକଆୱେକ - ଆଇଜ୍‌କାଇଲ୍ ଯାଏକ୍ ଆୱେକ୍ ବାଡ୍‌ହିଆଁ ହୁଇହେ ।

ଓ- ଗଧ - ଗଧ ପିଠିରେ ମାଲ ବୁହାଯାଇଥାଏ ।

ସା- ଗାଧା - ଗାଧାକେର୍ ପିଠ୍‌ମେ ମାଲ୍ ବୋହାଲ୍‌ଯାଏଲ୍ ।

ଓ- ଗରିଲା - ଗରିଲା, ମାଙ୍କଡ ପ୍ରଜାତିର ଏକ ବନ୍ୟପ୍ରାଣୀ ଅଟେ ।

ସା- - ବାନ୍‌ମାନୁଷ୍, ବାନ୍ଦରା ଜାଇତ୍ କେର ଗୋଟେକ ଜାଙ୍ଗଲି ଜାନୱାର ହେକେ ।

ଓ- ଗଣ୍ଡଗୋଳ - ମଦ୍ୟପ୍ ମାନେ ଗଣ୍ଡଗୋଳ ସୃଷ୍ଟି କରନ୍ତି ।

ସା- ଗଣ୍ଡଗୋଲ୍ - ମାତ୍‌ୱାର୍‌ମାନେ ଝାଗ୍‌ଡ଼ା କାରେନ୍ ।

ଓ- ଗଳ୍ପ - ଗଳ୍ପ କଥନ ଏକ ଭଲ ଅଭ୍ୟାସ ଅଟେ ।

ସା- କାଥ୍‌ନି - କାଥନି କାହେକ୍ ଗୋଟେକ୍ ବେଶ୍ ଆଦତ୍ ହିକେ ।

ଓ- ଗ୍ରନ୍ଥ - ଆମ ଦେଶର ଅନେକ ପୁରାତନ ଗ୍ରନ୍ଥ ରହିଛି ।

ସା- - ହାମାର ଦେଶ୍‌ମେ ବାହୁତେ ପୁରାନା ପୋଥି ଆହେ ।

ଓ- ଗାତ - ବିଲୁଆ ଗାତରେ ଶୁଏ ।

ସା- ଲାତା - ଶିୟାର୍ ଲାତାମେ ଶୁତେଲ୍ ।

ଓ- ଗାଁଆ - ଆମ ଦେଶ ଗାଁଆ ଗୁଡିକରେ ପରିପୂର୍ଣ୍ଣ ।

ସା- - ହାମାରା ଦେଶ ଗାଁଅ ସେ ଭାରାଲ ଆହେ ।

ଓ- ଗାଈ - ଗାଈ କ୍ଷୀର ଅପମିଶ୍ରଣ କରିବା ଭଲ ନୁହେଁ ।

ସା- ଗାଏ - ଗାଏ ଦୁଧ୍‌ମେ ମିଲାଓ୍ୱାଟ ବେଶନା ଲାଗେ ।

ଓ- ଗାଇଗାଇ - ଆଦିବାସୀ ମହିଳା ମାନେ ଗୀତ ଗାଇଗାଇ ବିଲ ରୁଅନ୍ତି ।

ସା- - ଆଦିବାସୀ ଜାନାନା ମାନ ଗୀତ ଗାଏ ଗାଏ ଏକେ ଧାନ ରୋପେନ ।

ଓ- ଗାଁ ମୁଣ୍ଡରେ - ଆମ ଗାଁ ମୁଣ୍ଡରେ ଗୋଟିଏ ପିପପଲ୍ ଗଛ ଅଛି ।

ସା- ଗାଁଅକେରସୁରୁମେ- ହାମାର୍ ଗାଓଁକେର୍ ଆଖ୍‌ରିମେ ଗୋଟେକ୍ ପିପେଲ୍ ଗାଛ୍ ଆହେ ।

ଓ- ଗାଢ - ଗାଢ ରଙ୍ଗ ସହଜରେ ଛାଡେ ନାହିଁ ।

ସା- - ଗାଢା ରାଙ୍ଗ ଜାଲ୍‌ଦିନିଛୁଟେଲ ।

ଓ- ଗାର - ଡୁଡୁ ଖେଳ ପାଇଁ ମଝିରେ ଗୋଟିଏ ଗାର ଟଣା ଯାଏ ।

ସା- - ଡୁଡୁ ଖେଲ ମେ ମାଝେ ଗୋଟେ ଗାର ଘିଚାଲ୍‌ଯାଏଲା ।

ଓ- ଗାଡିଆ - ଗାଡିଆରେ କଇଁ ଫୁଲ ଫୁଟେ ।

ସା- - ଢଢାମେ ଠୁଡୁ ଫୁଲ ଫୁଟେଲ ।

ଓ- ଗାଧୋଇବା - ସାବୁନରେ ଗାଧୋଇବା ହିତକର ଅଟେ ।

ସା- ଗାଧେକ୍/ନାହାଏକ୍- ସାବୁନ୍ ସେ ଗାଧେକ୍ / ନାହାଏକ୍ ଆଛା ହେକେ ।

ଓ- ଗ୍ରାହକ - ଆଜିକାଲି ଗ୍ରାହକ ମାନେ ସଚେତନ ହେବା ଉଚିତ୍ ।

ସା- - ଆଇଜକାଇଲ କିନାଇଁୟାମାନ ହୁସିଆର ହୋଏକ ଚାହି ।

ଓ- ଗ୍ରାମ ସେବକ - ଗ୍ରାମସେବକ ଗ୍ରାମବାସୀଙ୍କ ସେବା କରନ୍ତି ।

ସା- - ଗ୍ରାମସେବକ ଗାଓଁଓ୍ୱାଲାମାନକେର ସେଓ୍ୱା କାରେନ ।

ଓ- ଗିଳିବା - ଖାଦ୍ୟକୁ ଭଲରେ ଚୋବାଇ ଗିଳିବା ଉଚିତ୍ ।

ସା- ଗିଲେକ୍ - ଖାଏକ୍‌କେ ବେଶ ଲେ ଚ୍ଇବ୍ କେ ଲିଲେକ୍ ଚ୍ହି ।

| | | | |
|---|---|---|---|
| ଓ- | ଗୀତ | - | ଗୀତ ଗାଇଲେ ମନ ହାଲୁକା ଲାଗେ । |
| ସା- | ଗୀତ୍ | - | ଗୀତ୍ ଗାଲେ ମାନ୍ ହାଲ୍କା ଲାଗେଲ୍ । |
| ଓ- | ଗୀର୍ଜା | - | ଖ୍ରୀଷ୍ଟିୟାନ୍ ମାନେ ରବିବାର ଗୀର୍ଜାକୁ ଯାଆନ୍ତି । |
| ସା- | | - | ଖ୍ରୀସ୍ତାନମାନ ଇତ୍ୱାର ଦିନ ଗୀର୍ଜା ଯାଏନ୍ । |
| ଓ- | ଗ୍ରୀଷ୍ମରତୁ | - | ଗ୍ରୀଷ୍ମ ରତୁରେ ଟାଣ ଖରାହୁଏ । |
| ସା- | | - | ଗାଉଦ ମାହିନା ମେ ଜୋର ଗାଉଦ ହଏଲ । |
| ଓ- | ଗୁମ୍ଫା | - | ଆଦିମ ମଣିଷ ଗୁମ୍ଫାରେ ବାସ ଗାହାଏଁ । |
| ସା- | ଗୁଫା | - | ଆଗେ ସାମାୟକେର୍ ଆଦ୍ମି ଗୁଫାମେ ରାହାତ୍ ରାହେ । |
| ଓ- | ଗୁରୁ | - | ଗୁରୁବଚନ ପାଳନ କର । |
| ସା- | | - | ବାଡ୍ମାନାକ୍ କାଥାନ ନିଭାଓ୍ୱା । |
| ଓ- | ଗୁଡି | - | ଗୁଡି ଉଡାଇ ପିଲେ ଆନନ୍ଦ ପାଆନ୍ତି । |
| ସା- | | - | ଗୁଡି ଉଡାଏକେ ଛୌଓ୍ୱାମାନେ ଖୁସ ହୋଏନା । |
| ଓ- | ଗୁହାଳ | - | ଗାଈଗୋରୁ ଗୁହାଳରେ ବନ୍ଧା ଯାଆନ୍ତି । |
| ସା- | ଗହାର୍ | - | ଗାଏଗୋରୁ ଗହାର୍ମେ ବନ୍ଧାଲ୍ ଯାଏନ୍ । |
| ଓ- | ଗୁଡାଇ | - | କ୍ଷତ ଯାଗାକୁ ପତଳା କନାରେ ଗୁଡାଇ ରଖ । |
| ସା- | ଢାଇପ୍କେ | - | ଘାଓ ଯାଗାକେ ପାତ୍ଲା ଲୁଗାସେ ଢାଇପ୍କେ ରାଖା । |
| ଓ- | ଗୁଣନ | - | କ୍ରମିକ ମିଶାଣକୁ ଗୁଣନ କୁହାଯାଏ । |
| ସା- | ଗୁଣନ୍ | - | ବାର୍ବାର୍ ମିଶାଏକ୍ କେ ଗୁଣ କାହାଲ୍ ଯାଏଲ୍ । |
| ଓ- | ଗୁଣଫଳ | - | ଗୁଣନ ଫଳକୁ ଗୁଣଫଳ କୁହାଯାଏ । |
| ସା- | | - | ଗୁଣାନ ଫାଲ୍କେ ଗୁନାଫଲ୍ କାହେନା । |
| ଓ- | ଗୁଣୁଗୁଣୁ | - | ଆମ ମାଆ ଗୁଣୁଗୁଣୁ ହୋଇ କାମ କରନ୍ତି । |
| ସା- | | - | ହାମାର ଆୟୋ ଗୁନ୍ ଗୁନା-ଏକେ କାମ କାରେଲ । |

| | | | |
|---|---|---|---|
| ଓ- | ଗୁଆଘିଅ | - | ଗୋ ଦୁଗ୍ଧରୁ ଗୁଆଘିଅ ପ୍ରସ୍ତୁତ ହୁଏ । |
| ସା- | | - | ଗାଏକାର ଦୁଧସେ ଗାଏ ଘିଉ ବାନେଲା । |
| ଓ- | ଗୁରୁଦ୍ୱାର | - | ଗୁରୁଦ୍ୱାର ଶିଖ୍‌ମାନ୍‌ଙ୍କର ଉପାସନ ସ୍ଥଳୀ । |
| ସା- | | - | ଗୁରୁଦ୍ୱାର ଶିଖମାନକେର ଉପାସାନା ଜାଗାହେକେ । |
| ଓ- | ଗୁଜୁରାଣ | - | ସେ ମାଛ ଧରି ଗୁଜୁରାଣ ମେଂଟାଏ । |
| ସା- | | - | ଉ ମାଛରୀ ମାଇରକେ ଗୁଜାର କାରେଲା । |
| ଓ- | ଗୁରୁତ୍ୱ | - | ଶୁଣିଥିବା କଥାରେ ଗୁରୁତ୍ୱ ଦିଅ । |
| ସା- | | - | ଶୁନାଲ ବାତ୍‌କେ ଧେୟାଥେ ଦେଓ୍ୱା । |
| ଓ- | ଗୁଣିଆ | - | ଗୁଣିଆ ସନ୍ଦେହରେ ଲୋକ ତାକୁ ମାରିଦେଲେ । |
| ସା- | | - | ଡାଇନ୍ ସୋଇଚ୍‌କେ ଆଦିମ୍‌ମାନ୍ ଉକେ ମାରଦେଲାଏଁ । |
| ଓ- | ଗୁରୁଜନ | - | ଗୁରୁଜନ ମାନଙ୍କୁ ସମ୍ମାନ କର । |
| ସା- | | - | ବୁଜୁର ମାନ୍‌କେ ସମାଦାର୍ କାରା । |
| ଓ- | ଗୁଳୁଗୁଳି | - | ଗୁଳୁଗୁଳି ହେଲେ ଲୋକେ କଷ୍ଟ ପାଆନ୍ତି । |
| ସା- | | - | ଗୁଳୁଗୁଳି ହୋଲେ ଆଦିମ୍‌ମାନ ଢାପଫ୍‌ଲିକ୍ ପାଓ୍ୱେନ । |
| ଓ- | ଗୁଣ୍ଡୁଚି | - | ଗୁଣ୍ଡୁଚି ଗଛରେ ବାସ କରେ । |
| ସା- | ଚିରଡ଼ା | - | ଚିଡ୍‌ରା ଗାଛ୍‌ମେ ବାସାକରେଲ୍ । |
| ଓ- | ଗୃହ | - | ଗୃହ ନିର୍ମାଣ ପାଇଁ ବହୁତ ପଇସା ଲୋଡା । |
| ସା- | ଘାର୍ | - | ଘାର୍ ବାନାଏକ୍ ଲାଗିନ୍ ବାଗରା ପାଇସା ଦାରକାର୍ । |
| ଓ- | ଗୃହପାଳିତ | - | କୁକୁର ଏକ ଗୃହପାଳିତ ପଶୁ ଅଟେ । |
| ସା- | ଘାରେପୋସେକ୍- | | କୁକୁର୍ ଗୋଟେକ୍ ଘାରେପୋସେକ୍ ଜାନଓ୍ୱାର ହେକେ । |
| ଓ- | ଗେଲ | - | ଜେଜେ ମା ମୋତେ ଭାରି ଗେଲ କରନ୍ତି । |
| ସା- | | - | ନାନୀଆୟୋ ମୋକେ ବାଗ୍‌ରା ହଲୋର କାରେଲା । |

| | | | |
|---|---|---|---|
| ଓ- | ଗେଣ୍ଡୁଫୁଲ | - | ଗେଣ୍ଡୁଫୁଲରେ ମାଳା ଗୁନ୍ଥା ଯାଏ । |
| ସା- | ଗେନ୍ଦାଫୁଲ୍ | - | ଗେନ୍ଦାଫୁଲ୍ ସେ ମାଲା ବାନାଲ୍ଯାଏଲ୍ । |
| ଓ- | ଗୋଡ | - | ଆମ ଗୋଡରେ ଦାଶଟି ଆଙ୍ଗୁଠି ରହିଛି । |
| ସା- | | - | ହାମାର ଗୋଡମେ ଦଶଠୁ ଆଙ୍ଗଲି ଆହେ । |
| ଓ- | ଗୋବର | - | ଗୋବର ଖତ କୃଷି ପାଇଁ ନିରାପଦ । |
| ସା- | | - | ଗୋବାର କ୍ଷେତିଲେ ବାତହିୟାଁ ହେକେ । |
| ଓ- | ଗୋଧି | - | ଗୋଧି ଚମଡାରେ ଖଜଣି ତିଆରି ହୁଏ । |
| ସା- | ଗୋହି | - | ଗୋହି ଚାମ୍ଡ଼ାମେ ଖଞ୍ଜଣି ବାନାଲ୍ ଜାଏଲ୍ । |
| ଓ- | ଗୋରା | - | ମୋ ସାଙ୍ଗ ରବିର ରଙ୍ଗ ଗୋରା । |
| ସା- | | - | ମୋର ସାଙ୍ଗ୍ ରାବି କେର୍ ରାଙ୍ଗ ଗୋରା । |
| ଓ- | ଗୋପାଳ | - | ଗୋପାଳ ଗୋପାଳନ କରନ୍ତି । |
| ସା- | | - | ଗାଉଲମାନେ ଗାଏ ପୋଷେନା । |
| ଓ- | ଗୋପାଳନ | - | ଗୋପାଳନ ଏକ ଲାଭଜନକ ଉଦ୍ୟୋଗ । |
| ସା- | | - | ଗାଏ ପୋଷେକ୍ ଫାଏଦାମାନ୍ଦ୍ ହେକେ । |
| ଓ- | ଗୋଳମାଳ | - | ବେଳେବେଳେ ମଣିଷର ଯୋଜନା ଗୋଳମାଳ ହୁଏ । |
| ସା- | | - | କାହିୟ କାହିୟ ଆଦ୍‌ମୀକେର ୟୋଜ୍‌ନା ଗାଡ୍‌ବାଡାଏଲ । |
| ଓ- | ଗୋଲ | - | ପୃଥିବୀ କମଳା ଲେମ୍ବୁ ପରି ଗୋଲ । |
| ସା- | | - | ଧାରତୀ ସାନ୍ତରା ଲେମ୍ବୁଲେଖେ ଗୋଲ । |
| ଓ- | ଗୋଳିଆ | - | ଗୋଳିଆ ପାଣି କଙ୍କଡାକୁ ସୁହାଏ । |
| ସା- | | - | ଲେଳ ପାନି ଖାଖ୍ରାକେ ମାନେଲ । |
| ଓ- | ଗୋଲି | - | ପିଲାଏ ମାଟିରେ ଗୋଲି ତିଆରି କରନ୍ତି । |
| ସା- | | - | ଛୌଉାମାନ ମାଟିସେ ଗୁଲି ବାନାଏଁନା । |

| | | | |
|---|---|---|---|
| ଓ- | ଗୋଟିଏ | - | ଆମ ଓଡ଼ିଶାର ଗୋଟିଏ ଦିଗରେ ସମୁଦ୍ର ଲାଗିଛି । |
| ସା- | | - | ହାମାର ଓଡିଶାକେର ଗୋଟେକ ଆରା ସାମୁଦାର ଲାଇଗହେ । |
| ଓ- | ଗୋଟିଗୋଟି | - | ପକ୍ଷୀମାନେ ଖାଦ୍ୟ ଦାନା ଗୋଟି ଗୋଟି ଖୁମ୍ପନ୍ତି । |
| ସା- | | - | ଚାରାଇମାନ୍ ଖାଏକଦାନାକେ ଗୋଟେ ଗୋଟେ ଖୁଟେପନା । |
| ଓ- | ବେପାରୀ | - | ବେପାରୀ ମାନେ ବ୍ୟବସାୟ କରି ଚଳନ୍ତି । |
| ସା- | | - | ବେପାରୀମାନ କିନାବେଚ୍ଚ କଇରକେ ଚାଲେନା । |
| ଓ- | ଗୋଲାପ | - | ଗୋଲାପ ଫୁଲର ରାଜା ଅଟେ । |
| ସା- | | - | ଗୋଲାପ, ଫୁଲକେର ରାଜା ହେକେ । |
| ଓ- | ଗୌରବ | - | ଗୌରବର ବିଲୟ ନାହିଁ । |
| ସା- | | - | ପାଓ୍ୱାଲ ଉପାଧି କାହିୟାୟୋ ନିମିଟେଲ୍ । |

-ଘ-

| | | | |
|---|---|---|---|
| ଓ- | ଘର | - | ନଡାରେ ଘର ଛପର କରାଯାଏ । |
| ସା- | ଘାର୍ | - | ନାରାମେ ଘାର୍ ଛାରାଲ୍ ଯାଏଲ୍ । |
| ଓ- | ଘରେ | - | ଆମ ଘରେ ଗୋଟିଏ ବିଲେଇ ଅଛି । |
| ସା- | ଘାରେ | - | ହାମାର୍ ଘାରେ ଗୋଟେକ୍ ପୁସି ଆହେ । |
| ଓ- | ଘନଘନ | - | ପର୍ବତ ଚଢ଼ିବା ବେଳେ ଘନଘନ ପ୍ରଶ୍ୱାସ ନିଆଯାଏ । |
| ସା- | | - | ପାହାର ଚାଢେକବେରା ଘାନେଘାନ ନିନାଶ ଲେଗେକି ହଏଲା । |
| ଓ- | ଘନନୀଳ | - | ଇନ୍ଦ୍ରଧନୁରେ ଘନନୀଳ ରଙ୍ଗ ଥାଏ । |
| ସା- | ଘାନାନୀଲା | - | ରାମଧାନୁ ମେ ଘାନାନୀଲା ରାଙ୍ଗ୍ ରାହେଲ୍ । |
| ଓ- | ଘସି | - | ମଚକି ଯାଇଥିବା ଗୋଡରେ ମୁଁ ମଲମ ଘସି ଦେଲି । |
| ସା- | | - | ମୁଚ୍‌କାଲ ଗୋଡମେ ମୋଏଁ ମାଲାମ୍ ଘାଇଁସ ଦେଲୋ । |

ଓ- ଘଡଘଡି - ଘଡଘଡି ଶବ୍ଦ ଶୁଣି ଛୋଟ ପିଲାଏ ଡରିଯାଆନ୍ତି ।

ସା- - ଗାର୍ଜାନ ଶାବାଦ୍ ଶୁଇନ କେ ଛୋୱାମାନ ଡାରେନା ।

ଓ- ଘାଇଲା - କଟୁ ଭାଷା ଶୁଣି ମୋ ମନ ଘାଇଲା ହେଲା ।

ସା- ଘାବ୍ଲାକ୍ - ଖାରାପ୍ ଭାଷା ଶୁଇନ୍‌କେ ମୋର ମାନ୍ ଘାବ୍‌ରାଏ ଗେଲାକ୍ ।

ଓ- ଘାଂଟିବା - ତରକାରୀରେ ଲୁଣ ପକାଇ ଘାଂଟିବା ଆବଶ୍ୟକ ।

ସା- - ସାବଜୀମେ ନୋନ୍ ଡାଇଲ୍‌କେ ହାଣ୍ଡ୍‌ରାଏକ୍ ଚାହି ।

ଓ- ଘାସ - ବଗିଚାରେ ଅନାବନା ଘାସ ସଫା କର ।

ସା- - ବାଗିଚାକେର ବେକାର ଘାସ ସାଫା କାରା ।

ଓ- ଘେରି - ଆମ୍ବ ଚାରା ଲଗାଇବା ପରେ ତାହା ଘେରି ଦିଅ ।

ସା- ଘୁଇର୍‌ଦେୱା - ଆମ୍ବା ଗାଛ୍ ରୋପେକ୍‌ପାଛେ ଉକେ ଘୁଇର୍‌ଦେୱା ।

ଓ- ଘୋଟିବା - ଆକାଶରେ କଳାହାଣ୍ଡିଆ ମେଘ ଘୋଟିଲା ।

ସା- - ଆକାଶମେ କାରିଆ ବାଦରି ଘେର୍‌ଲାକ ।

ଓ- ଘୋଡ଼ା - ଘୋଡ଼ା ଖୁବ୍ ଜୋରରେ ଧାଇଁ ପାରେ ।

ସା- ଘୋଡ଼ା - ଘୋଡ଼ା ଖୋବ୍ ଜୋର୍‌ସେ ବାଡ୍‌କେକ୍ ପାରେଲ୍ ।

ଓ- ଘୋଷଣା - ରେଡ଼ିଓରେ ଜରୁରୀ ବିଷୟ ଘୋଷଣା କରାଯାଏ ।

ସା- - ରେଡିଓ ମେ ଜାରୁରୀ ବିଷୟ୍ ଜାନୁୱାଏଲ ଯାଏଲ୍ ।

ଓ- ଘୋଷାଡ଼ି - ବାଘ ଯନ୍ତୁ ମାରି ଘୋଷାଡ଼ି ନିଏ ।

ସା- ଘିଁସ୍‌ରାଏକେ - ବାଘ୍ ଜାନ୍ତୁ ମାଇର୍‌କେ ଘେଁସ୍‌ରାଏକେ ଲେଗେଲ୍ ।

ଓ- ଘୋଷି - ମୁଁ ପାଠ ବହିର ଗୋଟିଏ ପଦ୍ୟ ଘୋଷିଥିଲି ।

ସା- - ମୋଏଁପାଢେକ୍‌ପୋଥିକେର୍‌ଗୋଟେକ ପାଦ ଘୋଇସ ରାହଁ ।

ଓ- ଘୋଡ଼ାଇ - ବିରାଡ଼ି ଆପଣା ମଳ ମାଟିରେ ଘୋଡ଼ାଇ ଦିଏ ।

ସା- - ପୁସି ଆପାନ ଗୁହୁଁକେ ମାଟିମେ ତୋଇପଦେୱେଲ ।

## 'ଚ'

| | | | |
|---|---|---|---|
| ଓ- | ଚନ୍ଦ୍ର | - | ଚନ୍ଦ୍ର ପୃଥିବୀର ଏକ ମାତ୍ର ଉପଗ୍ରହ ଅଟେ । |
| ସା- | ଚାନ୍ଦ୍ | - | ଚାନ୍ଦ ଧାରତିକେର୍ ଗୋଟେକ୍ ହିଁ ଉପଗ୍ରହ ହେକେ । |
| ଓ- | ଚନ୍ଦ୍ରଗ୍ରହଣ | - | ସୂର୍ଯ୍ୟ ପୃଥିବୀ ଓ ଚନ୍ଦ୍ର ସରଳରେଖାରେ ରହିଲେ ଚନ୍ଦ୍ରଗ୍ରହଣ ହୁଏ । |
| ସା- | ଚାନ୍ଦ୍ଗ୍ରାହାଣ | - | ବେଇରଧାରତି ଆଉର୍ ଚାନ୍ଦ୍ ସିଧାମେ ରାହାଲେ ଚାନ୍ଦ ଗ୍ରାହାନ ହୋଏଲ୍ । |
| ଓ- | ଚକିତ | - | ଦୁଃସାହାସିକ କାର୍ଯ୍ୟ ଦେଖିଲେ ଚକିତ ଲାଗେ । |
| ସା- | ଚାକିତ୍ | - | ଆକାଦାନ୍ଦା କାମ୍ ଦେଇଖ୍ଲେ ଚାକିତ୍ ଲାଗେଲ୍ । |
| ଓ- | ଚହଟଇ | - | ଚମ୍ପା ଫୁଲର ବାସନା ଚାରିଆଡ଼େ ଚହଟଇ । |
| ସା- | ବାସାଏଲ୍ | - | ଚମ୍ପା ଫୁଲ୍କେର୍ ମାହାକ ଚାଇରୋଁ ଆର୍ଗା ବାସାଏଲ୍ । |
| ଓ- | ଚରଣ | - | ଆମେ ଇଶ୍ୱରଙ୍କ ପାଦ ତଳେ ପ୍ରାର୍ଥନା କରୁଁ । |
| ସା- | ପାଦ୍ | - | ହାମ୍ରେମାନ୍ ଈଶ୍ୱାରକେର୍ ଗୋଳ ତାରେ ପ୍ରାଥ୍ନା କାରିଲ୍ |
| ଓ- | ଚଲାବୁଲା | - | ବୃଦ୍ଧ ଲୋକମାନେ କମ୍ ଚଲାବୁଲା କରନ୍ତି । |
| ସା- | | - | ବୁଢା ଆଦ୍ମିମାନ ଥରେକ୍ ବୁଲା ଚାଲା କାରେନ୍ । |
| ଓ- | ଚତୁର୍ଦ୍ଦିଗ | - | ସୂର୍ଯ୍ୟ ଉଦୟ ହେଲେ ଚତୁର୍ଦ୍ଦିଗ ଆଲୋକିତ ହୁଏ । |
| ସା- | | - | ବେର ଉଗ୍ଲେ ସୋବଆର୍ଗା ଇନ୍ଜତ ଦିଶେଲା । |
| ଓ- | ଚଷମା | - | ଦୃଷ୍ଟିଦୋଷ ଥିଲେ ଚଷମା ଲଗାଇବା ଭଲ । |
| ସା- | | - | ଆନ୍ଧ୍ରାପାନ୍ ରାହ୍ଲେ ଚାଷମା ଲାଗଏକ ବେଶ । |
| ଓ- | ଚକ | - | ସାଇକେଲ୍ର ଦୁଇଟି ଚକ ଥାଏ । |
| ସା- | ଚାକା | - | ସାଇକେଲ୍କେର୍ ଦୁଇଠୁ ଚାକା ରାହେଲ୍ । |
| ଓ- | ଚକଟା | - | କୁମ୍ଭାର ଚକଟା ମାଟିରେ ହାଣ୍ଡି ଗଢ଼େ । |
| ସା- | ଚିଟ୍କାଲ୍ | - | କୁମ୍ଭାର ଚିଟ୍କାଲ୍ ମାଟିମେ କୁହିୟା ବାନାଏଲ । |

ଓ- ଚତୁର୍ଥ - ଜୁଲି ଚତୁର୍ଥ ଶ୍ରେଣୀରେ ପଢ଼େ ।

ସା- ଚଉର୍ - ଜୁଲି ଚଉର୍ କ୍ଲାସ୍ ମେ ପାଢ଼େଲ୍ ।

ଓ- ଚକମକ - ଚକମକ ପଥର ଘସି ନିଆଁ ବାହାର କରାଯାଏ ।

ସା- - ଚାକ୍‌ମାକି ପାଖନାକେ ଘାଁଇସ୍‌କେ ଆଇଗ ନିକ୍‌ରାଲ ଯାଏଲ ।

ଓ- ଚମଡ଼ା - ଗୋରୁ ଚମଡ଼ାରେ ଯୋତା ତିଆରି ହୁଏ ।

ସା- - ଗାରୁ ଚାମ୍‌ଡାସେ ଜୁତା ବାନାଲ ଯାଏଲ ।

ଓ- ଚକେଲେଟ୍ - ପିଲାମାନେ ଚକଲେଟ୍ ଭଲପାଆନ୍ତି ।

ସା- - ଛୋୱାମାନ୍ ଚକ୍‌ଲେଟ ବେଶପାତିଆଏନା ।

ଓ- ଚଳପ୍ରଚଳ - କନ୍ଧମାଳରେ ରେଳ ଚଳପ୍ରଚଳ ନାହିଁ ।

ସା- ଯାଏକ୍‌ଆୱେକ- କନ୍ଧମାଲ୍‌ମେ ରେଲ୍ ଯାଏକ୍ ଆୱେକ୍ ସୁବିଦା ନାଖେ ।

ଓ- ଚକୁଳି - ମୁଁ ଚକୁଳି ଖାଇ ପଢ଼ାରେ ବସେ ।

ସା- ଛିର୍‌କା - ମୋଏଁ ଡାପ୍‌ଳି ରୁଟି ଖାଏକେ ପାଢ଼େକ୍ ବାଇଠନ୍ ।

ଓ- ଚଟିଆ - ଆମ ଘର ଚାଳରେ ଚଟିଆ ବସା ବାନ୍ଧିଛି ।

ସା- - ହାମାର ଘାର ଛାଇନ ମେ ଚୁଟିଆ ଚାରାଇ ଖତା ବାନାଏହେ ।

ଓ- ଚପଲ - ଚପଲ ପିନ୍ଧି ପାଇଖାନା ଯିବା ଉଚିତ୍ ।

ସା- - ଚାପାଲ ପିନ୍ଧ୍‌କେ ପାଇଖାନା ଯାଏକ ଚାହି ।

ଓ- ଚଟଣୀ - ଚଟଣୀ ଭୋଜନକୁ ରଚିକର କରେ ।

ସା- ଚ୍ୟଟନୀ - ଚ୍ୟଟନୀ ଖାଏକ୍‌କେ ରୁଚକ୍ କାରେଲ୍ ।

ଓ- ଚଟାଣ - ଶୀତ ଦିନେ ଚଟାଣ ଭାରି ଥଣ୍ଡା ଲାଗେ ।

ସା- ଚ୍ୟଟେଇନ୍ - ଠାଣାଁଦିନେ ଚ୍ୟଟେଇନ୍ ବାଗ୍‌ରା ଠାଣାଁ ଲାଗେଲ୍ ।

ଓ- ଚଉକି - ପ୍ଲାଷ୍ଟିକ ଚୌକି ଦେଖିବାକୁ ସୁନ୍ଦର ଦିଶେ ।

ସା- - ପ୍ଲାଷ୍ଟିକ କୁରସି ଦେଖଖେକଲେ ସୁନ୍ଦାର ଦିସେଲ ।

| | | | |
|---|---|---|---|
| ଓ- | ଚିନି | - | ଗୁଡରୁ ଚିନି ପ୍ରସ୍ତୁତ କରାଯାଏ । |
| ସା- | | - | ଗୁର୍ ସେ ଚିନି ବାନାଲ୍ ଯାଏଲ୍ । |
| ଓ- | ଚଳାଚଳ | - | ଲୋକେ ବସ ଯୋଗେ ଚଳାଚଲ କରନ୍ତି । |
| ସା- | | - | ଆଦିମମାନ ବାସସେ ଆଓ୍ୱାଜାହି କାରେନା । |
| ଓ- | ଚକିପେଷା | - | ଚକି ପେଷା ଅଟା ଶରୀର ପାଇଁ ଉପକାରୀ । |
| ସା- | ଚ୍କିପିଷାଲ୍ | - | ଜାନ୍ତାପିଷାଲ୍ ଆଁଟା ଶାରୀର୍ ଲାଗିନ୍ ବାଳିହାଁ ହେକେ । |
| ଓ- | ଚଟାପଟ୍ | - | ରବି ପ୍ରଶ୍ନର ଉତର ଚଟାପଟ୍ ଦେଇଥାଏ । |
| ସା- | ସାଙ୍ଗେସାଙ୍ଗ୍ | - | ରବି ପ୍ରଶ୍ନ / ସାଓ୍ୱାଲ୍‌କେର୍ ଉତାର୍ ସାଙ୍ଗେସାଙ୍ଗ୍ ଦେଇଦେଲ୍ । |
| ଓ- | ଚାହାଣୀ | - | ଭିକାରୀର କରୁଣ ଚାହାଣୀ ଦେଖି ମୁଁ ତରଳିଗଲି । |
| ସା- | ଦେଖେକ୍ | - | ଭିଖାରୀକେର ଗୋରଗରା ତାକେକ୍ ଦେଇଖ୍ କେ ମୋଏଁ ନାରାମ୍ ହୋଇଗେଲୋଁ । |
| ଓ- | ଚାହାଳି | - | ପୂର୍ବ କାଳରେ ପିଲାଏ ଚାହାଳିରେ ପଢୁଥିଲେ । |
| ସା- | | - | ପୁର୍‌ଖା ଛୋଓ୍ୱାମାନ୍ ଚାହାଳୀମେ ପଢାଢ ରାହେଁ । |
| ଓ- | ଚାଟ | - | ଦିନେ ମୁଁ ଆମ ଗ୍ରାମ ବିଦ୍ୟାଳୟର ଚାଟ ଥିଲି । |
| ସା- | | - | ଏକଦିନ ମୋଏଁ ଗାଓଁ ସ୍କୁଲକେର ପାପ୍‌ଇୟା ରାହଁ । |
| ଓ- | ଚାଳଘର | - | ଚାଳଘର ନିଆଁକୁ ଡ଼ର । |
| ସା- | ନାଡ଼ାକେର୍‌ଘାର୍ | - | ନାରାକେର୍ ଘାର ଆଇଗ୍‌କେ ଡ଼ାର୍ । |
| ଓ- | ଚାରିପଟେ | - | ବେଳେବେଳେ ସମସ୍ୟା ଚାରିପଟେ ଘେରିଯାଏ । |
| ସା- | ଚ୍ଇରୋପାଖା | - | ଏକେକ୍‌ଥର୍ ମୁସ୍‌କିଲ ଚ୍ଇରୋ ବେର ଘେଇର୍ ଯାଏଲ୍ । |
| ଓ- | ଚାରିଆଡ଼କୁ | - | ପକ୍ଷୀ ମଡ଼ ଚାରିଆଡ଼କୁ ଘେରିଯାଏ । |
| ସା- | | - | ଚାରେଇ ଗାରାନ ଚାରିୟୋଆରା ଘେଇରଜାଏଲ । |

ଓ- ଚାଲିଚାଲି - ପାର୍ବତ୍ୟ ଅଂଚଳରେ ଲୋକେ ଚାଲିଚାଲି ଯାଆସ କରନ୍ତି ।

ସା- ଚଇଲ୍‌ଚଇଲ୍ - ପାହାଡ଼ିଆ ଏରିୟାଲାଲି ଆଦମି ମାନ୍ ଚଇଲ୍ ଚଇଲ୍ କେ ଜାଏକ ଆଓ୍ୱେକ୍ କାରେନା ।

ଓ- ଚାଷ - ଚାଷ ଅଛି ଯାହାର କି ଆନନ୍ଦ ତାହାର ।

ସା- - ଯେକାର ଖେତି ଉକାର ଖୁସିଆଲି ।

ଓ- ଚାପି - ଗଳି ଯାଉଥିବା ପାଣିକୁ ଚାପି ରଖ ।

ସା- - ବାହତିପାନିକେ ଯାଁଇତଏକରାଖ ।

ଓ- ଚାକରୀ - ଆଜିକାଲି ଚାକିରି ମିଳିବା କଷ୍ଟକର ଅଟେ ।

ସା- - ଆଇଜ୍ କାଇଲ୍ ନୋକରି ଭେଟାଏକ ମୁସ୍‌କିଲ୍ ହେକେ ।

ଓ- ଚାବି - ମୁଁ ସାଇକଲ ଚାବି ହଜାଇ ଦେଇଥିଲି ।

ସା- ଚଭି - ମୋଏଁ ସାଇକେଲ୍‌ମୁଞ୍ଜି ବେଣାଏ ଦେଇରାହେଁ ।

ଓ- ଚାଳ - ଆଜି ଆମ ଚାଳ ଉପରେ କାଉ ରାବୁଥିଲା ।

ସା- ଛାଇନ୍ - ଆଇଜ୍ ହାମାର୍ ଛାଇନ୍ ଉପରେ କାଉଆ କାନ୍ଦାତ୍ ରାହେ ।

ଓ- ଚାକୁଣ୍ଡା - ଚାକୁଣ୍ଡାର ପତ୍ର ସନ୍ଧ୍ୟାବେଳେ ମଉଳିଯାଏ ।

ସା- ଚାଁକ୍‌ଡ଼ା - ଚାକୋଣ୍ଡକେର ପାତେଇ ସାଞ୍ଜୀବେରା ଝୁର୍‌ମୁରାଯାଏଲ୍ ।

ଓ- ଚାଉଳ - ଚାଉଳ ଚୂନାରେ ଆରିଷା ପିଠା ହୁଏ ।

ସା- ଚଉର୍ - ଚଉର୍‌ଗୁଁଣି ମେ ଆରିଷା ରୋଟି ହୋଏଲ୍ ।

ଓ- ଚାରା - ଫଳ ଚାରା ଲଗାଇ ତାର ଯତ୍ନ ନିଅ ।

ସା- - ଫାଳ ଗାଛ ରୋଇପକେ ଯାତ୍‌ନାଓ୍ୱା ।

ଓ- ଚାଲାକି - ଚାଲାକି ଲୋକ ବିପଦରୁ ରକ୍ଷାପାଏ ।

ସା- - ଚତୁର୍ ଆଦମି ବିପେଦ୍ ସେ ବାଇଚ୍ ଯାଏଲ୍ ।

ଓ- ଚାଖଣ୍ଡ - ସହରରେ ଚାଖଣ୍ଡ ଯାଗାର ମଧ ମୂଲ୍ୟ ଅଧିକ ।

ସା- କାଟିକ୍‌ବାଡ୍ - ସାହାର୍‌ମେ କାଟିକ୍ ବାଡ୍ ଯାଗାକେର ଦାମ୍ ଭି ବାଗ୍‌ରା ।

ଓ- ଚିତ୍ର - ରିମି ଭବିଷ୍ୟତରେ ଜଣେ ଭଲ ଚିତ୍ରକର ହେବ ।

ସା- - ରିମି ଆଗେ ଜାଓ୍ୱାନ ଏକ ଆଛା ଚିତ୍ରା ବାନାଏକ ଓ୍ୱାଲା ବାନି ।

ଓ- ଚିତ୍ରକାର୍ଡ - ଶିକ୍ଷକ ଚିତ୍ରକାର୍ଡ ସାହାଯ୍ୟରେ ଶିକ୍ଷା ଦିଅନ୍ତି ।

ସା- - ମାଷ୍ଟାର ଛାବିକାର୍ଡକେ ମାଦାତ୍ ସେ ପାଢଓ୍ୱାଏନା ।

ଓ- ଚିଲ - ଚିଲ କୁକୁଡ଼ା ଛୁଆ ଉଠାଇ ନେଇ ଖାଇଯାଏ ।

ସା- - ବାଜ୍ ମୁର୍ଗୀ ଛୋଓ୍ୱା ଉଠାଏଲେଇପ୍‌କେ ଖାଏଯାଏଲ ।

ଓ- ଚିହ୍ନ - ମୋ ବାମ ହାତରେ ଗୋଟିଏ କଟା ଚିହ୍ନ ରହିଛି ।

ସା- - ମୋର ଲେଙ୍କାହାତମେ ଗୋଟେକ କାଟାଲ ଦାଗ ଆହେ ।

ଓ- ଚିକିତ୍ସା - ନିୟମିତ ଚିକିତ୍ସା କଲେ ଏଡ଼ସ୍ ଭଲ ହୋଇଯାଏ ।

ସା- - ରିତିମତ୍ ଚିକିତ୍‌ସା ଏଡସ୍ ବେଶ ହୋଇଯାଏଲ ।

ଓ- ଚିଙ୍ଗୁଡ଼ି - ଚିଙ୍ଗୁଡ଼ି ଘେରି ଯୋଗ ଚିଲିକାର ସୌନ୍ଦର୍ଯ୍ୟ ନଷ୍ଟ କରୁଛି ।

ସା- - ଚିଙ୍ଗେର ଦାଲ୍ ଦାଲ୍ ଚିଲିକାକେର ସୁନ୍ଦାରତା ଖାରାପ କାରଥେ ।

ଓ- ଚିରାଲେଙ୍ଗଡ଼ା - ପାଗଳଟା ଚିରାଲେଙ୍ଗଡ଼ା ପିନ୍ଧି ବୁଲୁଛି ।

ସା- ଫାଟାଲ୍‌କାପଡ଼ା- ପାଗ୍‌ଲା / ବାଏହା ଗୋ ଛିଟାଲ୍ ଫାଟାଲ୍ ଲୁଗା ଲାଙ୍ଗଠି ପିନ୍ଦ୍‌କେ ବୁଲାଥେ ।

ଓ- ଚିହ୍ନାଇବା - ଜାତୀୟ ପତାକାର ରଙ୍ଗ ଗୁଡ଼ିକ ଅନ୍ୟକୁ ଚିହ୍ନାଇବା ଉଚିତ୍ ।

ସା- ଚିନ୍‌ହାଏକ୍ - ଜାତୀୟା ଝାଣ୍ଡାକେର ରାଙ୍ଗ୍ ସୋବ୍‌କେ, ଦୋସ୍‌ରାମାନକେ ଚିନ୍‌ହାଏକ୍ ଚାହି ।

ଓ- ଚିହ୍ନିବା - ପଢ଼ାବେଳର ପଢ଼ାସାଥିକୁ ବହୁ ବର୍ଷ ପରେ ଚିହ୍ନିବା କଷ୍ଟ ।

ସା- ଚିନ୍‌ହେକ୍ - ପାଢେଖ ସାମୟକେର ପାଢାଲସାଥିମାନେକେ ବାହୁତ୍ ସାଲ୍ କେର୍ ପିଛେ ଚିନ୍‌ହେକ୍ ବାହୁତ ମୁସ୍‌କିଲ୍ ।

| | | |
|---|---|---|
| ଓ- ଚିପିବା | - | ହାତର ନାଡ଼ି ଚିପିବା ଦ୍ୱାରା ତାର ଗତି ଜଣାପଡ଼େ । |
| ସା- ଚିପେକ୍ | - | ହାଁତ୍‌କେର୍ ନାରି ଚିପେଲେ । ଉକାର୍ ଚାଲେକ୍ ଜାନାପାଡ଼େଲ୍ । |
| ଓ- ଚିନ୍ତା | - | ଲୁଣ ଖାଏ ହାଣ୍ଡି, ଚିନ୍ତା ଖାଏ ଗଣ୍ଡି । |
| ସା- | - | ନନ୍ ଖାଏଲ କୋହିଆ, ଶୋଚନା ଖାଏଲ ଗାତାର୍ । |
| ଓ- ଚିକିତ୍ସକ | - | ମାଳ ଅଞ୍ଚଳରେ ଚିକିତ୍ସକ ମାନଙ୍କର ଘୋର ଅଭାବ ରହିଛି । |
| ସା- | - | ପାହାରିୟା ଏରିଆମେ ଡାକ୍ତାର ମାନ୍‌କେର ବାହୁତେ ଆଭାଓ ରାହେଲ । |
| ଓ- ଚିତ୍କାର | - | ଘରେ ନିଆଁ ଲାଗିଲେ ଚିତ୍କାର କରି ଲୋକଙ୍କୁ ଡ଼ାକିବା । |
| ସା- ଗୁଲ୍ | - | ଘାରେ ଆଇଗ୍ ଲାଗ୍‌ଲେ ଗୁଲ୍ କାଇର୍‌କେ ଆଦ୍‌ମିମାନକେ ବୋଲାବା । |
| ଓ- ଚିହ୍ନଟ | - | ପକ୍ଷୀ ମଡ଼କ ହେଲେ ଭୁତାଣୁ ଚିହ୍ନଟ କାମ କରାଯାଏ । |
| ସା- | - | ଚାରାଇ ମାରିଖି ହେଲେ ଭୁତାଣୁ ଚିହ୍ନା କରାଲ୍‌ଯାଏଲ । |
| ଓ- ଚିରିବା | - | ଜଙ୍ଗଲରେ ପଶିଲେ ଲୁଗା ଚିରିବା ସମ୍ଭାବନା ଥାଏ । |
| ସା- | - | ଜାଙ୍ଗାଲମେ ଢୁକଲେ ଲୁଗା ଫାଟେକ ଡାର ରାହେଲା । |
| ଓ- ଚିନାବାଦାମ୍ | - | ଚିନାବାଦାମ୍ ଚାଷ ଏକ ଫାଏଦାମନ୍ଦ୍ ଫସଲ । |
| ସା- | - | କ୍ଷେତି ଏକ ଲାଭଦାୟକ କ୍ଷେତି ହିକେ । |
| ଓ- ଚିହ୍ନ ଉଠିବା | - | ବେତ ମାଡ଼ ହେଲେ ଦେହରେ ଚିହ୍ନ ଉଠିବା ସମ୍ଭାବନା । |
| ସା- | - | ଠେଙ୍ଗା ମାଉର୍ ହୋଲେ ଗାତାରମେ ଚିହ୍ନା ହୋଏକ ସାକେଲା । |
| ଓ- ଚୁନା | - | ଗହମ ଚୁନାରେ ପରାଟା ତିଆରି ହୁଏ । |
| ସା- | - | ଗୋହମ ଗୁଁଣ୍ଡାମେ ପାରାଟା ବାନେଲା । |

| | | | |
|---|---|---|---|
| ଓ- | ଚେହେରା | - | ଚିନ୍ତାରେ ବାପାଙ୍କ ଚେହେରା ମଳିନ ଦେଖାଯାଉଛି । |
| ସା- | | - | ସୋଚ୍‌ସେ ଆବାକେର ଚେହରା ମୁରଝାଏ ଯାଏହେ । |
| ଓ- | ଚେର | - | ଚେରମୂଳି ଔଷଧ ଦେହ ପାଇଁ ନିରାପଦ ଅଟେ । |
| ସା- | | - | ଜେଲିବୁଟି ଦାଓ୍ୱାଇ ଗାତାର ଲାଗିନ ନିଡାରାନ୍ ହେକେ । |
| ଓ- | ଚେତା | - | ଘଣ୍ଟାଏ ପରେ ରମାର ଚେତା ଫେରିଲା । |
| ସା- | ହୋସ୍ | - | ଏକ୍ ଘାଂଟାକେର ପାଛେ ରମାର ହୋସ୍ ଆଲାକ୍ । |
| ଓ- | ଚୋପା | - | କଦଳୀ ଚୋପା ରାସ୍ତାରେ ପକାଅ ନାହିଁ । |
| ସା- | ଛାଲା | - | କେଲା ଛାଲା ତାହାର୍‌ମେ ନା ଗିରାଓ୍ୱା । |
| ଓ- | ଚୋରି | - | ଅସାମାଜିକ ଲୋକ ଚୋରି କରନ୍ତି । |
| ସା- | | - | ବାଦ୍‌ମାସ ଆଦ୍‌ମିମାନ୍ ଚୋରାଏନ୍ । |
| ଓ- | ଚୋବାଇବା | - | ଖାଦ୍ୟ ଚୋବାଇବା ଦ୍ୱାରା ହଜମ ହୁଏ । |
| ସା- | | - | ଖାଏକ୍ ଚିଜ୍‌କେ ଚାଇବକେଖାଲେ ହାଜାମ ହୋଏଲ୍ । |

"ଛ"

| | | | |
|---|---|---|---|
| ଓ- | ଛଚିନ୍ଦା | - | ଛଚିନ୍ଦ୍ରାକୁ ବିଲେଇ ଖାଏ ନାହିଁ । |
| ସା- | ଛୁଛୁ | - | ଛୁଛୁ କେ ପୁସି ନି ଖାଏଲା । |
| ଓ- | ଛନଛନିଆ | - | ହାତୀମାନେ ଛନଛନିଆ ଫସଲକୁ ନଷ୍ଟ କରନ୍ତି । |
| ସା- | | - | ହାତୀମାନ୍ ହାରଭାରା କ୍ଷେତି ବାରବାଜ୍ କରେନା । |
| ଓ- | ଛଳରେ | - | କେଉଁଟ ଛଳରେ ମାଛ ଧରେ । |
| ସା- | ତୁଁଠି | - | କେଉଟ୍ ତୁଁଠିମେ ମାଛ୍‌ରି ଧାରେଲା । |
| ଓ- | ଛଟପଟ | - | ଯନ୍ତ୍ରଣାରେ ପିଲାଟି ଛଟପଟ ହେଉଛି । |
| ସା- | ଛାଟ୍‌ପାଟ୍ | - | ଦୁଃଖାନ୍ ମେ ଛୋଣ୍ଡାଗୋ ଛାଟ୍‌ପାଟାଏ ହୋଥେ । |
| ଓ- | ଛକି | - | ଭୁଲ ଉତ୍ତରରେ ଶିକ୍ଷକ ଛକି ଚିହ୍ନ ଦିଅନ୍ତି । |
| ସା- | | - | ଗାଲାତ୍ ଉତାରମେ ମାଷ୍ଟାର ଛକି ଚିହ୍ନା ଦେଏନା । |

ଓ- ଛତା - ଖରା ବର୍ଷାରୁ ଛତା ରକ୍ଷା କରେ ।

ସା- ଛାତା - ରାଉଦ୍ ପାନିସେ ଛାତା ବାଚାଏଲ୍ ।

ଓ- ଛତୁ - ପୁରୁଣା କାଠରେ ଛତୁ ଫୁଟେ ।

ସା- ଖୁଖଡ଼ି - ପୁରନା କାଠିମେ ଖୁଖଡ଼ି ଉଠେଲା ।

ଓ- ଛପର - ନଡା ଛପର ଘର ଖରାଦିନେ ଥଣ୍ଡା ରହେ ।

ସା- ଛାଇନ୍ - ନାରାକେର୍ ଛାଇନ୍ ଘାର୍ ରାଉଦ୍ ଦିନେ ଠାଁଣା ରାହେଲ୍ ।

ଓ- ଛପେଇ - ଡାକ ଟିକଟ ଅଠାରେ ଛପେଇ ଦିଆଯାଏ ।

ସା- ଲାଟ୍‌କାଲ୍ - ଡ଼ାକ ଟିକାଟ୍ ଲାସାମେ ଲାଟ୍‌କାଲ୍ ଯାଏଲ୍ ।

ଓ- ଛାଂଚି - ବଙ୍କା ଗଛକୁ ଛାଂଚି ସଳଖ କରାଯାଏ ।

ସା- ଛୁଇଲ୍‌କେ - ଟେଢ଼ାଗାଛକେ ଛୋଇଲ୍‌କେ ସିଧାକାରାଲ୍ ଯାଏଲ୍ ।

ଓ- ଛାତି - ଭୂମିକମ୍ପ ଦେଖି ଭୟରେ ଛାତି ଥରି ଉଠେ ।

ସା- - ଭୂକାମ୍ପ ଦେଇଖ୍‌କେ ଛାତି ଥାରଥରାଏ ଉଠେଲ ।

ଓ- ଛିଂଚିବା - ଅଚେତ ବ୍ୟକ୍ତିର ମୁହଁରେ ପାଣି ଛିଞ୍ଚିବା ଭଲ ।

ସା- ଛିଟ୍‌କାଏକ୍ - ବେହୋସ୍ ଆଦମିକେର୍ ଚେହେରାମେ ପାନି ଛିଟ୍‌କାଏକ୍ ବେଶ୍ ।

ଓ- ଛୁ - ଚୋର ପୁଲିସକୁ ଦେଖି ଛୁ ମାରିଲା ।

ସା- - ଚୋର ପୁଲିସ କେ ଦେଇଖକେ ଭାଗ୍‌ଲାଗନ ।

ଓ- ଛୁଆ - ମଣିଷ ଛୁଆ ଅନେକ ଯତ୍ନ ଆବଶ୍ୟକ କରେ ।

ସା- - ମାନଓ୍ୱାଛୋଓ୍ୱା ହୁତେ ଯାତନ ଦରକାର କାରେଲ ।

ଓ- ଛୁଇଁଲେ - ଲାଜକୁଳି ଲତାକୁ ଛୁଇଁଲେ ତାହା ମଉଳି ଯାଏ ।

ସା- ଛୁଇଦେଲେ - ଲାଜଓ୍ୱନି ବୁଦାକେ ଛୁଲେ ଉ କୁମେଲ୍ ଯାଏଲ୍ ।

ଓ- ଛେଳି - ଛେଳି ପାଳନ ଏକ ଲାଭ ଦାୟକ ବ୍ୟବସାୟ ।

ସା- ଛେଗ୍‌ରି - ଛାଗ୍‌ରି ପୋସେକ୍ ଗୋଟେକ୍ ଫାଏଦାଦାର କାରବାର ହେକେ ।

| | | |
|---|---|---|
| ଓ- ଛୋଟ | - | ଛୋଟ ବେଳୁ ପିତା ମାତାଙ୍କର ଆଜ୍ଞାବହ ହୁଅ । |
| ସା- | - | ଛୋଟେସେ ଆବା ଆୟା କେର ହୁକୁମ ମାନା । |

'ଜ'

| | | |
|---|---|---|
| ଓ- ଜଗତ | - | ଜଗତରେ ଅନ୍ୟାୟ ବଢ଼ି ଚାଲିଛି । |
| ସା- ଜାଗାତ୍ | - | ଧାରତୀ ମେ ଗାଏର କାନୁନ ବାଢ଼ତେ ଯାଇଲ୍ ହେ । |
| ଓ- ଜଙ୍ଗଲିଆ | - | ଜଙ୍ଗଲିଆ ଯାଗାରେ ହିଂସ୍ର ଜନ୍ତୁ ଥାଆନ୍ତି । |
| ସା- ଜାଙ୍ଗ୍ଲିଆ | - | ଝଣ୍ଡ ଜାଙ୍ଗାଲ ମେ ଜାଗାମେ ଭାୟାଙ୍କାର ଜାନୱାର ରାହେନ୍ । |
| ଓ- ଜଗାଇ | - | ଆଦିବାସୀ ମାନେ ପିଲାଙ୍କୁ ଫସଲ ଜଗାଇ ଦିଅନ୍ତି । |
| ସା- | - | ଆଦିବାସୀ ମାନ ଛୋୱାମାନ୍କେ କ୍ଷେତି ଅଗ୍ରାଏନା । |
| ଓ- ଜଳ | - | ଜଳ ବିହୁନେ ସୃଷ୍ଟି ନାଶ ହେବ । |
| ସା- | - | ପାନି ବେଗାର ଦୁନିଆଁ ସିରଜାନ ଖାତାମ୍ ହୋଇ । |
| ଓ- ଜଳଛତ୍ର | - | ତୃଷ୍ଣାର୍ତ୍ତଙ୍କ ପାଇଁ ଜଳଛତ୍ର ଖୋଲାଯାଏ । |
| ସା- | - | ପିଆସାଇ ମାନାକ୍ଲେ ଲାଗିନ୍ ବ୍ୟବସ୍ଥାକାରାଅ ଯାଏଲ । |
| ଓ- ଜଳନ୍ତା | - | ଜଳନ୍ତା ଘରୁ ପିଲାଟିକୁ ଉଦ୍ଧାର କରାଗଲା । |
| ସା- ଜାଲାତ୍ରାହେକ୍ | - | ଜାଲାତ୍ରାହେକ୍ ଘାରସେ ଛାଁଣାକେ ବାଚଲ୍ଗେଲାକ୍ । |
| ଓ- ଜଙ୍ଘ | - | ଖେଳରେ ରମିର ଜଙ୍ଘ ମଚକି ଯାଇଛି । |
| ସା- ଜାଙ୍ଘ୍ | - | ଖେଲ୍ ମେ ରିମିକେର୍ ଜାଙ୍ଘ୍ ମୁରେକ୍ ଯାଏହେ । |
| ଓ- ଜଗୁଆଳି | - | ବ୍ୟାଙ୍କ ଗୁଡ଼ିକରେ ଜଗୁଆଳି ମାନେ ଥାନ୍ତି । |
| ସା- | - | ବ୍ୟାଙ୍କ ମାନ୍ମେ ପାହରାଦାର ରାହେନା । |
| ଓ- ଜନମ | - | ଭାରତ ଆମର ଜନମ ମାଟି ଅଟେ । |
| ସା- ଜାନାମ୍ | - | ଭାରତ୍ ହାମାର୍ ଜାନାମ୍ ଭୁଇଁ ହେକେ । |
| ଓ- ଜନନୀ | - | ଜନନୀ ଓ ଜନ୍ମଭୂମି ସବୁଠାରୁ ବଡ଼ । |
| ସା- | - | ଆୟୋ ଆଉର ଜାନ୍ମାୟ ମାଟି ସୋବାସେ ବାଡ୍କା । |

ଓ- ଜନ୍ମଭୂମି - ଜନ୍ମଭୂମିର ସେବାରେ ଆମେ ନିଜକୁ ଉତ୍ସର୍ଗ କରିବା ।

ସା- ଜାନାମ୍‌ଭୂଇଁ - ଜାନାମ୍‌ଭୂଇଁ କେର୍ ସେଓ୍ୱାମେ ହାମରେମାନ୍ ଆପନେ ନିଛାଓ୍ୱାର୍ କାରାବ ।

ଓ- ଜନ୍ମଦିନ - ଅକ୍ଟୋବର ଦୁଇ ମହାତ୍ମାଗାନ୍ଧୀ ଜନ୍ମ ।

ସା- ଜାନାମ୍‌ଦିନ୍ - ଅକ୍ଟୋବର୍ ଦୁଇ ମହାତ୍ମାଗାନ୍ଧିକେର୍ ଜାନାମ୍ ଦିନ ହେକେ ।

ଓ- ଜନଗଣନା - ପ୍ରତି ଦଶବର୍ଷକୁ ଥରେ ଜନଗଣନା କରାଯାଏ ।

ସା- - ହାର ଦାଶ୍‌ସାଲ୍‌ମେ ଏକ୍‌ବେର୍ ଜାନ୍‌ଗିଣନ କାରାଲ୍ ଯାଏଲ ।

ଓ- ଜବତ - ପୋଲିସ ଚୋରା ଜିନିଷକୁ ଜବତ କରନ୍ତି ।

ସା- ଜାବାତ୍ - ପୋଲିସ୍ ଚେରାଲ୍ ଚିଜ୍‌କେ ଜାବାତ୍ କାରେଲ୍ ।

ଓ- ଜମିବାଡ଼ି - ଜମିବାଡ଼ି ନ ଥିବା ଲୋକ ବହୁତ ଅଛନ୍ତି ।

ସା- ଜାମିବାଡ଼ି - ଜାଗାଜମିନ ନିରାହେକ୍ ଆଦ୍‌ମି ବାହୁଥ୍ ଆହାଏଁ ।

ଓ- ଜଡ଼ିତ - ଅଧ୍ୟୟନ ସହିତ ଜଣେ ଦେଶ ସେବାରେ ଜଡ଼ିତ ଥାଏ ।

ସା- - ସାଙ୍ଗେ ପାଡେଏକ ଏକଜାନ ଦେଶସେଓ୍ୱା ମେ ଲାଗାଲ୍ ରାହେଲା ।

ଓ- ଜହ୍ନି - ଜହ୍ନିଫୁଲ ରଙ୍ଗ ହଳଦିଆ ।

ସା- ଝିଙ୍ଗା - ଝିଙ୍ଗା ଫୁଲ୍‌କେର୍ ରାଙ୍ଗ୍ ହଲ୍ଲଦିଆର ।

ଓ- ଜୟ - କାରଗିଲ ଯୁଦ୍ଧରେ ଭାରତ ଜୟ ଲାଭ କଲା ।

ସା- - କାରଗିଲ ଲାଡାଇମେ ଭାରତ ଜିତ୍ ହାସିଲ କାରଲାକ୍ ।

ଓ- ଜୟନ୍ତି - ନେତାଜୀଙ୍କ ଜୟନ୍ତି ବିଦ୍ୟାଳୟରେ ପାଳନ କରାଯାଏ ।

ସା- - ନେତାଜୀକେର ଜାନାମଦିନ ସ୍କୁଲମେ ମାନାଲ ଯାଏଲ୍ ।

ଓ- ଜଣକା - ଜଣକା ହଲେ ଲେଖାଏଁ ପୋଷାକ ଦିଆଗଲା ।

ସା- ଝାନେକଝାନେକ୍‌କେ-ହାର୍ ଏକ ଜାନ କେ ଏକ୍ ଯୋଡ଼ା ଲୁଗା ଦିଆଲ୍‌ଗେଲାକ୍ ।

| | | | |
|---|---|---|---|
| ଓ- | ଜଣ | - | ଏକ ଜଣ ବ୍ୟକ୍ତି ବଂଚିବା କଷ୍ଟ ଅଟେ । |
| ସା- | ଜାନେକ୍ | - | ଏକ୍‌ଲେ ଆଦ୍‌ମି ବାଚେକ୍ ଦୀୟେକ୍ ତାକ୍‌ଲିଫ୍ ହେକେ । |
| ଓ- | ଜମା | - | ଗାଁରେ ଜଣେ ମୃତ ହେଲେ ଲୋକ ଜମା ହୁଅନ୍ତି । |
| ସା- | ଜାମା | - | ଗାଓଁ ମେଁ କେହ ମେରଲେ ଆଦ୍‌ମି ଜାମା ହୋଏନ୍ । |
| ଓ- | ଜ୍ୱର | - | ମେଲେରିଆ ଏକ ଘାତକ ଜ୍ୱର ଅଟେ । |
| ସା- | | - | ମେଲେରିଆ ଏକ ଜିଓ୍ୱାନଲେଓ୍ୱା ଜାରହେକେ । |
| ଓ- | ଜ୍ୱଳନ୍ତ | - | ଆଦର୍ଶ ଛାତ୍ର ଅନ୍ୟର ଜ୍ୱଳନ୍ତ ଉଦାହରଣ ହୁଅନ୍ତି । |
| ସା- | | - | ନିଆତ୍ ଛୋଣାଁ ଦୋସାରଲେ ନମୁନା ବାନେନା । |
| ଓ- | ଜକେଇ | - | ମୋ ସାଙ୍ଗର ଦୁଃଖ ଦେଖି ମୋ ଆଖି ଜକେଇ ଗଲା । |
| ସା- | | - | ମୋର ସାଙ୍ଗକେର ତାପଲିକ ମୋର ଦେଇଖ ମେ ଆଁଇଖ୍ ଆଏଗେଲାକ୍ । |
| ଓ- | ଜାତି | - | ଜାତିପ୍ରଥା ଏକ ସାମାଜିକ କଳଙ୍କ ଅଟେ । |
| ସା- | | - | ଜାଇତ୍ ଚାଲାନ୍ ଏକ ସାମାଜିକ କାଲାଙ୍କ ହେକେ । |
| ଓ- | ଜାଗରଣ | - | ଦେଶରେ ଦୁର୍ନୀତି ବିରୁଦ୍ଧରେ ଜାଗରଣ ସୃଷ୍ଟି ହୋଇଛି । |
| ସା- | | - | ଦେଶମେ ପୁସ୍‌ଖୋର ବିରୁଦ୍ଧମେ ଜାଗୃତି ହୋଇହେ । |
| ଓ- | ଜାତୀୟ | - | ଖଣି ଗୁଡ଼ିକ ଜାତୀୟ ସମ୍ପତି ଲୁଟ କରିବା ଅନ୍ୟାୟ । |
| ସା- | | - | ଖାଦାନମାନ୍ ଜାଇତକେର ସମ୍ପତ୍ତି ଲୁଟେକ ଆନ୍ୟାୟ ହେକେ । |
| ଓ- | ଜାମା | - | ସ୍କୁଲ ସମୟରେ ମାଁ ମୋତେ ଜାମା ପିନ୍ଧନ୍ତି । |
| ସା- | | - | ସ୍କୁଲ ବେରା ଆୟୋମମୋକେ ଝୁଲା ପିନ୍ଧାଏ ଦେଓ୍ୱେଲେ । |
| ଓ- | ଜାମୁ | - | ଜାମୁ କୋଳି ଖାଇବାକୁ ମିଠା ଲାଗେ । |
| ସା- | ଜାମ୍ | - | ଜାମୁନ୍ ଖାଏକ୍ ଲାଗିନ୍ ମିଠା ଲାଗେଲ୍ । |

ଓ- ଜାଲ୍ - କେଉଟମାନେ ଜାଲରେ ମାଛ ଧରନ୍ତି ।

ସା- ଜାଲ୍ - ଚୋରାମାନ୍ ଜାଲ୍‌ମେ ମାଛରି ଧାରେନ୍ ।

ଓ- ଜାଣିଲୁ - ରେଡ଼ିଓରୁ ଆମେ ପାଣି ପାଗ ଖବର ଜାଣିଲୁ ।

ସା- ଜାନ୍‌ଲି - ରେଡିଓ ସେ ହାମ୍‌ରେ ମୌସମ୍ ଖାଭାର୍ ଜାନ୍‌ଲି ।

ଓ- ଜାଣିବା - ଦେଶରେ ଘଟୁଥିବା ଘଟଣା ଜାଣିବା ଆବଶ୍ୟକ ।

ସା- ଜାନେକ୍ - ଦେଶ୍ ମେ ଘାଟାଲ୍ ଘାଟନା ଜାନେକ୍ ଜାରୁରି ହେକେ ।

ଓ- ଜିତିବା - ବିନା ଅଭ୍ୟାସରେ ଖେଳରେ ଜିତିବା କଷ୍ଟ ।

ସା- ଜିତେକ୍ - ବିନା ଆଭ୍ୟାସ୍‌କେର୍ ଖେଲ୍‌ମେ ଜିତେକ୍ କାଷ୍ଟ୍ ହେକେ ।

ଓ- ଜିନିଷ - ଘରେ ନିଆଁ ଲାଗିଲେ ଅନେକ ଜିନିଷ ପୋଡ଼ିଯାଏ ।

ସା- - ଘାରେ ଆଇଗ୍ ଲାଗ୍‌ଲେ ବାହୁତେ ଜିନିଷ ପୋଇଡ ଯାଏଲା ।

ଓ- ଜିରାଫ୍ - ଜିରାଫ ଏକ ତୃଣଭୋଜି ପ୍ରାଣୀ ।

ସ- - ଜିରାଫ ଏକ ଘାସ ଖାଏକ ଜାନୱାର ହେକେ ।

ଓ- ଜିଲ୍ଲାଜର୍ଜ - ପ୍ରତି ଜିଲ୍ଲାରେ ଜଣେ ଜିଲ୍ଲାଜର୍ଜ ଥାନ୍ତି ।

ସା- - ହାରେକ୍ ଜିଲ୍ଲାମେ ଏକଜାନ୍ ଜିଲ୍ଲାଜଜ୍ ରାହେନା.

ଓ- ଜୀବ - ଜୀବ ହତ୍ୟା ମହାପାପ ।

ସା- - ଜୀଉ ମରେକ୍ ମାହାପାପ ।

ଓ- ଜୀବନ୍ତ - ବଣପୋଡ଼ି ବେଳେ ଅନେକ ପ୍ରାଣୀ ଜୀବନ୍ତ ଦଗ୍ଧ ହୁଅନ୍ତି ।

ସା- ଜିନ୍‌ଦା - ଜାଙ୍ଗାଲ୍‌ପେଡ୍‌ଲେ ବେରା ଆନେକ୍ ଜୀଉଜାନ୍ତୁ ଜିନ୍‌ଦା ପୋଇଡ୍‌ଯାଏନ୍ ।

ଓ- ଜୀବନ - ଚିକିତ୍ସା ଅଭାବରେ ଅନେକଙ୍କ ଜୀବନ ଚାଲିଯାଏ ।

ସା- - ସେୱାକେର ଆଭାୱାସେ ବହୁତେ ଜୀଉ ଚାଇଲ ଯାଏଲ ।

ଓ- ଜିବନଯାପନ - ନର୍ସ ସ୍ୱାସ୍ଥ୍ୟ ସେବା ଦେଇ ଜୀବନ ଯାପନ କରନ୍ତି ।

ସା- - ନର୍ସ ଶାରୀରୀକ ସେୱାଦେଇକେ ଜୀୱାନ ଜୀୟାଥେ ।।

ଓ- ଜୀବିକା - ଲୁଗାବୁଣା ତନ୍ତୀର ଜୀବିକା ଅଟେ ।

ସା- - ଲୁଗାବୁନେକ ତନ୍ତୀକେର ଜୀୟେକ୍ ହେକେ ।

ଓ- ଜୁହାର - ଗୁରୁଜନ ମାନଙ୍କୁ ଆମ୍ଭେ ଜୁହାର କରୁ ।

ସା- ଜୁହାର୍ - ବାଡ୍‌ମାନକେ ହାମ୍‌ରେମାନ୍ ଜୋହାର କାରିଲ୍ ।

ଓ- ଜୁଡୁବୁଡୁ - ମୁଣ୍ଡ ଫାଟିଯିବାରୁ ସେ ରକ୍ତ ଜୁଡୁବୁଡୁ ହୋଇ ପଡ଼ିଛି ।

ସା- - ମୁଡ୍ ଫାଟାଲ୍‌ସେ ଲାହୁଲାହାନ୍ ହୋଇକେ ଗିର୍‌ହେ ।

ଓ- ଜେଜେ - ଆମ ଜେଜେ ଚଷମା ପିନ୍ଧି ବହି ପଢ଼ନ୍ତି ।

ସା- - ହାମାର ନାନା ଚାଷମା ପିନ୍ଧିକେ କିତାବ୍ ଫାଢେନା ।

ଓ- ଜେବ୍ରାକ୍ରସିଂ - ଜେବ୍ରାକ୍ରସିଂ ରେ ଲୋକେ ଚାଲି ଚାଲି ପାର ହୁଅନ୍ତି ।

ସା- - ଜେବ୍ରାକ୍ରସିଂମେ ଆଦ୍‌ମିମାନ ହିଁଠ୍ ହିଁଠ୍‌କେ ପାର୍‌ହୋଏନା ।

ଓ- ଜୋରରେ - ହେଲ୍‌ମେଟ ପିନ୍ଧି ନ ଥିଲେ ମୁଣ୍ଡରେ ଜୋରରେ ଆଘାତ ହୁଏ ।

ସା- - ହେଲମେଟ ନି ପିନ୍ଧ ରାହଲେ ମୁଡ୍‌ମେ ଜୋର ସେ ଠେସ୍ ପହଁଚେଲା ।

ଓ- ଜୋରସୋର - ରାସ୍ତାକାମ ଜୋରସୋରରେ ଚାଲିଛି ।

ସା- - ଡାହାର କାମ୍ ଜୋର୍‌ଦାର୍ ଚାଇଲ୍‌ହେ ।

ଓ- ଜ୍ୟେଷ୍ଠ - ଜ୍ୟେଷ୍ଠ ଭ୍ରାତାଙ୍କୁ ଆମ୍ଭେ ପିତୃତୁଲ୍ୟ ସମ୍ମାନ ଦେଉ ।

ସା- - ବାଡଭାଇକେ ହାମରେ ବାପ୍ ସାମାନ୍ ମାନିଲା ।

ଓ- ଜ୍ୟୋସ୍ନା - ଚାନ୍ଦର ଜ୍ୟୋସ୍ନା ଅନ୍ଧକାର ଦୂର କରେ ।

ସା- - ଚାନ୍ଦଇନ୍‌ଜୋତ୍ ଆନ୍ଧାର ହାଟାଏଲା ।

ଓ- ଜ୍ୟୋତିର୍ବିଦ - ପଠାଣି ସାମନ୍ତ ଜଣେ ବିଖ୍ୟାତ ଜ୍ୟୋତିର୍ବିଦ୍ ଥିଲେ ।

ସା- - ପଠାଣି ସାମନ୍ତ ଏକ ନାମ୍‌ଜାଦା ଜ୍ୟୋତିର୍ବିଦ ରାହାଏଁ ।

| | | | |
|---|---|---|---|
| ଓ- | ଝଡ଼ | - | ଗତ ଝଡ଼ ବର୍ଷାରେ ବରଗଛଟି ଉପୁଡ଼ି ଗଲା । |
| ସା- | ଧୁକା | - | ଗେଲାକ୍ ଧୁକା ପାନିମେ ବାର୍ ଗଛଠୁ ଉଫେଡ୍ ଗେଲାକ୍ । |
| ଓ- | ଝଡୁଛି | - | ଟିକିଏ ପବନ ହେଲେ ପାଚିଲା ଆମ୍ବ ଝଡୁଛି । |
| ସା- | ଗିରାଥେ | - | ତାନିକ୍ ହାୱା ହୋଲେ ପାକାଲ୍ ଆମ୍ବା ଗିରାଥେ । |
| ଓ- | ଝଡ଼ିବର୍ଷା | - | ଝଡ଼ିବର୍ଷା ଅନେକ ଦିନ ଯାଏ ଲାଗି ରହେ । |
| ସା- | | - | ଲେହରାବାରିଷ୍ ବାହୁତେ ଦିନତାକ୍ ଲାଗାଲ୍ ରହେଲା । |
| ଓ- | ଝଗଡ଼ା | - | ବେଳେବେଳେ ପିଲାଏ ପରସ୍ପର ଝଗଡ଼ା ଲାଗନ୍ତି । |
| ସା- | | - | ଏକେକ୍ ବେର ଛୋଡ଼ାଁମାନ ଆପାନ୍ ଆପାନପେ ଝାଗଡା କାରେନା । |
| ଓ- | ଝରଣା | - | ଝରଣାଟିଏ କୁଲୁକୁଲୁ ହୋଇ ବୋହି ଯାଉଛି । |
| ସା- | ଝାରିଆ | - | ଝାରିଆଗୋ କୁଲୁକୁଲୁ ହୋଇକେ ବୋହାଥେ । |
| ଓ- | ଝରଝର | - | ପର୍ବତରେ ବର୍ଷା ଝରଝର ହେଉଛି । |
| ସା- | | - | ପାହାର ମେ ବାରିଷ୍ ଝାର୍‌ଝାରାଥେ । |
| ଓ- | ଝରକା | - | ରାତିରେ ଝରକା ବନ୍ଦ କରି ରଖ । |
| ସା- | ଝାରକା | - | ରାତିବେରା ଖିଳକି ବନ୍ଦ କାଇର୍‌କେ ରାଖା । |
| ଓ- | ଝଲକ | - | ଇନ୍ଦ୍ରଧନୁର ଝଲକ ଅତ୍ୟନ୍ତ ମନଲୋଭା । |
| ସା- | | - | ରାମଧାନୁ କେର ଝାଲାକ୍ ବହୁତେ ମାମୋହେଲା । |
| ଓ- | ଝଲମଲ | - | ପାଣିରେ ସୂର୍ଯ୍ୟକିରଣ ଝଲ୍‌ମଲ୍ ହୋଇ ଦିଶୁଛି । |
| ସା- | | - | ପାନିମେ ସୂରଜ କିରଣ୍ ଝିଲ୍‌ମିଲ୍ ଦିଶାଥେ । |
| ଓ- | ଝାଉଁଳିବା | - | ସଂନ୍ଧ୍ୟା ହେଲେ ଚାଖୁଣ୍ଡା ପତ୍ର ଝାଉଁଳିବା ଆରମ୍ଭ କରେ । |
| ସା- | | - | ସାଞ୍ଜବେରା ଚାକୋଣ୍ଡା ପାତ୍ତାଇ ଝୁର୍‌ମୁରାଏକ ମୁରୁକାରେଲା । |

ଓ- ଝାଳ - ଦେହ ଭିତରର ମଇଳା ଝାଳ ଆକାରରେ ବାହାରେ ।

ସା- ଗାହାଦ୍ - ଗାଷର ଭିତ୍‌ରେକେର୍ ମାଇଲା ଗରମ୍ ପାନି ରୂପ୍‌ମେ ବାହାରେଲ୍ ।

ଓ- ଝାଡୁ - ଝାଡୁରେ ଅଳିଆ ସଫା କରାଯାଏ ।

ସା- ବାଢ଼ନି - ବାଢ଼ନି ସେ କାଚ୍‌ରା ସାଫା କାରାଲ୍ ଯାଏଲ ।

ଓ- ଝାମ୍ପି - ଛଞ୍ଚାଣ ଅନ୍ୟ ପକ୍ଷୀଙ୍କୁ ଝାମ୍ପି ନିଏ ।

ସା- ଝାପିଟ୍ - ଚିଲ୍ ଦୋଶ୍‌ରା ଚ଼ରେଇ ମାନ୍‌କେରୁପେଇଟ୍ ଲେଗେଲ୍ ।

ଓ- ଝିଟିପିଟି - ଝିଟିପିଟି କାନ୍ଥରେ ଥାଇ ପୋକ ଖାଏ ।

ସା- - ଛିପ୍‌କାଲି ଭିତ୍‌ମେ ଚାହିକେ ପିଲୁଖାଏଲା ।

ଓ- ଝିମ୍‌ଝିମ୍ - ମୁଣ୍ଡରେ ଆଘାତ ଲାଗିଲେ ଦେହ ଝିମ୍‌ଝିମ୍ ହୁଏ ।

ସା- - ମୁଡ୍‌ମେ ଚୋଟ୍ ଲାଗ୍‌ଲେ ଶାରୀର ଝିମ୍ ଝିମାଏ ଯାଏଲ ।

ଓ- ଝୁଲିଝୁଲି - ପ୍ରଜାପତି ଫୁଲ୍ ଗୁଡ଼ିକରେ ଝୁଲିଝୁଲି ରସ ପାନ କରେ ।

ସା- ଝୁଇଲ୍‌ଝୁଇଲ୍ - ପାପ୍‌ଲା ଫୁଲ୍ ଲାଲି ଝୁଇଲ୍ ଝୁଇଲ୍ କେ ରାସପିଏଲ୍ ।

ଓ- ଝୁଲାଇ - ପ୍ରିୟ ଲୋକଙ୍କ ଫଟୋ ଘରେ ଝୁଲାଇ ରଖାଯାଏ ।

ସା- - ଖାସ୍ ଆଦ୍‌ମିକେର ଫଟୋ ଘାଆର୍‌ମେ ଟାଙ୍ଗାଲ ଯାଏଲ ।

ଓ- ଝୁଡ଼ି - ଶ୍ରମିକମାନେ ଝୁଡ଼ିରେ ମାଟି ବୋହି ନିଅନ୍ତି ।

ସା- - କାମକାରେୟାମାନ୍ ଗେଣ୍ଡୁଆ ମାଟି ବୋହିମେ ଲେଗେନା ।

## 'ଟ'

ଓ- ଟଙ୍କା - ଟଙ୍କା ପଇସା ଦେଇ ଆମେ ଜିନିଷ କିଣୁ ।

ସା- - ରୂପିଆ ପାଇସା ଦେଇକେ ହାମ୍‌ରେ ଚିଜ୍ କିନିଲା ।

ଓ- ଟଙ୍କିଆ - ଆଜିକାଲି ଏକ ଟଙ୍କିଆ ନୋଟ ଦେଖାଯାଉ ନାହିଁ ।

ସା- - ଆଇଜ କାଇଲ ଏକ ରୂପିଆହି ନୋଟ ନି ଦିଶେଲା ।

ଓ- ଟାଙ୍ଗି - ଅଲଗୁଣାରେ ସାର୍ଟ ଟାଙ୍ଗି ଦେଇଛି ।

ସା- ଟାଇଙ୍ଗ୍ - ମୋଏଁ ଆଲ୍‌ନାମେ କୁରତା ଟାଇଙ୍ଗ୍ ଦେଇହୋଁ ।

ଓ- ଟାଙ୍ଗରା - ଆମ ଅଜାଙ୍କ ମୁଣ୍ଡ ଟାଙ୍ଗରା ହୋଇଛି ।

ସା- ଚାନ୍ଦା - ହାମାର ମାନାକେର ମୁଡ୍ ଚାନ୍ଦା ହୋଇଯାଏହେ ।

ଓ- ଟିକସ - ଲୋକମାନେ ସରକାରଙ୍କୁ ଟିକସ ଦିଅନ୍ତି ।

ସା- ଚୁଙ୍ଗି - ଆଦ୍‌ମିମାନ ସାର୍‌କାର୍‌ଲେ ଚୁଙ୍ଗି ଦେୱେନ୍ ।

ଓ- ଟିକି - ଟିକି ପିଲାଟି ଗୁରୁଣ୍ଡୁଛି ।

ସା- ଛୋଟେ - ଛୋଟେ ଛୋଆଠୁ ଘୋଁସ୍‌ରା ଥେ ।

ଓ- ଟିକିଲି - ମହିଳାମାନେ ମୁହଁରେ ଟିକିଲି ଛାପି ରଖନ୍ତି ।

ସା- ଟିକ୍‌ଲି - ଜାନାନାମାନ କାପାର୍‌ମେ ଟିକିଲି ଲାଗାଏନା ।

ଓ- ଟ୍ରିଗାର - ଟ୍ରିଗାର ଟାଣିଲେ ବନ୍ଧୁକ ଫୁଟେ ।

ସା- ଟ୍ରିଗାର - ଟ୍ରିଗାର ଦାବାଲେ ବାନ୍ଧୁକ ଫୁଟେଲ ।

ଓ- ଟୋକନ୍ - ଟୋକନ ଦେଇ ଷ୍ଟାଣ୍ଡରେ ସାଇକେଲ ରଖାଯାଏ ।

ସା- ଟୋକାନ୍ - ଟୋକାନ ଦେଇକେ ଷ୍ଟାଣ୍ଡାମେ ସାଇକାଲ୍ ରାଖାଲ ଯାଅଏଲା ।

ଓ- ଟୋକେଇ - କୃଷକ ଟୋକେଇରେ ପରିବା ବୋହି ହାଟକୁ ନିଏ ।

ସା- ଟୋକ୍‌ରି - ଚାଷି ଟୋକ୍‌ରି ମେ ସାବ୍‌ଜି ବୋହିକେ ବାଜାର୍ ଲେଗେଲ୍ ।

ଓ- ଟୋପି - ଖରାଦିନେ ଟୋପୀ ପିନ୍ଧି ପଦାକୁ ବାହାରନ୍ତୁ ।

ସା- ଟୋପି - ଗାଉଦ ଦିନ୍ ଟୋପୀ ପିନ୍ଧକେ ବାହାର ନିକ୍‌ଲୁ ।

## 'ଠ'

ଓ- ଠାକୁର - ମନ୍ଦିରରେ ଠାକୁର ପୂଜା ପାଆନ୍ତି ।

ସା- ଭାଗ୍‌ବାନ୍ - ମାନ୍ଦିରମେ ଭାଗ୍‌ୱାନ୍ ପୂଜା ପାୱେନା ।

| | | |
|---|---|---|
| ଓ- ଠାକୁରାଣୀ | - | ଅନେକ ମନ୍ଦିରରେ ଠାକୁରାଣୀ ପୂଜା ପାଆନ୍ତି । |
| ଓ- ଠାବ | - | ପୋଲିସ ଚୋରକୁ ଠାବ କରିପାରିଲେ । |
| ସା- ଖୋଜେଲ୍ | - | ପୋଲିସ୍ ଚୋର୍‌କେ ଖୋଇଜ୍ ପାଲାଏଁ । |
| ଓ- ଠିକ୍ | - | ରବି ଯାହା କହିଛନ୍ତି ତାହା ଠିକ୍ ଅଟେ । |
| ସା- ଠିକ୍ | - | ରବି ଯେ କାହାତ୍‌ରାହାଏଁ ଉ ଠିକ୍ ହେକେ । |
| ଓ- ଠିକଣା | - | ବାପାଙ୍କର ଠିକଣା ଆମ ପାଖରେ ରହିଛି । |
| ସା- ପାତା | - | ଆବାକେର୍ ପାତା ହାମାର୍ ପାସେ ଆହେ । |
| ଓ- ଠିକ୍‌ଠିକ୍ | - | ରୋଗ ବିଷୟରେ ଡ଼ାକ୍ତରଙ୍କୁ ଠିକ୍ ଠିକ୍ କହ । |
| ସା- ବେଶ୍‌ଲେ | - | ବେମାର ବାରେ ମେ ଡାକ୍ତାର୍‌କେ ବେଶ୍‌ଲେ ବାତାଓ । |
| ଓ- ଠୁଳ | - | ବିଦେଶୀ ପକ୍ଷୀ ଶୀତ ଦିନେ ଚିଲିକାରେ ଠୁଳ ହୁଅନ୍ତି । |
| ସା- ଠୁର୍ | - | ବିଦେଶୀ ଚଇରା ଠାଣ୍ଡିଦିନେ ଚିଲିକାମେ ଜାମା ହୋଏନ୍ । |
| ଓ- ଠେକୁଆ | - | ଠେକୁଆ ଆଖି ମେଲି ଶୋଇଥାଏ । |
| ସା- ଲାମ୍ବା | - | ଲାମ୍ବା ଆଇଁଖ୍ ଖୋଇଲ୍‌କେ ସୁଇତ୍‌ରାହେଲ୍ । |
| ଓ- ଠେଲାପେଲା | - | କିରାସିନି ପାଇଁ ଲୋକେ ଠେଲାପେଲା ହୁଅନ୍ତି । |
| ସା- ଠେଲାଠେଲି | - | କିରୋସିନ୍‌ଲେ ଆଦ୍‌ମିମାନ ଠେଲାଠେଲି ହୋଏନା । |
| ଓ- ଠୋଠୋ | - | ମତେ ଦେଖି ରବି ଠୋଠୋ ହସିଲା । |
| ସା- | - | ମକେ ଦେଇଖକେ ରବି ଜୋରସେ ହାଁସ୍‌ଲାକ୍ । |

'ଡ଼'

| | | |
|---|---|---|
| ଓ- ଡ଼ଉଲଡ଼ାଉଲ | - | ପିଲାଟି ଡ଼ଉଲଡ଼ାଉଲ ଦେଖାଯାଉଛି । |
| ସା- ଚକ୍‌ମାକ୍ | - | ଛୌଁଣାଠୁ ଗୁଲ୍‌ଗୁଲିଆ ଦିଶାଥେ । |
| ଓ- ଡ଼ର | - | ବାଘ ଦେଖିଲେ ମତେ ଡ଼ର ଲାଗିବ । |
| ସା- ଡ଼ାର | - | ବାଘ୍ ଦେଖ୍‌ଲେ ମୋକେ ଡ଼ାର୍‌ଲାଗି । |

| | | | |
|---|---|---|---|
| ଓ- | ଡ଼ରିବା | - | ଦୁଷ୍ଟ ମାନଙ୍କୁ ଡ଼ରିବା ଅନୁଚିତ । |
| ସା- | ଡ଼ାରାଏକ୍ | - | ବାଦ୍‌ମାସ୍ ମାନ୍‌କେ ଡ଼ାରାଏକ୍ ନି ଋହି । |
| ଓ- | ଡ଼ବା | - | କ୍ଷୀର ଡ଼ବାରେ ରଖି ରପ୍ତାନି କରାଯାଏ । |
| ସା- | ଡାବା | - | ଦୁଧକେ ଡାବାମେ ରାଇର୍‌କେ ଭେଜାଲ ଯାଏଲା । |
| ଓ- | ଡ଼ଜନ | - | କଦଳୀ ଡ଼ଜନ କୋଡ଼ିଏ ଟଙ୍କା । |
| ସା- | ଦାରଜାନ୍ | - | କେରା ଦାର୍‌ଜାନ୍ ମେ ବିସ୍ ରୁପିୟା । |
| ଓ- | ଡ଼ଙ୍ଗା | - | ଡ଼ଙ୍ଗାରେ ନଈ ପାର କରାଯାଏ । |
| ସା- | ଡୋଙ୍ଗା | - | ଡୋଙ୍ଗାମେ ନାଇ ପାର କାରାଲ୍ ଯାଏଲ ।। |
| ଓ- | ଡ଼ାଇସ | - | ଲୁଡୁ ଖେଳ ପାଇଁ ଡ଼ାଇସ ଆବଶ୍ୟକ । |
| ସା- | ଲୁଡୁ | - | ଲୁଡୁ ଖେଲେଖ୍‌ଲେ ଡାଇସ ଦର୍‌କାର୍ । |
| ଓ- | ଡ଼ାକିବା | - | ମୁଁ ଭାଇକୁ ଡ଼ାକିବା ପାଇଁ ଗଲି । |
| ସା- | ବୋଲାଏକ୍ | - | ମୋଏଁ ଭାଇ ବୋଲାଏକ୍ ଗେଲୋ । |
| ଓ- | ଡ଼ାକ୍ତରଖାନା | - | ଡ଼ାକ୍ତରଖାନାରେ ରୋଗୀ ଚିକିତ୍ସା କରାଯାଏ । |
| ସା- | ଡାକ୍ଟରଖାନା | - | ଡାକ୍ଟରଖାନାମେ ରୋଗୀ ସେଓ୍ୱା କରାଲଯାଏଲା । |
| ଓ- | ଡ଼ାକ୍ତର | - | ଡ଼ାକ୍ତର ସମାଜକୁ ସ୍ୱାସ୍ଥ୍ୟ ସେବା ଦିଅନ୍ତି । |
| ସା- | ଡାକ୍ଟର | - | ଡାକ୍ଟର୍ ସାମାଜକେ ଶାରୀରୀକ ସେଓ୍ୱା ଦେଓ୍ୱେନା । |
| ଓ- | ଡ଼ାହାଣ | - | ଆମେ ଡ଼ାହାଣ ହାତରେ ଲେଖୁ । |
| ସା- | ବୁଝେନ୍ | - | ହାମ୍‌ରେମାନ୍ ଭାତ୍ ଖାଇୟା ହାଁଥେ ଲେଖିଲ୍ । |
| ଓ- | ଡ଼ାକବାଲା | - | ଡ଼ାକବାଲା ଆମକୁ ଚିଠି ଦେଇ ଯାଆନ୍ତି । |
| ସା- | ଡାକଓ୍ୱାଲ | - | ଡାକଓ୍ୱଲ ହାମ୍‌ରେକେ ଚିଠି ଦେଇଯାଏନ୍ । |
| ଓ- | ଡ଼ାଳ | - | ଘୂର୍ଣ୍ଣିବାତ୍ୟାରେ ଗଛର ଡ଼ାଳ ଭାଙ୍ଗିଯାଏ । |
| ସା- | ଡ଼ାଇର୍ | - | ଆନ୍ଧିତୁଫାନ ଗାଛକେର୍ ଡ଼ାଇର୍ ଟୁଇଟ୍‌ଯାଏଲ । |

ଓ- ଢ଼ିଆଁ - ମୀରା ଲମ୍ବ ଢ଼ିଆଁରେ ପ୍ରଥମ ହେଲା ।

ସା- ଢ଼େଗେକ୍ - ମୀରା ଲାମ୍ବା ଢ଼େଗେକ୍ ମେ ପାହିଲା ହୋଲାକ୍ ।

ଓ- ଢ଼ିଆଁଡେଇଁ - ମାଙ୍କଡ଼ ମାନେ ଗଛରେ ଢ଼ିଆଁଢ଼େଇଁ କରନ୍ତି ।

ସା- ଢ଼େଗାନାଚ୍ଚ - ବାନ୍ଦ୍ରାମାନ ଗାଛ୍‌ମେ ଢ଼େଗାନାଚ୍ଚ କାରେନ୍ ।

ଓ- ଡୁବି ଦବଲା - ରମା ଡୁବିତବଲା ବଜାଇ ଜାଣେ ।

ସା- - - ରମାଡୁବିତାବଲା ବାଜାଏକ୍ ଜାନେଲ୍ ।

ଓ- ଡେ଼ରି - ଘରେ ପହଂଚିବା ମୋର ଡେ଼ରି ହେଲା ।

ସା- ଦେରି - ଘାର୍ ପୋହଁଚେକ୍ ମୋର ଦେର ହୋଲାକ୍ ।

ଓ- ଡେ଼ଙ୍ଗା - ଆମ ଗାଁରେ ଡେ଼ଙ୍ଗା ଖଜୁରି ଗଛ ଗୁଡ଼ିକ ରହିଛି ।

ସା- - ହାମାର ଗାଁଅଁମେ ଉଁଚ୍ଚାଉଁଚ୍ଚା ଖଜୁର ଗାଛ ଆହେ ।

ଓ- ଡେ଼ଙ୍ଗୁରା - ଡେ଼ଙ୍ଗୁରା ବାଡ଼ାଇ ସରକାରୀ ସୂଚନା ଦିଆଯାଏ ।

ସା- ଡିବ୍‌ଡିବି - ଡିବ୍‌ଡିବି ପିଟକେ ସରକାରୀ ସୂଚନା ଦେଓ୍ୱାଲ୍‌ଯାଏଲ ।

ଓ- ଡେ଼ଣା - ପକ୍ଷୀର ଦୁଇଟି ଡେ଼ଣା ଥାଏ ।

ସା- - ଚାରାଇକେର୍ ଦୁଇଠୁ ଡେନା ରାହେଲ ।

ଓ- ଡୋ଼ରି - କାଠ ବନ୍ଧା ଯାଇଥିବା ଡୋ଼ରି ଛିଣ୍ଡିଗଲା ।

ସା- ଡୋ଼ରା - କାଠିବାନ୍ଦାଲ୍ ଡୋ଼ରା ଛିଟ୍‌ଗେଲାକ୍ ।

'ଢ'

ଓ- ଢିପ - ଆମ ଘର ଏକ ଢିପ ଉପରେ ରହିଛି ।

ସା- ଢିପା - ହାମାର୍ ଘାର୍ ଗୋଟେକ୍ ଢିପା ଉପରେ ଆହେ ।

ଓ- ଢୋଲ - ଆଦିବାସୀ ମାନେ ଢୋଲ ବଜାଇ ନାଚନ୍ତି ।

ସା- ଢୋଲ୍ - ଆଦିବାସୀ ମାନେ ଢୋଲ୍‌ବାଜାଏ କେ ନାଚେନ୍ ।

| | | | |
|---|---|---|---|
| ଓ- | ଢଙ୍ଗ | - | ପ୍ରତ୍ୟେକେ ନିଜ ନିଜ ଢଙ୍ଗରେ ଚଳନ୍ତି । |
| ସା- | ଢାଙ୍ଗ୍ | - | ସୋଭେ ଆପାନ ଆପାନ ଢାଙ୍ଗମେ ଚାଲେନ । |
| ଓ- | ଢୋଲ୍‌କି | - | ଢୋଲ୍‌କି ବଜାଇ ଗୀତ ଗାଅ । |
| ସା- | ଢୋଲ୍‌କି | - | ଢୋଲ୍‌କି ବାଜାଏ କେ ଗୀତ୍ ଗାଓ୍ୱା । |

'ତ'

| | | | |
|---|---|---|---|
| ଓ- | ତରାଟି | - | ସେ ମୋତେ  ଆଖି ତରାଟି ଚାହିଁଲା । |
| ସା- | | - | ଉମକେ ଆଖିୟାକେ ଦେଖଲାକ୍ । |
| ଓ- | ତଟକା | - | ତଟକା ଫଳ ଖାଅ । |
| ସା- | | - | ତାଜା ଫାର ଖାଓ୍ୱା । |
| ଓ- | ତଳ | - | ଥାଳିର ତଳ ଅଂଶ ଚକଟା ଅଟେ । |
| ସା- | ନହେଁଟେ | - | ଥାଗିଆ କେର୍ ହେଁଟେ ଭାଗ୍ ଛେପ୍‌ଲା ହେକେ । |
| ଓ- | ତଳେ | - | ପିଲାଟି ଖେଳୁ ଖେଳୁ ତଳେ ପଡ଼ିଗଲା । |
| ସା- | | - | ଛୋଓ୍ୱାଁଠୁ ଖେଲତେ ଖେଲତେ ହେଁଠେ ଗିରଗେଲାକ୍ । |
| ଓ- | ତଳୁ | - | ମାଟି ତଳୁ କୋଇଲା ବାହାରେ । |
| ସା- | | - | ମାଟି ହେଁଠେସେ କୋଇଲା ନିକ୍‌ଲେଲା । |
| ଓ- | ତଡ଼ା | - | ଛୋଟ ପିଲାଟି ତଡ଼ାରେ |
| ସା- | | - | ଛୋଟ ଛାଓ୍ୱାଠୁ ବେତ୍ । |
| ଓ- | ତମତମ | - | ସେ ରାଗରେ ତମତମ ହୋଇ ଚାଲିଗଲା । |
| ସା- | | - | ଉ କାଏରାଏକେ ତମତମାଏ କେ ଭାଗ୍‌ଲାକ । |
| ଓ- | ତରତର | - | ବାପା ତରତର ହୋଇ ଅଫିସ ଗଲେ । |
| ସା- | ଜାଲ୍‌ଦି | - | ଆବା ତିର୍‌ତିରାଏକେ ଅଫିସ୍ ଗେଲାଏଁ । |

ଓ- ତରଳ - ତରଳ ପଦାର୍ଥକୁ ଲିଟରରେ ମପାଯାଏ ।

ସା- - ପାତ୍‌ଲା ଜିନିଷକେ ଲିଟରମେ ନାପେନା ।

ଓ- ତରୁ - ଜଙ୍ଗଲରେ ବିଭିନ୍ନ ତରୁଲତା ଥାନ୍ତି ।

ସା- - ଜାଙ୍ଗାଲ ମେ ନାନେରାକାମ୍ କେର ଗାଛ ଲରାଙ୍ଗ ରାହେଲା ।

ଓ- ଟଂଟି - ତାଙ୍କ ଟଂଟିରେ ଥରେ ମାଛ କଂଟା ଲାଗିଥିଲା ।

ସା- ଟୌଁଟା - ଉକାର ଟୌଁଟା ମେ ଏନ୍‌ବେର୍ ମାଛରି କାଁଟା ଲାଇଗ୍‌ରାହେ ।

ଓ- ତତ୍ତ୍ୱାବଧାନ - ପିତାମାତା ସନ୍ତାନର ତତ୍ତ୍ୱାବଧାନ କରନ୍ତି ।

ସା- - ଆୟୋଆବା ଛୋଓ୍ୱାକେର ଦେଖଭାଲ କରେନା ।

ଓ- ତନ୍ତ - ତନ୍ତରେ ଲୁଗା ବୁଣାଯାଏ ।

ସା- - ଲୁଗାସାଁଚା ମେ ଲୁଗା ବୁନାଲ ଜାଏଲା ।

ଓ- ତାଳ - ତାଳରୁ ଗୁଡ଼ ତିଆରି ହୁଏ ।

ସା- ତାଲ୍ - ତାଲସେ ଗୁର ବାନେଲ୍ ।

ଓ- ତାଳଗଛ - ତାଳଗଛ ଖୁବ୍ ଡ଼େଙ୍ଗା ।

ସା- ତାଲ୍‌ଗଛ - ତାଲ୍‌ଗାଛ ବାହୁତ୍ ଉଁଚା ।

ଓ- ତାଲିକା - ଭୋଟର ମାନଙ୍କର ନାମ ତାଲିକା ପ୍ରକାଶ ପାଇଲା ।

ସା- - ଭୋଟାର ମାନକେର ନାମତାଲିକା ମେ ଦେଓ୍ୱାଲ ଗେଲାକ ।

ଓ- ତାଲା - ମାଁ ଘରେ ତାଲା ଦେଇ କାମକୁ ଯାନ୍ତି ।

ସା- - ଆୟୋ ଘାରମେ ତାଲା ଦେଇକେ କାମ ଯାଏଲା ।

ଓ- ତାଟକା - ପିଲାଟି ହାତୀ ଦେଖି ତାଟକା ହୋଇଗଲା ।

ସା- ଚକିତ୍ - ଛୋଓ୍ୱାଁଠୁ ହାଁଥୀ ଦେଇଖ୍‌କେ ଆକ୍‌ବାକାକ୍ ହୋଇଗେଲାକ୍ ।

| | | | |
|---|---|---|---|
| ଓ- | ତାରକା | - | ରାତିରେ ତାରକା ଦିଶେ କି ସୁନ୍ଦର । |
| ସା- | ତାରା | - | ରାଇତେ ମେ ଚିନ୍‌କୋ ବେଶ୍ ସୁନ୍ଦର ଦିଶେଲ । |
| ଓ- | ତିନୋଟି | - | ନଡ଼ିଆରେ ତିନୋଟି ଆଖି ଥାଏ । |
| ସା- | ତିନ୍‌ଠୁ | - | ନରିୟାଲ୍‌ମେ ତିନ୍‌ଠୁ ଆଇଁଖ୍ ରାହେଲ୍ । |
| ଓ- | ତ୍ରିଭୁଜ | - | ତ୍ରିଭୁଜରେ ତିନୋଟି କୋଣ ଥାଏ । |
| ସା- | ତ୍ରିଭୁଜ | - | ତିନକୋନିଆ ତିନ୍‌ଠୁ କୋନା ରାହେଲ୍ । |
| ଓ- | ତିଳେ | - | ବାର୍ଷିକ ପରୀକ୍ଷାକୁ ମୁଁ ତିଳେ ମାତ୍ର ଭୟ କରେ ନାହିଁ । |
| ସା- | | - | ଶାଲିନା ପାରିଖ୍ୟାଛାମେ ମଏଁ ତାନିକ ଭି ନି ଡାରାଅନା । |
| ଓ- | ତିରଙ୍ଗା | - | ତିରଙ୍ଗା ଆମର ଜାତୀୟ ପତାକା ଅଟେ । |
| ସା- | | - | ତ୍ରିରଙ୍ଗା ହାମାର୍ ଜାଇତ୍‌କେର୍ ଝାଣ୍ଡାହେକେ । |
| ଓ- | ତୀର | - | ଆଦିବାସୀ ମାନେ ତୀର  ମାରି ଶୀକାର କରନ୍ତି । |
| ସା- | ତୀର୍ | - | ଆଦିବାସୀମାନ୍ ତୀର୍ ମାଇର୍‌କେ ଶୀକାର୍ କାରେନ୍ । |
| ଓ- | ତୁରନ୍ତ | - | ଜ୍ୱର ହେଲେ ତୁରନ୍ତ ଔଷଧ ଖାଅ । |
| ସା- | ତୁରାଂନ୍ତ | - | ଜ୍ୱାର୍‌ହୋଲେ ତୁର୍‌ଥେ ଦାୱାଇ୍ ଖାୱା । |
| ଓ- | ତୁଷ୍ଟ | - | ସଇନିକର ଧୈର୍ଯ୍ୟ ଦେଖି ରାଜା ତୁଷ୍ଟ ହେଲେ । |
| ସା- | | - | ସିପାହି କେର ଢାରାସ ଦେଇଖକେ ରାଜା ଖୁସ୍ ହଲାକ । |
| ଓ- | ତୃତୀୟ | - | ରାଗିଣୀ ପରିବାରର ତୃତୀୟ କନ୍ୟା ଅଟେ । |
| ସା- | | - | ରାଗିଣୀ ଘାରେଇୟାକେର ତିସ୍‌ରା ବେଟୀ ହେକେ । |
| ଓ- | ତୁଚ୍ଛା | - | ସେ ତୁଚ୍ଛାରେ ମୋତେ ସନ୍ଦେହ କରୁଛି । |
| ସା- | ଫାଲ୍‌ତୁ | - | ଉ ଫାଲତୁମେ ମୋକେ ସାଂନ୍ଦେଃହ୍ କରାଥେ । |
| ଓ- | ତୂରୀ | - | ଯୁଦ୍ଧ ପାଇଁ ତୂରୀ ବଜାଉଥିଲେ । |
| ସା- | ବିଗୁଲ୍ | - | ଲାଢେଇ ଲାଗିନ୍ ବିଗୁଲ୍ ବାଜାତ୍‌ରାହାଏଁ । |

ଓ- ତେଲ - ଜଡ଼ା ମଞ୍ଜିରୁ ତେଲ ବାହାରେ ।

ସା- ତେଲ୍ - ଜାଡ଼ା ମାଞ୍ଜି ସେ ତେଲ୍ ବାହାରେଲ୍ ।

ଓ- ଟେଣ୍ଡା - ଟେଣ୍ଡାରେ ପାଣି ଉଠାଇ ଜଳସେଚନ କରାଯାଏ ।

ସା- - ଟେଣାଁ ମେ ପାନି ଉଠଏକେ ପାଟାଲ ଯଅଏଲା ।

ଓ- ତେନ୍ତୁଳି - ତେନ୍ତୁଳି ଖଟା ଲାଗେ ।

ସା- - ତିତେର୍ ଟାର୍‌ଟାର୍ ଆମାତ୍ ଲାଗେଲ୍ ।

ଓ- ତୋଟା - ଆମ ଗାଁ ପାଖରେ ଏକ ଆମ୍ବ ତୋଟା ଅଛି ।

ସା- - ହାମାର ଗାଅଁପାସେ ଏକଠୁ ଆମ୍ବା ବାଗାଇଚା ଆହେ ।

ଓ- ତୋତେ - ମୁଁ ତତେ ସାହାଯ୍ୟ କରିବି ।

ସା- - ମଏଁ ତକେ ମଦାଇତ୍ କାରବଁ ।

ଓ- ତୋଳିବା - ରୀନା ଓ ଲିନା ଶାଗ ତୋଳିବା ପାଇଁ ଗଲେ ।

ସା- - ରୀନା ଆଉର ଲିନ ଶାଗ ତେରେକଲେ ଗେଲାଏଁ ।

ଓ- ତୋରାଣୀ - ଗାଈକୁ କୁଣ୍ଡା ତୋରାଣୀ ଦିଅ ।

ସା- - ଗାଏକେ ଭୂଷା ପାନି ଦେଓ୍ୱା ।

## 'ଥ'

ଓ- ଥର - ମୁଁ ଦିନକୁ ଦୁଇଥର ଭାତ ଖାଏ ।

ସା- - ମଏଁ ଦିନଭାଇର୍‌ମେ ଦୁଇବେର ଭାତ ଖାଅନ୍ ।

ଓ- ଥରକେ - କୁକୁଡ଼ା ଥରକେ ଗୋଟିଏ ଅଣ୍ଡା ଦିଏ ।

ସା- - ମରୁଗୀ ଏକ୍ ବେରମେ ଗୋଟେକ ଆଣ୍ଡା ଦେଓ୍ୱେଲ୍ ।

ଓ- ଥରଥର - ରୋଗୀ ଥରଥର ହୋଇ ବସିଛି ।

ସା- - ବେମ୍‌ରିଆ ଥାରଥାରାଏକେ ବାଇଠହେ ।

ଓ- ଥରିବା - ଥରିବା ମେଲେରିଆ ରୋଗର ଲକ୍ଷଣ ।

ସା- - ଥାରଥାରାଏକ୍ ମେଲେରିଆକେର ଲାକ୍ଷୟନ୍ ହିକେ ।

ଓ- ଥଟାମଜା - ଥଟାମଜାରେ କ୍ଷଣିକ ଆନନ୍ଦ ମିଳେ ।

ସା- - ହାଁସୀଠାଠାସେ ଥଳେହସାମାୟଲେ ଖୁସୀ ମିଲେଲ ।

ଓ- ଥଂଟଣ୍ଟ - ଶୁଆର ଥଂଟ ବଙ୍କା ଥାଏ ।

ସା- ଥୋଁଟ - ମିଟୁଠର୍ ଟେଢା ରାହେଲ୍ ।

ଓ- ଥଣ୍ଡା - ଖରା ଦିନରେ ଥଣ୍ଡା ପାଣି ପିଇବାକୁ ଭଲ ଲାଗେ ।

ସା- - ରାଉଦ ଦିନମେ ଠାଣାଁ ପାନି ପିଏକ୍‌ଲେ ବେଶ୍ ଲାଗେଲା ।

ଓ- ଥାନ - ଏହି ଥାନରେ ମୋର ଭାଇ ସହୀଦ ହୋଇଥିଲେ ।

ସା- - ଇ ଯାଗାନ ମରଭାଇ ସାହୀଦ ହୋଇରାହେ ।

ଓ- ଥାନା - ଅନ୍ୟାୟ ଦୂର କରିବା ପାଇଁ ଥାନା ରହିଛି ।

ସା- - ବେଆଇନ୍ ହାଟାଏକଲେ ଥାନା ଆହେ ।

ଓ- ଥାଳି - ମୁଁ ମୋ ଖାଇବା ଥାଳି ସଫା କରେ ।

ସା- ଥାରିଆ - ମୋଏଁ ମୋର୍ ଖାଏକ୍ ଥାରିଆ ଧୋଓନ୍ ।

ଓ- ଥୋଇ - ଟେବୁଲ ଉପରେ ମୁଁ ଘଂଟାଟି ଥୋଇଥିଲି ।

ସା- ରାଇଖ୍ - ଟେବୁଲ୍ ଉପରେ ମୋଏଁ ଘାଡ଼ି ରାଇଖ୍ ରାହେଁ ।

## 'ଦ'

ଓ- ଦୟା - ଅସହାୟ ଲୋକକୁ ଦୟା କର ।

ସା- ଦାୟା - ବେସାହାରା ଆଦ୍‌ମିକେ ଦାୟା କାରା ।

ଓ- ଦରବ - ଆମ ରାଜ୍ୟ ଧନ ଦରବରେ ପରିପୂର୍ଣ୍ଣ ।

ସା- - ହାମାର ରାଇଜ ଧାନ ଦାଉଲୋତ ସେ ଥାରପୁର୍ ଆହେ ।

ଓ- ଦରିଆ - ଲୋକେ ଜାହାଜରେ ଦରିଆ ପାରି ହୁଅନ୍ତି ।

ସା- ମାମୁଦାର୍ - ଆଦ୍‌ମି ମାନ ଜାହାଜ୍ ମେ ମାମୁଦାର୍ ପାରହୋଏନ୍ ।

ଓ- ଦଉଲତ - ରାଜାଙ୍କର ଅନେକ ଦଉଲତ ଥାଏ ।

ସା- ଦାଉଲାତ୍ - ରାଜାମାନ୍‌କେର୍ ଢେଇର୍ ଦାଉଲାତ୍ ରାହେଲ୍ ।

ଓ- ଦଣ୍ଡ - ବିଦ୍ୟାଳୟ ଏକ ଦଣ୍ଡମୁକ୍ତ ଅଂଚଳ ଅଟେ ।

ସା- ଦାଣ୍ଡ - ଇସ୍କୁଲ୍ ଏକ୍ ସାଜାଇମୁକ୍ତ ଏରିଆ ହେକେ ।

ଓ- ଦଧିନଉତି - ମନ୍ଦିର ଚୁଡ଼ାରେ ଦଧିନଉତି ବସାଯାଏ ।

ସା- - ମାନ୍ଦିର ଆଗାମେ ଦଧିନାଉତି ବୈଠାଲ ଯାଏଲ ।

ଓ- ଦମନ - ବ୍ରିଟିଶ ଶାସକ ଭାରତୀୟଙ୍କୁ ଦମନ କରି ରଖିଥିଲେ ।

ସା- ଦାବାଏ - ଗୋରାସାହେବ ଭାରତୀୟମାନ୍‌କେ ଦାବାଏ କେ ରାଇଖ୍ ରାହାଏଁ ।

ଓ- ଦଳ - ହାତୀ ଦଳ ଗାଁ ଗଣ୍ଡାରେ ପଶୁଛନ୍ତି ।

ସା- ଦାଲ୍ - ହାତୀଦାଲ୍ ଗାଁଘାର୍‌ମେ ଢୁକାଥାଏଁ ।

ଓ- ଦରକାରୀ - ଦାଆ ଏକ ଦରକାରୀ ବସ୍ତୁ ।

ସା- ଦାର୍‌କାରୀ - ହାଁସୁଆ ଗୋଟେକ୍ ଦାର୍‌କାରୀ ଜିନିଷ୍ ହେକେ ।

ଓ- ଦଳେ - ଦଳେ ଲୋକ ଭୋଟ ପ୍ରଚାର କରୁଛନ୍ତି ।

ସା- - ଏକଦଲ ଆଦମୀ ଭୋଟ ପ୍ରାଚାର କାରାଥାଏଁ ।

ଓ- ଦଉଡ଼ - ଦଉଡ଼ ଖେଳରେ ରିମି ପ୍ରଥମ ସ୍ଥାନ ପାଇଲା ।

ସା- - କୁଦେକ୍ ଖେଲ୍‌ମେ ରିମି ପାହିଲା ଠାଓଁ ପାଲାକ ।

ଓ- ଦଉଡ଼ି ଦଉଡ଼ି - ମୁଁ ଦଉଡ଼ି ଦଉଡ଼ି ଆମ୍ବ ଗୋଟାଇଲି ।

ସା- ବାଦିକ୍‌ବାଦିକ୍ - ମୋଏଁ କୁଇଦ୍ କୁଇଦ୍‌କେ ଆମ୍ବା ଠୁରାଲୋଁ ।

ଓ- ଦଖଲ - ଏହି ଜମି ଆମ ଦଖଲରେ ରହିଛି ।

ସା- ଦାଖାଲ୍ - ଏହେ ଜାମିନ୍ ହାମାର୍ ଦାଖାଲ୍ ମେ ଆହେ ।

ଓ- ଦଣ୍ଡବିଧାନ - ଦୋଷୀକୁ ଦଣ୍ଡବିଧାନ କରାଯାଏ ।

ସା- - ଦୋଷୀକେ ସାଜାଇ କରାଲଯାଏଲ ।

ଓ- ଦର୍ଶନୀୟ - ଚିଲିକା ଏକ ଦର୍ଶନୀୟ ସ୍ଥାନ ଅଟେ ।

ସା- - ଚିଲିକା ଏକ ଦେଖେକ୍ ଲାଇକ ଠାଁଓଁ ହେକେ ।

ଓ- ଦର୍ପଣ - ମୁଁ ନିତି ଦର୍ପଣଦେଖି ମୁଣ୍ଡ କୁଣ୍ଡାଏ ।

ସା- ଆଏନା - ମୋଏଁ ରୋଜ୍‌ଦିନ୍ ଆଏନା ଦିଖ୍‌କେ ମୁଡ୍ କୋରାଓନ୍ ।

ଓ- ଦଳ - ଗାଁ ପୋଖରୀ ଦଳରେ ପରିପୂର୍ଣ୍ଣ ହୋଇଛି ।

ସା- - ଗାଁଅଁ ପୋଖରା ଦାଲଦାଲମେ ଭାଇର ଯାହେ ।

ଓ- ଦକ୍ଷିଣ - ଦକ୍ଷିଣ ଦିଗରୁ ମଳୟ ପବନ ବହେ ।

ସା- - ଦାକ୍ଷିଣ୍ ଦିଶା ଲୁହୁର ଲୁହୁର ହାୱା ଆୱେଲ୍ । ।

ଓ- ଦରକାର - ବରିଷ୍ଠ ନାଗରିକଙ୍କୁ ଭତା ଦରକାର ।

ସା- ଦାର୍‌କାର୍ - ବୁଢ଼ା ଆଦ୍‌ମି ମାନ୍‌କେ ଭାତା ଦାର୍‌କାର୍ ।

ଓ- ଦମ୍ପିକା - ମୋ ସାଙ୍ଗର ଦମ୍ପିକା ମନ ଅଛି ।

ସା- - ମୋର ସାଙ୍ଗକେର ମାନ ହୁଦ୍ରିତ୍‌ହେକେ ।

ଓ- ଦରଜୀ - ମୋ ଭାଇ ଜଣେ ଦରଜୀ ଅଟନ୍ତି ।

ସା- - ମୋର ଭାଇ ଗୋଟେକ ଦାର୍‌ଜୀ ହେକାଏଁ ।

ଓ- ଦସ୍ତା - ଦସ୍ତା ଏକ ପ୍ରୟୋଜନୀୟ ବସ୍ତୁ ଅଟେ ।

ସା- - ଦସ୍ତା ଏକ ଦାର୍‌କାରୀଚିଜ ହେକେ ।

ଓ- ଦପ୍ତର - ମୁଁ ଜିଲ୍ଲାପାଳଙ୍କ ଦପ୍ତରରେ ଗୁହାରି କଲି ।

ସା- - ମଏଁ ଜିଲ୍ଲାପାଳକେର ଆଫିସ ମେ ଆରଜି କାର୍‌ଲୋ ।

| | | | |
|---|---|---|---|
| ଓ- | ଦଶ | - | ମାମୁଁ ମୋତେ ଦଶ ଟଙ୍କା ଦେଲେ । |
| ସା- | ଦଶ୍ | - | ମାମୁଁ ମୋକେ ଦାଶ୍‌ରୁପିଆ ଦେଲାଏଁ । |
| ଓ- | ଦଶମ | - | ଗୀତା ଦଶମ ଶ୍ରେଣୀରେ ପଢ଼େ । |
| ସା- | | - | ଗୀତା ଦାଶ୍‌ୱେଁ କ୍ଲାସ ମେ ପାଢେଲା । |
| ଓ- | ଦଶକ | - | ପନ୍ଦରରେ ଏକ ଦଶକ ସ୍ଥାନରେ ରହିଛି । |
| ସା- | | - | ପାନ୍ଦାରାମେ ଏକ ଦାଶ୍‌ୱାଁ ଜାଗାମେ ଆହେ । |
| ଓ- | ଦଶମ | - | ଗୀତା ଦଶମ ଶ୍ରେଣୀରେ ପଢ଼େ । |
| ସା- | | - | ଗୀତା ଦାଶ୍‌ୱେଁ କ୍ଲାସମେ ପାଢେଲା । |
| ଓ- | ଦର୍ଶନ | - | ମୋ ଜେଜେଙ୍କର ଟିକିଏ ଦର୍ଶନ ତ୍ରୁଟି ରହିଛି । |
| ସା- | ଦେଖେକ୍ | - | ମୋର ନାନାକେର୍ ଟାନିକ୍ ଦେଖେକ୍ ଦୋଶ୍ ଆହେ । |
| ଓ- | ଦଉଡ଼ିବା | - | ଦଉଡ଼ିବା ଏକ ଭଲ ବ୍ୟାୟାମ୍ ଅଟେ । |
| ସା- | କୁଦେକ୍ | - | କୁଦେକ୍ ଗୋଟେକ୍ ଆଛା କାସ୍‌ରାତ୍ ହେକେ । |
| ଓ- | ଦାଆ | - | ଦାଆରେ ଧାନ କଟାଯାଏ । |
| ସା- | ହାଁସୁଆ | - | ହାଁସୁଆ ମେ ଧାନ୍ କାଟାଲ୍ ଯାଏଲ୍ । |
| ଓ- | ଦାନ୍ତ | - | ପ୍ରତିଦିନ ସକାଳେ ଦାନ୍ତ ଘଷିବା ଭଲ । |
| ସା- | ଦାଁତ୍ | - | ରୋଜଦିନ୍ ବିହାନେ ଦାଁତ୍ ଘାସେକବେଶ । |
| ଓ- | ଦାଣ୍ଡ | - | ଆମ ଗାଁ ଦାଣ୍ଡ ଖୁବ୍ ଓସାରିଆ ଅଟେ । |
| ସା- | ଛାହୁର୍ | - | ହାମାର୍ ଗାଁଅଁକେର୍ ଛାହୁର୍ ବାଗରା ଚାକାର୍ ଆହେ । |
| ଓ- | ଦାନା | - | କୁକୁଡ଼ାଙ୍କୁ ଯଥେଷ୍ଟ ଦାନା ଦେଇ ପାଳନ କର । |
| ସା- | | - | ମୁର୍ଗୀମାନେ ବାଗରା ଆନାଜ୍ ଦେଇକେ ପୋଶା । |

ଓ- ଦାର୍ଶନୀକ - ଦାର୍ଶନୀକ ମାନେ ଜୀବନର ପଥ ଦେଖାନ୍ତି ।

ସା- - ଦାର୍ଶନୀକ ମାନେ ଜୀଓ୍ୱାନ କେର ଡାହାର ଦେଖାଏନ୍ ।

ଓ- ଦାଉ - ପରିବେଶ ଆଦି ମନୁଷ୍ୟ ଉପରେ ଦାଉ ସାଧୁଛି ।

ସା- - ପାରୟାବାରାନ୍ ଆଦିମ୍ ମାନଓ୍ୱା ଦୁଃଖ୍ ଦେତ୍ତାଖେ

ଓ- ଦାୟୀତ୍ୱ - ବାପାଙ୍କ ପରେ ଘରର ଦାୟୀତ୍ୱ ମୋ ଉପରେ ପଡିଛି ।

ସା- ବୋଝ - ଆବାକେର୍ ପାଛେ ଘାରକେର୍ ବୋଝ୍ ମୋର୍ ଉପ୍ରେ ପାଇଡ୍ ହେ ।

ଓ- ଦିଆସିଲି - ନରମ କାଠରେ ଦିଆସିଲି ଖୋଳ ତିଆରି ହୁଏ ।

ସା- ମାଚିସ୍ - ନାରାମ୍ କାଠି ମେ ମାଚିସ୍ ଖୋଲ୍ ବାନାଲ୍ୟାଏଲ୍ ।

ଓ- ଦିପହର - ଦି ପହର ବେଳେ ମଧାହ୍ନ ଭୋଜନ ଦିଆଯାଏ ।

ସା- ଏକ୍‌ବେଲା - ଉଲଟିବେଲା ଦିନ୍ ଖାନାକ୍ ଖାଏକ୍ ଦେଓ୍ୱାଲ୍ୟାଏଲ୍ ।

ଓ- ଦିଗଦର୍ଶନ - ଗୁରୁଜନ ମାନେ ଆମକୁ ଦିଗଦର୍ଶନ ଦିଲିଆ ।

ସା- - ବାଡମାନ ହାମରେକେ ବେଶ୍ ଡାହାର ଦେଖାଏନା ।

ଓ- ଦିବସ - ଦିବସରେ ଲୋକେ କାମ କରନ୍ତି

ସା- ଦିନ୍ - ଦିନ୍‌ବେରା ଆଦ୍‌ମି ମାନ କାମ କାରେନ୍ ।

ଓ- ଦ୍ୱିତୀୟ - ଏହା ରବିର ଦ୍ୱିତୀୟ ଚେଷ୍ଟା ଥିଲା ।

ସା- ଦୁଇ - ଏଇଗୋ ରବିକେର୍ ଦସ୍‌ରା କୋଶିସ୍ ରାହେ ।

ଓ- ଦୀପ - ଗରିବ ଲୋକେ ରାତିରେ ଘରେ ଦୀପ ଜାଳନ୍ତି ।

ସା- ଦିଆ - ଗାରୀବ୍ ଆଦ୍‌ମି ରାତିମେ ଘାରେ ଦିଆ ଯାଲାଏନ୍ ।

ଓ- ଦୀପାବଳୀ - ଦୀପାବଳୀ ଅମାବାସ୍ୟାରେ ବାଣ ଫୁଟାଯାଏ ।

ସା- - ଦୀଓ୍ୱାଳୀ ଆମା-ସମେ ଫାଟ୍‌କା ଫୁଟାଲଯାଏଲା ।

ଓ- ଦ୍ୱୀପ - ହ୍ୱିଲର ଦ୍ୱୀପରୁ ରକେଟ ପ୍ରେରଣ କରାଯାଏ ।

ସା- - ହ୍ୱିଲର ଟାପୁସେ ରକେଟ ଭେଜାଲ ଯାଏଲା ।

ଓ- ଦୁଇଫାଲ - ନଡ଼ିଆ ଭାଙ୍ଗିଲେ ଦୁଇ ଫାଲ ହୋଇଯାଏ ।

ସା- ଦୁଇଫାରା - ନାରିଆଲ ଫୁଟାଲେ ଦୁଇଫାରା ହୁଇଯାଏଲ୍ ।

ଓ- ଦୁଧ - ଗାଈ ଦୁଧ ଶିଶୁ ମାନଙ୍କ ପାଇଁ ଉପକାରୀ ।

ସା- - ଗାଏ ଦୁଧ ଛାଓ୍ୱା ମାନକେରଲେ ବେଶ୍ ହେକେ ।

ଓ- ଦୁସ୍ଥ - ଦୁସ୍ଥ ଲୋକଙ୍କୁ ସରକାରୀ ସାହାଯ୍ୟ ମିଳେ ।

ସା- - ବେସାହରା ଆଦିମମାନକେ ସରକାରୀ ମାଦାଇତ୍ ଭେଟାଏଲା ।

ଓ- ଦୁହେଁ - ଆମେ ଦୁହେଁ ହାଟକୁ ଯାଇଥିଲୁ ।

ସା- ଦୁଃୟଝାନ୍ - ହାମରେ ଦୁଃୟଝାନ୍ ବାଜାର୍ ଯାଏରାହି ।

ଓ- ଦୁଃଖ - ଆତ୍ମୀୟଙ୍କୁ ହରାଇଲେ ଭାରି ଦୁଃଖ ଲାଗେ ।

ସା- - ଆପାନ୍ ଆଦମିକେ ହେରାଲେ ବାହୁତେ ଦୁଃଖ ଲାଗେଲା ।

ଓ- ଦୁଃଖୀରଙ୍କୀ - ଆମ ଦେଶରେ ଦୁଃଖୀରଙ୍କୀଙ୍କ ସଂଖ୍ୟା କମ୍ ନୁହେଁ ।

ସା- - ହାମାର ଦେଶମେ ଗାରିବ ଆଦିମମାନକେର ଗିନିତି କାମ୍ ନାଲଏ ।

ଓ- ଦୁସାହସ - ଶୀକାରୀର ଦୁଃସାହାସ ଥାଏ ।

ସା- - ଶୀକାରୀ କେର ବହୁତ ସାହାସ ରାହେଲା ।

ଓ- ଦୃଷ୍ଟି - ପିଲାଙ୍କ ପାଠ ପଢ଼ା ପ୍ରତି ପିତାମାତା ଦୃଷ୍ଟି ଦିଅନ୍ତୁ ।

ସା- - ଛାଓ୍ୱାମାନକେର ପାଠ ପଢେଇକେ ଆୟୋ ଆବା ଧେୟାନ ରାଖେନ ଚାହି ।

ଓ- ଦୂରରେ - ଦୂରରେ ଥାଇ ମଧ୍ୟ ସାହାଯ୍ୟ କରିହେବ ।

ସା- ଦୁର୍ - ଦୁର୍‌ମେ ରାହିକେ ଭି ମାଦାଇତ୍ କାରେକ୍‌ପାରାଲ୍ ।

| | | | |
|---|---|---|---|
| ଓ- | ଦୁଷ୍ଟ | - | ଦୁଷ୍ଟ ମାନେ ଦିନେ ବିନିଷ୍ଟ ହେବେ । |
| ସା- | | - | ବାଦ୍‌ମାସମାନ ଏକଦିନ ବାରବାଦ୍ ହୋବାଏ । |
| ଓ- | ଦୂଷିତ | - | ଦୂଷିତ ଜଳ ପାନ କଲେ ରୋଗ ହୁଏ । |
| ସା- | | - | ମାଇଲା ପାନିପିଲେ ବେମାର ହୋଏଲ । |
| ଓ- | ଦୃଶ୍ୟ | - | କରୁଣ ଦୃଶ୍ୟ ଦେଖିଲେ ହୃଦୟକୁ ବାଧେ । |
| ସା- | | - | ଦୁଃଖାଦ୍ ଦ୍ରିଶ୍ୟ ଦେଖ୍‌ଲେ ଜିଉକେ ଦୁଖାଏଲ୍ । |
| ଓ- | ଦେଖାଦେଖି | - | ଲୁଚ୍‌ମ୍ କେ ଟିକେ ଦେଖ୍ ଦେଖାକେ ଦୁଆ ଫିର୍ ଯଥେ । |
| ସା- | | | |
| ଓ- | ଦେଶ | - | ଆମ ଭାରତ ଏକ ବୃହତ୍ ଦେଶ ଅଟେ । |
| ସା- | | - | ହାମାର ଭାରତ ଏକ ବାହୁତ ବାଡ୍ ଦେଶ୍ ହେକେ । |
| ଓ- | ଛୁଏଁ | - | ସମୁଦ୍ର ଆମ ଜନ୍ମଭୂମିର ପାଦ ଛୁଏଁ । |
| ସା- | | - | ସାମୁଦାର ହାମାର ଜାନାମମାଟି କେର୍ ପାଅଁ ଛୁଏଲ । |
| ଓ- | ଦେଖିବା | - | ସୂର୍ଯ୍ୟଙ୍କୁ ଦେଖିବା ଦ୍ୱାରା ଆଖି ଖରାପ ହୁଏ । |
| ସା- | ଦେଖେକ୍ | - | ସୁରାଜ / ବେଇର୍ କେ ଦେଖେକ୍ ମେ ଆଇଁଖ୍ ଖାରାପ୍ ହୋଏଲ୍ । |
| ଓ- | ଦେହ | - | ମୋ ଦେହ ଆଜି ଟିକିଏ ଭଲ ନାହିଁ । |
| ସା- | ଦେହେଁ | - | ମୋର୍ ଗାତାରଆଇଜ୍ ଜାନିକ୍ ବେଶ୍ ନାଖେ । |
| ଓ- | ଦେବଦାରୁ | - | ଦେବଦାରୁ ଗଛର କାଠରେ ଦିଆସିଲି ତିଆରି ହୁଏ । |
| ସା- | | - | ଦେବେଦାର ଗାଛ୍‌କେର୍ କାଠି ସେ ମାଚିସ୍ ବାନେଲା । |
| ଓ- | ଦେଖି | - | ହଠାତ୍ ବାଘ ଦେଖି ମୁଁ ଡ଼ରିଗଲି । |
| ସା- | | - | ଆଚାନାକ୍ ବାଘ ଦେଇଖ୍‌କେ ମଏଁ ଡାରାୟଗେଲୋଁ । |
| ଓ- | ଦେବୀ | - | କାଲି ଜାଇ ପାହାଡ଼ରେ ଦେବୀ ମନ୍ଦିର ଅଛି । |
| ସା- | | - | କାଲିଜାଇ ପାହର୍‌ମେ ଦେବୀ ମାନ୍ଦିର ଆହେ । |

ଓ- ଦୋକାନ - ଆମ ଗ୍ରାମରେ ଔଷଧ ଦୋକାନଟିଏ ନାହିଁ ।

ସା- - ହାମାର ଗାଁଏଁମେ ଗୋଟେକ ହୁଁ ଦାଓ୍ୱଇ ଦୋକାନ ନାଖେ ।

ଓ- ଦୋଳି - ଝିଅମାନେ ଦୋଳି ଖେଳି ଆନନ୍ଦ ପାଆନ୍ତି ।

ସା- - ଛୋଣିମାନ ଡିଲ୍ୱା ଜୁଲେକ୍ ମେ ଖୁସି ହେଓ୍ୱେନ ।

ଓ- ଦୈର୍ଘ୍ୟ - ହୀରାକୁଦ ବନ୍ଧର ଦୈର୍ଘ୍ୟ ପ୍ରାୟ ୨୫ କି.ମି. ।

ସା- - ହୀରାକୁଦ ବାନ୍ଧ କେର ଲମ୍ବାଇ ଲାଗଭାଗ୍ ୨୫ କି.ମି ।

ଓ- ଦୌଡ଼ିବା - ଶିକ୍ଷକ ପିଲାଙ୍କୁ ଦୌଡ଼ିବା ପାଇଁ କହିଲେ ।

ସା- - ମାଷ୍ଟାର ଛୋଣାଁମାନ୍‌କେ କୁଦେକ୍‌ଲେ କାହଲାଏଁ ।

ଓ- ଦ୍ୱନ୍ଦ - ଲୋକଟିର କଥା ଶୁଣି ମୁଁ ଦ୍ୱନ୍ଦରେ ପଡ଼ିଲି ।

ସା- - ଆଦିମକେର ବାତ ଶୁଇନକେ ମଏଁ ଦ୍ୱିଧା ମେଁ ଗିରଗଲୌଁ ।

ଓ- ଦ୍ୱାର - ମନ୍ଦିରର ଦ୍ୱାର ସମସ୍ତଙ୍କ ପାଇଁ ଖୋଲା ରହିବା ଆବଶ୍ୟକ ।

ସା- - ମାନ୍ଦିରକେର ଦୁରା ସବ୍‌ମାମ ଲାଗିନ୍ ଖୁଲା ରାହେକ ଚାହି ।

## 'ଧ'

ଓ- ଧଳା - ଟଗର ଫୁଲର ରଙ୍ଗ ଧଳା ।

ସା- ସାଫେଦ୍ - ଟାଗାର୍ ଫୁଲ୍ କେର୍ ରାଙ୍ଗ ଚାରକା ।

ଓ- ଧମନୀ - ଧମନୀରେ ପରିଷ୍କୃତ ରକ୍ତ ଯାଏ ।

ସା- - ନାଶ୍ ମେ ସାଫାଖୁନ ଯାଏଲ ।

ଓ- ଧନୁଶର - ଶବର ମାନେ ଧନୁଶର ଧରି ଯାଆ ଆସ କରନ୍ତି ।

ସା- ଧନୁଟିଏର୍ - ଶବର୍‌ମାନ ଧାନୁଟିଏର୍ ଧାଇରକେ ଯାଏକ୍ ଆଏକ୍ କାରେନ୍ ।

ଓ- ଧଇଁସଇଁ - ଲୋକଟି ଧଇଁସଇ ହୋଇ ଘରେ ପହଂଚିଲା ।

ସା- - ଆଦମୀଠୁ ସଁ ସଁ ହୋଇ ଘାରେ ପହଂଚଲାକ ।

ଓ- ଧରିବା - ମାଛ ଧରିବା କେଉଁଟ ମାନଙ୍କ ବୃତି ଅଟେ ।

ସା- ଧାରେକ୍ - ମାଛରିଧାରେକ୍ ଝରାମାନାକ୍ ଜୀଓ୍ୱାନ ବୀବିକାହେକେ ।

ଓ- ଧରାଧରି - ପିଲାଏ ଧରାଧରି ହୋଇ ଖେଳନ୍ତି ।

ସା- - ଛୋଣାଁମାନେ ଧାରାଧାରି ହୋଇକେ ଖେଲେନା ।

ଓ- ଧନ୍ଦା - ସ୍କୁଲ ମାନଙ୍କରେ ଧନ୍ଦାମୂଳକ ଶିକ୍ଷା ଦେବା ଉଚିତ୍ ।

ସା- - ସ୍କୁଲ ମାନମେ କାମ୍ ଧାନ୍ଦା ଶିଖେକ୍ ଶିଖ୍ଛା ଦେଓ୍ୱେକ୍ ଚାହି ।

ଓ- ଧନ୍ୟ - ଦେଶ ପାଇଁ ପ୍ରାଣବଳୀ ଦେଉଥିବା ଲୋକ ଧନ୍ୟ ।

ସା- - ଦେଶଲେ ଜୀଓ୍ୱାନ ଦେଲେକ୍ ଓ୍ୱାଲା ଆଦିମ୍ ଧାଇନ୍ ହେବାଏଁ ।

ଓ- ଧନୀ - ଧନୀମାନେ ଗରିବଙ୍କ କଥା ଶୁଣିବା ଉଚିତ୍ ।

ସା- ଧାନୀ - କିଶାଣ୍ମାନ ଗାରୀବ୍ ମାନ୍କେର୍ ଗୁଇଠ୍ ଶୁନେକ୍ ଚାହି ।

ଓ- ଧାର - ଗାଁର ଲୋକେ ଧାର ଉଧାର କରି ଚଳନ୍ତି ।

ସା- - ଗାଅଁକେର ଆଦିମମାନେ ପାଇଁଚା କାଇରକେ ଚାଲେନା ।

ଓ- ଧାନ - ବାସୁମତୀ ଧାନ ଚାଷ ଏକ ଲାଭଜନକ କୃଷି କାର୍ଯ୍ୟ ।

ସା- - ବାସମତୀ ଧାନ କ୍ଷେତି ଏକ ଫାଏଦାମାନ୍ଦ କ୍ଷେତି ହେକେ ।

ଓ- ଧିର - ଧିର ପାଣି ପଥର କାଟେ ।

ସା- - ଧିରେ ପାନି ପାଖ୍ନା କାଟେଲ୍ ।

ଓ- ଧୂଆଁ - ନିମ୍ବ ପତ୍ର ଧୂଆଁ, ମଶା ଘଉଡ଼ାଏ ।

ସା- ଧୁଙ୍ଗିଆ - ନିମ୍ ପାତାଇ କେର୍ ଧୁଙ୍ଗିଆ ପୁଶୁଡ଼୍ ଭାଗ୍ଓ୍ୱାଏଲ୍ ।

ଓ- ଧୂଆଁଳିଆ - ଖରାଦିନେ ଆକାଶ ଧୂଆଁଳିଆ ଦେଖାଯାଥେ ।

ସା- ଧୁନ୍ହ୍ରା - ଗାଉଦ୍ଦିନେ ଆକାଶ୍ ଧୁନ୍ହ୍ରା ଦିଶେଲ୍ ।

ଓ- ଧୂପ - ପୂଜକ ଧୂପ ଦେଇ ପୂଜା କରନ୍ତି ।

ସା- - ପୁଝାରୀ ଧୂଆନ ଦେଇକେ ପୂଜା କାରେଲ୍ ।

ଓ- ଧୂଏ - ସକାଳେ ଉଠି ମୁଁ ମୁହଁ ଧୂଏ ।

ସା- ଧୋଓ୍ୱାନ୍ - ବିହାନେ ଉଇଠ୍‌କେ ମୋଏଁ ଟଦେହେରା ଧୋଓନ୍ ।

ଓ- ଧୂଳି - ମାଟି ରାସ୍ତାରେ ଖୁବ୍ ଧୂଳି ଉଡ଼େ ।

ସା- ଧୁର୍ - ମାଟିତାହାର ସେ ବାଗ୍‌ରା ଧୁର୍ ଉଡ଼େଲ୍ ।

ଓ- ଧୂଳିଛାଡ଼ି - ପିଲାଟି ଧୂଳି ଛାଡ଼ି ଉଠିପଡ଼ିଲା ।

ସା- - ଛୋଣାଁଗୋ ଧୁର ଝାରାଏକେ ଉଇଠଗେଲାକ ।

ଓ- ଧ୍ୱଂସ - ପରମାଣୁ ବୋମା କ୍ଷଣିକେ ମଧ୍ୟରେ ସବୁ ଧ୍ୱଂସ କରେ ।

ସା- - ପରମାଣୁ ବୋମ୍ ଉଓ୍ୱେଗାନ୍ ସୋବ ଛାରଖାର କରେଲ ।

"ନ"

ଓ- ନଈ - ମୁଁ ଆମ ଗାଁ ନଈରେ ପହଁରା ଶିଖିଛି ।

ସା- ନାଦି - ମୋଏଁ ହାମାର୍ ଗାଆଁକେର୍ ନାଦିମେ ପାହଁରା ଶିଖଲୋ ।

ଓ- ନଈବନ୍ଧ - ନଈବଢ଼ିବେଳେ ନଈବନ୍ଧ ଭାଙ୍ଗିଯାଏ ।

ସା- - ନାଦିବାଇଉ୍‌ବେରା ନାଦୀବାନ୍ଧ ଟୁଇଟ ଯାଏଲ୍ ।

ଓ- ନଈବଢ଼ି - ନଈବଢ଼ି ଆମ ରାଜ୍ୟର ଏକ ବଡ଼ ବିପତି ।

ସା- - ନାଦିବାଇଉ୍ ହାମାର ରାଇଜକେର ବାଡ ବିପେଇଉ୍ ହେକେ ।

ଓ- ନଦୀ - ମହାନଦୀ ଓଡ଼ିଶାର ବଡ଼ ନଦୀ ।

ସା- ନାଦୀ - ମହାନାଦୀ ଓଡିଶାକେର୍ ବାଡ଼ ନାଦୀ ।

ଓ- ନକ୍‌ସା - ଇଂଜିନିୟମ୍ ଆସି ବିଦ୍ୟାଳୟର ନକ୍ସା ପ୍ରସ୍ତୁ କଲେ ।

ସା- ନାକ୍‌ସା - ଇନ୍‌ଜିନିୟର୍ ଆଏକେ ସ୍କୁଲ୍‌କେର ନାକ୍ସା ତିଆର୍ ବାନାଲାଏଁ ।

ଓ- ନଜର - ଶିକ୍ଷକ ପ୍ରତି ପିଲା ଉପରେ ନଜର ରଖନ୍ତି ।

ସା- ନାଜାର୍ - ମାଷ୍ଟାର ସୋବ୍ ଛୋଣାଁ ଉପ୍‌ରେ ନାଜାର୍ ରାଖେନ୍ ।

ଓ- ନଟୁ - ପିଲାମାନେ ନଟୁ ଖେଳ ଭଲ ପାଆନ୍ତି ।

ସା- - ଛୋଣାଁମାନ ଭାଅଁରୋ ଖେଲେକ୍ ବେଶ୍ ପାଓ୍ୱେନ ।

ଓ- ନଡ଼ିଆ - ନଡ଼ିଆ କତାରେ ଦଉଡ଼ି ତିଆରି ହୁଏ ।

ସା- ନାଡିଆ - ନାରିଆଲ କାତ୍‌ରା ସେଡ଼ୋରା ବାନାଲ୍ ଯାଏଲ୍ ।

ଓ- ନବମ - ଦୌଡ଼ ଖେଳରେ ରୀତା ନବମ ସ୍ଥାନରେ ରହିଲା ।

ସା- - କୁଦେଖି ଖେ୍ଳ ମେ ରୀତା ନାଆଁ ଜାଗାମେ ରାହାଲାକ୍ ।

ଓ- ନଳ - ନଳକୂପ ପାଣି ପିଇବା ନିରାପଦ ।

ସା- - ନାଲକୂଆଁ କେର ପାନି ପିଏକଲେ ସୁରଖ୍ଛିଦ୍ ହେକେ ।

ଓ- ନଷ୍ଟ - ଖାଦ୍ୟ ଦ୍ରବ୍ୟ ଆଦି ନଷ୍ଟ କର ନାହିଁ ।

ସା- - ଖାଏକ ଆନାଜ୍‌କେ ବାରବାଦ୍ ନକାର ।

ଓ- ନାଲି - ସଂନ୍ଧ୍ୟା ସୂର୍ଯ୍ୟ ନାଲି ଦେଖାଯାଏ ।

ସା- ଲାଲ୍ - ସାଁଝିକେର୍ ବେର୍ ଲାଲ୍ ଦିସେଲ୍ ।

ଓ- ନାଳ - ନାଳରେ ପାଣି ଦୂରକୁ ନିଆଯାଏ ।

ସା- ନାଲା - ପାଇଁପ୍‌ମେ ପାନି ଦୁର୍ / ଧୁର୍‌ୟା ତାକ୍ କୋନାଲ ଯାଏଲ ।

ଓ- ନାତୁଣୀ - ମୋର ଗୋଟିଏ ନାତୁଣୀ ଅଛି ।

ସା- ନାତିୟେନ୍ - ମୋର୍ ଗୋଟେକ୍ ନାତିନ୍ ଆହେ ।

ଓ- ନାଶ - ଦୁଷ୍ଟର ସର୍ବନାଶ ହୋଇଯାଏ ।

ସା- - ବାଦମାସକେର୍ ସୋବ୍‌ନାଶ ହୋଏଲା ।

ଓ- ନାମ - ବହୁମୂଲ୍ୟ ସୁବର୍ଣ୍ଣ ଅପେକ୍ଷା ଉତ୍ତମ ନାମ ଭଲ ।

ସା- - ଦାମୀ ସୋନାସେ ବେଶ ନାଓ ବେଶ ।

ଓ- ନାରଖାର - ଅବାଧ୍ୟ ପୁତ୍ର ସଂପତି ନାରଖାର କରେ ।

ସା- - ନାମାସାଝବୋଟା ସଂପାତି ବାର୍‌ବାଦ୍ କରେଲା ।

ଓ- ନାରିକେଲ - କେରଲ ରାଜ୍ୟରେ ବହୁତ ନାରିକେଳ ଗଛ ଅଛି ।

ସା- - କେରଲ ରାଇଜମେ ବାଗ୍‌ରା ନାରିଆଲ ଗାଛ୍ ଆହେ ।

ଓ- ନାତି - ରବିବାବୁଙ୍କ ନାତି ଷଷ୍ଠ ଶ୍ରେଣୀରେ ପଢ଼େ ।

ସା- ନାତି - ରବିବାବୁ କେର୍ ନାତି ଛାଟ୍‌ୱାଁ କ୍ଲାସ୍‌ମେ ପାଡେଲ୍ ।

ଓ- ନା - ଧୂମ୍ର ପାନକୁ ନା କହ ।

ସା- - ଧୁଙ୍ଗିଆ ପିଏକ କେ ନାହି କାହା ।

ଓ- ନାଚିନାଚି - ଲହଡ଼ି ନାଚିନାଚି କୂଳରେ ପିଟି ହୁଏ ।

ସା- - ଲାହାରୀ ନାଇଚ୍ ନାଇଚ୍‌କେ କିନାରେ ପିଟାଏ ହୋଏଲ୍ ।

ଓ- ନାଗରିକ - ଆମେ ଭାରତର ନାଗରିକ ଅଟୁ ।

ସା- - ହାମରେ ଭାରତକେର୍ ନାଗରିକ ହେକି ।

ଓ- ନାନା - ସେ ମୋତେ ନାନା କଟୁ କଥା କହିଲା ।

ସା- - ଉ ମକେ ବାହୁତ ଖରାପବାତ କାହଲାକ ।

ଓ- ନାକ - ଦୁର୍ଗନ୍ଧରେ ନାକ ଫାଟି ପଡୁଛି ।

ସା- - ଦୁର୍ଗନ୍ଧସେ ନାକ ଫାଇଟ ଯାଥେ ।

ଓ- ନାଡ଼ି - କବିରାଜ ନାଡ଼ି ଦେଖି ରୋଗ ଚିହ୍ନନ୍ତି ।

ସା- - କବିରାଜ ନାରି ଦେଇଖକେ ବେମାର ଚିହ୍ନେନା ।

ଓ- ନିଜେ - ପିଲାମାନେ ନିଜେ ନିଜର ଖାତା ପତ୍ର ସଜାଇ ରଖନ୍ତୁ ।

ସା- - ଛୋଣାଁମାନ ଆପ୍‌ନେ ଆପାନ୍ ଖାତା ପାତାର ସଜାଏ ରାଖା ।

ଓ- ନିଦ - ଦିନ ବେଳେ ନିଦରେ ଶୋଇବା ଅନୁଚିତ୍ ।

ସା- - ଦିନ୍‌ବେରା ନିଂଦ୍‌ମେ ନିଖୁତେକ ଚାହିଁ ।

ଓ- ନିୟମ - ସମସ୍ତେ ବିଦ୍ୟାଳୟର ନିୟମ ମାନିବା ଉଚିତ୍ ।

ସା- - ସୋବ୍ ସ୍କୁଲକେର ନିୟାମ ମାନେକ ଚାହି ।

ଓ- ନିର୍ମଳ - ଶରତ ଋତୁରେ ନଈପାଣି ନିର୍ମଳ ଦେଖାଯାଏ ।

ସା- - କୁଆଁର ମାହିନା ନାଦୀପାନି ନିରାଲ୍ ଦିଶେଲ ।

ଓ- ନିକିତି - ଦୋକାନୀ କିନିତିରେ ଓଜନ କରେ ।

ସା- - ଦୋକାନୀ ତାରାଜୁ ସେ ତୌଲେଲା ।

ଓ- ନିସ୍ୱ - ନିସ୍ୱ ବ୍ୟକ୍ତିଙ୍କୁ ଯଥାସମ୍ଭବ ସାହାଯ୍ୟ କରେ ।

ସା- - ଗାରିବ ଆଦିମ୍‌କେ ଯେତ୍‌ନା ପାରାଇ ମାଦ୍‌ଇତ୍‌କାରା ।

ଓ- ନିଷ୍ଠା - ନିଷ୍ଠା ବଳରେ ଅସମ୍ଭବ ସମ୍ଭବ ହୋଇଥାଏ ।

ସା- - ଲାଗାନ୍ ରାହ୍‌ଲେ ଅସାମ୍ଭଓ ସାମ୍ଭାଓ ହୋଏଲ୍ ।

ଓ- ନିଷ୍ଫଳ - ପରିଶ୍ରମ କେବେ ନିଷ୍ଫଳ ହୁଏନାହିଁ ।

ସା- - ମେହ୍‌ନାତ କାହିୟୋ ବେକାର ନିହୋଏଲ ।

ଓ- ନିର୍ବାହ - ଆମେ ନିଜର କର୍ତ୍ତବ୍ୟ ନିର୍ବାହ କରିବା ଉଚିତ୍ ।

ସା- - ହାମରେ ଆପାନ କର୍ତ୍ତବ୍ୟ କରେକ ଉଚିତ ।

ଓ- ନିଷ୍ପତି - ଦେଶସେବା କରିବାକୁ ସମସ୍ତେ ନିଷ୍ପତି ନେବା ।

ସା- - ଦେଶସେୱା କରେକ୍‌ଲେ ସୋବ୍ ରାଜୀ ବହାୱାବ୍ ।

ଓ- ନିଷ୍ପକ୍ଷ - ବିଚାରକର୍ତା ନିଷ୍ପକ୍ଷ ବିଚାର କରନ୍ତି ।

ସା- - ଜାଜ୍‌ମାନେ ନିରପାକ୍ଷ ବିଚାର କରେନା ।

ଓ- ନିଷେଧ - ସର୍ବସାଧାରଣ ସ୍ଥାନରେ ଧୂମ୍ରପାନ ନିଷେଧ ।

ସା- ମାନା - ସର୍ବସାଧାରଣ୍ ଜାଗାମେ ସିଗେରେଟ / ବିଡ଼ି ପିଏକ୍ ମାନା ।

| | | | |
|---|---|---|---|
| ଓ- | ନିର୍ଦ୍ଦେଶ | - | ଦୁର୍ନିତି ନିବାରଣ ପାଇଁ ସରକାରୀ ନିର୍ଦ୍ଦେଶ ରହିଛି । |
| ସା- | | - | ଘୁସଖୋର୍ ମେଟାଏକଲେ ସରକାରୀ ନିୟମ୍ ଆହେ । |
| ଓ- | ନିଶ୍ଚଳ | - | ସମୀର ହୃଦଘାତରେ ନିଶ୍ଚଳ ହୋଇଛି । |
| ସା- | | - | ସମୀର ଦିଲଦୌରା ସେ ହାଲଚଲ ହୋଏକ ନି ପାରାଥେ । |
| ଓ- | ନିରୀକ୍ଷଣ | - | ଶିକ୍ଷକ ଛାତ୍ରଛାତ୍ରୀ ମାନଙ୍କୁ ନିରୀକ୍ଷଣ କରନ୍ତି । |
| ସା- | | - | ମାଷ୍ଟାର ଛୋଣାଁ ଛୋଣି ମାନକେ ଦେଖ୍‌ରେଖ୍ କରେନା । |
| ଓ- | ନିରୁପଣ | - | ଆସନ୍ତା ବର୍ଷ ଆଳୁଚାଷ କରିବାକୁ ଆମେ ନିରୁପଣ କରିଅଛୁ । |
| ସା- | | - | ଆଗ୍‌ଲେ ସାଲ୍ ହାମ୍‌ରେ ଆଳୁକ୍ଷେତି କରେକ୍‌ଲେ ବିଚାର କାଇରହି । |
| ଓ- | ନିତି | - | ମୁଁ ନିତି ଈଶ୍ୱରଙ୍କ ଠାରେ ପ୍ରାର୍ଥନା କରେ । |
| ସା- | ସବ୍‌ଦିନ୍ | - | ମୁଁ ସୋବୁଦିନ୍ ଇଶ୍ୱାରକେରପାସେ ପ୍ରାର୍ଥନା କାରୋନ୍ । |
| ଓ- | ନିଶ୍ଚୟ | - | ଶ୍ରମର ଫଳ ନିଶ୍ଚୟ ମିଳିବ । |
| ସା- | | - | ମେହନତ୍‌କେର ଫାଲ ଜାରୁର୍ ଭେଟାଇ । |
| ଓ- | ନିର୍ବୋଧ | - | ନିର୍ବୋଧ ମାନେ କିଛି କରିପାରନ୍ତି ନାହିଁ । |
| ସା- | | - | ର୍ନିବୁଦ୍ଧିଆମାନେ କୋନଓ୍ୱେକାରେକ ନି ପାରେନା । |
| ଓ- | ନିଆଁ | - | ଅମ୍ଳଜାନ ନିଆଁ ଜଳିବାରେ ସାହାଯ୍ୟ କରେ । |
| ସା- | ଆଇଗ୍ | - | ଅମ୍ଳଜାନ ଆଇଗ୍ ଜାଳେକ୍ ମେ ସାହେତା କାରେଲ୍ । |
| ଓ- | ନିକାଚଂନ | - | ନିକାଚଂନ ଜାଗାରେ ମୋତେ ଶାନ୍ତି ମିଳେ । |
| ସା- | | - | ଶୂନ୍‌ଶାନ୍ ଜାଗାମେ ମୋକେ ଶାନ୍ତି ମିଲେଲା । |
| ଓ- | ନିଲାମ | - | ଜବତ ହୋଇଥିବା ଗାଡ଼ି ନିଲାମ କରାଯିବ । |
| ସା- | | - | ଯାବାତ୍ ହୋଓାଲ୍ ନିଲାମ କରାଲଯାଇ । |

ଓ- ନିମନ୍ତ୍ରଣ - ମୋ ଜନ୍ମ ଦିନରେ ମୁଁ ବନ୍ଧୁମାନଙ୍କୁ ନିମନ୍ତ୍ରଣ କରେ ।

ସା- - ମୋରଁ ଜାନାମ ଦିନ ମେ ସାଙ୍ଗ୍ ସାଥୀ ମାନକେ ଦେଓତାଓନ୍ ।

ଓ- ନିର୍ଣ୍ଣୟ - ପ୍ରତିଟି କାର୍ଯ୍ୟ କିପରି କରାଯିବ ତାହା ଆମେ ନିର୍ଣ୍ଣୟ କରିବା ।

ସା- - ହାରେକକାମ କାଇସାନ କରାଲ୍ଯାଇ ଉକେ ହାମ୍‌ରେ ମାନ ନିଶ୍ଚିତ୍ କରାବ ।

ଓ- ନିଜର - ନିଜେ ନିଜର ପ୍ରସଂସା କରିବା ଅନୁଚିତ୍ ।

ସା- - ଆପ୍‌ନେ ଆପାନ୍ ବାଡାଇ କାରକ୍ ବେଶ ନାହିଁ ।

ଓ- ନିର୍ଦ୍ଧିଷ୍ଟ - ପ୍ରତିଟି ପ୍ରଶ୍ନର ନିର୍ଦ୍ଧିଷ୍ଟ ଉତ୍ତର ରହିଥାଏ ।

ସା- - ହାର୍ ଏକ୍ ସାଓ୍ୱାଲ କେର୍ ଏକ୍ ମାନକ ଜାବାବ୍ ରାହେଲା ।

ଓ- ନିଃଶ୍ୱାସ - ନିଃଶ୍ୱାସ ବାୟୁରେ ଅଧିକ ଅଙ୍ଗାରକାମ୍ଳ ଥାଏ ।

ସା- - ନିଃଶ୍ୱାସ ହାଓ୍ୱାମେ ବାହୁତେ ଅଙ୍ଗାରକାମ୍ଳ ରାହେଲା ।

ଓ- ନିୟନ୍ତ୍ରଣ - ହୀରାକୁଦ ବନ୍ଧ ବନ୍ୟା ନିୟନ୍ତ୍ରଣ ପାଇଁ ନିର୍ମିତ ହୋଇଛି ।

ସା- - ହୀରାକୁଦ ବାନ୍ଧ ବାଇଡ୍ ରୋକେକ୍‌ଲେ ଢେଆର ହୋଇହେ ।

ଓ- ନୀଡ଼ - ବାଇଚଢ଼େଇ ଝଡ଼ବର୍ଷା ବେଳେ ନୀଡ଼ରେ ଝୁଲୁଥାଏ ।

ସା- - ଚରଚାରଇ ଆନ୍ଧିତୁଫାନ ମେ ଭିଖୋତାମେ ଝୁଲତ୍‌ତ ରାହେଲ ।

ଓ- ନୀତି - ସମାଜର ନୀତିନିୟମ ପାଳନ କରିବା ଉଚିତ୍ ।

ସା- - ସାମାଜ କେର ନୀତି ରିତୀ ମାନେକ୍ ଚାହି ।

ଓ- ନୀଳ - ନୀଳ ଆକାଶରେ ବାଦଲ ଭାସେ ।

ସା- - ନୀଲ ଆକାଶ ମେ ବାଦ୍‌ରୀ ମେଣ୍ଡ୍‌ରା ଏଲା ।

ଓ- ନୀରବ - ବିଦ୍ୟାଳୟରେ ଆମେ ନିତିନୀରବ ପ୍ରାର୍ଥନା କରୁ ।

ସା- - ସ୍କୁଲ ମେ ହାମରେ ରୋଜ ଚୁପ୍‌ଚାପ୍ ପ୍ରାର୍ଥନା କାରିଲ୍ ।

ଓ- ନୂଆଁ - ପଶ୍ଚିମ ଓଡ଼ିଶାରେ ନୂଆଖାଇ ପାଳନ କରନ୍ତି ।

ସା- - ପାଶ୍ଚିମ୍ ଓଡିଶା ମେ ନାଓ୍ୱାଖାନୀ ମାନାଏନା ।

ଓ- ନୂଆଁଣିଆ - ଗାଁ ଗହଳିରେ ନୂଆଁଣିଆ ଚାଳଘର ଥାଏ ।

ସା- - ଗାଆଁ ଘର୍‌ମେ ନିହେର ଏକ ତୁକେକ୍ ନାରୋଇ ଘର ରହେଲା ।

ଓ- ନୂଆନୂଆ - ମାମୁଁ ଘରେ ମୋତେ ନୂଆ ନୂଆ ଲାଗେ ।

ସା- - ମାମୁଁ ଘର୍‌ମେ ମୋକେ ନାଓ୍ୱାଁ ନାଓ୍ୱାଁ ଲାଗେଲା ।

ଓ- ନୂତନ - ନୂତନ ବର୍ଷ ଆମ ପାଇଁ ଆନନ୍ଦ ଆଣିଦିଏ ।

ସା- ନାୟା - ନାୟା ସାଲ୍ ହାମାର୍‌ଲାଗିନ୍ ଖୁସି ଆଇନ୍‌ଦେଲ୍ ।

ଓ- ନେଉଳ - ନେଉଳ ସାପ ସହିତ ଲଢ଼େଇ କରେ ।

ସା- ନେଉରା - ନେଉରା ସାଁପ୍‌କେର ସାଙ୍ଗେ ଲାଡ଼େଇ କାରେଲ ।

ଓ- ନେତା - ଆମ ରାଜ୍ୟରେ ସଚ୍ଚୋଟ ନେତା ମାନଙ୍କ ଅଭାବ ଅଛି ।

ସା- - ହାମାର ରାଇଜମେ ସଚ୍ଚୋଟ ନେତାମାନ୍‌କେର ଆଭାଓ ଆହେ ।

ଓ- ନେତୃତ୍ୱ - ରାଜ୍ୟରେ ମୁଖ୍ୟମନ୍ତ୍ରୀ ଶାସନର ନେତୃତ୍ୱ ନିଅନ୍ତି ।

ସା- - ରାଇଜ ମେ ମୁଖାମନ୍ତ୍ରୀ ଶାସନ କେର ଆଗଓ୍ୱାଇ କରେନ ।

ଓ- ନେହୁରା - ଜିଲ୍ଲାପାଳଙ୍କ ଠାରେ ଲୋକେ ନେହୁରା ହୁଅନ୍ତି ।

ସା- - ଜିଲ୍ଲାପାଲ ଠିନା ଆଦିମ୍‌ମାନେ ଗହରାଏନା ।

'ପ'

ଓ- ପତାକା - ତ୍ରିରଙ୍ଗା ଆମର ଜାତୀୟ ପତାକା ଅଟେ ।

ସା- ପତ୍‌କା - ତ୍ରିରଙ୍ଗା ହାମାର୍ ଦେଶକେର୍ ଝଣ୍ଡା ହେକେ ।

ଓ- ପଶୁ - ଗାଈ ଏକ ଗୃହପାଳିତ ପଶୁ ଅଟେ ।

ସା- - ଗାଏ ଏକ ଘରପୋଷାଲ ଜନଓ୍ୱାର ହେକେ ।

| | | |
|---|---|---|
| ଓ- ପଲ | - | ଗୋରୁ ପଲ ସଂନ୍ଧ୍ୟାରେ ଫେରେ । |
| ସା- | - | ଗାରୁ ଗୋଠ ସାଂଜ୍‌ବେରା ଘୁରେଲ୍ । |
| ଓ- ପକ୍ଷୀ | - | ପକ୍ଷୀମାନେ ବୁଣନ୍ତି ନାହିଁ କିମ୍ବା କାଟନ୍ତି ନାହିଁ । |
| ସା- | - | ଚାରେଇମାନ ନିବୁନେନ୍ କି ନି କାଟେନ୍ । |
| ଓ- ପବନ | - | ଦକ୍ଷିଣା ପବନ ଦେହକୁ ଥଣ୍ଡା ଲାଗେ । |
| ସା- | - | ଦାଖିନ୍ ହାୱା ଗାତାର୍‌ମେ ଠାଣାଁ ଲାଗେଲ୍ । |
| ଓ- ପଗଡ଼ି | - | ଶିଖ ଲୋକ ମୁଣ୍ଡରେ ପଗଡ଼ି ବାନ୍ଧନ୍ତି । |
| ସା- ପାଗ୍‌ଡ଼ି | - | ପାନ୍‌ଜାବି ଆଦମି ମୁଁଣ୍ଡମେ ପାଗ୍‌ରି ବାନ୍ଧେନ୍ । |
| ଓ- ପରାଣ | - | ସହିଦ୍ ମାନେ ଦେଶ ପାଇଁ ପରାଣ ଦିଅନ୍ତି । |
| ସା- ଜିୱାନ୍ | - | ସାହିଦ୍‌ମାନେ ଦେଶ୍ ଲାଗିନ୍ ଜିୱାନ୍ ଦେୱେନ୍ । |
| ଓ- ପଥର | - | ପଥରରେ ପୁଦାନି ତିଆରି ହୁଏ । |
| ସା- | - | ପାଖ୍‌ନା ମେ ପୁଜାନି ବାନେଲା । |
| ଓ- ପର୍ବ | - | ଓଡ଼ିଶାରେ ଅନେକ ପର୍ବପର୍ବାଣୀ ପାଳିତ ହୁଏ । |
| ଓ- | ମାଆର ଭାଇ | - ମାଆର ଭାଇକୁ ଆମେ ମାମୁ କହୁ । |
| ସା- | ଆୟୋକେରଭାଇ | - ଆୟୋକେରା ଭାଇକେ ହାମରେ ମାମୁଁ କାହିଲା । |
| ଓ- | ମାଆର ଭଉଣୀ | - ମାଆର ଭଉଣୀକୁ ଆମେ ମାଉସୀ କହୁ । |
| ସା- | ଆୟୋକେର ବାହିନ୍ | - ଆୟୋକେର ବାହିନ୍ କେ ହାମରେ ମୋସୀ କହିଲା । |
| ଓ- | ମ୍ୟାଚ୍ | - ଆମ ବିଦ୍ୟାଳୟରେ କ୍ରିକେଟ ମ୍ୟାଚ୍ ଚାଲିଛି । |
| ସା- | ମ୍ୟାଚ୍ | - ହାମାର ଇସ୍କୁଲମେ କ୍ରିକେଟ୍ ମ୍ୟାଚ୍ ହୋଆଥେ । |

| | | | |
|---|---|---|---|
| ଓ- | ମିରିଗ | - | ବାଘ ନଥିଲେ ମିରିଗ ନାଚ କରନ୍ତି । |
| ସା- | ହାରିନ୍ | - | ବାଘ ନି ରାହଲେ ହାରିନ୍‌ମାନ୍ ନାଚେନା । |
| ଓ- | ମିତ | - | ମାଙ୍କଡ଼ ଓ କୁମ୍ଭୀର ମିତ ବସିଥିଲେ । |
| ସା- | ସାହିଆ | - | ବାନ୍ଦରା ଆଉର ମାଙ୍ଗାର୍ ସାହିଆ ବୈଠ୍‌ରାହାଏଁ । |
| ଓ- | ମିଠା | - | ରସଗୋଲା ଭାରି ମିଠା ଲାଗେ । |
| ସା- | ମିଠା | - | ରାସଗୁଲା ବହୁତେ ଗୁରୁଆ ଲାଗେଲ । |
| ଓ- | ମିସ୍ତ୍ରୀ | - | ଘର ତିଆରି ପାଇଁ ମିସ୍ତ୍ରୀର ଆବଶ୍ୟକତା ରହିଛି । |
| ସା- | ମିସ୍ତ୍ରୀ | - | ଘାର ବାନାଏକ ଲାଗିନ୍ ମିସ୍ତ୍ରୀ ମାନକେର ଦରକାର ଆହେ । |
| ଓ- | ମିଶାଣ | - | ମିଶାଣ ଗଣିତରେ ଚାରି ସୂତ୍ରରୁ ଗୋଟିଏ । |
| ସା- | ଯୋଗ | - | ଯୋଗ ଗଣିତକେର ଚାଇର୍ ନିୟମ୍ ସେ ଗୁଟେକ ହିକେ । |
| ଓ- | ମିଳିତ | - | ମିଳିତ ଉଦ୍ୟମରେ ଅସାଧ୍ୟ ସାଧିତ ହୁଏ । |
| ସା- | ସୋବକାର | - | ସୋବକାର କୋଶିସ ସେ ନିହୋଏକ କାମ ଭି ହୋଏଲ । |
| ଓ- | ମୁଁ | - | ମୁଁ ସବୁବେଳେ ସତ କଥା କହିବି । |
| ସା- | ମୋଏ | - | ମୋଏ ସୋବ୍‌ବେରା ସାତ୍ ଗୋଇଠ କାହମୁ । |
| ଓ- | ମୁହିଁ | - | ମୁହିଁ ତାହା କରି ଦେଖାଇଥିଲି । |
| ସା- | ମୋଏ | - | ମୋଏ ହେଁଉକେ କାଇର୍‌କେ ଦେଖାଏଁ ରାହଁ । |
| ଓ- | ମୁଣ୍ଡ | - | ଖରାରୁ ରକ୍ଷା ପାଇବାକୁ ମୁଣ୍ଡରେ ଧଳା ଟୋପି ପିନ୍ଧ । |
| ସା- | ମୁଡ଼ | - | ରାଉଦ୍ ସେ ବାଚେକ ଲାଗିନ୍ ମୁଡ଼୍‌ମେ ଟାରକା ଟୋପି ପିନ୍ଧା । |
| ଓ- | ମୁଣା | - | ମୁଁ ମୁଣାରେ ବହିପତ୍ର ଧରେ । |
| ସା- | ଥାଇଲା | - | ମୋଏଁ ଥାଇଲା ମେ କିତାବ ମାନ ଧାରୋନ । |
| ଓ- | ମୁକ୍ତ | - | ବିଦ୍ୟାଳୟ ଏକ ଦଣ୍ଡ ମୁକ୍ତ ଅଞ୍ଚଳ ଅଟେ । |
| ସା- | ମୁକ୍ତ | - | ଇସ୍କୁଲ ଗୋଟେକ ଦାଣ୍ଡ୍‌ମୁକ୍ତ୍ ଏରିଆ ହେକେ । |

ଓ- ମୁଗ - ଧାନକଟା ସରିଲେ ମୁଗ ବୁଣାଯାଏ ।

ସା- ମୁଙ୍ଗ୍ - ଧାନକାଟନି ସିରାଲେ ମୁଙ୍ଗ୍ ବୁନାଲ୍ଯାଏଲା ।

ଓ- ମୁଖ୍ୟ - ସରପଞ୍ଚ ପଞ୍ଚାୟତର ମୁଖ୍ୟ ଅଟନ୍ତି ।

ସା- ମୁଖିଆ - ସାର୍‌ପାଞ୍ଚ ପାଞ୍ଚାୟତ୍‌କେର୍ ମୁଖିଆ ହିକାଏଁ ।

ଓ- ମୁଦ୍ରା - ମୁଦ୍ରା ଦେଇ ଆମେ ସବୁ କିଛି କିଣିପାରିବା ।

ସା- ପାଇସା - ପାଇସା ଦେଇକେ ହାମରେ ସୋବ୍‌କୁଛ୍ କିନେକ୍ ପାରାବ୍ ।

ଓ- ମୁଣ୍ଡି - ମନ୍ଦିରର ମୁଣ୍ଡି ଖୁବ୍ ଉଚ୍ଚରେ ରହିଛି ।

ସା- ମୁଣ୍ଡି - ମାନ୍ଦିର୍‌କେର ମୁଂଡି ବହୁତେ ଉଁଛାମେ ଆହେ ।

ଓ- ମୁଲକ - ବାଘ ବଣ ମୁଲକର ରାଜା ଅଟେ ।

ସା- ରାଇଜ୍ - ବାଘ୍ ଜାଙ୍ଗାଲ୍ ରାଇଜକେର୍ ରାଜା ହେକେ ।

ଓ- ମୁହୂର୍ତ୍ତ - ଘର ପୋଡ଼ିରେ ମୁହୂର୍ତ୍ତକ ମଧ୍ୟରେ ସର୍ବନାଶ ହୁଏ ।

ସା- ଏକମିନିଟ୍ - ଘାର ପୋଡ୍‌ଲେ ତୁରାନ୍ତ୍ ନାରଖାର ସୋବ ହୋଇଯାଏଲ୍ ।

ଓ- ମୁହାଣ - ନଦୀ ସମୁଦ୍ର ମୁହାଣରେ ମିଶେ ।

ସା- - ନାଦୀ ମୁହାନମେ ସାମୁଦାର ସେ ମିଳେଲା ।

ଓ- ମୁଣ୍ଡାଇ - ବୁଢ଼ୀଟିଏ ଝାଟି ମୁଣ୍ଡାଇ ଧରିଛି ।

ସା- ବୋହାଇକେ - ବୁଢ଼ୀଆଗୋ ମୁଡ୍ ମେ ଝାଟା ବୋଇହେ । ।

ଓ- ମୁଣ୍ଡୁଳା - ଠିକ୍ ଉତ୍ତର ଉପରେ ମୁଣ୍ଡୁଳା ବୁଲାଅ ।

ସା- ଗୋଲ୍ - ଠିକ୍ ଉତ୍ତର୍ କେର ଉପରେ ଗୋଲ୍ ବୁଲାଓ୍ବା ।

ଓ- ମୁଖଶାଳା - ଏହି ମନ୍ଦିରର ମୁଖଶାଳା ଭାଙ୍ଗିଯାଇଛି ।

ସା- ଢୁକେକ୍‌ଦୁରା - ଇ ମାନ୍ଦିର୍ କେର ଢୁକେକ ଦୁରା ଟୁଇଟ୍ ଯାହେ ।

| | | | |
|---|---|---|---|
| ଓ- | ମୁଷ୍ଟି | - | ମୁଷ୍ଟି ଆଘାତ ଭାରି ବାଧେ । |
| ସା- | ବିଧା | - | ମୁଟ୍‌କା ମାତୁର୍ ମୁରୁକ୍ ବାଥେଲ୍ । |
| ଓ- | ମୂଲ୍ୟ | - | ସମୟ ବହୁମୂଲ୍ୟ ଅଟେ । |
| ସା- | କିମତି | - | ସାମାୟ ବହୁତ କିମ୍‌ତି ହେକେ । |
| ଓ- | ମୂଳଧନ | - | ମୁଁ ଅଳ୍ପ ମୂଳଧନରେ ଛୋଟ ବ୍ୟବସାୟ କରିବି । |
| ସା- | ପୁଞ୍ଜି | - | ମୋଏ ଥରେକ ପୁଞ୍ଜମେ ଛୋଟ୍ ରୋଜ୍‌ଗାର୍ କାର୍‌ମୁଁ । |
| ଓ- | ମୂଷା | - | ମୂଷା ଖାଦ୍ୟ ଶସ୍ୟ ଖାଇ ନଷ୍ଟ କରେ । |
| ସା- | ମୂଷା | - | ମୂଷା ଆନାଜ ଖାଇକେ ବାର୍‌ବାଦ୍ କାରେଲା । |
| ଓ- | ମୂର୍ତ୍ତି | - | ପୂଜା ପରେ ମୂର୍ତ୍ତି ବିସର୍ଜନ କରାଯାଏ । |
| ସା- | ମୂର୍ତ୍ତି | - | ପୂଜାକେର ବାଦେ ମୂର୍ତ୍ତି ଭୋସାଲ୍ ଯାଏଲା । |
| ଓ- | ମୂଷିକ | - | ମୂଷିକ ମାନେ ଗର୍ତ୍ତ ଭିତରେ ବାସକରନ୍ତି । |
| ସା- | ମୂଷିକ୍ | - | ମୂଷା ମାନ ଲାଣା ଭିତ୍‌ରେ ରାହେନା । |
| ଓ- | ମୃଦୁ | - | ବାୟୁ ମୃଦୁ ମନ୍ଦ ଗତିରେ ପ୍ରବାହିତ ହେଉଛି । |
| ସା- | ସୁଲ୍‌ସୁଲ୍ | - | ହାଓ୍ୱା ଲୁଜୁରଇକେ ଲୁହର୍‌ମେ ଚାଲେଲା । |
| ଓ- | ମେଘ | - | ମେଘ ଥଣ୍ଡା ହେଲେ ବର୍ଷା ହୁଏ । |
| ସା- | ବାଦରି | - | ବାଦରି ଠାଣାଁ ହୋଲେ ବାରିଷ୍ ହୋଓ୍ୱେଲ । |
| ଓ- | ମେଳା | - | ପ୍ରତି ବର୍ଷ ଆମ ଗ୍ରାମରେ ମେଳା ଅନୁଷ୍ଠିତ ହୁଏ । |
| ସା- | ମେଲା | - | ସୋବ୍ ବାରାଷ୍ ହାମାର ଗାଁ ମେ ମେଲା ବୈଠେଲା । |
| ଓ- | ମେଣ୍ଢା | - | ମେଣ୍ଢା ଲୋମରେ କମ୍ବଳ ତିଆରି ହୁଏ । |
| ସା- | ଭେଡ଼ି | - | ଭେଡ ରୁଆସେ କାମ୍ବାଲ୍ ବାନେଲ୍ । |
| ଓ- | ମେଘମାଳା | - | ବର୍ଷା ଋତୁରେ ମେଘମାଳା ଭାସେ । |
| ସା- | ବାଦରି | - | ବାରିଷ୍ ମାହିନା ବାଦ୍‌ରି ବୁଲେଲା |

ଓ- ମୋର - ମୋର ବୟସ ଆଠ ବର୍ଷ ଅଟେ ।

ସା- ମୋର୍ - ମୋର୍ ବାରାସ୍ ଆଠ୍ ବାରାଷ ହେକେ ।

ଓ- ମୋଟ - ବିଜ୍ଞାନରେ ମୋଟ ନମ୍ବର ଶହେ ଅଛି ।

ସା- ମୋଟ୍ - ବିଜ୍ଞାନମେ ମୋଟ୍ ନାମ୍ବାର ଏକଶୋ ଆହେ ।

ଓ- ମୋଟା - ମୋଟା ବ୍ୟକ୍ତିଟି ଧାଇଁବା କଷ୍ଟକର ଅଟେ ।

ସା- ମୋଟା - ମୋଟା ଆଦିମ୍ ଲାଗିନ୍ କୁଦେକ୍ ମୁସକିଲ୍ ହିକେ ।

ଓ- ମୋ ଯୋଗୁଁ - ମୋ ଯୋଗୁଁ ଦେଶ ଗର୍ବିତ ହେବ ।

ସା- ମୋର ଚାଲତେ- ମୋର୍ ଚାଲତେ ଦେଶ୍ ଗାର୍ବିତା ହୋଇ ।

ଓ- ମୋବାଇଲ୍ - ମୋବାଇଲ୍ ଫୋନ୍ ଦ୍ଵାରା ଅନେକ କାର୍ଯ୍ୟ ସାଧିତ ହୋଇପାରୁଛି ।

ସା- ମୋବାଇଲ୍ - ମୋବାଇଲ୍ ଫୋନ୍ ସେ ବହୁତେ କାମ ହୋଏକ ପାରାଥେ ।

ଓ- ମୋକଦ୍ଦମା - ରମା ବିରୁଦ୍ଧରେ ବର୍ତ୍ତମାନ ମୋକଦ୍ଦମା ଚାଲିଛି ।

ସା- କେସ୍ - ରମ୍ କେର୍ ଖିଲାପ୍‌ସେ ଏଖାନ୍ କେସ୍ ଚାଇଲ୍‌ହେ ।

ଓ- ମୈତ୍ରୀ - ପରସ୍ପର ମୈତ୍ରୀ ଭାବ ଆମେ ଚାହୁଁ ।

ସା- - ଓ୍ୱାପାସ୍‌ମେ ମୈତ୍ରୀଭାବ୍ ଚାହିଁଲା ।

ଓ- ମୌଜ - ପର୍ବପର୍ବାଣୀରେ ଲୋକେ ମୌଜ କରିଥାନ୍ତି ।

ସା- ମାଜା/ଖୁସି - ପାରାବ ତିହାର ଲାଲି ଆଦିମ୍ ମାନ୍ ମାଜା / ଖୁସି କାରେନା ।

ଓ- ମୌଳିକ - ସୁନା ଏକ ମୌଳିକ ପଦାର୍ଥ ଅଟେ ।

ସା- ମୌଳିକ୍ - ସୋନା ଏକ୍ ମୌଳିକ୍ ଚିଜ୍ ହେକେ ।

ଓ- ମୌଖିକ - ରବି ମୌଖିକ ଉତ୍ତର ଦେଇପାରିଲା ନାହିଁ ।

ସା- ମୌଖିକ୍ - ରବି ମୌଖିକ ଉତ୍ତାର ଦେଓ୍ୱେକ ନି ପାର୍‌ଲାକ୍ ।

| | | | |
|---|---|---|---|
| ଓ- | ଯଜ୍ଞ | - | ଆମ ଗ୍ରାମରେ ବିଶ୍ୱ ଶାନ୍ତି ଯଜ୍ଞ ହୋଇଥିଲା । |
| ସା- | ଯଜ୍ଞ | - | ହାମାର ଗାଓଁ ମେ ବିଶ୍ୱଶାନ୍ତି ଯଜ୍ଞ ହୋଇରାହେ । |
| ଓ- | ଯନ୍ତ୍ର | - | ଯନ୍ତ୍ର ଦ୍ୱାରା ଜଟିଳ କାମ ସହଜରେ ହୋଇଥାଏ । |
| ସା- | ମେସିନ୍ | - | ମାସିନ ସେ ମୁସକିଲ କାମ ଭି ସାହାଜେ ହୋଇରାହେଲ୍ । |
| ଓ- | ଯଶ | - | ବଡ଼ଲୋକଙ୍କ ଯଶ ପୃଥିବୀ ସାରା ବ୍ୟାପିଯାଏ । |
| ସା- | ନାମ | - | ବାଡ଼ ଆଦିମମାନାକ ନାମ୍ ଧାରତି ଗୋଟା ଖେଇଲ୍ ଯାଏଲା । |
| ଓ- | ଯଥା | - | ଗିମି ଯଥା ଅର୍ଥ କହିପାରିଲା । |
| ସା- | ଉକରେ | - | ଗିମି ଆସିଲ ଆର୍ଥ କହେକ୍ ପାର୍‌ଲାକ୍ । |
| ଓ- | ଯତ୍ନ | - | ବାର୍ଦ୍ଧକ୍ୟ ବେଳେ ଯତ୍ନ ଆବଶ୍ୟକ ଅଟେ । |
| ସା- | ଯାତାନ | - | ବୁଢ଼ା ବେରା ଯାତାନ୍ ଜରୁରୀ ହେକେ । |
| ଓ- | ଯାହାର | - | ଯାହାର ବୟସ ଅଠର ବର୍ଷ ସେ ଭୋଟ ଦେଇପାରିବ । |
| ସା- | ଯେକାର | - | ଯେକାର୍ ଆଠରା ସାଲ ହୋଲାକ୍ ଭୋଟ୍ ଉ ଦେକ୍‌ପାରି । |
| ଓ- | ଯାତ୍ରା | - | ଯାତ୍ରାରେ ଅନେକ ଲୋକ ଆନନ୍ଦ କରନ୍ତି । |
| ସା- | ମେଲା | - | ମେଲାମେ ବାହୁତେ ଆଦ୍‌ମି ଖୁସି ମାନାଏନା । |
| ଓ- | ଯାନବାହନ | - | ଯାନବାହନ ନିମନ୍ତେ ଭଲ ରାସ୍ତା ଆବଶ୍ୟକ । |
| ସା- | ଗାଡ଼ିଘୋଡ଼ା | - | ଗାଡ଼ିଘୋଡ଼ା ଲାଗିନ୍ ବେଶ ଡାହାର ଜାରୁରୀ ହେକେ । |
| ଓ- | ଯାଗା | - | ଉପଯୁକ୍ତ ଯାଗା ବାଛି ଫଳ ଚାଷ କରନ୍ତୁ । |
| ସା- | ଯାଗା | - | ବାଡିଆଁ ଯାଗା ଚୁଇନ୍ କେ ଫାର କ୍ଷେତି କାରା । |
| ଓ- | ଯାତ୍ରା | - | ରେଲଯାତ୍ରା ଆମୋଦ ଦାୟକ ଅଟେ । |
| ସା- | ଯାଏକ୍ | - | ରେଲଗାଡି ମେ ଯାଏକ୍ ଆକେ ମାଜା ଆଏଯାଏଲ୍ । |

ଓ- ଯାଦୁକର - ଆମ ବିଦ୍ୟାଳୟକୁ ଜଣେ ଯାଦୁକର ଆସିଥିଲେ ।

ସା ଯାଦୁଗାର୍ - ହାମାର ଇସ୍କୁଲମେ ଏକଜାନ ଯାଦୁଗାର ଆଏରାହାଏଁ ।

ଓ- ଯୁଦ୍ଧ - ପାକିସ୍ଥାନ ଆମ ସହିତ ଅନେକ ବାର ଯୁଦ୍ଧ କରିଛି ।

ସା- ଲାଢ଼େଇ - ପାକିସ୍ଥାନ ହାମାର ସାଙ୍ଗେ କାଇ ବେର୍ ଲାଢ଼େଇ କାଇରହେ ।

ଓ- ଯୁଗ୍ମ - ଲତା ଓରମା ଖେଳରେ ଯୁଗ୍ମ ପୁରସ୍କାର ପାଇଲେ ।

ସା- ଯୋଡ଼ା - ଲତାଆଉର ରାମା ଖେଲ୍‌ମେ ଦୁଇଯୋ ଏକେ ପ୍ରାଇଜ୍ ପାଲାଏଁ ।

ଓ- ଯୁକ୍ତାକ୍ଷର - ଙ୍କ ଏକ ଯୁକ୍ତାକ୍ଷର ଅଟେ ।

ସା- ଯୁକ୍ତାକ୍ଷାର - ଙ୍କ ଏକ ଯୋଡାଲ ଆଖ୍ଛାର ହେକେ ହେକେ ।

ଓ- ଯୁକ୍ତ - ମୋ ବଡ଼ ଭାଇ ଯୁକ୍ତ ଦୁଇ ବିଜ୍ଞାନ ପଢ଼େ ।

ସା- ଯୁକ୍ତ - ମୋର ବାଡ଼ ଭାଇ ଯୁକ୍ତ ଦୁଇ ବିଜ୍ଞାନ ପାଢ଼େଲ ।

ଓ- ଯୁବକ - ଯୁବକମାନେ ଅସାଧ କାର୍ଯ୍ୟ କରିପାରନ୍ତି ।

ସା- ଛଣାମାନ - ଛୋଣାଁମାନ ନି ହୋଏକ କାମ୍ କାରେକ୍ ପାରେନ୍ ।

ଓ- ଯେଉଁ - ଯେଉଁ ଦେଶ ଯେତେ ଶିକ୍ଷିତ ସେଇ ଦେଶ ସେତେ ଉନ୍ନତ ।

ସା- ଯୋନ୍ - ଯୋନ୍ ଦେଶ ଯେତନା ପାଢ଼ାଲ ଶିକ୍ଷାଲ ଉଦେଶ୍ ଓଗ୍ନେ ଉପରେ ଉଠେଲ ।

ଓ- ଯୋଜନା - ପ୍ରତ୍ୟେକ କାର୍ଯ୍ୟ ଯୋଜନାନୁସାରେ ହେବା ଉଚିତ୍ ।

ସା- ବିଚାର - ସୋବ୍‌କାମ୍ ବିଚାର୍ ଆନୁସାର୍ ହୋଏକ ଚାହିଁ ।

ଓ- ଯୋଡ଼ - ଦୁଇଟି କାଠିକୁ ଯୋଡ଼ ।

ସା- ଯୋଡ଼ା - ଦୁଇଠୁ କାଠିକେ ଯୋଡ଼ ।

ଓ- ଯୋଡ଼ା - କାଉ ଯୋଡ଼ା ରାବୁଛନ୍ତି ।

ସା- ଦୁଇଠୁ - କାଉଓ୍ୱ ଦୁଇଠୁ ଗୁଲ୍‌କାରାଆଏଁ ।

ଓ- ଯୋଡ଼ି - ଦୁଇଟି ବଳଦ ଉତ୍ତମ ଯୋଡ଼ି ହୋଇଛନ୍ତି ।

ସା- ଯୋଡ଼ି - ଦୁଇଠୁ ଗାରୁ ବେଶ୍ ଯୋଡି ହୋଇହାଏଁ ।

ଓ- ଜ୍ଞାନ - ପୁସ୍ତକ ପଠନ ଦ୍ୱାରା ଜ୍ଞାନ ବଢ଼େ ।

ସା- ବୁଦ୍ଧି - କିତାପ ପାଢାଲ୍ ମେ ସେ ବୁଦ୍ଧି ବାଢ଼େଲ ।

-ର-

ଓ- ରଙ୍ଗ - ମୟୂର ଚିତ୍ରରେ ସଠିକ୍ ରଙ୍ଗ ଲଗାଓ ।

ସା- ରାଙ୍ଗ୍ - ମିଞ୍ଜୁର୍‌କେର୍ ଫୋଟୋ ମେ ଠିକ୍ ରାଙ୍ଗ୍‌କେ ଲଗାଓ୍ୱା ।

ଓ- ରଙ୍ଗିନ୍ - ରଙ୍ଗିନ ପ୍ରଜାପତିଟିଏ ଫୁଲରେ ବସିଛି ।

ସା- ରାଙ୍ଗିନ୍ - ରାଙ୍ଗିନ୍ ପାପ୍‌ଲା ଫୁଲ ମେ ବୈଠେ ।

ଓ- ରାଜା - ଆମ ଦେଶରେ ଆଜିକାଲି ଆଉ ରାଜା ନାହାନ୍ତି ।

ସା- ରାଜା - ହାମାର୍ ଦେଶ ମେ ଆଇଜ୍‌କାଇଲ୍ ଆଉର୍ ରାଜା ନାଖାଏ୍ ।

ଓ- ରଡ଼ି - ବାଘ ରଡ଼ି ଶୁଣିଲେ ଭୟ ଲାଗେ ।

ସା- ଚିଲାଏକ୍ - ବାଘ୍ କେଲ୍ ଗର୍ଜନ ଶୁନଲେ ଡାର୍ ଲାଗେଲା ।

ଓ- ରକ୍ତ - ରକ୍ତରେ ପ୍ରାଣ ଥାଏ ।

ସା- ଲାହୁ - ଲୋହୁମେ ଜାନ୍ ରାହେଲ ।

ଓ- ରସୁଣ - ରସୁଣର ରଙ୍ଗ ଧଳା ଅଟେ ।

ସା- ରାସୁନ୍ - ରାସୁନକେର ରାଙ୍ଗ ଚାର୍‌କା ହେକେ ।

ଓ- ରକ୍ଷଣାବେକ୍ଷଣ- ରକ୍ଷଣାବେକ୍ଷଣ ଅଭାବରେ ସ୍ମୃତି ନଷ୍ଟ ହୁଏ ।

ସା- ଦେଖ୍‌ରେଖ୍ - ଦେଖ୍‌ରେଖ୍ ଆଭାଓ ସେ ସ୍ମୃତି ଖାରାପ ହୋଏଲ ।

ଓ- ରକ୍ଷାକରିବା - ପ୍ରଜାଙ୍କୁ ରକ୍ଷାକରିବା ସରକାରଙ୍କର କାର୍ଯ୍ୟ ।

ସା- ରାକ୍ଷାକାରେକ - ପ୍ରଜାମାନ୍‌କେ ବାଚାଏକ୍ ସାରକାର କେର୍ କାମ୍‌ହେକେ ।

ଓ- ରାବ - ଚଢ଼େଇ ରାବ ଭାରି ମଧୁର ଶୁଭେ ।

ସା- କାନ୍ଦେକ୍ - ଚାଗାଇ କାନ୍ଦେକ ବହୁତ ମିଠା ଶୁନାଏଲ ।

ଓ- ରାଜା - ରାଜାମାନେ ପରସ୍ପର ଯୁଦ୍ଧ କରୁଥିଲେ ।

ସା- ରାଜା - ରାଜାମାନ୍ ଏକଦୁସ୍‌ରେ ସେ ଲଢ଼ାଇ କାରାତ୍‌ରାହାଏଁ ।

ଓ- ରାସ୍ତା - ମଫସଲ ଅଞ୍ଚଳରେ ଭଲ ରାସ୍ତା ନ ଥାଏ ।

ସା- ଡାହାର୍ - ଦେହାତ୍ ଏରିଆ ମେ ବେଶ୍ ଡାହାର୍ ନି ରାହେଲ ।

ଓ- ରାତି - ଜହ୍ନ ରାତିରେ ତାରାମାନେ ଲୁଚିଯାଆନ୍ତି ।

ସା- ରାଇତି - ଚାନ୍ଦ୍ ରାତି ମେ ବିନ୍‌କୋମାନ ଲୁଇକ୍ ଯାଏନା ।

ଓ- ରାନ୍ଧି - ମାଆ ଆମ ପାଇଁ ଭାତ ରାନ୍ଧି କାମକୁ ଯାଏ ।

ସା- ରାଇନ୍ଧ୍ - ଆୟୋ ହାମାର ଲାଗିନ୍ ଭାତ୍ ରାଇନ୍ଧ୍ କେ କାମ ଯାଏଲା ।

ଓ- ରାଶି - ରାଶି ଖଜା ଭାରି ମିଠା ଲାଗେ ।

ସା- ତିଲ୍ - ତିଲ୍ ଲାଡ୍ଡୁ ବାହୁତ ଗୁରୁଆ ଲାଗେଲ ।

ଓ- ରାଜି - ସେ ମୋ ସହିତ ଯିବାକୁ ରାଜି ହେଲେ ।

ସା- ରାଜି - ଉ ମୋର ସାଙ୍ଗେ ଯାଏକ୍ ଲାଗିନ୍ ରାଜି ହୋଲାକ୍ ।

ଓ- ରାଜତ୍ୱ - ନିର୍ବାଚିତ ସରକାର ପାଞ୍ଚ ବର୍ଷ ରାଜତ୍ୱ ଆଦାୟ କରନ୍ତି ।

ସା- ରାଜକାରେକ୍ - ଜିତାଲ୍ ସାରକାର ପାଚ୍‌ସାଲ ତାକ୍ ରାଜକାରେନ ।

ଓ- ରାଜସ୍ୱ - ସରକାର ପ୍ରଜାଙ୍କ ଠାରୁ ରାଜସ୍ୱ ଆଦାୟ କରନ୍ତି ।

ସା- ଟେକ୍ସ - ସାର୍‌କାର୍ ପ୍ରାଜାମାନସେ ଚୁଙ୍ଗି ଲେଗାଥେ ।

ଓ- ରାଷ୍ଟ୍ରଭାଷା - ହିନ୍ଦି ଆମର ରାଷ୍ଟ୍ର ଭାଷା ଅଟେ ।

ସା- ରାଷ୍ଟ୍ରଭାଷା - ହିନ୍ଦି ହାମାର୍ ଜାତୀୟ ଭାଷା ହେକେ ।

ଓ- ରାଜଉଆସ - ରାଜା ଉଆସ ଗୁଡ଼ିକ ଜାତୀୟ ସମ୍ପତ୍ତି ହୋଇଛି ।

ସା- ରାଜାକେର ମେହେଲ୍- ରାଜାମାହାଲ ସୋବ୍ ଜାତୀୟ ସମ୍ପତ୍ତି ହୋଇହେ ।

| | | |
|---|---|---|
| ଓ- ରିକ୍ସା | - | ରିକ୍ସାରେ ତିନୋଟି ଚକ ଥାଏ । |
| ସା- ରିକ୍ସା | - | ରିକ୍ସା ମେ ତିନ୍‌ଠୁ ଚାକା ରାହେଲା । |
| ଓ- ରୁଦ୍ଧ | - | ବୁଢ଼ା ଲୋକଟି ଶ୍ୱାସ ରୁଦ୍ଧ ହୋଇ ମରିଗଲା । |
| ସା- ଆଟେଇକ୍ | - | ବୁଢ଼ା ଆଦମିଠୁ ଶ୍ୱାସ ଆଟ୍‌କାଲେ ମୋଇର୍ ଗେଲାକ୍ । |
| ଓ- ରୁଚି | - | ପିତା ଖାଇବାରେ ମୋର ରୁଚି ଅଛି । |
| ସା- ରୁଚି | - | ତିତା ଖାଏକ୍ ମେ ମୋଏ ପାତିଆଓଜ୍ । |
| ଓ- ଋତୁ | - | ବର୍ଷକୁ ଛଅଟି ଋତୁ ଅଛି । |
| ସା- ଋତୁ | - | ସାଲ୍‌ମେ ଛଓଠୁ ଋତୁ ଆହେ । |
| ଓ- ରୂପ | - | ମାଆର ରୂପରେ  କନ୍ୟା ଜାତ ହୋଇଛି । |
| ସା- ରୂପ୍ | - | ଆୟୋକେର୍ ରୂପମେ ଛୋଣିଁ ଜାନାମ୍ ହୋଇହେ । |
| ଓ- ରେଖା | - | ଏକାଧିକ ବିନ୍ଦୁ ମିଶି ରେଖା ହୁଏ । |
| ସା- ରେଖା | - | ଏକସେ ଆଦିକା ବିନ୍ଦୁ ମିଇଶ୍‌କେ ରେଖା ହୋଏଲ । |
| ଓ- ରୋଗ | - | ମାଛି ହଇଜା ରୋଗର ବାହକ ଅଟେ । |
| ସା- ବେମାର୍ | - | ହାଇଜା ବେମାର୍ ମାଛି ସେ ହୋଏଲ । |
| ଓ- ରୋପଣ | - | ଜେଜେ ବାପା ଆମ ପାଇଁ ଗଛଟିଏ ରୋପଣ କରିଥିଲେ । |
| ସା- ଲାଗାଏକ୍ | - | ନାନା ହାମାର ଲାଗିନ୍ ଗାଛ ଗୋଟେକ୍ ରୋଇପ୍ ରାହାଏଁ । |
| ଓ- ରୋଷେଇ | - | ପ୍ରତି ବିଦ୍ୟାଳୟରେ ରୋଷେଇ ଘର ରହିଛି । |
| ସା- ରାନ୍ଧେକ୍ | - | ସୋବ୍ ଇସ୍କୁଲମେ ରାନ୍ଧେକ୍ ଘାର୍ ଆହେ । |
| ଓ- ରୋଗୀ | - | ଏଡ଼ସ୍ ରୋଗି ନିୟମିତ ଔଷଧ ଖାଇବା ଉଚିତ୍ । |
| ସା- ବେମାରଆଦମୀ | - | ଏଡ଼ସ୍‌ବେମାରିଆ ଆଦମୀ ରୋଜ୍‌ଦିନ ଦାୱାଇ ଖାଏକ୍ ଚାହି । |
| ଓ- ରୋଗୀଣା | - | ଲୋକଟି ରୋଗୀଣା ଦେଖାଯାଉଛି । |
| ସା- ବେମ୍‌ରାହା | - | ଆଦମୀଣା ବେମ୍‌ରାହା ଦିଶାଥେ । |

| | | | |
|---|---|---|---|
| ଓ- | ରୌଦ୍ର | - | ରୌଦ୍ର ତାପରେ କୂଅ ପୋଖରୀ ପାଣି ଶୁଖିଯାଏ । |
| ସା | ରାଉଦ୍ | - | ତେଜ୍ ଧୁପ ସେ କୂଆଁ ପୋଖ୍ରେ କେର ପାନି ଶୁଇଖ୍ ଯାଏଲ୍ । |

-ଲ-

| | | | |
|---|---|---|---|
| ଓ- | ଲତା | - | କଖାରୁ ଲତା ରଞ୍ଜାରେ ମାଡିଯାଇଛି । |
| ସା- | ଲାରାଙ୍ଗ | - | କୋହର୍ଣାଁ ଲାରାଙ୍ଗ୍ ଝାଙ୍କ ମେ ମାଇଡ୍ ଯାହେ । |
| ଓ- | ଲଟା | - | ଘର ଚଉରି ପାଖରେ ଲଟା ବୁଦା ସଫା କର । |
| ସା- | ଘାସ୍ | - | ଘାଇକେର ଚାଇରୋଆର୍ରା ଲାରାଙ୍ଗବୁଦା ସାଫା କାର । |
| ଓ- | ଲକ୍ଷ୍ୟ | - | ଶିକ୍ଷକ ହେବା ପାଇଁ ମୋର ଲକ୍ଷ୍ୟ ରହିଛି । |
| ସା- | ଆସା | - | ମାଷ୍ଟର ହୋଏକ୍ ଲାଗିନ୍ ମୋର ଲାଖ୍ଛ୍ ଆହେ । |
| ଓ- | ଲମ୍ବା | - | ଭୋଟ ଦେବାକୁ ଲୋକେ ଲମ୍ବା ଧାଡ଼ିରେ ଠିଆ ହୋଇଛନ୍ତି । |
| ସା- | ଲାମ୍ବା | - | ଭୋଟଦେଓ୍ୱେକ୍ ଲାଗିନ୍ ଆଦିମ୍‌ମାନ୍ ଲାମ୍ବା ଲାଇନ୍ ମେ ଠାଣାଁହାଏ । |
| ଓ- | ଲମ୍ଫ | - | ମାଙ୍କଡ଼ଟି ଲମ୍ଫ ଦେଇ ଦୌଡ଼ିଗଲା । |
| ସା- | ଡେଇଗ୍‌କେ | - | ବାନ୍ଦରାଠୁ ଛାଲାଙ୍ଗ ମାଲଇକେ କୁଇଦ୍‌ଦେଲାକ୍ । |
| ଓ- | ଲଙ୍କା | - | ନାଲି ଲଙ୍କା ଅଧିକ ରାଗ ହୁଏ । |
| ସା- | ମାଇର୍‌ଚା | - | ଲାଲ୍ ମାର୍‌ଚା ମୁରଖେ ତିତା ଲାଗେଲ୍ । |
| ଓ- | ଲକ୍ଷଣ | - | ବେଳେବେଳେ ଆକାଶରେ ଅଦ୍ଭୁତ ଲକ୍ଷଣ ଦେଖାଯାଏ । |
| ସା- | ଚିହ୍ନା | - | ଏକେକ୍ ବେର୍ ଆକାଶ ମେ ଆଜିବ୍ କିସିମ୍‌କେର୍ ଚିହ୍ନା ଦିଶେଲା । |
| ଓ- | ଲଢ଼େଇ | - | ବିନା ଅସ୍ତ୍ରରେ ନିର୍ବାଚନ ଲଢ଼େଇ ହୁଏ । |
| ସା- | ଲାଢ଼େଇ | - | ବେଗାର ହାତ୍ୟାରମେ ନିର୍ବାଚନ ଲାଢ଼େଇ ହୋଏଲ୍ । |
| ଓ- | ଲାଞ୍ଜ | - | ଗାଈ ତାର ଲାଞ୍ଜରେ ମାଛି ଅଡ଼ାଏ । |
| ସା- | ଲାଞ୍ଜ୍ | - | ଗାଏ ଆପାନ୍ ପୁଛ୍‌ରିମେ ମାଛି ଭାଗାଓ୍ୱାଲ୍ । |

| | | | |
|---|---|---|---|
| ଓ- | ଲାଳ | - | କୁକୁର ଲାଳ ବିଷାକ୍ତ ଅଟେ । |
| ସା- | ଲାର୍ | - | କୁକୁର କେର୍ ଲାର୍ ଜାହ୍ରିଲା ହେକେ । |
| ଓ- | ଲାଲ | - | ଲାଲ ଗୋଲାପ ଦେଖିବାକୁ ଖୁବ୍ ସୁନ୍ଦର । |
| ସା- | ଲାଲ୍ | - | ଲାଲ୍ ଗୋଲାପ ଦିଶେକ୍ଲେ ବେଶ୍ ସୁନ୍ଦାର । |
| ଓ- | ଲାଗିବ | - | ଘର ତିଆରି ପାଇଁ ୨୧ ହଜାର ଟଙ୍କା ଲାଗିବ । |
| ସା- | ଲାଗି | - | ଘାର ବାନାଏକ୍ମେ ୨୧ ହାଜାର ରୁପିଆ ଲାଗି । |
| ଓ- | ଲାଜ | - | ନୂଆ ଲୋକଙ୍କୁ ମୁହଁ ଦେଖାଇବା ମୋତେ ଲାଜ ଲାଗେ । |
| ସା- | ଲାଜ୍ | - | ନାୱା ଆଦିମ୍ ମାନକେ ଚେହେରା ଦେଖାଏକ୍ ଲାଗିନ୍ ମୋକେ ସାରାମ ଲାଗେଲ୍ । |
| ଓ- | ଲାଭ | - | କମ୍ ଦାମ୍‌ରେ କିଣି ଅଧିକ ଦାମ୍‌ରେ ବିକିଲେ ଲାଭ ହୁଏ । |
| ସା- | ଫାଏଦା | - | ଥରେକ୍ ଦାମ୍ ମେ କିନ୍‌କେ ବେଶି ଦାମ୍ ମେ ବେଚ୍ଲେ ଫାଏଦା ହୋଏଲ୍ । |
| ଓ- | ଲିଭାଇ | - | କଳାପଟାର ଲେଖାକୁ ଶିକ୍ଷକ ଲିଭାଇ ଦେଲେ । |
| ସା- | ମେଟାଏକ୍ | - | କାଲାକୋର୍ଡ୍ କେର୍ ଲିଖାଲ୍‌କେ ମାଷ୍ଟାର ମେଟାଏ ଦେଲାକ୍ । |
| ଓ- | ଲିଚୁ | - | ଲିଚୁ ଏକ ମିଠା ଫଳ ଅଟେ । |
| ସା- | ଲିଚୁ | - | ଲିଚୁ ଏକଠୁ ମିଠା ଫାର୍ ହେକେ । |
| ଓ- | ଲୁଗା | - | ଭିକାରୀଟି ଚିରା ଲୁଗା ପିନ୍ଧିଛି । |
| ସା- | ଲୁଗା | - | ଭିଖ୍‌ମାଙ୍ଗା ଫାଟାଲ୍ ଲୁଗା ପିନ୍ଧେ । |
| ଓ- | ଲୁହ | - | ଆଖିରୁ ଲୁହ ଝରେ । |
| ସା- | ଲର୍ | - | ଆଇଁଖ୍ ସେ ଲୋର୍‌ପାନି ଗିରେଲା । |
| ଓ- | ଲୁଟି | - | ଚୋରଟି ଲୁଟି ପଳାଇଲା । |
| ସା- | ଲୁଇକ୍ | - | ଚୋର ଲୁଇକ୍ କେ ଭାଇଗ୍‌ଗେଲାକ୍ । |

ଓ- ଲୁଣ - ସମୁଦ୍ର ପାଣିରୁ ଲୁଣ ମରାଯାଏ ।

ସା- ନନ୍ - ସାମୁଦାର୍ ପାନି ସେନୋନ୍ ବାହ୍‌ରାଲ୍‌ଯାଏଲା ।

ଓ- ଲେବଲ କ୍ରସିଂ - ରେଳରାସ୍ତା ପାର ହେବାକୁ ଲେବଲ କ୍ରସିଂ ଥାଏ ।

ସା- ଲେବଲକ୍ରସିଂ - ରେଲ୍‌ତାହାର ପାର୍ ହୋଏକ ଲାଗିନ୍ ଲେବଲକ୍ରସିଂ ରାହେଲ ।

ଓ- ଲେଖ - ପ୍ରତିଦିନ ହସ୍ତାକ୍ଷର ଲେଖ ।

ସା- ଲିଖା - ରୋଜଦିନ୍ ହସ୍ତାକ୍ଷର ଲିଖା ।

ଓ- ଲେଖାଲେଖି - ସମୟ ମିଳିଲେ ମୁଁ ଲେଖା ଲେଖି କରେ ।

ସା- ଲିଖାଲିଖି - ସାମାୟ ମିଲଲେ ମୋଏ ଲିଖାଲିଖି କାରୋନ୍ ।

ଓ- ଲୋକସଂଖ୍ୟା - ପ୍ରତିଦିନ ଲୋକସଂଖ୍ୟା ବଢୁଛି ।

ସା- ଆଦମିସଂଖ୍ୟା - ସୋବଦିନ୍ ଆଦମିସଂଖ୍ୟା ବାଢ଼ାଥେ ।

ଓ- ଲୋଟି - ପିଲାଟି ତଳେ ଲୋଟି କାନ୍ଦୁଛି ।

ସା- ଲୋଇଟ୍ - ଛୋଓ୍ୱା ନିଚେ ଲୁଡେଇକ୍ କାନ୍ଧାଥେ ।

ଓ- ଲୋଭୀ - ଲୋଭୀର ଧନ ଅନ୍ୟମାନେ ଖାଆନ୍ତି ।

ସା- ଲାଲଚି - ଲାଲ୍‌ଚି କେର ଧାନ କେ ଦୁସରାମାନ ଖାଏନା ।

-ଓ୍ୱ-

ଓ- ଓ୍ୱିକେଟ - କ୍ରିକେଟ ଖେଳରେ ଏଗାରଟି ଓ୍ୱିକେଟ୍ ଥାଏ ।

ସା- ଓ୍ୱିକେଟ୍ - କ୍ରିକେଟ ଖେଲମେ ଏଗାରାଠୁ ଓ୍ୱିକେଟ୍ ରାହେଲ ।

-ସ-

ଓ- ସର - କ୍ଷୀରରେ ସର ବସିଛି ।

ସା- ସର - ଦୁଧ୍ ମେ ସେର ଥାମ୍ବାହେ ।

ଓ- ସତ୍ୟ - ସତ୍ୟ ଚିର ସତେଜ ଅଟେ ।

ସା- ସାତ୍ - ସାତ୍ ହାମେସା ସାତେଜ୍ ହେକେ ।

ଓ- ସର୍ପ - ଦୁଷ୍ଟ ଲୋକ ସର୍ପ ସମାନ ଅଟନ୍ତି ।

ସା- ସାପ - ବାଦ୍‌ମାସ୍ ଆଦମି ମାନ ସାପ କେର ଯାଇସାନ ହିକାଏ ।

ଓ- ସଦା - ପିତାମାତା ସଦା ସର୍ବଦା ଆମର ଯତ୍ନ ନିଅନ୍ତି ।

ସା- ସାଦା - ଆୟୋଆବା ସବ୍‌ଖାନ୍ ହାମେସା ଯାତାନ୍ ଲେଗେନ୍ ।

ଓ- ସଭା - ସଭାରେ ଭାଷଣ ଦେବାପାଇଁ ମୋତେ ବଛାଯାଇଛି ।

ସା- ସାଭା - ବୈଠ୍‌କିମେ ଉପଦେଶ ଦେଏକ ଲାଗିନ୍ ମୋକେ ଚୁନାଲ୍ ଯାହେ ।

ଓ- ସତେ - ଆଜି ବାପା ଆସିବେ, ସତେ ନା କଣ ।

ସା- ସାଚେ - ଆଇଜ ଆଓ୍ବା ଆବାଏଁ ସାଚେ କି ଝୁଟାର୍ ।

ଓ- ସାଥି - ଆଜିକାଲି ପ୍ରତି ଗାଁରେ ଗାଁ ସାଥୀ ରହିଛନ୍ତି ।

ସା- ସାଥି - ଆଇଜ୍‌କାଇଲ୍ ସୋବ ଗାଁଅ ମେ ଗାଁଅସାଥି ଆହାଁଏ ।

ଓ- ସତ୍ - ସତ୍ ମାର୍ଗରେ ଯିବାକୁ ପିତାମାତା ପରାମର୍ଶ ଦିଅନ୍ତି ।

ସା- ସାତ୍ - ସାଛେଇ ଡାହାରମେ ଯାଏକ ଲାଗିନ୍ ଆୟୋଆବା ସାଲାହା ଦେଓ୍ୱେନା

ଓ- ସରା - ସରାରେ ମାଣ୍ଡିଆ ଜାଉ ରାନ୍ଧିବା ।

ସା- - ଡାଓ୍ବାମେ ମାଲୁଆ ଲାଡୁ ରାନ୍ଧାବ ।

ଓ- ସାରୁ - ସାରୁ ପତ୍ରରେ ପାଣି ଢ଼ଳଢ଼ଳ ହୁଏ ।

ସା- ପେଠ୍‌କି - ପେଜକି ପାତାଇ ମେ ପାନି ଇବାଟେ ଉବାଟେ ହୋଏଲ ।

ଓ- ସାଧୁ - ମୁଁ ସାଧୁ ଉପାୟରେ ପରୀକ୍ଷା ଦେବି ।

ସା- ସାଧୁ - ମୋଏ ସାଚେଇ ଉପାୟ ମେ ପାରିକ୍ଷା ଦେବ ।

| | | | |
|---|---|---|---|
| ଓ- | ସିଧା | - | ଆମ ଗାଁରୁ ଆମ ସାଙ୍ଗଘର ଗାଁକୁ ସିଧା ରାସ୍ତା ରହିଛି । |
| ସା- | ସିଧା | - | ହାମାର ଗାଁଅ ସେ ମୋର ସାଙ୍ଗଘାର ଗାଁଅ ଲାଗିନ ସଝ ତାହାର ଆହେ । |
| ଓ- | ସାଙ୍ଗ | - | ରବି ମୋର ପିଲା ବେଳର ସାଙ୍ଗ ଅଟେ । |
| ସା- | ସାଙ୍ଗ୍ | - | ରବି ମୋର ଛୋଟ ବେରାକେର୍ ସାଙ୍ଗ୍ ହିକେ । |
| ଓ- | ସାଧା | - | ବେଳେବେଳେ ପୋଲିସ ସାଧା ପୋଷାକ ପିନ୍ଧି ବୁଲନ୍ତି । |
| ସା- | ଚାର୍କା | - | ଏକ୍ଏକ୍ବେର୍ ପୋଲିସ୍ ସାଦା ଡ୍ରେସ ବୁଲେନ୍ । |
| ଓ- | ସହ | - | ମାଧୁରୀ ସହ ଗିତା ନଦୀକୁ ଯାଇଛି । |
| ସା- | ସାଙ୍ଗେ | - | ମାଧୁରୀ ସାଙ୍ଗେ ଗିତା ନାଦୀକେ ଯାଆ ହୋଏଁ । |
| ଓ- | ସବୁ | - | ପରୀକ୍ଷାରେ ମୁଁ ସବୁ ପ୍ରଶ୍ନର ଉତ୍ତର ଲେଖିଛି । |
| ସା- | ସୋବ୍ | - | ପରୀଖ୍ଛା ମେ ମୋଏ ସୋବ ସାୱାଲକେର ଜାବାବ ଲିଖୋ । |
| ଓ- | ସରି | - | ମଧୁବାବୁଙ୍କ ସଙ୍ଗେ କିଏ ସରି ହେବ । |
| ସା- | ସାମାନ୍ | - | ମଧୁବାବୁ ସାଙ୍ଗେକେ ସାମ୍ନାନ୍ ହୋଇ । |
| ଓ- | ସାର | - | ଜୈବିକ ସାର ଭୂମିକୁ ଉର୍ବର ରଖେ । |
| ସା- | ମାଇଦ୍ | - | ଜୈବିକ୍ ମାଇଦ୍ ମାଟିକେ ଉର୍ବାର ରାଖେଲ । |
| ଓ- | ସକାଳ | - | ସକାଳ ହେଲେ ଲୋକେ କାମକୁ ବାହାରନ୍ତି । |
| ସା- | ବିହାନ | - | ବିହାନ ହୋଲେ ଆଦିମ୍ମାନ୍ କାମାଇକ୍ ଯାଏନା । |
| ଓ- | ସଜନା | - | ସଜନା ପତ୍ର ଦେହ ପାଇଁ ହିତ କର । |
| ସା- | ମୁନଗା | - | ମୁନଗାପାତାଇ ଗାତାର ଲାଗିନ୍ ବେଶ୍ ହିକେ । |
| ଓ- | ସଜାଡ଼ି | - | ତୁମର ଖାତା ପତ୍ର ସଜାଡ଼ି ରଖ । |
| ସା- | ସେରିୟାଏକ | - | ତୋହାର ଖାତା ପାତାର ସେରିୟାଏକେ ରାଖା । |
| ଓ- | ସରାଗ | - | ମାଉସୀ ସରାଗରେ ମୋତେ କୋଳେଇ ଧରିଲେ । |

ସା- - ମୋସୀ ଦୁଲାର୍ ସେ ମୋକେ କରା କୋରଲାଏଁ ।

ଓ- ସାହାର୍ଯ୍ୟ - ବନ୍ୟା ବିପନ୍ନଙ୍କୁ ସାହାର୍ଯ୍ୟ ଆବଶ୍ୟକ ।

ସା- ମାଦାଦ୍ - ଡୁବାଉନକେ ମାଦାଦ୍ ଜାରୁରୀ ହିକେ ।

ଓ- ସଡ଼କ - ପ୍ରତି ପଞ୍ଚାୟତକୁ ପ୍ରଧାନ ମନ୍ତ୍ରୀ ସଡ଼କ ଯାଇଛି ।

ସା- ସାଡ଼ାକ - ସୋବ୍ ପଞ୍ଚାୟତ୍‌କେ ପ୍ରଧାନମାନ୍ତ୍ରୀ ସାଣାକ୍ ଯାହେ ।

ଓ- ସମ୍ପଦ - ଆମ ରାଜ୍ୟ ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଅଟେ ।

ସା- ସାମ୍ପାଦ - ହାମାର୍ ରାଇଜ୍ ଖଣିଜ୍ ସାମ୍ପାଦାମେ ଭାରାଲ ଆହେ ।

ଓ- ସମ୍ଭବ - ପରିବେଶ ସୁରକ୍ଷା କରିବା ସମ୍ଭବ ଅଟେ ।

ସା- ସାମ୍ଭାବ - ପାରିବେଶ୍ କେଲ୍ଲାଚାକ ପାରାଇ ହିକେ ।

ଓ- ସନ୍ତୁଷ୍ଟ - ବାର୍ଷିକ ଫଳାଫଳରେ ମୁଁ ସନ୍ତୁଷ୍ଟ ଅଟେ ।

ସା- ସାନ୍ତୁଷ୍ଟ - ସାଲିନା କେରଫାଲ୍‌ମେ ମୋଏ ଖୁସ୍ ଆହେଁ ।

ଓ- ସର୍ବତ - ଖରା ସମୟରେ ସର୍ବତ ପିଇବାକୁ ଭଲଲାଗେ ।

ସା- ସାର୍ବାତ୍ - ରାଉଦ୍ ଦିନେମେ ସାର୍ବତ୍ ପିଏକ୍‌ବେଶ୍ ଲାଗେଲ୍ ।

ଓ- ସର୍ବଦା - ସର୍ବଦା ପ୍ରଫୁଲ୍ଲ ମନରେ ରହିବା ଆବଂଶ୍ୟକ ।

ସା- ସୋବବେରା - ସୋବବେରା ଖୁସିମାନ୍‌ମେ ରାହେକ୍ ଜରୁରୀ ହିକେ ।

ଓ- ସବୁଜ - ବର୍ଷା ଋତୁରେ ପରିବେଶ ସବୁଜ ଦେଖାଯାଏ ।

ସା- ହାରା - ବାରିଷା ଋତୁମେ ପରିବେଶ୍ ହାରିଆଲି ଦିଶେଲ୍ ।

ଓ- ସତେଜ - ସକାଳେ ମନ ସତେଜ ଥାଏ ।

ସା- ଫୁର୍ତ୍ତି - ବିହାନେ ମାନ ଫୁର୍ତ୍ତି ରାହେଲ୍ ।

ଓ- ସଫା - ପାଇଖାନା ଯିବା ପରେ ସାବୁନରେ ହାତ ସଫା କର ।

ସା- ଧୋଆ - ହାଗେକ୍ ପାଛେ ସାବୁନ ସେ ହାତ ଧୋଆ ।

ଓ- ସଭିଙ୍କ - ମହାତ୍ମାଗାନ୍ଧି ସଭିଙ୍କ ପ୍ରିୟ ନେତା ଥିଲେ ।

ସା- ସୋଭକାର୍ - ମାହାତ୍ମାଗାନ୍ଧି ସୋଭକାରା ପ୍ୟାରା ନେତା ରାହା ଏ ।

ଓ- ସର୍ଦ୍ଦାର - ସର୍ଦ୍ଧାରର ଆଦେଶ ମାନି ସୈନ୍ୟମାନେ କାମ କରନ୍ତି ।

ସା- ସାର୍ଦ୍ଧାର - ସାର୍ଦ୍ଧାରକେର୍ ଗୋଇଠ ମାଇନକେ ସେନାମାନ କାମ କାରେନ ।

ଓ- ସପୁରୀ - ସପୁରୀ ଏକ ମିଠା ଫଳ ଅଟେ ।

ସା- ସାପୁରୀ - ଆନାନାମ୍ ଗୋଟେକ ମିଠା ଫାର ହେକେ ।

ଓ- ସପ୍ତାହ - ସାତ ଦିନରେ ଏକ ସପ୍ତାହ ।

ସା- ହାପ୍ତା - ସାତ ଦିନମେ ଏକ ହପ୍ତା ହୋଏଲ୍ ।

ଓ- ସହିଷ୍ଣୁ - ଭଲ ଲୋକ ସହିଷ୍ଣୁ ହୁଅନ୍ତି ।

ସା- ସାହେକିବାଲା - ବେଶ ଆଦମି ସାହେକବାଲା ହୋଏନା ।

ଓ- ସରଗ - ସରଗ ଏକ ଆନନ୍ଦମୟ ସ୍ଥାନ ବୋଲି ବିଶ୍ୱାସ କରାଯାଏ ।

ସା- ସାରାଗ - ସାରାଗ ଏକ ଆନାନ୍ଦମାୟ ଜାଗା ହିକେ କାହ୍‌କେ ବିଶ୍ୱାସ କାରାଲ୍‌ଯାଏଲ୍ ।

ଓ- ସମାନ - ଆଜିକାଲି ପୁଅ ଓ ଝିଅକୁ ସମାନ ଅଧିକାର ମିଳିଛି ।

ସା- ସାମାନ୍ - ଆଇଜକାଇଲ୍ ଛୋଣାଁଛୋଣିଁକେ ସାମାନ ଆଧିକାର୍ ମିଲ୍‌ହେ ।

ଓ- ସଭିଏଁ - ଆମେ ସଭିଏଁ ଭାରତବାସୀ ଅଟୁ ।

ସା- ସୋଭେ - ହାମରେ ସୋଭେ ଭାରତ୍‌ବାସୀ ହେକି ।

ଓ- ସପ୍ତମ - ସପ୍ତମ ଦିନରେ ହାଟ ହୁଏ ।

ସା- ସାତଓ୍ୱା - ସାତଓ୍ୱା ଦିନ୍‌ମେ ବାଜାର ବୈଠେଲା ।

ଓ- ସହିତ - ରବି ସହିତ ମୁଁ ସର୍କସ ଦେଖିଗଲି ।

ସା- ସାଙ୍ଗେ - ରବି ସାଙ୍ଗେ ମୋଏ ସାର୍କସ ଦେଖେକ୍ ଗୋଲୋଁ ।

ଓ- ସମସ୍ତେ - ସମସ୍ତେ ଶାନ୍ତିରେ ରହିବାକୁ ଚାହାନ୍ତି ।

ସା- ସୋଭେ - ସୋଭେ ଚାଇନ ସେ ରାହେକ୍ ଚାହେଁନ ।

ଓ- ସଜାଇ - ମୁଁ ମୋ ପଢ଼ା ଘରକୁ ସଜାଇ ରଖିଛି ।

ସା- ସେରିୟାଏକ୍ - ମୋର ପାଢ଼େକ୍ ଘାରକେ ସେରିୟାଏକେ ରାଇଖ୍ ହୋଁ ।

ଓ- ସଜବାଜ - ତୂରୀ ବାଜିଲେ ସୈନ୍ୟମାନେ ଯୁଦ୍ଧ ପାଇଁ ସଜବାଜ ହେଉଥିଲେ ।

ସା- ତେୟାର୍‌ହୋଏକ- ବିଙ୍ଗୁଲ ବାଜଲେ ସିପାହୀମାନ୍ ଲାଢ଼େକ ଲାଗିନ୍ ତେୟାର୍ ହୋତ୍‌ରାହାଏ ।

ଓ- ସ୍ୱପ୍ନ - ସ୍ୱପ୍ନରେ ମୁଁ ଆକାଶରେ ଉଡୁଥିଲି ।

ସା- - ସାପ୍ନାମେ ଆକାଶ ମେ ଉଡାତ୍ ରାହୋଁ

ଓ- ସରାଗରେ - ମାମୁଁ ମୋତେ ସରାଗରେ କୋଳରେ ବସାଇଲେ ।

ସା- - ମାମୁଁ ମୋକେ ଦୁଲାର୍‌ସେ କୋରାମେ ବାଇସାଲାଏଁ ।

ଓ- ସଞ୍ଚୟ - ଆସନ୍ତାକାଲି ପାଇଁ ଆଜି ସଞ୍ଚୟ କରିବା ଶିଖ ।

ସା- ବାଟାଏକ - ଆଓ୍ୱେକ କାଇଲ ଲାଗିନ୍ ଆଇଜ୍ ସେ ବାଟାଏକ ଶିଖା ।

ଓ- ସଲଖି - ବାଡ଼ିଟି ଆପେ ସଲଖି ଗଲା ।

ସା- ସଝାଲାକ - ଠେଙ୍ଗାଠୁ ଆପାନ୍‌ସେ ସଝାଲାକ

ଓ- ସହିବା - ସହିବା ଗୁଣ ଯାହା ଥାଏ ସେ ଧନ୍ୟ ।

ସା- ସାହେକ୍ - ସାହାନ ଶକ୍ତି ଯେକାର ରାହେଲେ ଉଗୋ ଧାଇନ୍ ହେକୋଏଁ ।

ଓ- ସୈନ୍ୟ - ସୈନ୍ୟମାନେ ପ୍ରାଣ ଦେଇ ଦେଶ ରକ୍ଷା କରନ୍ତି ।

ସା- ସିପାହି - ସିପାହିମାନ ଜାନ୍‌ଦେଇକେ ଦେଶକେ ବାଟାଏନ୍ ।

ଓ- ସମ୍ବର - ଆଜିକାଲି ସମ୍ବର ପ୍ରଜାତି ବଣରୁ ଲୋପ ପାଇଲା ।

ସା- ସାମ୍ଭାର - ଆଇଜ୍‌କାଇଲ୍ ମିରିଙ୍ଗ୍ ଜାଇତ୍ ଜଙ୍ଗଲସେ ସିରାଏ ଗେଲାକ୍ ।

ଓ- ସଦସ୍ୟ - ରମା ଆମ ପରିବାରର ଜଣେ ସଦସ୍ୟ ଅଟନ୍ତି ।

ସା- - ରମା ହାମାର ପାରିଓ୍ୱାର କେ ଏକଜାନ୍ ହେକେ ।

| | | | |
|---|---|---|---|
| ଓ- | ସର୍କସ | - | ସର୍କସରେ ବିଭିନ୍ନ ଖେଳ ଦେଖିବାକୁ ମିଳେ । |
| ସା- | ସାର୍କାସ | - | ସାର୍କାସ୍ ମେ ନାନେ ରାକାମ୍ କେର ଖେଲ ଦେଖେକ ମିଲେଲା । |
| ଓ- | ସଜାଡ଼ିବା | - | ବଜାରକୁ ଯିବା ପାଇଁ ମୁଁ ସାଇକେଲ୍ ସଜାଡ଼ିବା ଆରମ୍ଭ କରିଛି । |
| ସା- | ସାଜାଏକ୍ | - | ବାଜାରକେ ଯାଏକ ଲାଗିନ୍ ମୋଏ ସାଇକେଲ ସାଜାଏକ୍ ସୁରୁ କାଇରହେଁ । |
| ଓ- | ସଞ୍ଜ | - | ସଞ୍ଜ ହେଲେ ବେଳ ବୁଡ଼ିଯାଏ । |
| ସା- | ସାଜ୍ | - | ସାଞ୍ଜ୍ ହୋଲେ ଲେ୍ ବେଇର ଡୁଇବ ଯାଏଲ । |
| ଓ- | ସମଗ୍ର | - | ସମଗ୍ର ଜିଲ୍ଲାରେ ଶୀତର ପ୍ରକୋପ ବଢ଼ିଛି । |
| ସା- | ସାରା | - | ପୁରା ଜିଲ୍ଲାମେ ଠାଣ୍ଡାକେର୍ ପ୍ରଭାଓ ବାଇଢ ଯାହେ । । |
| ଓ- | ସମାଧାନ | - | ସରପଞ୍ଚ ଗାଁ ବିବାଦ ସମାଧାନ କରନ୍ତି । |
| ସା- | ସାମାଧାନ | - | ସାରପାଞ୍ଚ ଗାଁଅ ଝାଗଡ଼ାକେ ସୁଲଝାଏନା କାରେନା । |
| ଓ- | ସମ୍ବିଧାନ | - | ଆମ ଦେଶର ଏକ ବୃହତ ସମ୍ବିଧାନ ରହିଛି । |
| ସା- | ସାମ୍ବିଧାନ | - | ହାମାର ଦେଶମେ ଗୋଟେକ ବାଡ଼କା ସାମ୍ବିଧାନ ଆହେ । |
| ଓ- | ସମ୍ଭାଳିବା | - | ଦୁଃଖ ସମ୍ଭାଳିବା ଏକ ମହତ ଗୁଣ ଅଟେ । |
| ସା- | ସାମ୍ଭରାଏକ | - | ଦୁଃଖ ସାମ୍ଭରାଏକ ଏକ ବେଶ୍ ଗୁନ୍ ହିକେ । |
| ଓ- | ସଉକି | - | ରମା ସଉକିରେ ସୁନ୍ଦର ଯୋତା ପିନ୍ଧିଛି । |
| ସା- | ସଉକ୍ | - | ରମା ସଉକ୍‌ସେ ସୁନ୍ଦାର ଜୁତା ପିନ୍ଧେ । |
| ଓ- | ସମତୁଲ | - | ଗୋପବନ୍ଧୁଙ୍କ ସହ କିଏ ସମତୁଲ ହୋଇପାରେ । |
| ସା- | ସମାନ | - | ଗୋପବନ୍ଧୁ କେର ସାଙ୍ଗେ କେ ସମାନ ହୋଏକ ପାରି । |
| ଓ- | ସରିସୃପ | - | ସର୍ପ ଏକ ସରିସୃପ ପ୍ରାଣୀ ଅଟେ । |
| ସା- | ସାରିସୃପ | - | ସାଂପ୍‌ଗୋ ସାରିସୃପ ଜୀୟୁ ହେକେ । |

| | | | |
|---|---|---|---|
| ଓ- | ସମ୍ମୁଖୀନ | - | ବିପଦ ସମ୍ମୁଖୀନ ହେଲେ ଭୟ କରନାହିଁ । |
| ସା- | ସାମନା | - | ବିପେଇତ୍‌କେର ସାମାନା ହୋଲେନା ଡାରାଓ୍ବା । |
| ଓ- | ସମର୍ଥନ | - | ମୁଁ ମୋ ସାଙ୍ଗର କଥାକୁ ସମର୍ଥନ କଲି । |
| ସା- | ସାମର୍ଥନ | - | ମୋଏ ମୋର ସାଙ୍ଗକେର ଗୋଇଠକେ ସାମର୍ଥନ କାରଲ । |
| ଓ- | ସଚେତନ | - | ପରିବେଶ ପ୍ରତି ସଚେତନ ରହିବା ଉଚିତ୍ । |
| ସା- | ଜାଗରୁକ୍ | - | ପାରିବେଶ୍ ଲାଗିନ୍ ଜାଗରୁକ୍ ରାହେକ୍ ଚାହି । |
| ଓ- | ସହଯୋଗ | - | ଲୋକ ସହଯୋଗ କଲେ ଗ୍ରାମ ସଫା ହେବ । |
| ସା- | ମାଦାଦ୍ | - | ଆଦମିମାନ ମାଦାଇତ୍ କାରଲେ ଗାଁଅ ସାଫା ହୋଇ । |
| ଓ- | ସଙ୍ଗେସଙ୍ଗେ | - | ଖବର ପାଇ ଦମକଳ ସଙ୍ଗେସଙ୍ଗେ ପହଞ୍ଚିଲା । |
| ସା- | ସାଙ୍ଗେସାଙ୍ଗେ | - | ଖାବାର ପାଏକେ ଆଇଗ୍ ବୁଝାଏକ ଗାଡି ସାଙ୍ଗେସାଙ୍ଗେ ପହଞ୍ଚଲାକ୍ । |
| ଓ- | ସପ୍ତର୍ଷିମଣ୍ଡଳ | - | ଅନ୍ଧାର ରାତିରେ ସପ୍ତର୍ଷି ମଣ୍ଡଳ ସ୍ପଷ୍ଟ ଦେଖାଯାଏ । |
| ସା- | | - | ଆନ୍ଧାର ରାତିମେ ସାତଓଁ ବିନ୍‌କୋ ବେଶ ଦିଶେଲ । |
| ଓ- | ସଂଗ୍ରହ | - | ମୁଁ ନେତା ମାନଙ୍କର ଛବି ସଂଗ୍ରହ କରି ରଖେ । |
| ସା- | ଜାମା | - | ମୋଏ ନେତା ମାନକେର ଫୋଟୋ ଜାମା କାଇରକେ ରାଇଖ । |
| ଓ- | ସମ୍ପର୍କ | - | ରବି ସହିତ ମୋର ଉତ୍ତମ ସମ୍ପର୍କ ରହିଛି । |
| ସା- | | - | ରବି ସାଙ୍ଗେ ମୋର ବେସ ରିସ୍ତା ଆହେ । |
| ଓ- | ସଂଗୀତ | - | ସଂଗୀତ ମୋର ଅତି ପ୍ରିୟ ଅଟେ । |
| ସା- | ଗିତଚାଏ୍ଯକ | - | ଗିତଚାଏ୍ଯକ୍ ମୋକେ ମୁରୁକ ପାସାନ୍ଦ ହିକେ । |
| ଓ- | ସଂନ୍ଧ୍ୟା | - | ସନ୍ଧ୍ୟା ହେଲେ ତାରା ଦେଖାଯାଆନ୍ତି । |
| ସା- | ସାଞ୍ଜ | - | ସାଞ୍ଜ ହୋଲେ ତାଇର୍‌ଗାନ ଦିଶେନା । |

ଓ- ସଂଗ୍ରାମୀ - ଭଗତସିଂହ ଜଣେ ସଂଗ୍ରାମୀ ଯୁବା ଥିଲେ ।

ସା- - ଭାଗାତ୍‌ସିଂ ଏକଜାନ ଲାଡୁଆ ଛୋଣାଁ ରାହାଏଁ ।

ଓ- ସଂପଦ - ସଂପଦ ବେଳେ ବହୁ ସଖା ହୁଅନ୍ତି ।

ସା- ସଂପଦ - ଧାନ ରାହିବେରା ବହୁତ ସାଙ୍ଗ ହୋଏନା ।

ଓ- ସଂକଳ୍ପ - ଦେଶ ସେବା ପାଇଁ ଆମେ ସଂକଳ୍ପ କରିଛୁ ।

ସା- ସାଂକାଳ୍ପ - ଦେଶସେୱା ଲାଗିନ୍ ହାମରେ ମାନ୍ନାଢ୍ କାଇରହି ।

ଓ- ସଂଗ୍ରାମ - ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କର ।

ସା- ଲାଢ଼େଇ - ବେଆଇନକେର ବିରୁଦ୍ଧମେ ଲାଢ଼େଇ କାରା ।

ଓ- ସଙ୍କେତ - ରାସ୍ତାରେ ଦିଆଯାଇଥିବା ସଙ୍କେତ ମାନି ଗାଡ଼ି ଚଳାଅ ।

ସା- ଚିହ୍ନା - ଡାହାରମେ ଦେୱାଲ ଚିହ୍ନାମାନକେ ଦେଇଖିକେ ଗାଡ଼ି ଚାଲୱା ।

ଓ- ସଂକୁଚିତ - ବୃଦ୍ଧର ଚର୍ମ ସଂକୁଚିତ ହୋଇଥାଏ ।

ସା- କୁଚ୍‌କୁଚ୍ - ବୁଢ଼ାକେର ଚାମଡ଼ା କୁଚ୍‌ମୁଚ୍ ହୋଇହେ ।

ଓ- ସଂଗୃହୀତ - ଆମ ଶ୍ରେଣୀ ପୁରୁଣା ପାଠ୍ୟ ପୁସ୍ତକ ସଂଗୃହିତ ହେଲା ।

ସା- ଜାମା - ହାମାର୍ କ୍ଲାସ୍‌କେର୍ ପୁରନା ପାଟେକ କିତାବ୍ ଜାମା ହୋଲାକ୍ ।

ଓ- ସଂଗୀତ ଦଳ - ମୁଁ ଗୋଟିଏ ସଙ୍ଗୀତ ଦଳରେ ଗୀତ ଗାଏ ।

ସା- ସାଙ୍ଗୀତଦାଲ୍ - ମୋଏ ଗୋଟେକ ଜୋୟାର ଦାଲମେ ଗୀତ ଗାଅନା ।

ଓ- ସଂରକ୍ଷଣ - ବାଳିକା ମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯାଇଛି ।

ସା- ବାଚାଲଯାହେ - ଛୋଣିମାନ୍ ଲାଗିନ୍ ଜାଗା ବାଚଲଯାହେ ।

ଓ- ସାଧାରଣ - ଜନ ସାଧାରଣ ଭୋଟ ଦେଇ ସରକାର ଗଢ଼ନ୍ତି ।

ସା- ସାଧାରନ୍ - ସାଧାରନ୍ ଆଦମି ଭୋଟ୍‌ଦେଇକେ ସାରକାର ଗାଢ଼େନା ।

ଓ- ସାରଣୀ - ସହଜରେ ବୁଝିବାପାଇଁ ସାରଣୀ ସାହାଯ୍ୟ କରେ ।

ସା- ସାରଣୀ - ସାହାଜ ସେ ବୁଝେକ୍ ଲାଗିନ୍ ସାରଣୀ ମାଦାଇତ୍ କାରେଲା ।

ଓ- ସାକ୍ଷାତ - ହଠାତ୍ ମୋ ବନ୍ଧୁଙ୍କ ସହିତ ମୋର ସାକ୍ଷାତ ହେଲା ।

ସା- ଭେଟ୍ - ଅଚାନାକ୍ ମୋର ସାଙ୍ଗ୍ ସାଙ୍ଗେ ମୋର ଭେଟ୍ ହୋଲାକ୍ ।

ଓ- ସାପ - ସାପୁଆ ମାନେ ସାପ ଖେଳାନ୍ତି ।

ସା- ସାପ୍ - ସାପୁଆମାନ୍ ସାପ ଖେଲାଏନା ।

ଓ- ସାନଚିହ୍ନ - ସାନ ସଂଖ୍ୟା ସୂଚାଇବା ପାଇଁ ସାନ ଚିହ୍ନ ଦିଆଯାଏ ।

ସା- ଛୋଟଚିହ୍ନା - ଛୋଟ ସଂାଖ୍ୟା ଚିହ୍ନାଏକ ଲାଗିନ୍ ଛୋଟ ଚିହ୍ନା ଦେଆଲଯାଏଲା ।

ଓ- ସାଙ୍ଗ - ରବି ମୋର ପିଲା ଦିନର ସାଙ୍ଗ ଅଟେ ।

ସା- ସାଙ୍ଗ୍ - ରବି ମୋର ଛଟ୍ ବେରାକେର୍ ସାଙ୍ଗ ହିକେ ।

ଓ- ସାଗର - ଆମ ଦେଶକୁ ତିନି ଦିଗରେ ସାଗର ଘେରି ରହିଛି ।

ସା- ସାଗାର୍ - ହାମାର ଦେଶକେ ତିନୋଆର୍‌ରା ସେ ସାମୁଦାରଘେଇର୍ କେ ରାଇଖେ ।

ଓ- ସାଥେ - ବଜାରରେ ମୁଁ ବାପାଙ୍କ ସାଥେ ସାଥେ ଯାଏ ।

ସା- ସାଙ୍ଗେ - ବାଜାର ମେ ମୋଏ ଆବାକେର ସାଙ୍ଗେସାଙ୍ଗେ ଯାଅନା ।

ଓ- ସାହସ - ରବି ସାହସ ଧରି ନଦୀରୁ ରମାକୁ ଉଦ୍ଧାର କଲା ।

ସା- ସାହାସ୍ - ରବି ସାହାସ୍ ବାଇନ୍ଧ୍‌କେ ନାଦୀ ସେ ରମାନେ ବାଗଲାକ୍ ।

ଓ- ସାଜସଜା - ଭାଇଙ୍କ ବାହାଘର ବେଳେ ଆମେ ଘର ସାଜସଜା କରୁ ।

ସା- ସାଜାଏକ୍ - ଦାଦାକେର ସାଦୀବେ‌ରା ହାମରେ ଘାରକେ ସାଜାଲି ।

ଓ- ସାମୂହିକ - ପୋଖରୀ ସଫା ଏକ ସାମୂହିକ କାର୍ଯ୍ୟ ଅଟେ ।

ସା- ସାମୁହିକ୍ - ପୋଖରା ସାଫାକାରେକ ସାମୁହିକ୍ କାମ୍ ହିକେ ।

ଓ- ସାଉଁଳା - ମାଆଙ୍କର ସ୍ନେହଭରା ସାଉଁଳା ମୋତେ ଶାନ୍ତି ଦିଏ ।

ସା- ସାଉଁରାଏକ - ଆୟୋକେର ପ୍ୟାର୍‌ଭାରା ଆଇଁସାଲ୍ ମୋକେ ଚାଇନ୍ ଦେଓ୍ୱେଲା ।

ଓ- ଛିଞ୍ଚିବା - କେହି ଅଚେତ ହେଲେ ମୁହଁରେ ପାଣି ଛିଞ୍ଚିବା ଉଚିତ୍ ।

ସା- ଛିଟା - କେହୋ ବେହୋସ୍ ହୋଲେ ଚେହେରାମେ ପାନି ଛିଟ୍‌କେକ ଋହି ।

ଓ- ସିଲିଣ୍ଡର - ଦୋକାନୀ ସିଲିଣ୍ଡରରେ ଗ୍ୟାସ ବିକ୍ରି କରେ ।

ସା- ସିଲିଣ୍ଡର - ଦୋକାନୀ ସିଲିଣ୍ଡର ମେ ଗ୍ୟାସ ବେଚେଲା ।

ଓ- ସିମ୍ପାଞ୍ଜି - ଆଫ୍ରିକା ଜଙ୍ଗଲରେ ସିମ୍ପାଜିମାନେ ରହନ୍ତି ।

ସା- ସିମ୍ପାଞ୍ଜି - ଆଫ୍ରିକା ଜାଙ୍ଗାଲମେ ବାନ୍‌ମାନୁଷମାନ ରାହେନା ।

ଓ- ସିଂହ - ସିଂହ ସବୁଠାରୁ ବଳବାନ ପଶୁ ଅଟେ ।

ସା- ସିଂହ - ସିଂହ ସବ୍‌କାର୍ ସେ ତାକତ୍‌ଦାରୁ ଜାନ୍ତୁ ହିକେ ।

ଓ- ସୀମା - ଆମ ଦେଶକୁ ସୀମା ସୁରକ୍ଷା ବାହିନୀ ଜଗନ୍ତି ।

ସା- ବୋଡାର୍ - ହାମର୍ ଦେଶକେ ବୋଡାର୍ କେ ଫୌଜୀମାନ ଅଗରେନ୍ ।

ଓ- ସୁସ୍ଥ - ଦୀର୍ଘ ଦିନ ପରେ ମୋର ଜେଜେ ସୁସ୍ଥ ହେଲେ ।

ସା- ଠିକ୍ - ବହୁତ ଦିନକେର ବାଦେ ମୋର ନାନା ବେଶ ହୋଲାଏଁ ।

ଓ- ସୁଯୋଗ - ଗତବର୍ଷ ମୁଁ ଚିଲିକା ଦେଖିବାର ସୁଯୋଗ ପାଇଥିଲି ।

ସା- ମୌକା - ଗେଲାକ୍ ସାଲ୍ ମୋଏ ଚିଲିକା ଦେଖେକ୍ ମୌକା ପାଏରାହୋଁ ।

ଓ- ସୁନ୍ଦର - ଆମ ଗାଁ ପାହାଡ଼ ଦୂରରୁ ସୁନ୍ଦର ଦିଶେ ।

ସା- ସୁନ୍ଦାର - ହାମାର ଗାଁଅ ପାହାର ଦୁରର୍‌ସେ ସୁନ୍ଦାର୍ ଦିଶେଲ୍ ।

ଓ- ସୁଫଳ - ଶ୍ରମ କଲେ ସୁଫଳ ମିଳେ ।

ସା- - ମେହନତ୍ କରଲେ ଆଚ୍ଛାଫାଲ୍ ମିଲେଲ୍ ।

ଓ- ସୁସ୍ୱାଦ - ସପେଟା ଏକ ସୁସ୍ୱାଦ ଫଳ ଅଟେ ।

ସା- ସାଆଦ - ଚିକୁ ଗୋ ସାୱାଦ ଫାର୍ ହିକେ ।

ଓ- ସୁଆଦିଆ - ଅମୃତ ଭଣ୍ଡା ଏକ ସୁଆଦିଆ ଫଳ ଅଟେ ।

ସା- ସାୱାଦ୍ - ପାପିତା ଗୋ ସାୱାଦ ଫାର୍ ହିକେ ।

ଓ- ସୂର୍ଯ୍ୟ - ସୂର୍ଯ୍ୟକିରଣ ବାଜି ଜଳ ବାଷ୍ପ ହୁଏ ।

ସା- ସୁରାଜ୍ - ସୁରାଜ୍ କେର କିରାନ୍ ଲାଇଗ୍‌କେ ପାନି ଭାପ୍ ବାନେଲ୍ ।

ଓ- ସୂରଯନ୍ତ୍ର - ରେଡିଓ ଏକ ସୂରଯନ୍ତ୍ର ଅଟେ ।

ସା- ଆଓ୍ଵାଜମେସିନ୍- ରେଡିଓ ଏକଠୁ ସର ଆଓ୍ଵାଜ୍‌ମେସିନ୍ ହିକେ ।

ଓ- ସୂଚକ - ଥର୍ମୋମିଟରରେ ପାରଦ ସୂଚକ ଭଳି କାମ କରେଁ ।

ସା- ଚିହ୍ନାଏକ - ଥର୍ମୋମିଟର ମେ ପାରଦ୍ ଚିହ୍ନାଏକ୍ କେର୍ କାମ୍ କାରେଲ ।

ଓ- ସୂଚାଇବା - ବିଦ୍ୟାଳୟରେ ସମୟ ନିର୍ଘଣ୍ଟ ସୂଚାଇବା ଆବଶ୍ୟକ ।

ସା- ସୂଚାଏକ - ଇସ୍କୁଲକେର ସାମାୟ ସୂଚଏକ ଜାରୁରୀ ହିକେ ।

ଓ- ସୂଚନା - ପ୍ରଧାନ ଶିକ୍ଷକ ପରୀକ୍ଷା ସମ୍ବନ୍ଧରେ ସୂଚନା ଦେଲେ ।

ସା- ଖାବାର୍ - ହେଡ୍‌ମାଷ୍ଟାର୍ ପାରୀକ୍ଷା ବିଷୟ ସେ ସୂଚିତ କାରଲାଏଁ ।

ଓ- ସୂତ୍ର - ବାପା କଳି ସମାଧାନର ସୂତ୍ର ବାହାର କଲେ ।

ସା- ଡାହାର୍ - ଆବା ଝଗଡ଼ା ଫାଏସାଲା ଡାହାର ନିକ୍‌ଲାଲାଏଁ ।

ଓ- ସୂଚୀ - ନାବିକ କମ୍ପାସ ସୂଚୀ ଚୁମ୍ବକଟିଏ ଥାଏ ।

ସା- ସୂଚୀ - ନାବିକ କମ୍ପାସ ମେ ସୂଚୀ ଚୁମ୍ବାକ ରାହେଲ ।

ଓ- ସେଠାରେ - ମୁଁ ଧାଇଁ ଯାଇ ଦେଖିଲି ସେଠାରେ କେହି ନ ଥିଲା ।

ସା- ଉଠିନ୍ - ମୋଏ କୁଇଦ୍‌ଯାଏକେ ଦେଖଲୋ ଉଠିନ୍ କେହୋ ନି ରାହାଏ ।

ଓ- ସେବା - ବରିଷ୍ଠ ନାଗରିକ ମାନଙ୍କୁ ସେବା କରିବା ଉଚିତ୍ ।

ସା- ସେବା - ବୁଢ଼ା ଆଦମିମାନ୍‌କେର୍ ସେବା କାରେକ୍ ଚାହି ।

ଓ- ସେପଟେ - ଏ ପରେ ରାସ୍ତା ବନ୍ଦ ସେପଟେ ଆସ ।

ସା- ଉବାଟେ - ଇ ବାଟେ ଡାହାର୍ ବାନ୍ଦ୍ ଉବାଟେ ଆଓ୍ଵା ।

ଓ- ସେମାନେ - ସେମାନେ ଗୀତ ଗାଉଛନ୍ତି ।

ସା- ହମାନ୍ - ଉମାନ୍ ଗୀତ୍ ଗାଓ୍ଵାଥାଁଏ ।

ଓ- ସେହିତ - ମିଲି, ସେହି ତ ଆମ ଶ୍ରେଣୀ ମିନିଟର୍ ।

ସା- ଓହେତ - ମିଲି, ଓହେତ ହାମାର କ୍ଲାସକେର ମନିଟର ।

ଓ- ସ୍ନେହ - ଆମେ ପିତା ମାତାଙ୍କର ସ୍ନେହ ଆଦର ପାଇ ବଢ଼ିଛୁ ।

ସା- ପ୍ୟାର୍ - ହାମରେ ଆୟୋ ଆବାକେର ଦୁଲାର ପ୍ୟାର ପାଏକେ ବାଇଡହି ।

ଓ- ସେଓ - ଆମ ଅଞ୍ଚଳରେ ସେଓ ଚାଷ ହୁଏ ନାହିଁ ।

ସା- ସେଓ - ହାମାର୍ ଏରିଆ ମେ ସେଓ କ୍ଷେତି ନି ହୋଏଲ୍ ।

ଓ- ସେହି - ସେହି ଘରେ ମୋର ବନ୍ଧୁ ରହନ୍ତି ।

ସା- ଓହେ - ଓହେ ଘାରେ ମୋର ସାଙ୍ଗ ରାହେଲ୍ ।

ଓ- ସେହିପରି - ସେହିପରି କାମ କରିବା ଅନୁଚିତ ।

ସା- 'ଓ୍ତୁ' ଲେଖେ - ଓ୍ତୁଲେଖେ କାମ କାରେକ ନି ଲାଗେ ।

ଓ- ସେନାପତି - ସେନାପତି ଯୁଦ୍ଧ ଚଳାନ୍ତି ।

ସା- ସେନାପତି - ସେନାପତି ଲାଢ଼ାଇ କେର ଆଗୁଆଇ କାରେନ୍ ।

ଓ- ସଦନ - ବଡ଼ ହେଲେ ମୁଁ ସେବା ସଦନଟିଏ ଖୋଲିବି ।

ସା- ସାଦାନ - ବାଢ଼ ହୋଲେ ମୋଏ ସେବା ସାଦାନ ଖୋଲମୁଁ ।

ଓ- ସୈନ୍ୟ - ସୈନ୍ୟମାନେ ଯୁଦ୍ଧ କରନ୍ତି ।

ସା- ସେନା - ଫାଉଜୀ ଲାଢ଼େଇ କାରେନ ।

ଓ- ସୌରମଣ୍ଡଳ - ସୂର୍ଯ୍ୟ ଓ ନଅଟି ଗ୍ରହକୁ ନେଇ ସୌରମଣ୍ଡଳ ।

ସା- ସୌରମାଣ୍ଡାଲ - ସୁରାଯ ଆଉର ନାଅଠୁ ଗାରାହକେ ଲେଇଗକେ ସୌରମଣ୍ଡାଲ୍ ହୋଇହେ ।

ଓ- ସପ୍ନ - ମୁଁ ଆଜି ଗୋଟିଏ ଭଲ ସପ୍ନ ଦେଖିଲି ।

ସା- ସାପନା - ଆଇଜ୍ ମୋଏ ଗୋଟେକ୍ ବେଶ ସାପ୍‌ନା ଦେଖଲ୍ ।

ଓ- ସ୍ୱଭାବ - ରମାର ସ୍ୱଭାବ ଅତି ସୁନ୍ଦର ଅଟେ ।

ସା- ସ୍ୱାଭାବ୍ - ରମାକେର୍ ସ୍ୱାଭାବ ବହୁତ୍ ସୁନ୍ଦାର ହିକେ ।

ଓ- ସ୍ୱଚ୍ଛ - ଗୋଳିଆ ପାଣି ବସିଗଲେ ସ୍ୱଚ୍ଛ ଦେଖାଯାଏ ।

ସା- ସାଫା - ଲେଳ ପାନି ବାଇଠ୍‌ଗେଲେ ସାଫା ଦିଶେଲ୍ ।

ଓ- ସ୍ୱର - ଗିମି ସ୍ୱର ବଦଳାଇ କଥାହୋଇପାରେ ।

ସା- ଆୱାଜ୍ - ଗିମି ଆୱାଜ ବାଦଲାଏକେ ଗୋଇଠ କାହେକ୍ ପାରେଲ୍ ।

ଓ- ସ୍ୱୟଂଚାଳିତ - ଏଟିଏମ୍ ସ୍ୱୟଂଚାଳିତ ଯନ୍ତ୍ର ଅଟେ ।

ସା- ଆପନେଆପ୍ - ଏଟିଏମ୍ ଆପନେଆପ୍ ଚାଲେକ ମୋସିନ୍ ହିକେ ।

ଓ- ସ୍ୱାଧିନ - ଆମେ ସ୍ୱାଧୀନ ଭାବରେ କାର୍ଯ୍ୟ କରିପାରୁ ।

ସା- ସ୍ୱାଧିନ - ହାମରେ ସ୍ୱାଧିନ ହୋଇକେ କାମ କାରେକ ପାରିଲ ।

ଓ- ସ୍ୱାସ୍ଥ୍ୟ - ଆମ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଗଲା ।

ସା- ଶାରୀର୍ - ହାମାର ଇସ୍କୁଲମେ ଶାରୀର୍ ପରିକ୍ଷା କାରାଲ୍ ଗେଲାକ୍ ।

ଓ- ସ୍ୱାସ୍ଥ୍ୟସେବା - ସରକାର ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଅନ୍ତି ।

ସା- ସ୍ୱାସ୍ଥ୍ୟସେବା - ସାରକାର୍ ସ୍ୱାସ୍ଥ୍ୟସେବା ଯୋଗାଏ ଦେୱେନା ।

ଓ- ସ୍ୱାର୍ଥ - ଆଜିକାଲି ସମସ୍ତେ ସ୍ୱାର୍ଥ ଚେଷ୍ଟା କରୁଛନ୍ତି ।

ସା- ସ୍ୱାର୍ଥ୍ - ଆଇଜ୍‌କାଇଲ୍ ସୋଭେ ଆପାନ ଭାଲେଇ କାରେନା ।

ଓ- ସ୍ୱାସ୍ଥ୍ୟକେନ୍ଦ୍ର - ପ୍ରତି ପଞ୍ଚାୟତରେ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି ।

ସା- ହସପିଟାଲ୍ - ସୋବ୍ ପାଞ୍ଚାଏତ୍‌ମେ ହସପିଟାଲ୍ ଆହେ ।

ଓ- ସ୍ଥଳୀ - ଜଙ୍ଗଲ ଜୀବଜନ୍ତୁଙ୍କ ବାସସ୍ଥଳୀ ଅଟେ ।

ସା- ଜାଗା - ଜାଙ୍ଗାଲ ଜୀବଜାନ୍ତୁମାନାକ ରାହେକ୍ ଜାଗା ହିକେ ।

ଓ- ସ୍ଥିର - ସମସ୍ତେ ଏକଯୁଟ ହେବାକୁ ସ୍ଥିର କରାଯାଇଛି ।

ସା- ହେରାଲ୍ - ସୋଭେ ଏକତା ହୋଏକ ଲାଗିନ୍ ତାୟ କାରାଲ ଯାହେ ।

ଓ- ସ୍ଥାନ - ଗାଁର ସବୁସ୍ଥାନ ସଫା ସୁତୁରା ରଖାଯାଉ ।

ସା- ଜାଗା - ଗାଁଅ କେର ସୋବ୍ ଜାଗା ସାଫାସୁତରା ରାଖା ।

ଓ ସ୍ଥାନୀୟମାନ - ପ୍ରତି ଅଙ୍କର ସ୍ଥାନୀୟ ମାନ ରହିଛି ।

ସା- ସ୍ଥାନୀୟମାନ୍ - ସୋବ୍ ସଂଖ୍ୟାକେର ସ୍ଥାନୀୟମାନ୍ ଆହେ ।

ଓ- ସ୍ଥାପନ - ଆମ ଗ୍ରାମରେ ଡାକ ଘର ସ୍ଥାପନ କରାଗଲା ।

ସା- ବୈଠାଲ - ହାମାର ଗାଁମେ ଚିଠିପାତେଇ ଘାର ବୈଠାଲ ଗେଲାକ୍ ।

ଓ- ସ୍ଥଳଭାଗ - ଆମେ ସ୍ଥଳ ଭାଗରେ ବାସ କରୁ ।

ସା- ଶୁଖାଭାଗ - ହାମରେ ଜାମିନଭାଗ୍‌ମେ ରାହିଲ ।

ଓ- ସ୍ଥାବର - ଆମର ସ୍ଥାବର ସମ୍ପତ୍ତି କିଛି ନାହିଁ ।

ସା- ସୋବଦିନକେର- ହାମାର ପୁର୍ଖାଉତି ସମ୍ପତ୍ତି କୁଛ୍ ନାଖେ ।

ଓ- ସ୍ପର୍ଶ - ଆଜିକାଲି ସ୍ପର୍ଶ ଦ୍ୱାରା ଚିକିତ୍ସା କରାଯାଇଛି ।

ସା- ଛୁଏକ୍ - ଆଇଜ୍‌କାଇଲ୍ ଛୁଆଲ୍ ସେ ବେଶ କାରାଲଯାଆଥେ ।

ଓ- ସ୍ପୃହା - ପଦ ଯାତ୍ରା କରିବାରେ ମୋର ସ୍ପୃହା ନାହିଁ ।

ସା- ଇଛା - ହିଠେକେ ଲାଗିନ୍ ମୋର ତାର ନାଖେ ।

ଓ- ସ୍ପଷ୍ଟ - ବହିର ଛବି ଗୁଡ଼ିକ ସ୍ପଷ୍ଟ ଦେଖାଯାଉଛି ।

ସା- ସାଫା - କିତାବ୍‌କେର ଛାପାମାନ୍ ସାଫା ଦିଶାଥେ ।

ଓ- ସ୍ପର୍ଶକ - ପ୍ରତି କୋଣର ଏକାଧିକ ସ୍ପର୍ଶକ ଥାଏ ।

ସା- ସ୍ପର୍ଶକ - ସୋବ୍ କୋନାମେ ବହୁତେ ଛୁଏକ୍‌ୱାଲା ରାହେଲ ।

ଓ- ସ୍ଫୁର୍ତ୍ତି - ସକାଳେ ବ୍ୟାୟାମ କଲେ ସ୍ଫୁର୍ତ୍ତି ଲାଗେ ।

ସା- ସ୍ଫୁର୍ତ୍ତି - ବିହାନେ କାସ୍‌ରାତ୍ କାରଲେ ଫାର୍‌ଚି ଲାଗେଲା ।

ଓ- ସ୍ଫୁଲିଙ୍ଗ - ପଥରରେ ଲୁହା ବାଜିଲେ ଅଗ୍ନି ସ୍ଫୁଲିଙ୍ଗ ବାହାରେ ।

ସା- ଛିଟକା - ପାଖାନା ମେ ଲାହା ପିଟାୟ ହଲେ ଆଇଗ୍ ଛିଟେଇକା ନିକ୍‌ଲେଲ୍ ।

| | | |
|---|---|---|
| ଓ- ସ୍ଖଳନ | - | ବର୍ଷା ଦିନେ ପର୍ବତର ପଥର ସ୍ଖଳନ ହୁଏ । |
| ସା- ଉପକେଲା | - | ବାରିଷ ଦିନ୍‌ମେ ପାହାଡ଼ ସେ ପାଖନା ଘୁଡକେଲା । |
| ଓ- ସ୍କୁଲ | - | ସ୍କୁଲ ଏକ ପବିତ୍ର ସ୍ଥାନ ଅଟେ । |
| ସା- ସ୍କୁଲ | - | ଇସ୍କୁଲ ଗୋଟେକ ପାବିତାର୍ ଜାଗା ହିକେ । |
| ଓ- ସ୍ତ୍ରୀ ଲୋକ | - | ଜଣେ ସ୍ତ୍ରୀ ଲୋକର ମଜୁରି ପୁରୁଷ ସହିତ ସମାନ । |
| ସା- ଜାନି ଆଦମି | - | ଏକଜାନ୍ ଜାନୀନା ଆଦମି କେର ହାଜରୀ ମାରାଦ୍ ସାଙ୍ଗେ ସାମାନ୍ । |
| ଓ- ସ୍ତମ୍ଭ | - | ପୋଢ଼ ପୂଜାବେଳେ ସ୍ତମ୍ଭଟିଏ ପୋତା ଯାଏ । |
| ସା- ଖୁଟା | - | ପୋତ୍ ପୂଜାବେରା ଖୁଟା ଗାଡାଲଯାଏଲା । |
| ଓ- ସ୍ନାନ | - | ସକାଳ ସ୍ନାନ ଦେହକୁ ହିତ । |
| ସା- ନାହାଏକ୍ | - | ବିହାନେକେର୍ ନାହାଏକ୍ ଶାରୀର ଲାଗିନ୍ ବେଶ ହିକେ । |
| ଓ- ସ୍କେଲ | - | ସ୍କେଲ ସାହାଯ୍ୟରେ ଗାର କାଟି ମପାଯାଏ । |
| ସା- ସ୍କେଲ | - | ସ୍କେଲ୍‌କେର୍ ମାଦାଦସେ୍ ଗାର କାଇଟକେ ନାପାଲଯାଏଲ । |

‘କ୍ଷ’

| | | |
|---|---|---|
| ଓ- କ୍ଷଣ୍ଡ | - | ବଜାରରେ କ୍ଷଣ୍ଡଟିଏ ଉତ୍ପାତ କରୁଛି । |
| ସା- କ୍ଷାଣ୍ଡ | - | ବାଜାରମେ କ୍ଷାଣ୍ଡ ଗୋ ଉତ୍ପାତ କାରାଥେ । |

-ଶ-

| | | |
|---|---|---|
| ଓ- ଶବ୍ଦ | - | ରାତିରେ ଶବ୍ଦ ଅଧିକ ଦୂରକୁ ଯାଇପାରେ । |
| ସା- ଆୱାଜ୍ | - | ରାତିମେ ଶାବାଦ୍ ବହୁତ୍ ଦୂରତାକ୍ ଶୁନାଏଲ । |
| ଓ- ଶସ୍ୟ | - | ଶସ୍ୟ ଅମଳ ବେଳେ ଗାଁ ମୁଖରିତ ହୋଇଥାଏ । |
| ସା- ଆନାଜ୍ | - | କାଟନି କାରେକ୍‌ବେରା ଗାଁଅ ହାଇସ୍ ଉଠେଲ । |

| | | |
|---|---|---|
| ଓ- ଶର୍ଦ୍ଧି | - | ରମାକୁ ଗତ କାଲିଠାରୁ ଶର୍ଦ୍ଧି ଜ୍ୱର ଧରିଛି । |
| ସା- ଶର୍ଦ୍ଧି | - | ରମାକେ ଗେଲାକ୍ କାଇଲ୍‌ସେ ଶାର୍ଦ୍ଧି ଜାର୍ ଧାଇରହେ । |
| ଓ- ଶକ୍ତି | - | ଭାତ, ରୋଟି ଇତ୍ୟାଦିରୁ ଆମକୁ ଶକ୍ତି ମିଳେ । |
| ସା- ଶାକ୍ତି(ତାକାତ୍)- | | ଭାତ ରୋଟି ଇ଼ସବ୍‌ସେ ହାମ୍‌ରେକେ ତାକାତ୍ ମିଲେଲା । |
| ଓ- ଶର | - | ଆଗ କାଳରେ ଧନୁଶର ଧରି ଯୁଦ୍ଧ କରୁଥିଲେ । |
| ସା- ତୀର | - | ପୁର୍‌ଖା ଯୁଗ ମେ ଧାନୁତୀର ଧାଇର୍‌କେ ଲାଢ଼େଇ କାରାତ୍‌ରାହାଏଁ । |
| ଓ- ଶଶୀ | - | ଶରତ ଶଶୀ ନିର୍ମଳ ଦେଖାଯାଏ । |
| ସା- | - | କୁଆଁର ଚାନ୍ଦ ଫାରିଚା ଦିଶେଲା । |
| ଓ- ଶଙ୍ଖା | - | ଶଙ୍ଖାରୀ ଶଙ୍ଖା ସଜାଇ ରଖିଛି । |
| ସା- ଚୁଡ଼ି | - | ଚରିବାଲା ଚୁରିମାନକେ ସାଜାଏକେ ରାଇଖେ । |
| ଓ- ଶରୀର | - | ସୁସ୍ଥ ଶରୀର ସୁସ୍ଥ ମନ । |
| ସା- ଶାରୀର | - | ବେଶ୍ ଶରୀର ବେଶ୍ ମାନ । |
| ଓ- ଶରଣ | - | ଗରୀବ ଲୋକ ଧନୀ ଠାରେ ଶରଣ ନିଅନ୍ତି । |
| ସା- ଆସ୍ରା | - | ଗାରୀବ ଆଦିମ୍‌ମାନ ଧାନୀ ଆଦମୀ ପାସେ ସେ ଆସ୍ରା କାରେନା ବା ଖୋଜେନା । |
| ଓ- ଶରଧା | - | ମାହାତ୍ମାଗାନ୍ଧୀଙ୍କୁ ଆମେ ଶରଧାରେ ବାପୁ ଡାକୁ । |
| ସା- ଶାରଧା | - | ମହାତ୍ମାଗାନ୍ଧିକେ ହାମରେ ଦୁଲାରସେ ବାପୁ ବଲାଇଲ୍ । |
| ଓ- ଶ୍ରବଣ | - | ଶ୍ରବଣ ଭିନ୍ନକ୍ଷମ ମାନଙ୍କୁ ଶ୍ରବଣ ଯନ୍ତ୍ର ଦିଆଗଲା । |
| ସା- ଶୁନେକ | - | ବେହ୍‌ରା ମାନକେ ଶୁନେକ୍ ମାସିନ୍ ଦେୱାଲ ଗେଲାକ୍ । |
| ଓ- ଶସ୍ତ୍ର | - | ଜଣେ ସୈନ୍ୟ ଅସ୍ତ୍ର ଶସ୍ତ୍ରରେ ସଜ୍ଜିତ ଥାଏ । |
| ସା- ଶାସ୍ତ୍ର | - | ଏକ୍‌ଜାନ ଫୌଜି ଆସ୍ତ୍ରଶସ୍ତ୍ର ମେ ସଜାଲ୍ ରାହେଲା । |

| | | |
|---|---|---|
| ଓ- ଶଙ୍ଖ | - | ଆମର ଗୋଟିଏ ଶଙ୍ଖ ବିଲେଇ ଅଛି । |
| ସା- ଶଙ୍ଖ | - | ହାମାର ଏକଠୁ ଶଙ୍ଖ ପୁସିଆହେ । |
| ଓ- ଶତକ | - | ଶହେରେ ଏକ ଶତକ ସ୍ଥାନରେ ଥାଏ । |
| ସା- ଶତକ୍ | - | ଶୋ ମେ ଏକ ଶତକ ସ୍ଥାନ ମେ ରାହେଲା । |
| ଓ- ଶାନ୍ତି | - | ଆଜିକାଲି ସମସ୍ତଙ୍କୁ ଶାନ୍ତି ଆବଶ୍ୟକ ହେଉଛି । |
| ସା- ଶାନ୍ତି | - | ଆଇଜକାଇଲ୍ ସୋବକେ ଶାନ୍ତି ଜାରୁରୀ ହୋ ୱାଅ । |
| ଓ- ଶାଳ | - | ଆମ ଗାଁ ପାହାଡ଼ରେ ବଡ଼ ବଡ଼ ଶାଳ ଗଛ ଅଛି । |
| ସା- ଶାରାଇ | - | ହାମାର୍ ଗାଁଅ ପାହାଡ୍‌ମେ ବାଡ଼କାବାଡ଼କା ଶାରାଇ ଗାଛ୍ ଆହେ । |
| ଓ- ଶାସ୍ତି | - | ପିଲାମାନଙ୍କୁ ଶାସ୍ତି ଦେବା ଅନୁଚିତ୍ । |
| ସା- ଶାସ୍ତି | - | ଛୋଔଁମାନ୍‌କେ ମାର୍ ଦେୱେକ୍ ନିଚାହିଁ । |
| ଓ- ଶାସନ | - | ନିର୍ବାଚିତ ସରକାର ଦେଶ ଶାସନ କରନ୍ତି । |
| ସା- ଶାସାନ୍ | - | ନିର୍ବାଚିତ୍ ସାରକାର୍ ଦେଶ୍ ଶାସାନ୍ କାରେନା । |
| ଓ- ଶାସକ | - | ଆମ ଦେଶରେ ଅନେକ ଉତ୍ତମ ଶାସକ ଅଛନ୍ତି । |
| ସା- ଶାସାକ୍ | - | ହାମାର ଦେଶ୍‌ମେ ବହୁତ ବେଶ୍ ଶାକ୍ନ କାରାଲ ଆହାଏଁ । |
| ଓ- ଶାଗୁଆ | - | ଶୁଆ ଦେହର ରଙ୍ଗ ଶାଗୁଆ ଅଟେ । |
| ସା- ଶୁଗା/ମିଟୁ | - | ଶୁଗା ଗାତାର କେର୍ ରାଙ୍ଗ ହାରା ହେକେ । |
| ଓ- ଶାଗୁଣା | - | ଆଜି କାଲି ଶାଗୁଣା ମାନେ ଲୋପ ପାଇଗଲେ । |
| ସା- ଚିଲ୍ | - | ଆଇଜ୍ କାଇଲ୍ ଗିଦ୍ ମାନ୍ ସିରାଏ ଗେଲାଏଁ । |
| ଓ- ଶିଖିଲେ | - | ଆମ ସ୍କୁଲର ଝିଅମାନେ ଓଡ଼ିଶୀ ନୃତ୍ୟ ଶିଖିଲେ । |
| ସା- ଶିଖ୍ଲାଏ | - | ହାମାର ଇସ୍କୁଲକେର ଛୋଔଁମାନ ଓଡ଼ିଶୀ ନାଚ୍ ଶିଖ୍ଲାଏଁ । |

ଓ- ଶିଶିର - ଶୀତ ଋତୁରେ ଶିଶିର ପଡ଼େ ।

ସା- କୁହାସ - ଠାଣ୍ଡାଁ ଦିନେ କୁହାସ ଗିରେଲା ।

ଓ- ଶିଶୁ - ଶିଶୁ ଅଧିକ ଯତ୍ନ ଆବଶ୍ୟକ କରେ ।

ସା- ଛୋଟଛୁଆ - ଛୋଟଛୋଓ୍ୱା ବାଗ୍‌ରା ଯଅତାନ ଦର୍‌କାର୍ କରେଲା ।

ଓ- ଶିଳ - ଶିଳରେ ବେସର ବଟାଯାଏ ।

ସା- ଶିଲଟ୍ - ଶିଲଟ୍‌ମେ ମାସ୍‌ଲା ପିସାଲ୍‌ଯାଏଲ୍ ।

ଓ- ଶିମ୍ବଲଟା - ଶିମ୍ବଲଟା ରଙ୍ଗାରେ ମାଡିଯାଇଛି ।

ସା- ଶିମ୍ବିଲାରାଙ୍ଗ - ଶିମ୍ବିଲାରାଙ୍ଗ୍ ଝାଙ୍କ୍ ମେ ଟାଇତ୍‌ଯାହେ ।

ଓ- ଶିଆଳି - ଶିଆଳି ପତ୍ରରେ ଖଲି ତିଆରୀ ହୁଏ ।

ସା- ଗୁଙ୍ଗୁ - ଗୁଙ୍ଗୁ ପାତାଇସେ ଖାଲା ବାନାଆନା ।

ଓ- ଶୀତ - ପ୍ରବଳ ଶୀତରେ କିଛି ଲୋକ ମରିଯାଆନ୍ତି ।

ସା- ଥାଣ୍ଡା - ବେସାହାଲ୍ ଠାଣ୍ଡା ସେ ଆଧା ଆଦିମ୍‌ମାନ୍ ମଇର୍ ଯାଏନା ।

ଓ- ଶିକାରି - ଶିକାରୀ ଫାଁଶ ବସାଇ ପକ୍ଷୀ ଧରେ ।

ସା- ଶୀକାରି - ଶିକାରି ଫାନ୍ଧା ବିଛାଏକେ ଚାରାଇ ଧାରେଲ୍ ।

ଓ- ଶୀଘ୍ର - ଆଜି ମୁଁ ଶୀଘ୍ର ଘରକୁ ଫେରିଲି ।

ସା- ଜାଲଦି - ମୋଏ ଆଇଜ୍ ଜାଲଦି ଘାର୍ ଘୁରଲ ।

ଓ- ଶୀତଋତୁ - ଶୀତଋତୁ ପରିବା ଚାଷ ପାଇଁ ଅନୁକୂଳ ଅଟେ ।

ସା- ଥାଣ୍ଡାଦିନ୍ - ଠାଣ୍ଡାଦିନ ମେ ସାବଜି କ୍ଷେତି ଲାଗିନ୍ ବେଶ ହିକେ ।

ଓ- ଶୀର୍ଷ - ପର୍ବତ ଶୀର୍ଷ ଭାଗ ସମତଳ ଥାଏ ।

ସା- ଉପରେ - ପାହାରକେର ଉପରେ ଭାଗ୍ ମେ ସାମାନ ରାହେଲ ।

ଓ- ଶୁଆ - ଶୁଆର ଥଣ୍ଟ ନାଲି ଅଟେ ।

ସା- ମିଟୁ - ମିଟୁକେର ଠର ହାର ଲାଲ ହିକେ ।

| | | | |
|---|---|---|---|
| ଓ- | ଶୁଭ୍ର | - | ଖରାଦିନେ ଶୁଭ୍ର ପୋଷାକ ଆରାମ ଦାୟକ । |
| ସା- | ଚାର୍‌କା | - | ଗାଉଦ୍ ଦିନେ ଚାର୍‌କା ଲୁଗା ବେଶ୍ ଲାଗେଲା । |
| ଓ- | ଶୁଣ୍ଢ | - | ହାତୀ ଶୁଣ୍ଢରେ ଡାଳ ଭାଙ୍ଗେ । |
| ସା- | ସୋଣ | - | ହାତୀ ସୋଣ୍ ସେ ଡାଇର୍ ଟୁଟାଏଲ୍ । |
| ଓ- | ଶୁଷ୍କ | - | ଶୁଷ୍କ ଭୂମିରେ ଗଜା ଉଠିବା କଷ୍ଟ । |
| ସା- | ଶୁଖାଲ୍ | - | ଶୁଖାଲ୍ ଭୂଇଁ ମେ ଆଙ୍କୁରିତ୍ ହଏକ ମୁସକିଲ୍ ହିକେ । |
| ଓ- | ଶୁଖିବା | - | ପ୍ରଚଣ୍ଡ ଖରାରେ ପୋଖରୀ ଶୁଖିବା ଆରମ୍ଭ ହୁଏ । |
| ସା- | ଶୁଖେକ୍ | - | ମୁରୁକ୍ ଗାଉଦ୍ ମେ ପୋଖରା କେର ପାନି ଶୁଖେକ୍ ଶୁରୁ ହୋଏଲା । |
| ଓ- | ଶୁଭ | - | ଶୁଭ ଖବରଟିଏ ଶୁଣି ମୁଁ ଖୁସିହେଲି । |
| ସା- | ବେଶ୍ | - | ବେଶ୍ ଖାବାର ଶୁଇନ୍‌କେ ମୋଏ ଖୁସି ହୋଲେ । |
| ଓ- | ଶୁଖିଲା | - | ଲୋକେ ଜଙ୍ଗଲରୁ ଶୁଖିଲା କାଠ ସଂଗ୍ରହ କରନ୍ତି । |
| ସା- | ଶୁଖାଲ | - | ଆଦିମମାନ ଜାଙ୍ଗଲ ସେ ଶୁଖାଲ କାଠି ଜାମା କାରେନ୍ । |
| ଓ- | ଶୁଣିବା | - | ଗୁରୁଜନଙ୍କ କଥା ଶୁଣିବା ଉତ୍ତମ ଅଟେ । |
| ସା- | ଶୁନେକ୍ | - | ବାଡ଼ ଆଦିମ୍‌ମାନାକ ଗୋଇଠ୍ ଶୁନେକ ବେଶ ହିକେ । |
| ଓ- | ଶୁଙ୍ଘିବା | - | ଫୁଲକୁ ପାଖରୁ ଶୁଙ୍ଘିବା ଅନୁଚିତ୍ । |
| ସା- | ଶୁଙ୍ଘେକ୍ | - | ଫୁଲ୍‌କେ ପାସେ ସେନି ଶୁଙ୍ଘେକ୍ ଚାହିଁ । |
| ଓ- | ଶୂନ | - | ଶୂନର କୌଣସି ମୂଲ୍ୟ ନାହିଁ । |
| ସା- | ଶୂନ | - | ଶୂନ୍ କେର କୋନ୍‌ଭେ ଗିନ୍‌ତୀ ନାଖେ |
| ଓ- | ଶ୍ରୁତଲିଖନ | - | ପ୍ରତିଦିନ ଶ୍ରୁତଲିଖନ ଅଭ୍ୟାସ କର । |
| ସା- | ଶୁଇନ୍‌କେଲିଖେକ | - | ଯୋବ୍‌ଦିନ୍ ଶୁଇନ୍‌କେ ଲିଖେକ ଆଦାତ୍ କାରା । |

ଓ- ଶୃଙ୍ଖଳା - ପ୍ରତି କାର୍ଯ୍ୟରେ ଶୃଙ୍ଖଳା ରହିବା ଆବଶ୍ୟକ ।

ସା- ଶୃଙ୍ଖଲା - ସୋବ୍ କାମ୍‌ମେ ଶୃଙ୍ଖଲା ରାହେକ୍ ଜାରୁରୀ ସୋମାନ ହେକେ ।

ଓ- ଶୃଗାଳ - ଶୃଗାଳ ବଡ଼ ଚତୁର ଅଟେ ।

ସା- ଶୃଗାଲ - ସିହାର ବାଡ଼କା ଚାତୁର ହେକେ ।

ଓ- ଶେଷ - ପରୀକ୍ଷା ଶେଷ ହେଲେ ମୁଁ ମାମୁଁ ଘର ଯିବି ।

ସା- ଆକ୍ଷରି - ପରିଖ୍ଛା ଆଖରି ହୋଲେ ମୋଏ ମାମୁଁ ଘାର୍ ଯାମୁଁ ।

ଓ- ଶେଉଳ - ଶେଉଳ ମାଛ ଭାରି ସୁଆଦିଆ ।

ସା- ଶେଉଲ - ଶେଉର ମାଛ୍‌ରି ମୁରୁକ ସାୱାଦ୍ ।

ଓ- ଶ୍ରେଣୀ - ମୁଁ ତୃତୀୟ ଶ୍ରେଣୀରେ ପଢ଼େ ।

ସା- କ୍ଲାସ୍ - ମୋଏ ତିନ୍ କ୍ଲାସ ମେ ପାଢ଼ନା ।

ଓ- ଶୋଇବା - ବେଶୀ ଶୋଇବା ଦେହ ପ୍ରତି କ୍ଷତିକାରକ ।

ସା- ଶୁତେକ - ବାଗ୍‌ରା ଶୁତେକ ଗାତାର ଲାଗିନ୍ ବେଶ୍ ନା ଲାଗେ ।

ଓ- ଶୋଇବାଘର - ଆମର ଶୋଇବା ଘର ନାହିଁ ।

ସା- ଶୁତେକ୍ ଘାର୍ - ହାମାର୍ ଶୁତେକଘାର୍ ନାଖେ ।

ଓ- ଶୋଷ - ଖରାଦିନେ ବାରମ୍ବାର ଶୋଷ ଲାଗେ ।

ସା- ପିଆସ - ରାଉଦ୍‌ଦିନେ ବେରଲେ ପିଆସ୍ ଲାଗେଲା ।

ଓ- ଶୋରିଷ - ଶୋରିଷରୁ ତେଲ ବାହାର କରାଯାଏ ।

ସା- ଶେରଷୋ - ଶେରଷୋଁ ସେ ତେଲ ନିକ୍‌ଲାଲ୍ ଯାଏଲ୍ ।

ଓ- ଶୋଭା - କାଶ୍ମୀରର ଶୋଭାରେ ସମସ୍ତେ ମୋହିତ ହୁଅନ୍ତି ।

ସା- ଶୋଭା - କାଶ୍ମୀରକେର୍ ଶୋଭାମେ ସୋଭେ ମୋହାଏ ଯାଏନା ।

ଓ- ଶୌଚ - ରମା ଶୌଚ ପାଇଁ ପାଇଖାନାକୁ ଗଲା ।

ସା- ନାହାଏକ - ରମା ନାହାଏକ ଲାଗିନ୍ ପାଇଖାନା ଗେଲାକ୍ ।

ଓ- ଶ୍ୟାମଳ - ବର୍ଷା ଋତୁରେ ପରିବେଶ ଶ୍ୟାମଳ ଦିଶେ ।

ସା- ଶ୍ୟାମଲ - ବାରିଷା ଦିନେ ପାରିୱେଶ ହାରିଆଲି ଦିସେଲ୍ ।

ଓ- ଶ୍ୱାସ - ଜୀବମାନେ ଶ୍ୱାସ କ୍ରିୟା କରନ୍ତି ।

ସା- ଶ୍ୱାସ - ଜୀବୟୁମାନ୍ ଶ୍ୱାସକ୍ରିୟା କାରେନା ।

-ହ-

ଓ- ହୁଁ - ଆଇ ଗପ କହିବା ବେଳେ ମୁଁ ହୁଁ ମାରେ ।

ସା- ହା - ନାନୀ କାହନୀ କାହେକ୍ ବେରା ମୋଏ ହା ମାରୋନା ।

ଓ- ହଳ - କୃଷକର ହଳ ହିଁ ବଳ ଅଟେ ।

ସା- ହାର୍ - ଚାଷିକେର ହାର୍ ହଁ ବାଲ୍ ହିକେ ।

ଓ- ହନୁ - କୁକୁରକୁ ଦେଖି ହନୁ ଦୌଡ଼ିଗଲା

ସା- ବାନ୍ଦ୍ରା - କୁକୁର୍‌କେ ଦେଇଖ୍‌କେ ବାନ୍ଦରା କୁଇଦ୍ ଭାଗଲାକ୍ ।

ଓ- ହତା - ବିଦ୍ୟାଳୟ ହତା ପରିଷ୍କାର ରଖ ।

ସା- ଭିତ୍‌ରେ - ଇସ୍କୁଲକ୍ୟେର ଭିତରେ ବାଟେ ସାଫା ରାଖ ।

ଓ- ହସି - ତା କଥା ଶୁଣି ରିମି ହସି ଦେଲା ।

ସା- ହାଇସ୍ - ଉକାର ଗୋଇଠ୍ ଶୁଇନ୍‌କେ ରିମି ହାଁଇସ୍ ଦେଲାକ୍ ।

ଓ- ହଣ୍ଡା - ପିତଳ ହଣ୍ଡାରେ ମାଂସ ଭଲ ଶିଝେ ।

ସା- ଡ଼େଗ୍ - ପିତାର୍ ହାଣ୍ଡାମେ ଗସ ବେଶ୍ ଶିଝେଲା ।

ଓ- ହସ୍ତି - ହସ୍ତି ଦାନ୍ତରେ କାରୁକାର୍ଯ୍ୟ ହୁଏ ।

ସା- ହାତୀ - ହାତୀ ଦାନ୍ତ୍ ସେ ନାନେ ରାକାମ କେର ଚିଜ୍ ବାନାଲ ଯାଏଲ ।

ଓ- ହଂସ - ହଂସ ଉଭୟଚର ପକ୍ଷୀ ଅଟେ ।

ସା- ଗେଣେ - ଗେଣେଁ ଉଭୟଚାର୍ ଚାରାଇ ହିକେ ।

ଓ- ହଟାଇ - ରବି ଲୋକଙ୍କୁ ହଟାଇ ଆଗକୁ ଦଉଡ଼ି ଗଲା ।

ସା- ହାଟାଏକ - ରବି ଆଦମି ମାନକେ ହାଟାଏ କେ ଆଗେ କୁଇଦ୍ ଗେଲାକ୍ ।

ଓ- ହଳଦୀ - କନ୍ଧମାଳ ହଳଦୀ ବିଶ୍ୱ ପ୍ରସିଦ୍ଧ ।

ସା- ହାଲଦୀ - କନ୍ଧମାଲା କେର ହାଲଦୀ ସାରା ଦୁନିଆମେ ନାମ କମାହେ ।

ଓ- ହରିଣ - ଆମ ଜଙ୍ଗଲରୁ ହରିଣ ବଂଶ ଲୋପ ପାଇଛି ।

ସା- ହାରିନ୍ - ହାମାର ଜାଙ୍ଗାଲସେ ହାରିନ୍ ବାଂଶ କ୍ଷାତାମ୍ ହୋଇଯାଏହାଁଏ ।

ଓ- ହଲାଇ - ରସାନ୍ତ ଡାଳ ହଲାଇ ଆମ୍ବ ଝଡ଼ାଇଲା

ସା- ହିଲାଏକ - ରସାନ୍ତ ଡାଇର୍ ହିଲାଏକେ ଆମ୍ବା ତରାଲାକ୍ ।

ଓ- ହଜମ - ବୃଦ୍ଧ ହେଲେ ହଜମ ଶକ୍ତି କମିଯାଏ ।

ସା- ପାଚାଏକ - ବୁଢ୍ହା ହୋଲେ ହାଜାମ୍ ଶାକ୍ତି କାଇମ୍ ଯାଏଲା ।

ଓ- ହରଣ - କ୍ରମିକ ବିୟୋଗକୁ ହରଣ କୁହାଯାଏ ।

ସା- ହରଣ - କ୍ରମିକ ବିୟୋଗକେ ହରଣ କାହାଲଯାଏଲା ।

ଓ- ହଳଦିଆ - ଜହ୍ନି ଫୁଲର ରଙ୍ଗ ହଳଦିଆ ।

ସା- ହାଲଦି - ଝିଙ୍ଗା ଫୁଲକେର ରାଙ୍ଗ ହାଲଦି ଆର ।

ଓ- ହସିଖେଳି - ଆମ ପିଲାଦିନ ହସି ଖେଳି ଚାଲିଗଲା ।

ସା- ହାଇସ୍‌ଖେଇଲ - ହାମାର ଛୋଟବେରା କେର ଦିନ ହାସ୍‌ତେ ଖେଲତେ କେ ଚାଇଲ୍‌ଗେଲାକ୍ ।

ଓ- ହସିହସି - ଦେଶପାଇଁ ଆମେ ହସି ହସି ଜୀବନ ଦେବା ।

ସା- ହାଇସ୍‌ହାଇସ - ଦେଶଲାଗିନ୍ ହାମରେ ହାଇସ୍‌ହାଇସ୍ କେ ଜାନ୍ ଦେୱାବ୍ ।

ଓ- ହତ୍ୟାକରିବା - ନର ହତ୍ୟା କରିବା ମହାପାପ ଅଟେ ।

ସା- ମାଇର୍ ମରାଏକ- ଆଦିମ୍‌କେ ମାଇର୍‌ମରାଏକ ବାଡକା ପାପ୍ ହେକେ ।

ଓ- ହଳଦୀବସନ୍ତ - ହଳଦୀବସନ୍ତ ଗୋଟେ ସୁନ୍ଦର ଚଢେଇ ଅଟେ ।

ସା- ହାଲଦୀବାସାନ୍ତ - ହାଲ୍‌ଦୀବାସାନ୍ତ ଏକଠୁ ସୁନ୍ଦାର ଚାରାଇ ହେକେ ।

ଓ- ହାତ - ହାତରେ ଆମେ ଅନେକ କାର୍ଯ୍ୟ କରୁ ।

ସା- ହାତ୍ - ହାତସେ ହାମରେ ବହୁତ କାମ କାରିଲା ।

ଓ- ହାଟ - ଆମ ଗାଁରେ ଶନିବାର ଦିନ ହାଟ ବସେ ।

ସା- ବାଜାର୍ - ହାମାର ଗାଁଅମେ ସାନିଚାର ଦିନ ବାଜାର ବୈଠେଲା ।

ଓ- ହାଣ୍ଡି - ଆଜିକାଲି ମାଟି ହାଣ୍ଡି ଆଉ ଚଳୁ ନାହିଁ ।

ସା- ଗାଗରି - ଆଇଜ୍‌କାଇଲ୍ ମାଟି ଗାଗରି ନି ଚାଲାଥେ ।

ଓ- ହାର - ମୋତି ହାର ଦେହକୁ ସୁନ୍ଦର ଲାଗେ ।

ସା- ମାଲା - ମୋତି ମାଲା ଗାଲା କେ ସୁନ୍ଦାର୍ ଲାଗେଲା ।

ଓ- ହାରମୋନିୟମ୍- ମୁଁ ହାରମୋନିୟମ୍ ବଜାଇ ଶିଖୁଛି ।

ସା- ହାର୍‌ମୋନିୟମ୍- ମୋଏ ହାରମୋନିୟମ୍ ବାଜାଏକ୍ ଶିଖାଥୋ ।

ଓ- ହାତୀ - ଆଜିକାଲି ହାତୀମାନେ ଗାଁ ଗଣ୍ଡାକୁ ପଶି ଆସୁଛନ୍ତି ।

ସା- ହାତୀ - ଆଇଜକାଇଲ୍ ହାତୀମାନ ଗାଁଅ ଘାର୍ ମେ ଢୁଇକ୍ ଆଓ୍ୱାଥାଏଁ ।

ଓ- ହାଓ୍ୱା - ଖରାଦିନର ଗରମହାଓ୍ୱା ସମ୍ଭାଳି ହୁଏନାହିଁ ।

ସା- ହାଓ୍ୱା - ଗାଉଦ୍ ଦିନେ ଗାରାମ ହାଓ୍ୱା ସମ୍ଭରାଏ ନି ହୋଏଲ୍ ।

ଓ- ହାଲିଆ - ପାହାଡ଼ ଚଢ଼ିଲେ ଖୁବ୍ ହାଲିଆ ଲାଗେ ।

ସା- ଥାକଓ୍ୱାସ୍ - ପାହାଡ଼ ଚାଢ଼୍‌ଲେ ମୁରୁକ୍ ଥାକ୍‌ଓ୍ୱାଇ ଲାଗେଲ୍ ।

ଓ- ହାଲୁକା - ଶିମିଳି ତୂଳା ଖୁବ୍ ହାଲୁକା ।

ସା- ହାଲ୍‌କା - ଶିମ୍ଭେର୍ ରୁଆ ମୁରୁକ୍ ହାଲ୍‌କା ।

ଓ- ହାଜର - ବାପା ଡାକିଲେ ମୁଁ ତୁରନ୍ତ ହଜର ହୁଏ ।

ସା- ପହଞ୍ଚନା - ଆବା ବଲାଲେ ମୋଏ ଜାଲ୍‌ଦି ପହଞ୍ଚନା ।

ଓ- ହାରିବା - ହାରିବା ଦ୍ୱାରା ଜିତିବାର ଇଚ୍ଛା ଜାତ ହୁଏ ।

ସା- ହାରେକ୍ - ହାରେକ୍ ସେ ଜିତେକେଲାଗିନ୍ ଇଚ୍ଛା ଜାଗେଲ୍ ।

ଓ- ହାହାକାର - ବାପାଙ୍କ ମୃତ୍ୟୁରେ ଆମେ ହାହାକାର କଲୁ ।

ସା- କାନ୍ଦଲି - ଆବାକେର୍ ମୋରେକ୍ ସେ ହାମ୍‌ରେ କାନ୍ଦ୍‌ଲି ।

ଓ- ହାଇକୋର୍ଟ - ହାଇକୋର୍ଟ ରାଜ୍ୟର ସର୍ବୋଚ୍ଚ ବିଚାରାଳୟ ଅଟେ ।

ସା- ହାଇକୋର୍ଟ - ହାଇକୋର୍ଟ ରାଇଜ୍ କେର୍ ସବ୍‌ସେ ବାଳକା ବିଚାର କାରେଇୟା ହିକେ ।

ଓ- ହିମ - ଶୀତ ଦିନେ କାଶ୍ମୀରରେ ହିମ୍‌ପାତ ହୁଏ ।

ସା- ବାରାଫ୍ - ଠାଣ୍ଡା ଦିନେ କାଶ୍ମିରମେ ବାରାଫ୍ ଗିରେଲ ।

ଓ- ହିସାବ - ସାହୁକାର ମାନେ କିଣା ବିକାର ହିସାବ ରଖନ୍ତି ।

ସା- ହିସାବ୍ - ମାହାଜନ୍‌ମାନ୍ କିନାବେଚାକେର ହିସାବ୍ ରାଖେନା ।

ଓ- ହିଂସ୍ରଜନ୍ତୁ - ଜଙ୍ଗଲରେ ଅନେକ ହିଂସ୍ର ଜନ୍ତୁ ଥାଆନ୍ତି ।

ସା- ହିଂସ୍ରଜାନ୍ତୁ - ଜାଙ୍ଗାଲମେ ବହୁତ ହିଂସାରୁ ଜାନ୍ତୁ ରାହେନା ।

ଓ- ହେଜ - ତୁମେ ବଡ଼ ହେଲେ ପିତାମାତାଙ୍କର ସ୍ନେହ ହେଜକର ।

ସା- - ତହରେ ବାଲହୋଲେ ମାଏବାପ୍‌କେର ଦୁଲାର ଇଏଦ୍‌କାରା ।

ଓ- ହେବ - ଏ ବର୍ଷ ଭଲ ବର୍ଷା ହେବ ବୋଲି ସୂଚନା ଦିଆଯାଇଛି ।

ସା- ହୋଓ୍ୱି - ଇସାଲ୍ ବେଶ ବାରିଷ୍ ହୋଓ୍ୱି କାଇକେ ଖାବାର ଦେଓ୍ୱାଲ୍‌ଯାହେ ।

ଓ- ହେବାଭଳି - ଆଜି ବର୍ଷା ହେବାଭଳି ଦିଶୁଛି ।

ସା- ହୋଏଲେଖେ - ଆଇଜ୍ ବାର୍ଷା ହୋଏକ୍‌ଲେଖେ ଦିଶାଥେ ।

ଓ- ହେଟା - ହେଟା ମଲା ଜୀବଜନ୍ତୁଙ୍କ ହାଡ଼ ବୋହି ନିଏ ।

ସା- ହେଟା - ହୁଣ୍ଡାର ମରାଲ୍ ଜୀଭଜାନ୍ତୁ କେର ହାଡ଼ ବୋହଇ ଲେଗେଲ ।

ଓ- ହୃତପିଣ୍ଡ - ହୃତପିଣ୍ଡ ଶରୀରକୁ ଶୁଦ୍ଧ ରକ୍ତ ବିତରଣ କରେ ।

ସା- ହୃତ୍‌ପିଣ୍ଡ - ଫୁସ୍‌ଫୁସ୍ ଶାରୀର୍‌କେ ସାଫା ଲାହୁ ଭେଜେଲା ।

**'କ୍ଷ'**

ଓ- କ୍ଷତି - ବେଳେବେଳେ ବର୍ଷା ଅଭାବରୁ ଫସଲ କ୍ଷତି ହୁଏ ।

ସା- କ୍ଷାତି - ଏକ୍‌ଏକ୍‌ବେର୍ ବାରିଷ୍‌କେର୍ କାମି ସେ ଫାସାଲ୍ କ୍ଷେତି ହୋଏଲା ।

ଓ- କ୍ଷୀର - ମାଆ କ୍ଷୀର ଶିଶୁ ପାଇଁ ଅମୃତ ଅଟେ ।

ସା- - ମାଏ ଦୁଧ ଛାଓ୍ୱାଲେ ଆମୃତ ହେକେ ।

ଓ- କ୍ଷୁଦ୍ରତମ - ଏକ ସବୁଠାରୁ କ୍ଷୁଦ୍ରତମ ପୂର୍ଣ୍ଣ ସଂଖ୍ୟା ଅଟେ ।

ସା- ସବ୍‌କାର୍‌ସେ ଛୋଟ୍‌- ଏକ ସବ୍‌କାରସେ ଛୋଟ ପୂର୍ଣ୍ଣ ସଂଖ୍ୟା ହିକେ ।

ଓ- କ୍ଷେତ୍ର - କନ୍ଧମାଳ କୃଷି ନିମନ୍ତେ ଉତ୍ତମ କ୍ଷେତ୍ର ନୁହେଁ ।

ସା- ଜାଗା - କନ୍ଧମାଲ ଚାଷ ଲାଗିନ୍ ବେଶ ବାଲିଆ ଜାଗା ନା ଲାଗେ ।

ଓ- କ୍ଷେତ - କ୍ଷେତରେ ଗୋବର ଖତ ଦେଲେ ଭଲ ଫସଲ ହେବ ।

ସା- କ୍ଷେତ୍ - କ୍ଷେତ୍ ମେ ଗୋବାର ମାଇଦ୍ ଦେଲେ ବେଶ୍ କ୍ଷେତି ହୁଇ ।

# କଥୋପକଥନ୍
# ଓଡ଼ିଆ-ବିଂଝାଲ

## ୧ମ, ୨ୟ ଓ ୩ୟ ଶ୍ରେଣୀ

ଓ- ତୁମର ନାମ କଣ ?

ସା- ତୋର କା ନାମ୍ ?

ଓ- ତୁମ ବାପାଙ୍କ ନାମ କଣ ?

ସା- ତୋର ଆବାକେର୍ କା ନାମ୍ ?

ଓ- ତୁମ ମାଆ ନାମ କଣ ?

ସା- ତୋର ଆୟୋକେର କା ନାମ ?

ଓ- ଆଜି କଣ ଖାଇଛ ?

ସା- ଆଇଜ୍ କା ଖାହିସ୍ ?

ଓ- (ନାମ) ଏଠିକି ଆସ ।

ସା- (ନାମ୍) ଇଠିନ୍ ଆଓ ।

ଓ- ତାକୁ ଟିକିଏ କହ ।

ସା- ଉକେ ତାନିକ୍ କାହ୍ ।

ଓ- କାଲି ଆଗରେ ଆସିବ ।

ସା- କାଇଲ୍ ଆଗେ ଆବା ।

ଓ- ତୁମେ କେତେବେଳେ ସ୍କୁଲକୁ ଆସ ?

ସା- ତୋହ୍‌ରେ କେତ୍‌ନା ବେରା ଇସ୍କୁଲ୍‌କେ ଆଓ୍ୱାଲ ?

ଓ- ସ୍କୁଲ କେତେବେଳେ ଛୁଟି ହୁଏ ?

ସା- ସ୍କୁଲ ବାତେକ ବେର ଛୁଟି ହଏଲ ?

ଓ- ସ୍କୁଲରେ ପ୍ରାର୍ଥନା କର କି ?

ସା- ଇସ୍କୁଲମେ ବିନ୍ତି କାରାଲ୍ କି ?

ଓ- ପିଲାମାନେ ବୁଝିଲ କି ?

ସା- ଛୋଆମାନ୍ ବୁଝଲା କି ?

ଓ- ଜାଣିଥିବା ପିଲା ହାତ ଟେକ ।

ସା- ଜାଇନ୍‌ରାହ୍‌ବା ଛୋଓ୍ୱା ହାତ୍‌କେ ଉଠାଓ୍ୱା ।

ଓ- ଡର ନାହିଁ ।

ସା- ନା ଡାରାଓ୍ୱା ।

ଓ- ନ ବୁଝିଲେ ପଚାର ।

ସା- ନି ବୁଝଲେ ପୁଛା ।

ଓ- ପିଲାମାନେ ପାଟି କରନାହିଁ ।

ସା- ଛୁଆମାନ୍ ଗୁଲ୍ ନାକାର ।

ଓ- ଦଳ ଗଠନ କର ।

ସା- ଦଳ ବାନାଓ୍ୱା ।

ଓ- ସମସ୍ତେ ଅଂଶ ଗ୍ରହଣ କର ।

ସା- ସୋଭେ ଭାଗ ଲେଗାଓ୍ୱା ।

ଓ- ଡ୍ରିଲ କରିବା ।

ସା- ଡ୍ରିଲ୍ କାରାବ୍ ।

ଓ- ଖେଳ ପଡ଼ିଆକୁ ଯିବା ।

ସା- ଖେଲେକ୍ ମାଏଦାନ୍ ଯାବ ।

ଓ- ପୁରସ୍କାର ପାଇବା ।

ସା- ଇନାମ୍ ପାଓ୍ୱେକ ।

ଓ (ନାମ) ଉଠ ।

ସା- (ନାମ୍) ଉଠ୍ ।

ଓ- ସମସ୍ତେ ଧାଡ଼ିରେ ଠିଆ ହୁଅ ।

ସା- ସୋଭେ ଲାଇନ୍ ମେ ଠାଡ଼ାଓ୍ୱା ।

ଓ- ଆଖିବନ୍ଦ କର ।

ସା- ଆଁଇଖ୍ ବାନ୍ଦ କାର୍ ।

ଓ- (ନାମ) ଘଣ୍ଟା ବାଡ଼ାଅ ।

ସା- ଘାଣ୍ଟି ମାରା ।

ଓ- ନଖ କାଟିଛ ।

ସା- ନଖ୍ କାଇଟ୍‌ହା ।

ଓ- ମୁଣ୍ଡରେ ତେଲ ଲଗାଇବ ।

ସା- ମୁଡ୍ ମେ ତେଲ ଲାଗାବା ।

ଓ- ଆକ୍‌ଓ୍ୱାର୍ କାଗାଜ୍ ପଢ଼ ।

ସା- ଖାବାର କାଗଜ ପାଢା ।

ଓ- ତୁ ତାକୁ କଣ କଲୁ ?

ସା- ତୋଏ ଉକେ କା କାରଲେ ?

ଓ- ନ ଜାଣିଲେ ମୋତେ ପଚାର ।

ସା- ନି ଜାନ୍‌ଲେ ମୋକେ ପୁଛା ।

ଓ- ବର୍ତ୍ତମାନ ବହି ବାହାର କର ।

ସା- ଏଖାନ୍ କିତାବ ନିକଲାଓ୍ୱା ।

ଓ- ଫୁଲ ଗଛରେ ପାଣି ପକାଅ ।

ସା- ଫୁଲ୍ ଗଛ୍‌ମେ ପାନି ଦେଓ୍ୱା ।

ଓ- ତୁମ ବାରିରେ କି କି ଗଛ ଲଗାଇଛ ।

ସା- ତୋହାର୍ ବାରି ମେ କା କା ଗାଛମାନ୍ ରୁଇଫ୍ ହା ।

ଓ- ନମସ୍କାର କର ।

ସା- ଯୋହାର୍ କାର ।

ଓ- ଅଳିଆ ଗାତରେ ପକାଅ ।

ସା- କାଚ୍‌ଡାକେ ଗାଢ଼ାମେ ଗିରାଓ୍ୱା ।

ଓ- ଜ୍ୱର ହେଲେ କେଉଁ ଔଷଧ ଖାଇବ ।

ସା- ଜାର୍ ଧାରି ହୋଲେ କା ଦାଓ୍ୱାଇ ଖାବା ।

ଓ- ଅଳସୁଆ ଦୁଃଖ ପାଏ ।

ସା- କୁଢ଼ି ଦୁଖ୍ ପାଏଲା ।

ଓ- ତୁମ ପଡ଼ିଶା ଘରେ କିଏ ରହନ୍ତି ।

ସା- ତୋହାର ପାସେ ଘାରେ କେ ରାହେନା ।

ଓ- ନଖ ବାଢିଲେ କଣ ହେବ ।

ସା- ନଖ ବଢୁଓ୍ୱାଲେ କା ହୋଇ ।

ଓ- ସମସ୍ତେ ମିଳିମିଶି ଖେଳିବା ।

ସା- ସବ୍‌ମାନ୍ ମିଲ୍‌ମିଶ୍ କେ ଖେଲାବ୍ ।

ଓ- କଳି କର ନାହିଁ ।

ସା- ଝାଗ୍‌ଲା ନା କାର ।

ଓ- ଆହା

ସା- ଓହ୍ ।

ଓ- ମୁଁ କହୁଛି ତୁମେ ଶୁଣ ।

ସା- ମୋଏ କାହାଓ୍ୱୋ ତୋହରେ ସୁନା ।

ଓ- ଖାତା ଅଦଳ ବଦଳ କରିବ ।

ସା- ଖାତାକେ ଆଦଲି ବାଦଲି କାରବା ।

ଓ- ଗୋଲେଇ କରି ବସ ।

ସା- ଗୋଲ ହୋଇକେ ବୈଠ ।

ଓ- କେଉଁ ପଶୁମାନେ ଲୋକଙ୍କ ସହିତ ରହନ୍ତି ?

ସା- କୋନ୍ ଜାନ୍ତୁମାନ୍ ଆଦମି ସାଙ୍ଗେ ରାହେନା ?

ଓ- ତୁମେ ଘରେ କି କି ପକ୍ଷୀ ପାଳୁଛ ?

ସା- ତୋହାର୍ ଘାରେ କା କା ଚାରାଇ ପୋଷାଲା ।

ଓ- କଣ କରୁଥିଲ ?

ସା- କା କାରାତ୍ ରାହିସ୍ ।

ଓ- ପାଣି ପିଇଲ କି ?

ସା- ପାନି ପିଲେ କି ?

ଓ- ପିଲାଟି ପଡ଼ିଗଲା ତାକୁ ଉଠାଅ ।

ସା- ଛୋଓ୍ୱାଗିର୍‌ଗେଲାକ୍ ଉକେ ଉଠାଓ୍ୱା ।

ଓ- ତୁମ ଘରେ କିଏ ରୋଷେଇ କରନ୍ତି ?

ସା- ତୋହାର ଘାରେ କେହାର୍ ରାନ୍ଧେ଼ଲା ?

ଓ- ତୁମ ଘରେ କିଏ କିଏ ରହନ୍ତି ?

ସା- ତୋହାର ଘାରମେ କେକେ ରାହେନା ।

ଓ- ତୁମ ମାମୁଁ ଘର କେଉଁଠି ?

ସା- ତର୍ ମାମୁଁ ଘାର୍ କାହାଁ ?

ଓ- ତୁମ ପାଖ ପିଲାକୁ ପଚାର ।

ସା- ତୋର ପାସେକେର ଛୋଓ୍ୱାକେ ପୁଛ୍ ।

ଓ- ଛାଡ଼ି ଛାଡ଼ି ବସ ।

ସା- ଛୋଇଡ୍ ଛୋଇଡ୍ କେ ବୈସା ।

ଓ- ନିଜ ନିଜ ବହି ଖୋଲ ।

ସା- ଆପାନ୍ ଆପାନ୍ କିତାବ୍ ଖୋଲା ।

ଓ- ତୁମେ ବଡ ହେଲେ କଣ କରିବ ?

ସା- ତୋହ୍‌ରେ ବାଡ୍‌କା ହୋଲେ କା କାରବା ?

ଓ- ତାଳି ମାର ।

ସା- ଥାପ୍ତି ବାଜାଓ୍ବା ।

ଓ- ତୁମ ଶ୍ରେଣୀରେ ମନିଟର କିଏ ?

ସା- ତୋହାର କ୍ଲାସକେର୍ ମନିଟର୍ କେ ହେକେ ?

ଓ- ତୁମକୁ କିଏ ମାରିଲା ?

ସା- ତୋକେ କେ ମାର୍‌ଲାକ୍ ?

ଓ- କାହିଁକି କାନ୍ଦୁଛ ?

ସା- କା କାରେ କାନ୍ଧାଥିସ୍ ?

ଓ- ମନ ଦେଇ ଶୁଣ ।

ସା- କାଥନି ସୁନା ।

ଓ- ଗପ ଶୁଣ ।

ସା- କାହାନୀ ଶୁନା ।

ଓ- ତୁମ ପ୍ରଧାନ ଶିକ୍ଷକ ନାମ କ'ଣ ?

ସା- ତୋହାର୍ ହେଡ୍‌ମାଷ୍ଟାର କେର କା ନାମ୍ ?

ଓ- ପିଲାମାନେ ହାଜେରା ପକାଏ ।

ସା- ଛୁଆମାନ୍ ହାଜରି ଗିରାଓ୍ବା ।

ଓ- ତୁମେ ଏଠିକି ଆସ ।

ସା- ତୋହରେ ଇଠିନ୍ ଆଓ୍ବା ।

ଓ- ତୁମ ଗ୍ରାମର ନାମ କ'ଣ ?

ସା- ତୋହାର ଗାଁଅ କେର୍ କା ନାମ୍ ।

ଓ- ତୁମେ ସକାଳେ କ'ଣ କର ?

ସା- ତୋହରେ ବିହାନେ କା' କାରାଲା ।

ଓ- ସକାଳୁ ଉଠି ମୁହଁ ଧୋଇବା ।

ସା- ବିହାନେ ଉଇଠ୍ କେ ଚେହ୍‌ରା ଧୋଓ୍ୱାବା ।

ଓ- ଖାଇବା ଆଗରୁ ହାତ ଧୋଇବା ।

ସା- ଖାଏକକେର ଆଗେ ହାତ ଧୋଆବ ।

ଓ- ସକାଳୁ ଉଠି ଦାନ୍ତ ଘଷିବା ।

ସା- ବିହାନେ ଉଇଠ୍ କେ ଦାତୁନ୍ କରବା ।

ଓ- ଉଷୁମ ଖାଦ୍ୟ ଖାଇବା ।

ସା- ଗାରାମ୍ ଖାନା ଖାବା

ଓ- ବାସି ଖାଦ୍ୟ ଖାଇଲେ ରୋଗ ହୁଏ ।

ସା- ବାସି ଖାନା ଖାଲେ ବେମାର୍ ହୋଏଲ୍ ।

ଓ ମାଛି ବସା ଖାଦ୍ୟ ଖାଇବା ନାହିଁ ।

ସା- ମାଛି ବୈଠାଲ୍ ଖାନା ଖାଏକ୍ ନି ଚାହି ।

ଓ- ଚପଲ ପିନ୍ଧି ପାଇଖାନା ଯିବ ।

ସା- ଚାଟି ପିଇନ୍ଧ୍‌କେ ପାଇଖାନା ଯାବା ।

ଓ- ଶ୍ରେଣୀରେ ଧାଁ ଧପଡ଼ ହୁଅ ନାହିଁ ।

ସା- କ୍ଲାସ୍ ମେ କୁଦାକୁଦି ନା ହୋଓ୍ୱା ।

ଓ ଚକା ପକାଇ ବସ ।

ସା- ଚକା ମାଇଡ଼୍‌କେ ବୈଠା ।

ଓ- ସାନ ପିଲାଙ୍କୁ ସ୍ନେହ କର ।

ସା- ଛୋଟ ଛୋଓ୍ୱା ମାନ୍‌କେ ପ୍ୟାର୍ କାରା ।

ଓ- ଆସନ୍ତା କାଲି (ବିଷୟ) ଲେଖି ଆଣିବ ।

ସା- କାଇଲ୍ ଲିଖ୍‌କେ ଲାନ୍‌ବା ।

ଓ- ଦୁଷ୍ଟ କଥା ହୁଅ ନାହିଁ ।

ସା- ଖାରାପ୍ ଗୋଇଠ୍ ନା ଗୋଠିଆଓ୍ବା ।

ଓ- ଏଇଟା ତାକୁ ଦେ ।

ସା- ଇକେ ଉକେ ଦେଇ ଦେ ।

ଓ- ତୁମେ ଦୁହେଁ ବାଣ୍ଟି ଦିଅ ।

ସା- ତୋହରେ ଦୁୟୋଝାନ୍ ବାଇଟ୍‌ଦେଓ୍ବା ।

ଓ- କାନ୍ଥବାଡ଼ ମଇଳା କର ନାହିଁ ।

ସା- ଭିତ୍‌କେ ମାଇଲା ନା କାରା ।

ଓ- କ'ଣ ହେଲା ପିଲେ ?

ସା- କା ହୋଲାକ୍ ଛୁଆମାନ୍ ?

ଓ- ତାର ସିଙ୍ଗାଣି ପୋଛି ଦିଅ ।

ସା- ଉକାର ସିତାର୍ ପୋଇଛ୍ ଦେଓ୍ବା ।

ଓ- ସାର୍ଟର ବୋତାମ ଲଗାଅ ।

ସା- ଝୁଲା କେର୍ ବାଟାମ୍ ଲାଗ୍ଆ ।

ଓ- ଭଲରେ ପଢ଼ିଲେ ପାସ୍ ହେବ ।

ସା- ବେଶ୍‌ଲେ ପାଢ଼୍‌ଲେ ପାସ୍ ହୋବା ।

*****